# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୩/୨୦୨୦ (୧୬ ପୃଷ୍ଠା) | Bhubaneswar, Wednesday, December 23/2020 | ★★★★★★

୪୭ଶ ଭାଗ ୩୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୪/-






KP GROUP
Quality Since 1965
KAMLA PASAND
ନିଆରା ସ୍ୱାଦ
NEW PACK
KP
KAMLA PASAND
Anokha Swad
KP GROUP
PAN MASALA
Watch at: YouTube
ସର୍ବସାଧାରଣ ସ୍ଥାନରେ ପାନ କିମ୍ବା ପାନ ମସଲା ଛେପ ପକାନ୍ତୁ ନାହିଁ ।
କରୋନା ମହାମାରୀରୁ ବଞ୍ଚନ୍ତୁ ।
କମଳା ପସନ୍ଦ ପାନ ମସଲା ଦ୍ୱାରା ଜନହିତରେ ଜାରି ।
ଅପ୍ରାପ୍ତବୟସ୍କଙ୍କ ପାଇଁ ନୁହେଁ । 0% ତମାଖୁ ଓ ଅତିରିକ୍ତ ନିକୋଟିନ୍ ନାହିଁ ।
ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ବୁଧବାର, ଡିସେମ୍ବର ୨୩/୨୦୨୦ | Bhubaneswar, Wednesday, December 23/2020 | ପୃଷ୍ଠା-୧




## ଦିଶାଙ୍କ ଥ୍ରୋ ବ୍ୟାକ୍ ଫଟୋ ଭାଇରାଲ

ବଲିଉଡ ଅଭିନେତ୍ରୀ ଦିଶା ପଟାନୀଙ୍କ କିଛି ଥ୍ରୋ ବ୍ୟାକ୍ ଫଟୋ ଇନ୍‌ଷ୍ଟାରେ ଭାଇରାଲ ହୋଇଛି। ଯେଉଁଥିରେ ତାଙ୍କୁ ଚିହ୍ନିବା କଷ୍ଟକର ହୋଇପଡ଼ିଛି। ୧୨

୧୧

## ବ୍ରାଡ୍‌ମ୍ୟାନ୍‌ଙ୍କ କ୍ୟାପ୍ ନିଲାମ

କ୍ରିକେଟର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ଡୋନାଲ୍ଡ ବ୍ରାଡ୍‌ମ୍ୟାନ୍‌ଙ୍କ ପ୍ରଥମ ବ୍ୟାଗି ଗ୍ରୀନ୍ ଟେଷ୍ଟ କ୍ୟାପ୍ ନିଲାମ ହୋଇଛି।






# ‘ମୃତଦେହକୁ ବଳାତ୍କାର’

**କଟକ ଅଫିସ, ୨୨।୧୨**

ନୟାଗଡ଼ ଜିଲା ଯଦୁପୁର ଗ୍ରାମର ୫ବର୍ଷୀୟା ଶିଶୁକନ୍ୟା ପରୀକୁ ହତ୍ୟା କରାଯିବାପରେ ବଳାତ୍କାର କରାଯାଇଛି। ଏଭଳି ବୟାନ ଦେଇଛନ୍ତି ଏସ୍‌ଆଇଟି ମୁଖ୍ୟ ଅରୁଣ ବୋଥ୍ରା। ଘଟଣାର କୌଣସି ପ୍ରତ୍ୟକ୍ଷଦର୍ଶୀ ନ ଥିଲେ ସୁଦ୍ଧା ସାଇଣ୍ଟିଫିକ୍ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତଙ୍କୁ ଧରାଯାଇଛି ବୋଲି ମଙ୍ଗଳବାର ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବୋଥ୍ରା କହିଛନ୍ତି। ଏପରି କି ଏଭଳି ଅମାନବୀୟ ଘଟଣା ତାଙ୍କ ୨୨ବର୍ଷର ଚାକିରି କାଳ ମଧ୍ୟରେ କେବେ ଦେଖିନାହାନ୍ତି ବୋଲି ଉଲ୍ଲେଖ କରିଛନ୍ତି। ଅପରପକ୍ଷରେ ବୋଥ୍ରାଙ୍କ ଏଭଳି ସୂଚନାକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଛି। ଅଭିଯୁକ୍ତଙ୍କ ମା’ ଏହାକୁ ନିରାଧାର ବୋଲି କହୁଥିବାବେଳେ ପରୀର ବାପା ଅଶୋକ ସାହୁ ମଧ୍ୟ ଏଭଳି ବୟାନକୁ ମନଗଢ଼ା ବୋଲି କହିଛନ୍ତି। ଏସ୍‌ଆଇଟି ଯାହାକୁ ଅଭିଯୁକ୍ତ ଭାବେ ଦର୍ଶାଇଛି, ତାହା କେବଳ ପ୍ରକୃତ ଅଭିଯୁକ୍ତଙ୍କୁ ଘଣ୍ଟ ଘୋଡ଼ାଇବା ଉଦ୍ଦେଶ୍ୟରେ ବୋଲି ଅଶୋକ କହିଛନ୍ତି।

ଗଣମାଧ୍ୟମକୁ ସୂଚନା ଦେଇ ବୋଥ୍ରା କହିଛନ୍ତି, ପରୀର ଘରଠାରୁ ଗିରଫ ଅଭିଯୁକ୍ତ ଛାତ୍ରଙ୍କ ଘର ପ୍ରାୟ ୨୦୦ମିଟର ହେବ। ଅଭିଯୁକ୍ତଙ୍କ ସାନ ଭଉଣୀ ସହିତ ପରୀର ଭଲ ସମ୍ପର୍କ ଥିଲା। ଅଭିଯୁକ୍ତଙ୍କ ଘର ନିକଟରେ ଏକ ଜାମୁକୋଳି ଗଛ ଅଛି। ସେଠାକୁ କୋଳି ଖାଇବାକୁ ଛୋଟ ପିଲାମାନେ ଯାଆନ୍ତି। ଜୁଲାଇ ୧୩ ତାରିଖରେ ଅନ୍ୟ ପିଲାଙ୍କ ସହ ପରୀ ସେଠାକୁ ଯାଇଥିଲା। ଏପରି କି ୧୪ ତାରିଖ ଦିନ ପରୀ ଏକାକୀ ଜାମୁକୋଳି ଖାଇବାକୁ ଯାଇଥିଲା। ଅଭିଯୁକ୍ତଙ୍କ ବାପା ନାହାନ୍ତି। ମା’ ଆଉ ସାନଭଉଣୀ ଚାକିରି କରୁଥିବାବେଳେ ବଡ଼ ଭଉଣୀ ବିବାହ କରିସାରିଛନ୍ତି। ଘଟଣା ଦିନ କେହି ଘରେ ନ ଥିବାରୁ ଅଭିଯୁକ୍ତ ଜାମୁକୋଳି ଦେବା ବାହାନାରେ ପରୀକୁ ଘର ଭିତରକୁ ଡାକି ନେଇ ବଳାତ୍କାର କରିବାକୁ ଉଦ୍ୟମ କରିଥିଲେ। ତେବେ ଏଥିରେ ସଫଳ ନ ହେବାରୁ ସେ ପରୀର ତଣ୍ଟି ଚିପି ହତ୍ୟା କରିବା ପରେ ତାକୁ ବଳାତ୍କାର କରିଥିଲେ। ଘଟଣାର ପୂର୍ବ ରାତିରେ ଅଭିଯୁକ୍ତ ସାରାରାତି ଶିଶୁମାନଙ୍କ ଅଶ୍ଳୀଳ ଭିଡିଓ ଦେଖିଥିଲେ। ସେଥିରେ ଉତ୍ତେଜିତ ହୋଇ ଏଭଳି କାଣ୍ଡ କଲେ ବୋଲି ସ୍ୱୀକାର କରିଛନ୍ତି। ପରେ ପରୀର ମୃତଦେହ ଏବଂ ତା’ ଫ୍ରକ୍‌କୁ ଏକ ଖୋଟ ବସ୍ତାରେ ଭର୍ତ୍ତି କରି ଘରଠୁ ପ୍ରାୟ ୩୦ମିଟର ଦୂରରେ ଥିବା ଏକ ପୋଖରୀ ନିକଟ ବୁଦାମୂଳରେ ପକାଇ ଦେଇଥିଲେ। ହେଲେ ପରୀ ପିନ୍ଧିଥିବା ଲେଗିନ୍ସକୁ ଫିଙ୍ଗିବାକୁ ଭୁଲିଯାଇଥିଲେ। ପରେ ଘରେ ଲେଗିନ୍ସ ପଡ଼ିଥିବା ଦେଖି ତାକୁ ନିକଟସ୍ଥ ପୋଖରୀରେ ଫିଙ୍ଗି ଦେଇଥିଲେ। ପୋଖରୀକୁ ଶୁଖାଯାଇ ଉକ୍ତ ଲେଗିନ୍ସକୁ ଉଦ୍ଧାର କରାଯାଇଛି। ଅଭିଯୁକ୍ତ ଘଟଣାକୁ ୨ଜଣଙ୍କ ନିକଟରେ ପ୍ରକାଶ କରିଥିବା ସ୍ୱୀକାର କରିଛନ୍ତି। ସେମାନଙ୍କୁ ତଦନ୍ତ ପରିସରକୁ ଅଣାଯିବ ବୋଲି ବୋଥ୍ରା କହିଥିଲେ।

ବୋଥ୍ରା ଆହୁରି କହିଛନ୍ତି ଯେ, ଅଭିଯୁକ୍ତ ସବୁବେଳେ ମୋବାଇଲ୍ ଫୋନ୍‌ରେ ଚାଇଲ୍ଡ ☞ପୃଷ୍ଠା-୨



ଏସ୍‌ଆଇଟି ମୁଖ୍ୟ ଅରୁଣ ବୋଥ୍ରା

### କେମିତି କରିଥିଲେ ହତ୍ୟା

ଜାମୁକୋଳି ଦେବାକୁ କହି ନାବାଳିକାଙ୍କୁ ବାରିପଟ ଘରକୁ ଡାକି ନେଇ ଅଭିଯୁକ୍ତ ପ୍ରଥମେ ଫ୍ରକ୍‌କୁ ବାହାର କରିଥିଲେ। ପରେ ଲେଗିନ୍ସ ଖୋଲିବାକୁ ଚେଷ୍ଟା କରିବାରୁ ନାବାଳିକା ଚିତ୍କାର କରିଥିଲେ। ଘଟଣା ପ୍ରଘଟ ହେବା ଭୟରେ ଅଭିଯୁକ୍ତ ନାବାଳିକାଙ୍କୁ ତଣ୍ଟି ଚିପି ହତ୍ୟା କରିଥିଲେ। ପରେ ନିଜର ଯୌନ ଲାଳସାମେଣ୍ଟାଇବା ଲାଗି ସେ ନାବାଳିକାଙ୍କ ମୃତଦେହ ସହିତ ମଧ୍ୟ ବଳାତ୍କାର କରିଥିଲେ। ଏଭଳି କାର୍ଯ୍ୟକୁ ଇଂଲିଶରେ ‘ନେକ୍ରୋଫିଲିଆ’ କୁହାଯାଏ।

### ପରୀ ହତ୍ୟା ଘଟଣା

- ଅଭିଯୁକ୍ତଙ୍କ ନ ଥିଲା ପୂର୍ବ ଯୋଜନା
- କପଡ଼ା, ଅଖା, ନଡ଼ିଆ ବାହୁଙ୍ଗାର ହେବ ସାଇଣ୍ଟିଫିକ ଯାଞ୍ଚ


ପୃଷ୍ଠା-୬

- ଅଭିଯୁକ୍ତ ଛାତ୍ରଙ୍କୁ ୩ ଦିନ ରିମାଣ୍ଡ
- ପରୀକୁ ନ୍ୟାୟ ମିଳିନାହିଁ: ଅଶୋକ
- ଏସ୍‌ଆଇଟି ବିରୋଧରେ ଥାନାରେ ଅଭିଯୋଗ


## ଗୁଗଲ୍‌ରୁ ଆଇପିଡିଆର୍ ତଥ୍ୟ ମଗାଯିବ

ଅଭିଯୁକ୍ତଙ୍କ ନିଜ ମୋବାଇଲ ଫୋନ୍ ନାହିଁ। ଭଉଣୀଙ୍କ ଫୋନ୍‌କୁ ମାଗି ନିୟମିତ ବ୍ୟବହାର କରନ୍ତି ଓ ପରେ ଡିଲିଟ କରିଥିବା ସାଇଟଗୁଡିକର ହିଷ୍ଟ୍ରି ଡିଲିଟ କରି ଦେଇଥାନ୍ତି। ତେଣୁ ଏସ୍‌ଆଇଟିକୁ ଉକ୍ତ ମୋବାଇଲ୍‌ରୁ କୌଣସି ସୂଚନା ମିଳିପାରି ନାହିଁ। କେବଳ ଗୁଗଲ ସର୍ଚ୍ଚ ହିଷ୍ଟ୍ରିରେ ମିଳିଥିଲା ‘ହାଓ ଟୁ ଡିଲିଟ ବ୍ରାଉଜିଂ ହିଷ୍ଟ୍ରି’ ଅର୍ଥାତ୍ ବ୍ରାଉଜ୍ ଇତିହାସକୁ କିପରି ବିଲୋପ କରାଯାଇ ପାରିବ। ସେହିପରି ଉକ୍ତ ମୋବାଇଲର ସବୁ ଫୋଲ୍‌ଡର ଖାଲି ଥିବାବେଳେ ଗୋଟିଏ ଫୋଲ୍‌ଡର ସିକ୍ୟୁରିଟି ଲକ୍ ହୋଇ ରହିଛି। ଉକ୍ତ ଫାଇଲ୍‌ର ପାସ୍‌ୱାର୍ଡ ମାଗିଲେ ମଧ୍ୟ ଏସ୍‌ଆଇଟିକୁ ଅଭିଯୁକ୍ତ ଦେଉନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଯେ, ଅଭିଯୁକ୍ତ ନିୟମିତ କେଉଁସବୁ ସାଇଟ୍ ଇଣ୍ଟରନେଟରେ ଦେଖୁଥିଲେ ଓ କେତେ ସମୟ ଦେଖୁଥିଲେ ସେସବୁ ମଧ୍ୟ ଏସ୍‌ଆଇଟିଜାଣିବାକୁଚାହୁଁଛି। ଏଥିନିମନ୍ତେ ଗୁଗଲ୍‌ରୁ ଇଣ୍ଟରନେଟ ପ୍ରୋଟୋକଲ୍ ଡିଟେଲ ରେକର୍ଡ (ଆଇପିଡିଆର୍) ତଥ୍ୟ ମଧ୍ୟ ମଗାଯିବା ପାଇଁ ଏସ୍‌ଆଇଟି ତରଫରୁ ଯୋଜନା ରଖାଯାଇଛି।

# ୨୦୦ କୋଟିର ଖେଳ

## ଜିଏସ୍‌ଟି ବିଲ୍ ର୍‌ୟାକେଟର ପର୍ଦ୍ଦାଫାଶ

**ଭୁବନେଶ୍ୱର,୨୨।୧୨**

ରାଜ୍ୟ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ୱିଙ୍ଗ ଦ୍ୱାରା ଜାଲ୍ ବିଲ୍ ର୍‌ୟାକେଟ ବିରୋଧରେ ରାଜ୍ୟବ୍ୟାପୀ କାର୍ଯ୍ୟାନୁଷ୍ଠାନକୁ ଏକ ବଡ ସଫଳତା ମିଳିଛି। ସୋମବାର ୨୦୦ କୋଟି ଟଙ୍କାର ଏକ ଜାଲ୍ ଜିଏସ୍‌ଟି ବିଲ୍ ର୍‌ୟାକେଟରେ ସମ୍ପୃକ୍ତ ଥିବା ୩ ମାଷ୍ଟରମାଇଣ୍ଡଙ୍କୁ ଗିରଫ କରାଯାଇଛି। ଜାଲ୍ ବ୍ୟବସାୟିକ ପ୍ରତିଷ୍ଠାନ ମାଧ୍ୟମରେ ସେମାନେ ପ୍ରାୟ ୪୦.୩୬ କୋଟି ଟଙ୍କାର ଟିକସ ଫାଙ୍କିଥିବା ଅଭିଯୋଗ ହୋଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସ୍ମୃତିରଞ୍ଜନ ମହାନ୍ତି, ରାଜୀବ ମିଶ୍ର ଏବଂ ସୌମ୍ୟରଞ୍ଜନ ମହାନ୍ତି। ସୌମ୍ୟରଞ୍ଜନ ଏଚ୍‌ଡିଏଫ୍‌ସି ଲାଇଫ ଇନ୍‌ସ୍ୟୁରାନ୍ସ କମ୍ପାନୀର ସିନିୟର ବ୍ରାଞ୍ଚ ସର୍ଭିସ ମ୍ୟାନେଜର ବୋଲି ଜଣାପଡିଛି। ଅନ୍ୟ ୨ ଅଭିଯୁକ୍ତ ଶିବରାମ ପାତ୍ର (ରାଉରକେଲା ସାମ୍ବାଦିକ ସଂଘର ସଭାପତି) ଓ ଅଙ୍କିତ ଅଗ୍ରୱାଲ ବର୍ତ୍ତମାନ ଫେରାର ଅଛନ୍ତି।

ଏମାନେ ୧୨ଟି କାଗଜପତ୍ରରେ ଜାଲ୍ ବ୍ୟବସାୟିକ ପ୍ରତିଷ୍ଠାନ ତିଆରି କରିଥିଲେ। ଏହାସହ ସେଗୁଡ଼ିକୁ ପରିଚାଳନା କରି ୮୪.୦୧ କୋଟି ଟଙ୍କାର ଜାଲ୍ କ୍ରୟ ବିଲ୍ ମାଧ୍ୟମରେ ୫ ଜଣ ଅଭିଯୁକ୍ତ ୨୦.୪୫ କୋଟି ଟଙ୍କାର ଟ୍ୟାକ୍ସ କ୍ରେଡିଟ ଆତ୍ମସାତ କରିଥିବା ଜଣାପଡିଛି। ଏହି କାରବାରରେ ଜିନିଷପତ୍ରର ପ୍ରକୃତ କିଣାବିକା ହୋଇନାହିଁ। ସେହିପରି କାଗଜପତ୍ରରେ ☞ପୃଷ୍ଠା-୨

# ଫେବୃୟାରୀରେ ସିବିଏସ୍‌ଇ ଦଶମ, ଦ୍ୱାଦଶ ପରୀକ୍ଷା ହେବନି

**ଭୁବନେଶ୍ୱର, ୨୨।୧୨(ବ୍ୟୁରୋ)**

କରୋନାର ନୂଆ ଷ୍ଟ୍ରେନ୍‌କୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଫେବୃୟାରୀରେ ହେବାକୁ ଥିବା ସେଣ୍ଟ୍ରାଲ ବୋର୍ଡ ଅଫ୍ ସେକେଣ୍ଡାରୀ ଏଜୁକେଶନ(ସିବିଏସ୍‌ଇ)ର ଦଶମ ଓ ଦ୍ୱାଦଶ ପରୀକ୍ଷାକୁ ବାତିଲ କରିଛନ୍ତି। ଏ ନେଇ ମଙ୍ଗଳବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କ ଶିକ୍ଷକଙ୍କ ସହିତ ଆଲୋଚନା କରି ସ୍ପଷ୍ଟ କରିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ, ବୋର୍ଡ ପରୀକ୍ଷା ଘୁଞ୍ଚାଇବାକୁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଅନୁରୋଧ କରୁଛନ୍ତି। ବର୍ତ୍ତମାନର କରୋନା ସ୍ଥିତିକୁ ଦେଖି ଫେବୃୟାରୀରେ ପରୀକ୍ଷା ନ କରିବାକୁ ନିଷ୍ପତ୍ତି ନିଆଯାଇଛି। ପରବର୍ତ୍ତୀ ସମୟରେ ପରୀକ୍ଷା ତାରିଖ ଘୋଷଣା କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ପୋଖରିଆଲ କହିଛନ୍ତି, ପରୀକ୍ଷାକୁ ବାତିଲ କରି ପାସ୍ କରିଦେଲେ ତାହା ପିଲାମାନଙ୍କ ପ୍ରତି ଅବିଚାର ହେବ। କାରଣ ଭବିଷ୍ୟତରେ ସେମାନଙ୍କୁ କୋଭିଡ୍ ସମୟର ପିଲା ବୋଲି କୁହାଯାଇପାରେ। ଏହା ସେମାନଙ୍କୁ ଉଚ୍ଚ ଶିକ୍ଷା, ଚାକିରି ଆଦି ବେଳେ ସମସ୍ୟାରେ ପକାଇପାରେ। ତେଣୁ ପରୀକ୍ଷା କୌଣସି ପରିସ୍ଥିତିରେ ବି ରଦ୍ଦ କରାଯିବ ନାହିଁ। ପରୀକ୍ଷା ନିଶ୍ଚିତ ହେବ, ଅଫ୍‌ଲାଇନ୍ ମୋଡ୍‌ରେ ହିଁ ହେବ। ଅନେକ ପରୀକ୍ଷା କେନ୍ଦ୍ର ଗ୍ରାମାଞ୍ଚଳରେ ରହିଛି। ପିଲାଙ୍କ ଉପରେ ଚାପ କମ୍ କରିବାକୁ ଏଥର ସିବିଏସ୍‌ଇ ବୋର୍ଡ ପରୀକ୍ଷା ପାଇଁ ସିଲାବସ୍‌କୁ ପ୍ରାୟ ୩୦ ପ୍ରତିଶତ ହ୍ରାସ କରାଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି ଅବସରରେ ମନ୍ତ୍ରୀ ଅନ୍‌ଲାଇନ୍ ଶିକ୍ଷା, ବୋର୍ଡ ପରୀକ୍ଷା, ପ୍ରବେଶିକା ପରୀକ୍ଷା, ମୂଲ୍ୟାଙ୍କନ, ଶିକ୍ଷକଙ୍କ ଟ୍ରେନିଂ ଏବଂ ଶିକ୍ଷା ସମ୍ବନ୍ଧୀୟ ଅନ୍ୟ ସମସ୍ୟାକୁ ନେଇ ☞ପୃଷ୍ଠା-୨



## ଆଜି ଖୋଲିବ ଶ୍ରୀମନ୍ଦିର

**ପୁରୀ ଅଫିସ,୨୨।୧୨**

ସବୁ ଉତ୍କଣ୍ଠା ଓ ପ୍ରତୀକ୍ଷାର ଅବସାନ ଘଟାଇ ବୁଧବାରଠାରୁ ଶ୍ରୀମନ୍ଦିର ଖୋଲିବ। ଭକ୍ତ ଓ ଭଗବାନଙ୍କ ମିଳନ ହେବ। ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ବ୍ୟାରିକେଡ୍ ତିଆରି ସରିଥିବାବେଳେ ନାମ ପଞ୍ଜୀକରଣ ଓ ଫଟୋଉଠା ଲାଗି କାଉଣ୍ଟର ହୋଇଛି। ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ☞ପୃଷ୍ଠା-୨


**ଆଜିର ସମ୍ପାଦକୀୟ**

ଲୋକଚରିତ୍ର ମୂଳ


# ରାଇନା, ସୁସାନେ ଗିରଫ

**ମୁମ୍ବାଇ, ୨୨।୧୨**

ମୁମ୍ବାଇର ଡ୍ରାଗନ୍‌ଫ୍ଲାଏ କ୍ଲବ ଉପରେ ଚଢ଼ାଉବେଳେ ଅବସରପ୍ରାପ୍ତ କ୍ରିକେଟର ସୁରେଶ ରାଇନା, ବଲିଉଡ୍ ସେଲିବ୍ରିଟି ସୁସାନେ ଖାନ୍ ଏବଂ ଗାୟକ ଗୁରୁ ରନ୍ଧୱାଙ୍କୁ ଗିରଫ କରାଯାଇଥିଲା। ପରେ ସେମାନଙ୍କୁ ଜାମିନରେ ଛାଡ଼ିଦିଆଯାଇଛି। ଅନ୍ଧେରୀସ୍ଥିତ ଏହି କ୍ଲବ ଉପରେ ରାତି ୩ଟାରେ ଚଢ଼ାଉ କରାଯାଇଥିଲା। କୋଭିଡ୍ ନିୟମ ଉଲ୍ଲଂଘନ ଅଭିଯୋଗରେ କ୍ଲବ୍‌ର ୭ କର୍ମଚାରୀଙ୍କ ସମେତ ମୋଟ ୩୪ ଜଣଙ୍କୁ ଗିରଫ କରାଯାଇଥିଲା। ରାଇନାଙ୍କ ସମେତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ଆଇପିସିର ଧାରା ୧୮୮ (ଜାରି ନିର୍ଦ୍ଦେଶନାମାର ଉଲ୍ଲଂଘନ), ୨୬୯ (ଦାୟିତ୍ୱହୀନତା କିମ୍ବା ☞ପୃଷ୍ଠା-୨



ସୁରେଶ ରାଇନା



ସୁସାନେ ଖାନ୍

# ଶୀତ ଅଟକାଇଛି ଜେଟ୍ ଷ୍ଟ୍ରିମ୍

## ଥଣ୍ଡାକୁ ପ୍ରଭାବିତ କରୁଛି ଜଳବାୟୁ ପରିବର୍ତ୍ତନ

**ଗ୍ରୀଷ୍ମରେ ଖରା, ମୌସୁମୀରେ ବର୍ଷା ଓ ଶୀତଦିନେ ଥଣ୍ଡା ଋତୁଚକ୍ରର ଏକ ସ୍ୱାଭାବିକ ପ୍ରକ୍ରିୟା। ଏହି ପାଣିପାଗ ପରିବର୍ତ୍ତନ ପ୍ରକୃତିର ନିୟମ। କିନ୍ତୁ ବେଳେବେଳେ ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଥାଏ। ଯେପରି କି ଏବେ ଡିସେମ୍ବର ଶେଷ ହୋଇ ନୂଆବର୍ଷ ଆସିବାକୁ ଯାଉଛି। ଅଥଚ ଶୀତର ଦେଖାନାହିଁ। ଏଥିପାଇଁ ପାଣିପାଗ ବିଶେଷଜ୍ଞ ଜେଟ୍ ଷ୍ଟ୍ରିମ୍ ପ୍ରବାହ ନ ହେବାକୁ ଦାୟୀ କରିଛନ୍ତି। ସେମାନଙ୍କ ମତରେ ଭାରତର ଜଳବାୟୁକୁ ପ୍ରଭାବିତ କରୁଥିବା ଅନେକ କାରକ ରହିଛି। ତନ୍ମଧ୍ୟରୁ ଜେଟ୍ ବାୟୁଧାରା ଅନ୍ୟତମ। ଏହାକୁ ଜେଟ୍ ଷ୍ଟ୍ରିମ୍ ମଧ୍ୟ କୁହାଯାଏ। ୧୯୪୫ ମସିହାରେ ଜେଟ୍ ଷ୍ଟ୍ରିମ୍ ସମ୍ପର୍କରେ ସୂଚନା ମିଳିବା ପରେ ୧୯୪୯ରେ ଏହାକୁ ବିଶ୍ୱ ଜଳବାୟୁ ସହ ଯୋଡ଼ାଯାଇଥିଲା। ଜେଟ୍ ଷ୍ଟ୍ରିମ୍ ୪ ପ୍ରକାର ହୋଇଥିବାବେଳେ ଭାରତୀୟ ପାଣିପାଗ କ୍ଷେତ୍ରରେ ପଶ୍ଚିମା ଓ ପୂର୍ବା ବାୟୁଧାରା ପ୍ରଯୁଜ୍ୟ ହୋଇଥାଏ। ଭାରତକୁ ଶୀତ ଆଣିବା ପଶ୍ଚିମା ଜେଟ୍ ଷ୍ଟ୍ରିମ୍‌ର କାମ, ଯାହାକି ଏଥର ସକ୍ରିୟ ହୋଇପାରି ନାହିଁ।**

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ)**

ଜଳବାୟୁ ପରିବର୍ତ୍ତନ ପରିବେଶକୁ ପ୍ରଭାବିତ କରିବାରେ ଲାଗିଛି। ଗତବର୍ଷ ଡିସେମ୍ବର ୨୨ରେ ଦିନର ସର୍ବୋଚ୍ଚ ତାପମାତ୍ରା ୧୫ରୁ ୧୭ ଡିଗ୍ରୀ ମଧ୍ୟରେ ରହିଥିବାବେଳେ ଚଳିତବର୍ଷ ଏହି ଦିନର ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ଟପି ଯାଇଛି। ୨୦୧୯ ଡିସେମ୍ବରରେ ଭୁବନେଶ୍ୱର ସର୍ବନିମ୍ନ ତାପମାତ୍ରା ୮.୨ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବାବେଳେ ଏବର୍ଷ ୧୧.୭ ଡିଗ୍ରୀ ସେଲସିୟସ୍ ଥିବା ପାଣିପାଗ ବିଭାଗ ରେକର୍ଡ କହୁଛି। ଉତ୍ତର ପଶ୍ଚିମ ଦିଗରୁ ବାୟୁ ପ୍ରବାହ ହ୍ରାସ ପାଇବା ସହ ରାଜ୍ୟକୁ ମେରୁ ଅଞ୍ଚଳରୁ ଆସୁଥିବା ଜେଟ୍ ଷ୍ଟ୍ରିମ୍ ପ୍ରବାହ ବନ୍ଦ ହେବା ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା ପାଣିପାଗବିତ୍ ମତ ଦେଇଛନ୍ତି। ନିମ୍ନଭାଗରେ କିଛି ପଶ୍ଚିମା ବାୟୁ ପ୍ରବାହ ହେଉଥିବାରୁ ଗତ ଦୁଇତିନି ଦିନ ହେବ ସର୍ବନିମ୍ନ ତାପମାତ୍ରା ହ୍ରାସ ପାଇଛି। ☞ପୃଷ୍ଠା-୨

### ଜେଟ୍ ଷ୍ଟ୍ରିମ୍ କ’ଣ



ବାୟୁମଣ୍ଡଳର ଉପରି ଭାଗରେ ଜୋର୍‌ରେ ଗତି କରୁଥିବା ବାୟୁ ପ୍ରବାହକୁ ଜେଟ୍ ଷ୍ଟ୍ରିମ୍ କୁହାଯାଏ। ସମୁଦ୍ର ପତ୍ତନରୁ ୧୨ରୁ ୧୩ କି.ମି ଉପରେ ଏହା ପ୍ରବାହିତ ହୋଇଥାଏ। ମେରୁ ଅଞ୍ଚଳରୁ ଏହି ବାୟୁ ପ୍ରବାହ ହୁଏ। ଏହା ପଶ୍ଚିମରୁ ପୂର୍ବକୁ ବହିଥାଏ। ବେଳେ ବେଳେ ଏହା ଉତ୍ତରରୁ ଦକ୍ଷିଣକୁ ବହିଥାଏ। ଏହା ଥଣ୍ଡା ଓ ଗରମ ଅଞ୍ଚଳକୁ ବହିଥାଏ। ଏହାର ପ୍ରଭାବରେ ଶୀତ ଓ ଗ୍ରୀଷ୍ମ ପ୍ରଭାବିତ ହୋଇଥାଏ।




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..................................



ପ୍ରଜ୍ଞା
ପରିବାରବର୍ଗ



ଭଞ୍ଜ ପ୍ରଧାନ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ପ୍ରଥମ ପୃଷ୍ଠାରୁ...

## 'ମୃତଦେହକୁ...

ପର୍ନୋଗ୍ରାଫି ବା ଶିଶୁ ଅଶ୍ଳୀଳ ଫିଲ୍ମ ଦେଖୁଥିଲେ। ପ୍ରମାଣ ନଷ୍ଟ ପାଇଁ ମୋବାଇଲ୍‌ର ସବୁ ସର୍ଚ୍ଚ ହିଷ୍ଟ୍ରି ଡିଲିଟ୍ କରିଦେଇଥିଲେ। ଏନେଇ ଅଧିକ ତଥ୍ୟ ପାଇଁ ଗୁଗୁଲ୍‌କୁ ଅନୁରୋଧ କରାଯିବ। ଗିରଫ ଯୁବକ ହେଉଛନ୍ତି ଘଟଣାର ମୁଖ୍ୟ ଅଭିଯୁକ୍ତ। ତାକୁ ରିମାଣ୍ଡରେ ନିଆଯିବ। ଘଟଣାରେ ଆଉ କାହାର ସମ୍ପୃକ୍ତି ରହିଛି କି ନାହିଁ ତାହାର ତଦନ୍ତ କରାଯାଉଛି ବୋଲି ବୋଥ୍ରା କହିଛନ୍ତି। ବୋଥ୍ରାଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତଙ୍କ ସାନଭଉଣୀ ସହ ପରୀର ଭଲ ସମ୍ପର୍କ ଥିଲା। ତେଣୁ ପରୀ ନିୟମିତ ତାଙ୍କ ଘରକୁ ଆସୁଥିଲେ। ଘଟଣା ଦିନ ଅଭିଯୁକ୍ତ ଏକୁଟିଆ ଘରେ ଥିଲେ। ପୂର୍ବ ରାତିରେ ସେ ବହୁ ସମୟ ଧରି ଅଶ୍ଳୀଳ ଶିଶୁ ଭିଡିଓ ଦେଖିଥିଲେ। ଏଭଳି ସ୍ଥିତିରେ ନାବାଳିକା ପରୀ ତାଙ୍କ ଘରକୁ ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ଆସିଥିଲେ। ତେଣୁ ସେ ପରୀକୁ ବଳାତ୍କାର କରିବାକୁ ଚେଷ୍ଟା କରିଥିଲେ। ହେଲେ ଏଥିରେ ବିଫଳ ହେବାରୁ ତଣ୍ଟି ଚିପି ହତ୍ୟା କରିବା ପରେ ବଳାତ୍କାର କରିଥିଲେ। ବଳାତ୍କାର ପରେ ଅଭିଯୁକ୍ତ ପରୀର ମୃତଦେହ ଓ ପିନ୍ଧିଥିବା ଫ୍ରକକୁ ବସ୍ତାରେ ପୂରାଇ ଘର ପଛପଟ ପୋଖରୀ ପାର୍ଶ୍ୱରେ ଏକ ବୁଦାରେ ଲୁଚାଇ ରଖିଥିଲେ। ପରେ ବାଡ଼ିରୁ କିଛି ନଡିଆ ବାହୁଙ୍ଗା ମଧ୍ୟ ଆଣି ମୃତଦେହ ଉପରେ ଘୋଡ଼ାଇ ଥିଲେ। ନାବାଳିକାଙ୍କ ଫ୍ରକ୍‌ରେ ଅଭିଯୁକ୍ତଙ୍କ ସିମେନ ଲାଗିଥିବା ଜଣାପଡିଛି। ତେଣୁ କପଡ଼ା ଓ ଅଖାକୁ ହାଇଦ୍ରାବାଦର ସେଣ୍ଟର ଫର୍ ସେଲୁଲାର ଆଣ୍ଡ ମଲେକୁଲାର ବାୟୋଲୋଜି (ସିସିଏମ୍‌ବି)କୁ ପରୀକ୍ଷା ପାଇଁ ପଠାଯିବ। ସେହିପରି ନଡିଆ ବାହୁଙ୍ଗାକୁ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ ଅଫ୍ ପ୍ଲାଣ୍ଟ ଜିନୋମ ରିସର୍ଚ୍ଚ (ଏନ୍‌ଆଇପିଜିଆର୍)ରେ ଯାଞ୍ଚ କରାଯିବ।

## ଆଜି ଖୋଲିବ...

ଅନୁଯାୟୀ ୨୩ରୁ ୨୫ତାରିଖ ପର୍ଯ୍ୟନ୍ତ କେବଳ ସେବାୟତ ପରିବାରର ସଦସ୍ୟମାନେ ଶ୍ରୀମନ୍ଦିରକୁ ଯିବାର ଅନୁମତି ପାଇବେ। ଏହାପରେ ୨୬ରୁ ୩୧ ଯାଏ ପୁରୀ ସହରବାସୀ ଏବଂ ଜାନୁୟାରୀ ୩ରୁ ସର୍ବସାଧାରଣଙ୍କୁ ଦର୍ଶନ ସୁବିଧା ମିଳିବ। ଜାନୁୟାରୀ ୧ ଓ ୨ରେ ଦର୍ଶନ ବନ୍ଦ ରହିବ। ୩ ତାରିଖଠାରୁ ଦର୍ଶନ ନିମନ୍ତେ କୋଭିଡ୍ ନେଗେଟିଭ୍ ରିପୋର୍ଟ ସାଙ୍ଗରେ ଆଣିବାକୁ ପଡ଼ିବ। ସେହିଭଳି ମାସ୍କ ପରିଧାନ, ସାନିଟାଇଜେଶନ ସହ ସାମାଜିକ ଦୂରତା ନିୟମ ମାନିବାକୁ ହେବ। ଶ୍ରଦ୍ଧାଳୁମାନେ ମାର୍କେଟ ଛକଠାରୁ ମୁଖ୍ୟ ବ୍ୟାରିକେଡ୍ ପର୍ଯ୍ୟନ୍ତ ଚାଲିଚାଲି ଯିବେ। ଶିଶୁ, ଗର୍ଭବତୀ, ବୃଦ୍ଧାବୃଦ୍ଧଙ୍କୁ ଦର୍ଶନ ପାଇଁ ନ ଆସିବାକୁ ପ୍ରଶାସନ ପରାମର୍ଶ ଦେଇଛି।

## ୨୦୦ କୋଟିର...

ମାଲ୍ କିଣାଯାଇଥିବା ଦର୍ଶାଇ ୧୧୫.୧୯ କୋଟି ଟଙ୍କାର ଜାଲ୍ ବିଲ୍ ବଳରେ ୨୧.୯୧ କୋଟି ଟଙ୍କାର ଜାଲ୍ ଇନ୍‌ପୁଟ ଟାକ୍ସ କ୍ରେଡିଟ (ଆଇଟିସି) ରାଜ୍ୟ ତଥା ରାଜ୍ୟ ବାହାର ଲୋକଙ୍କୁ ହସ୍ତାନ୍ତର କରିଥିବା ଜଣାପଡିଛି। ତେବେ ଏହି ୨୦୦କୋଟି ଟଙ୍କାର ଜାଲ୍ ଜିଏସ୍‌ଟି ବିଲ୍ ମାତ୍ର ୪ରୁ ୫ମାସ ମଧ୍ୟରେ କରାଯାଇଥିବା ଜଣାପଡିଛି। ଅନୁସନ୍ଧାନରୁ ଜଣାଯାଇଛି ଯେ, ଏମାନେ ଆଉ କେତେକ ଜାଲ୍ କମ୍ପାନୀ ସୃଷ୍ଟିକରି ସେଗୁଡିକ ମାଧ୍ୟମରେ ଜାଲ ବିଲ୍ ଜାରି କରିବା ସହ ଆଇଟିସି ଆତ୍ମସାତ୍ କରିବାକୁ ଯୋଜନା କରିଥିଲେ। ଏହି ନକଲି ଫାର୍ମଗୁଡିକର ପଞ୍ଜୀକରଣକୁ ତୁରନ୍ତ ରଦ୍ଦ କରିବା ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ କୁହାଯାଇଛି। ଏନ୍‌ଫୋର୍ସମେଣ୍ଟ ୱିଙ୍ଗ୍ ଦ୍ୱାରା ତଥ୍ୟ ବିଶ୍ଳେଷଣ ଓ ଗୋଇନ୍ଦା ସୂତ୍ରକୁ ଆଧାରକରି ନଭେମ୍ବର ୨୦୨୦ରେ ରାଜ୍ୟବ୍ୟାପୀ ଚଢାଉ ଅଭିଯାନ ଆରମ୍ଭ କରାଯାଇଥିଲା। ଏହି ସମୟରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଜାଲ୍ ତଥା ଭୂତ ଫାର୍ମ ସାମ୍ନାକୁ ଆସିଥିଲା। ଏହି ଫାର୍ମଗୁଡିକ ବେକାର ଯୁବକ, ଯୁବତୀ, ଗୃହିଣୀ, କୃଷକ, ବରିଷ୍ଠ ନାଗରିକ ଏବଂ ଦିନ ମଜୁରିଆଙ୍କ ନାମରେ କରାଯାଇଥିବା ଜଣାପଡିଥିଲା। ସେମାନଙ୍କ ଦାରିଦ୍ର୍ୟ ଓ ଅଜ୍ଞାନତାର ସୁଯୋଗ ନେଇ ଏହି ମାଷ୍ଟର ମାଇଣ୍ଡମାନେ ନିଯୁକ୍ତି କିମ୍ବା ଋଣ ଯୋଗାଇଦେବା ଆଳରେ ସେମାନଙ୍କ ଆଧାର କାର୍ଡ, ପାନ୍ କାର୍ଡ, ଫଟୋ, ବ୍ୟାଙ୍କ ପାସ୍‌ବୁକ ଆଦିକୁ ନେଇ ସେମାନଙ୍କ ନାମରେ ନକଲି ଫାର୍ମ ସୃଷ୍ଟି କରି ରାଜ୍ୟ ରାଜସ୍ୱ ଲୁଣ୍ଠନ ପାଇଁ ଉଦ୍ୟମ ଚଳାଇଥିଲେ।

## ରାଇନା, ସୁସାନେ...

ବେଆଇନ କାର୍ଯ୍ୟ ଯୋଗୁ ସଂକ୍ରମଣ ବଢ଼ାଇବା) ଓ ୩୪ରେ ମାମଲା ରୁଜୁ ହୋଇଛି। କୌଣସି ଉଦ୍ଦେଶ୍ୟ ନ ଥାଇ ଘଟିଥିବା ଏଭଳି ଦୁର୍ଭାଗ୍ୟଜନକ ଘଟଣା ପାଇଁ ରାଇନା ଦୁଃଖପ୍ରକାଶ କରିଛନ୍ତି। ସେ ମୁମ୍ବାଇରେ ଲାଗୁ ହୋଇଥିବା କୋଭିଡ୍ କଟକଣା ସମ୍ପର୍କରେ ଅବଗତ ନ ଥିଲେ ବୋଲି କହିଛନ୍ତି।

## ଫେବୃୟାରୀରେ ସିବିଏସ୍‌ଇ...

ବିସ୍ତୃତ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଦେଶର ହଜାର ହଜାର ଶିକ୍ଷକ ଭାଗ ନେଇଥିଲେ। ଅନ୍ୟପଟେ ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷାକୁ ନେଇ ଏବେ ଅନିଶ୍ଚିତତା ଜାରି ରହିଛି। ଯଦିଓ ପରୀକ୍ଷା ନିଶ୍ଚିତ ହେବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି, କିନ୍ତୁ କେବେ ହେବ ତାହା କୁହାଯାଇ ନାହିଁ। ତେଣୁ ଏବେ ବି ପିଲାଙ୍କ ମନରେ ଦ୍ୱନ୍ଦ୍ୱ ରହୁଛି। କରୋନା ପାଇଁ ଗତ ମାର୍ଚ୍ଚ ମାସରୁ ସବୁ ସ୍କୁଲ ଓ କଲେଜ ବନ୍ଦ ରହିଛି। ଅନ୍‌ଲାଇନ୍ ମାଧ୍ୟମରେ ପାଠପଢ଼ା ଜାରି ରହିଥିଲେ ମଧ୍ୟ ପର୍ଯ୍ୟାପ୍ତ ହୋଇପାରୁ ନ ଥିବାରୁ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଚିନ୍ତାରେ ରହୁଛନ୍ତି।

## ଶୀତ ଅଟକାଇଛି...

ଜେଟ୍ ଷ୍ଟ୍ରିମ୍ ମୁଖ୍ୟତଃ ସମୁଦ୍ର ପତ୍ତନରୁ ୧୨ରୁ ୧୪ କି.ମି. ଉପରେ ପ୍ରବାହିତ ହୋଇଥାଏ। ଏହାର ଗତି ୨୦୧୯ ଡିସେମ୍ବରରେ ଘଣ୍ଟା ପ୍ରତି ୨୦୦ କି.ମି ରହୁଥିବା ବେଳେ ଚଳିତବର୍ଷ ଏ ପର୍ଯ୍ୟନ୍ତ ପ୍ରବାହିତ ହୋଇନାହିଁ। ଫଳରେ ମେରୁ ଅଞ୍ଚଳରୁ ଆସୁଥିବା ଥଣ୍ଡା ବାୟୁ ପ୍ରବାହ ଏକ ପ୍ରକାର ବନ୍ଦ ହୋଇଯାଇଛି। ତେଣୁ ଡିସେମ୍ବର ଶେଷ ହେବାକୁ ବସିଥିଲେ ମଧ୍ୟ ଶୀତର ପ୍ରକୋପ ସେହି ପରିମାଣରେ ବଢ଼ିନାହିଁ। ୨୦୧୯ରେ ଡିସେମ୍ବର ୧୬ରୁ ଶୀତର ପ୍ରକୋପ ବୃଦ୍ଧି ପାଇଥିଲା। କେତେକ ସ୍ଥାନରେ ପାରଦ ୩ ଡିଗ୍ରୀକୁ ଖସି ଆସିଥିଲା। ଦିନର ସର୍ବୋଚ୍ଚ ତାପମାତ୍ରା ୧୬ରୁ ୧୭ ଡିଗ୍ରୀ ସେଲସିୟସ ମଧ୍ୟରେ ରହୁଥିଲା। ମାତ୍ର ଚଳିତବର୍ଷ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ସେହିପରି ଶୀତଦିନ ଗତବର୍ଷ ତୁଳନାରେ ଏ ପର୍ଯ୍ୟନ୍ତ ୪ରୁ ୫ ଦିନ କମିଯାଇଛି। ଦୁଇତିନି ଦିନ ହେବ ଶୀତର ପ୍ରକୋପ ବଢ଼ିଥିଲେ ହେଁ ଦିନର ସର୍ବୋଚ୍ଚ ତାପମାତ୍ରା ଅଧିକ ରହୁଛି। ଫଳରେ ସନ୍ଧ୍ୟା କିମ୍ବା ସକାଳେ ଏତେ ପରିମାଣର ଶୀତ ଅନୁଭବ ହେଉନାହିଁ। ରାତି ୨ଟା ପରେ ତାପମାତ୍ରା ହ୍ରାସ ପାଉଛି। ଦିନରେ ଆକାଶ ମେଘମୁକ୍ତ ରହୁଥିବାରୁ ତାପମାତ୍ରା ବୃଦ୍ଧି ପାଇ ୩୦ ଡିଗ୍ରୀରେ ପହଞ୍ଚିଯାଉଛି। ଅନ୍ୟପକ୍ଷରେ ଚଳିତ ବର୍ଷ ନଭେମ୍ବର ଓ ଡିସେମ୍ବରରେ ଏ ପର୍ଯ୍ୟନ୍ତ ବର୍ଷା ହୋଇନାହିଁ। ମେଘୁଆ ପାଗ ଶୀତ ପରିମାଣ ବୃଦ୍ଧି କରିଥାଏ। ବର୍ଷା ନ ଥିବାରୁ ଦିନରେ ଶୀତର ପ୍ରକୋପ ଅନୁଭୂତ ହେଉନାହିଁ। ଗତ ଦୁଇବର୍ଷ ହେବ ଡିସେମ୍ବର ୧୫ରୁ ଶୀତ ଆରମ୍ଭ ହୋଇ ଫେବୃୟାରୀ ଶେଷ ଯାଏ ରହୁଥିଲା। ତେବେ ଚଳିତ ବର୍ଷ ଡିସେମ୍ବର ୨୦ ତାରିଖରୁ ଆରମ୍ଭ ହୋଇଥିବା ଶୀତ ୨୫ ତାରିଖ ଯାଏ ଚାଲିବ। ଏହା ପରେ ପୁଣି ହ୍ରାସ ପାଇବ। ଗତ ବର୍ଷ ତୁଳନାରେ ଶୀତର ପ୍ରକୋପ ସେତେ ବଢ଼ିବ ନାହିଁ ବୋଲି ପାଣିପାଗବିତ୍ ଶରତ ଚନ୍ଦ୍ର ସାହୁ କହିଛନ୍ତି।

## ୧୦ ଡିଗ୍ରୀ ତଳେ ୧୩ ଜିଲ୍ଲା

ପାଣିପାଗ ବିଭାଗ କହୁଛି ଆସନ୍ତା ୨୫ ତାରିଖ ଯାଏ ରାଜ୍ୟରେ ଶୀତ ପ୍ରବାହ ହେବ। ସର୍ବନିମ୍ନ ତାପାମାତ୍ର ୪ରୁ ୫ ଡିଗ୍ରୀ ସେଲସିୟସ୍ ମଧ୍ୟରେ ରହିବ। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମଙ୍ଗଳବାର ରାଜ୍ୟର ୧୩ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲସିୟସ ତଳେ ରହିଛି। ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗିବାଡିରେ ୫.୫, କୋରାପୁଟ ୬.୬, ଅନୁଗୋଳ ୬, ସୁନ୍ଦରଗଡ଼ ୭.୫, ଭବାନୀପାଟଣା ୭.୨, ବଲାଙ୍ଗୀର ୮.୮, ଟିଟିଲାଗଡ଼ ୯, ବାରିପଦା ୮.୫, ଝାରସୁଗୁଡା ୭.୫, କେନ୍ଦୁଝର ୯, ସୋନପୁର ୯.୨, ବୌଦ୍ଧ ୯.୫, ମାଲକାନଗିରି ୧୦.୫, ଭୁବନେଶ୍ୱର ୧୧.୭, ହୀରାକୁଦ ୧୧.୧ ଏବଂ ତାଳଚେରରେ ସର୍ବନିମ୍ନ ତାପମାତ୍ରା ୧୦.୧ ଡିଗ୍ରୀ ସେଲସିୟସ୍ ରହିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଅନୁଗୋଳ, ଢେଙ୍କାନାଳ, ଝାରସୁଗୁଡ଼ା, ସୁନ୍ଦରଗଡ଼ ଏବଂ କଳାହାଣ୍ଡି ଜିଲାରେ ଥଣ୍ଡା ଲହରୀ ବହିବ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ୨୪ ତାରିଖରେ ମଧ୍ୟ କେତେକ ଜିଲାରେ ଥଣ୍ଡା ପବନ ପ୍ରବାହିତ ହେବ। ଏହାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟ ପକ୍ଷରୁ ସତର୍କତା ଅବଲମ୍ବନ କରିବାକୁ ସମ୍ପୃକ୍ତ ଜିଲାର ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଲୋକଙ୍କ ପାଇଁ ସତର୍କତା ଜାରି କରିବା ସହ ବାସହୀନଙ୍କ ପାଇଁ ସ୍କୁଲ, କମ୍ୟୁନିଟି ସେଣ୍ଟର ଏବଂ ଅନ୍ୟାନ୍ୟ ସରକାରୀ କୋଠାକୁ ରାତ୍ରୀକାଳୀନ ଅଶ୍ରୟସ୍ଥଳ ଭାବେ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି।


# classifieds Everyday

0674-2580101, 2549302



MATRIMONIAL

**BRIDE WANTED**

Brahmin boy, 29 B.Tech MBA, Nationalised Bank officer Metrocity. 7377203805. D-19291

ବ୍ରାହ୍ମଣ, ଖଣ୍ଡାୟତ, ଗଉଡ଼, ଗୁଡ଼ିଆ ଜାତିର ବରପାତ୍ର ପାଇଁ କନ୍ୟାପାତ୍ରୀ ଆବଶ୍ୟକ। 7978736177. D-68264

36 , 5'6" Brahmin BE Mechanical groom working as Deputy Manager in reputed automobile company require professional, beautiful bride. Contact: 9437560347/ 9861022788. D-19327

ଖଣ୍ଡାୟତ ବରପାତ୍ର (ବୟସ 37) ପ୍ରାଇଭେଟ୍ କମ୍ପାନୀ ୱାର୍କର, (କଟକ ଆଠଗଡ଼) ପାଇଁ ଗରିବ କନ୍ୟାପାତ୍ରୀ ଆବଶ୍ୟକ। ବିଧବା ଛାଡ଼ପତ୍ର କନ୍ୟାପାତ୍ରୀ ଚଳିବ। ଯୋଗାଯୋଗ: 8249435207, 9173066545 95. D-19319

**GROOM WANTED**

Brahmin bride 29y/ 5'5", M.S. (Comp.Sc) working at Texas USA package $ 90000 seeking suitable proposal. Visit OD150406115/ Y- 893898. Contact: 7894261428/ 001-682-414-9087. D-46550

44ବୟସ୍କା Govt. Teacher widow ସୁନ୍ଦର Brahmin ଝିଅଙ୍କୁ married/ unmarried ପୁଅ ଦରକାର। 7681060810. D-67965



**SALE**

କଟକ-ଭୁବନେଶ୍ୱର ମଧ୍ୟରେ ନିର୍ମିତ **Grand Bazar** ସମ୍ମୁଖରେ ଘରବାରି **plot** ସୁଲଭ ମୂଲ୍ୟରେ କିଣନ୍ତୁ ଏବଂ **immediate** ଗୃହ ନିର୍ମାଣ କରନ୍ତୁ। **9124321519.** D-70129

Plot of 2601sqft. with boundarywall behind GIET, Gangapatna, BBSR, Contact Mobile: 9337203568. D-19325

**Plot for sale nearest Railway Station, Bhawanipatna, Kalahandi. Contact No. 9437738769.** D-19282

For sale, Industrial land with building at Mancheswar, near Rasulgarh Square for instant transfer and possession. Electronics/Lighting/IT base/others preferred. Call 8093737945. D-19320

**100ଫୁଟିଆ** ପିଚୁରୋଡ୍‌କୁ ଲାଗି ବାରଙ୍ଗ ପାଖରେ **commercial** ୯ ଗୁଣ୍ଠ ଜାଗା ତୁରନ୍ତ ବିକ୍ରିହେବ। ଗୁଣ୍ଠ-୬,୫୦,୦୦୦/- **direct Owner. 9437033320.** D-70124

ସୁନ୍ଦରପଦାରେ ୨୦୦୦ବର୍ଗ ଫୁଟକୁ ୧୯,୫୦,୦୦୦/- ପ୍ଲଟ୍ କିଣି ଆଜି ଘର କରନ୍ତୁ। Xavier, OEC ନିକଟରେ ୫,୫୦,୦୦୦/- ଦିଆଯାଉଛି। 9938016295. D-70127

**Gharabadi Plot with Boundarywall sale at Bankual near Tankapani Road. Rate 1300/- per sqft. Plot size 1200/2000. Call for Details :9438109040/ 8144658008.** D-19321

**Bhubaneswar Khordha NH sideରେ plot ମିଳୁଅଛି। Direct Owner-9090963952.** D-70132

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70133

**Bhubaneswar Sum Hospital Gurukul** ପାଖରେ **yellowzone gharabari plot** ବିକ୍ରି କରାଯାଉଅଛି। **9439206202.** D-70128

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଖୋର୍ଦ୍ଧା ପିତାପଲ୍ଲୀ **bypass** ପାଖରେ **yellowzone** ସ୍ଥିତିବାନ **possession** ଥାଇ ବାସୋପଯୋଗୀ ପ୍ଲଟ୍ ବିକ୍ରିହେଉଛି। **Contact: 9938066403, 9438315973.** D-19315

Prime property at Khandagiri (Land & building) 2 storyed with underground cost Rs. 1.20/ crore (negotiable) Pho. No.- 9338579645. D-67773

**Booking open for 3BHK/ 2BHK luxurious & premium flat at Surya Nagar, Bhubaneswar, genuine buyer please Contact- (D.K.ASSOCIATES). 9937329999.** D-69951

ଭୁବନେଶ୍ୱର ଗୋଠପାଟଣା **IIIT, Birla Global University** ପାଖରେ ଘରବାରି **yellowzone, 30' road,** ଇଲେକ୍ଟ୍ରିସିଟି ଥାଇ **plot** ମିଳୁଛି। **1st possession/ registration. 9937819395.** D-70125

ଭୁବନେଶ୍ୱର ଗଙ୍ଗପଡ଼ା, ମଦନପୁରରେ ଘରବାରି ଲେଆଉଟ୍ ଆପ୍ରୋଭାଲ ସହିତ ବାସୋପଯୋଗୀ ଜାଗା ମିଳୁଅଛି। 7735922768. D-70120

**Immediate construction with** ଘରବାରି ବାଉଣ୍ଡ୍ରିୱାଲ୍, ଇଲେକ୍ଟ୍ରିସିଟି ଥାଇ ହଂସପାଳ କେନାଲ ରୋଡ୍ ପାଖରେ ଜାଗା ବିକ୍ରିହେବ। **7978998868.** D-70126

**PURCHASE**

Land requires for plotting project in around Bhubaneswar, 9937816565, 9937568585. D-70123

**ନିରୁଦ୍ଦିଷ୍ଟ**



ଶ୍ରୀମତୀ ତ୍ରିଫଳା ପଟାୟତ ମୋ ମା' ୨୧/୧୨/୨୦୨୦ ଦିନ ୧୧ଟା ସମୟରେ ସମ୍ବଲପୁର ଜିଲ୍ଲା, ବୁର୍ଲାର ଗୋଲଗୁଣ୍ଡା ଠାରୁ ଘରଛାଡ଼ି ପଳାଇଛନ୍ତି। ଛାଡ଼ିବା ସମୟରେ ତାଙ୍କ ଶରୀରରେ ଲାଲ୍ ଚେକ୍ ଶାଢ଼ି ଥିଲା। ଯଦି ତାଙ୍କ ବିଷୟରେ କାହାର କିଛି ସୂଚନା ଅଛି କିମ୍ବା ତାଙ୍କୁ କେହି ଦେଖିଥିବେ ଦୟାକରି ନିମ୍ନ ଲିଖିତ ନମ୍ବରରେ ଯୋଗାଯୋଗ କରନ୍ତୁ। ମୋ:- ୯୩୩୭୮୧୧୪୦୨, ୯୪୩୮୪୯୪୫୦୮. ଧ-୬୯୮୨୮



**Don't hurry for construction or renovation compare quality and price from others before start your work talk with engineering experts for latest techniques call OHM Construction & research centre. 9938640133, 9938709146.** D-70044



House at Nayapalli near DAV/ Stewart School, Family. 9438490107, 8895096862. D-69597

**10,000sqft. vacant land with boundarywall available for Lease/ Rent near Janla Industrial Estate. Contact: 9439176326.** D-69950

2 ½BHK with car garage for Bank serviceholder family, rent 15000 /- near Delta-9437103889. D-69665

**500sqft. shop at 1st Floor Deendayal Bhawan, Ashok Nagar, for Office, Clinic and Others. Contact:9937173917, 9861122710.** D-70202

**PACKERS & MOVERS**

Shivam logistic packers movers. Household/ car relocation countrywide. 9777044177, 9338461133. D-19148

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



Panchakarma Clinic requirements ladies, therapist all therapy start-800, 8763725072. D-19287

Newly open full body massage ladies and gents. 9337349409. D-69596

Refreshing your mind & body with best therapy at Lotus Spa. 8018234866 D-69595

Get refreshment body massage by expert therapist contact for 7205084157. D-70058

Revitalize your self with our ayurvedic massage and refreshment, Call: 7381239385. D-70063

Experience full body massage with expert therapists. Call: 7377048581. D-70064

Swarna SPA newly open positively health benefits with expert therapist. 9556978408. D-70059

Rejuvenate and Ayurvedic full body massage by smart therapist. 9348123330. D-70060

**Astrology**

Are you suffering from Vastu related problems? For solution 7978736177. D-68265

**5th Birthday Wishes**



ପ୍ରଜ୍ଞା ପ୍ରିୟଦର୍ଶିନୀ ମହାପାତ୍ର (ଭୂମି)
କେନ୍ଦୁବିଲ୍ୱ (ଖୋର୍ଦ୍ଧା)

ଆଜି ତୋର ପଞ୍ଚମ ଜନ୍ମବାର୍ଷିକୀ ଅବସରରେ ଜଗତର ନାଥ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ତୋତେ ଦୀର୍ଘାୟୁ କରନ୍ତୁ, ତୋର ଚଲାପଥରେ ସବୁବେଳେ ପୁଷ୍ପବୃଷ୍ଟି କରନ୍ତୁ।

-:ଶୁଭେଚ୍ଛା ସହ:-
Loving Papa & Sweet Mama.

ଧ-୧୯୨୭୦


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ଚନ୍ଦ୍ରମଙ୍ଗଳଙ୍କ ସଂଯୋଗରୁ ଭଲ ରହିବ। ଯାନବାହନ ଚଳାଚଳରେ, ଆଲୋଚନା କ୍ଷେତ୍ରରେ ଓ ବ୍ୟବସାୟିକ କ୍ଷେତ୍ରରେ ଉନ୍ନତମାନର ଫଳ ପାଇବେ। ଅଫିସରେ ପଦମର୍ଯ୍ୟାଦା ବୃଦ୍ଧି ଘଟିବ ଓ ସମ୍ମାନ ଅକ୍ଷୁର୍ଣ୍ଣ ରହିବ। ଆଇନ ଅଦାଲତ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡିପାରେ।

**ବୃଷ** ଅଭାବ ଅସୁବିଧାବଶତଃ ଧାରକରଜ କରି ଆବଶ୍ୟକତା ଚଳାଇ ନେବେ। ଅପ୍ରିୟ ସତ୍ୟ କହି ପ୍ରତ୍ୟେକ କ୍ଷେତ୍ରରେ ଭୁଲ୍ ବୁଝାମଣାର ଶିକାର ହେବେ। କୌଣସି ଆତ୍ମୀୟଙ୍କ ସମ୍ପର୍କରେ ଭୁଲ୍ ଖବର ପାଇ ବିବ୍ରତ ହୋଇପାରନ୍ତି। ଲେଖାପଢ଼ା, ସଭାସମିତିରେ ଧୀରମନ୍ଥର ଗତିରେ କାମ କରିବାକୁ ବାଧ୍ୟ ହେବେ।

**ମିଥୁନ** ଟିକିଏ ଧୈର୍ଯ୍ୟଧରି ରହିପାରିଲେ କାର୍ଯ୍ୟସିଦ୍ଧି ଘଟିବ। ବନ୍ଧୁଙ୍କ ପରାମର୍ଶରେ ନୂତନ ଭାବେ କିଛିଟା ଆରମ୍ଭ କରି ଏକପ୍ରକାର ଆତ୍ମତୃପ୍ତି ଲାଭ କରିପାରନ୍ତି। ଅତିଥି ଚର୍ଚ୍ଚାକୁ ନେଇ ପରିବାର ଲୋକଙ୍କ ସହ ରହିବା ମୁସ୍କିଲ ହୋଇପାରେ। କ୍ରୀଡ଼ା, ଚଳଚ୍ଚିତ୍ର ଓ ସାହିତ୍ୟରେ ଉନ୍ନତି କରିବେ।

**କର୍କଟ** ଆଜି ଆପଣଙ୍କ ବନ୍ଧୁଙ୍କୁ ମାଧ୍ୟମ କରି ନିଜଲୋକ କେହି ହଇରାଣରେ ପକାଇବାକୁ ଚେଷ୍ଟା କରିବେ। କୌଣସି ମୂଲ୍ୟବାନ ଜିନିଷ କିଣାବିକାକୁ କେନ୍ଦ୍ରକରି ଟଣାଓଟରା ହୋଇପାରେ। ପରିବହନରେ ସମସ୍ୟା ରହିବ, କିନ୍ତୁ ବିଶେଷ କିଛି ଅସୁବିଧା ହେବନାହିଁ। ଧୈର୍ଯ୍ୟହରା ନ ହୋଇ ପରିସ୍ଥିତିର ମୁକାବିଲା କଲେ ଉପକୃତ ହେବେ।

**ସିଂହ** ଅନ୍ୟମାନଙ୍କ ଟେକାଟେକି କଥାରେ ଉତ୍‌ଫୁଲ୍ଲିତ ହୋଇ କାମ କଲେ ଅସୁବିଧାରେ ପଡ଼ିପାରନ୍ତି। ପାରିବାରିକ କ୍ଷେତ୍ରରେ ସ୍ନେହ ଶ୍ରଦ୍ଧା ଆଶାନୁରୂପ ଅବଶ୍ୟ ପାଇବେ। ହଠାତ୍ କୌଣସି ଖବର ପାଇ ଖୁସି ହେବେ। ଆର୍ଥିକ ସ୍ଥିତି ସୁଧୁରିଯିବାର ଆଶାକରି କେତେକାଂଶରେ ଆତ୍ମତୃପ୍ତି ଲାଭ କରିପାରନ୍ତି।

**କନ୍ୟା** ପାରିବାରିକ କ୍ଷେତ୍ରରେ ଆପଣଙ୍କ ଭୁଲ୍ ନିଷ୍ପତ୍ତି ହିଁ ସମସ୍ୟାକୁ ବଢାଇ ଦେଇପାରେ। ପ୍ରିୟ ବ୍ୟକ୍ତିଙ୍କ ପରାମର୍ଶ ନେଇ କାର୍ଯ୍ୟ କଲେ ଉପକୃତ ହେବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ଆପଣ ପାଟି ଖୋଲିଲେ ସହାୟତା କରିବେ। ପାରିପାର୍ଶ୍ୱିକ ଓ ପାରିବାରିକ ପରିସ୍ଥିତି କେତେକାଂଶରେ ଭଲ ରହିବ।

**ତୁଳା** ଅତୀତ ଘଟଣା, ଆର୍ଥିକ ଦୁରବସ୍ଥା ଓ ସାମାନ୍ୟ ଶାରୀରିକ ପୀଡା ରହିବ, କିନ୍ତୁ କାମ ଅଟକିବ ନାହିଁ। ଆକସ୍ମିକ ଭାବେ ଘରେ ବନ୍ଧୁ ମିଳନ ସହିତ ଖୁସିର ଆସର ଜମିପାରେ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ପାଖ ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ।

**ବିଛା** କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢିପାରେ। ଅନ୍ୟମନସ୍କତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ସାମାଜିକ ସ୍ତରରେ ଅସଂଯତ କାର୍ଯ୍ୟକଳାପ ପାଇଁ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହେବେ। ସାହିତ୍ୟ, ସାମ୍ବାଦିକତା, ପ୍ରଶାସନ, ରାଜନୀତି, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ଧନୁ** ଆଜି କର୍ମକ୍ଷେତ୍ରରେ ପ୍ରତିବନ୍ଧକ ମଧ୍ୟରେ କାମ ହାସଲ କରିବାକୁ ପଡିବ। ଅନ୍ୟମାନଙ୍କ କଥାକୁ ସତ ମନେକରି ପଦାଧିକାରୀ ଆପଣଙ୍କ ଉପରେ କ୍ରୋଧ ପ୍ରକାଶ କରିପାରନ୍ତି। ନୂତନ କାର୍ଯ୍ୟାରମ୍ଭରେ ପ୍ରତିବନ୍ଧକ ଯୋଗୁଁ ବିଶେଷ ଅଗ୍ରଗତି ହୋଇପାରିବ ନାହିଁ। ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି କିନ୍ତୁ କିଛି ଅସୁବିଧା ହେବନାହିଁ।

**ମକର** ସାଧାରଣ କଥାରେ ତର୍କବିତର୍କଜନିତ ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିପାରେ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁ ବିଚଳିତ ହୋଇପାରନ୍ତି। ଶୁଭେଚ୍ଛୁଙ୍କ ସାନ୍ନିଧ୍ୟ ଲାଭକରି ସତ୍‌ସଙ୍ଗ ସାଙ୍ଗକୁ ଧର୍ମଚର୍ଚ୍ଚା ପ୍ରତି ମନ ବଳିପାରେ। ହିତୈଷୀ କିମ୍ବା ସ୍ତ୍ରୀଙ୍କ ପରାମର୍ଶ ଓ ସହଯୋଗରୁ ସମସ୍ୟା ସମାଧାନ ହୋଇଯିବ।

**କୁମ୍ଭ** ଆଜି ଦିନଟିରେ ବନ୍ଧୁଙ୍କ ସହଯୋଗ ଆଶା ନିରର୍ଥକ ହେବ ନାହିଁ। ଦୀର୍ଘ ଦିନରୁ ଚିନ୍ତା କରିଥିବା ନୂତନ କର୍ମାରମ୍ଭ କରିପାରନ୍ତି। ସାମାଜିକ ସ୍ତରରେ ଅହେତୁକ ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଅନ୍ୟର ଖଳ ବୁଦ୍ଧିରେ ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବନ୍ଧୁଟି ଭୁଲ୍ ବୁଝିବେ।

**ମୀନ** ଆଜି ଆକସ୍ମିକ ଭାବରେ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ। ପଡୋଶୀ ନିଆଁରେ ଘିଅ ଢାଳିଲା ଭଳି କଥା କହି ପରିସ୍ଥିତିକୁ ବଢାଇ ଦେଇପାରନ୍ତି। ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ, ଫଳରେ କାମ ପ୍ରତି ସ୍ପୃହା ରହିବ ନାହିଁ। ହଠାତ୍ ଜଣେ ବନ୍ଧୁଙ୍କଠାରୁ ଆଶାନୁଯାୟୀ ଅର୍ଥ ସାହାଯ୍ୟ ପାଇବାର ଆଶା ରହିଛି।

ଆଜି ମାର୍ଗଶିର ଶୁକ୍ଳ ନବମୀ ବୁଧବାର, ଡିସେମ୍ବର ୨୩ ତାରିଖ, ରାଶି ନକ୍ଷତ୍ର-ରେବତୀ/ମୀନ, ଧନୁ ରାଶିର ଘାତଚନ୍ଦ୍ର, କର୍କଟ ରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬.୨୧ମି. ଗତେ ଘ.୦୭.୦୪ମି. ମଧ୍ୟେ, ଘ.୦୭.୪୮ମି. ଗତେ ଘ.୦୮.୩୧ମି. ମଧ୍ୟେ, ଘ.୧୦.୪୧ମି. ଗତେ ଘ.୧୨.୫୦ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୦୨ମି. ଗତେ ଘ.୦୬.୫୫ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୭.୦୪ମି. ଗତେ ଘ.୦୭.୪୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ.୧୧.୪୫ମି. ଗତେ ଘ.୦୧.୦୬ମି. ମଧ୍ୟେ ରାହୁକାଳ।

## ଆଜିର ମନ୍ତବ୍ୟ

ଭାଜପା ପଶ୍ଚିମବଙ୍ଗରେ ଦୁଇ ଅଙ୍କ ଟପିଲେ କାମ ଛାଡ଼ିଦେବି। ୨୦୦ ଆସନ ହାସଲ କରି ନ ପାରିଲେ ଭାଜପା ନେତା ଇସ୍ତଫା ଦେବେ କି?

– ପ୍ରଶାନ୍ତ କିଶୋର, ନିର୍ବାଚନ ରଣନୀତିକାର

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୭,୮୦,୦୩,୪୭୪ | ୧୭,୧୫,୨୦୭ | ୫,୪୮,୧୨,୮୫୧ |
| ଭାରତ | ୧,୦୦,୯୪,୮୦୧ | ୧,୪୬,୪୧୪ | ୯୬,୫୬,୮୮୩ |
| ଓଡ଼ିଶା | ୩,୨୬,୯୧୫ | ୧୮୪୩(+୫୩) | ୩,୨୨,୩୪୪ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ଟିକାକରଣ ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୨।୧୨(ବ୍ୟୁରୋ): କୋଭିଡ୍ ଟିକାକରଣ ସହ ବ୍ୟାପକ ସଚେତନତା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ରାଜ୍ୟର ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମଙ୍ଗଳବାର ତାଙ୍କ ଅଧକ୍ଷତାରେ ଲୋକସେବା ଭବନରେ ଟିକାକରଣ ପାଇଁ ଗଠିତ ରାଜ୍ୟ ଷ୍ଟିଅରିଂ କମିଟିର ବୈଠକ ଅନୁଷ୍ଠିତ ହୋଇଥିଲା। ସମସ୍ତ ଜିଲା ଓ ବ୍ଲକ୍‌ସ୍ତରରେ ବ୍ୟାପକ ବ୍ୟବସ୍ଥା କରିବା ସହ ଏହି କାର୍ଯ୍ୟରେ ନିୟୋଜିତ ଥିବା କର୍ମଚାରୀଙ୍କୁ ଠିକ୍ ଭାବେ ତାଲିମ ଦେବା ପାଇଁ କୁହାଯାଇଛି। ଆବଶ୍ୟକ ହେଲେ ବିଭିନ୍ନ ବ୍ଲକକୁ ଯାଇ ସମୟୋଚିତ ଭାବେ ଟିକାକରଣ ପ୍ରସ୍ତୁତିକୁ ଅନୁଧାନ କରିବାକୁ ମହାପାତ୍ର ଜିଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। କାର୍ଯ୍ୟକ୍ରମର ଠିକ୍ ରୂପାୟନ କିପରି ହୋଇପାରିବ ସେ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରି ଜାତୀୟ ସ୍ୱାସ୍ଥ୍ୟ ମିଶନ ଓଡ଼ିଶାର ପରିଚାଳନା ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ସମସ୍ତ କାର୍ଯ୍ୟକର୍ତ୍ତା ଓ କର୍ମଚାରୀଙ୍କୁ ଏହାର ଗୁରୁତ୍ୱପୂର୍ଣ୍ଣ ଦିଗଗୁଡ଼ିକ ସମ୍ପର୍କରେ ବୁଝାଇଥିଲେ। ଏହାଛଡ଼ା ଯେ କୌଣସି ପାର୍ଶ୍ୱ ପ୍ରତିକ୍ରିୟାକୁ ଦକ୍ଷତାର ସହ କିପରି ମୁକାବିଲା କରାଯାଇପାରିବ ତାହା ଉପରେ ମଧ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିଥିଲେ।

### ବିଜେଡିର ଭ୍ରଷ୍ଟାଚାର ବିରୋଧୀ କଥା, ଲଙ୍କାରେ ହରି ଶବ୍ଦ ଭଳି

ଭୁବନେଶ୍ୱର,୨୨।୧୨(ବ୍ୟୁରୋ): ଦୀର୍ଘ ୨୧ ବର୍ଷ ଧରି ଦୁର୍ନୀତିକୁ ପ୍ରୋତ୍ସାହିତ କରିଆସୁଥିବା ବିଜେଡି ସରକାର ବର୍ତ୍ତମାନ ଏହା ବିରୋଧରେ ସ୍ୱର ଉଠାଇବା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ଭାଜପା କଟାକ୍ଷ କରିଛି। ବିଜେଡି ଭ୍ରଷ୍ଟାଚାର ବିରୋଧୀ କଥା କହିବା ଲଙ୍କାରେ ହରିଶବ୍ଦ ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ରାଜ୍ୟ କାର୍ଯ୍ୟାଳୟଠାରେ ମଙ୍ଗଳବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, କେନ୍ଦ୍ର ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ପାଇବା ପାଇଁ ରାଜ୍ୟ ସରକାର ରେଷ୍ଟୁରାଣ୍ଟର ମେନ୍ୟୁ କାର୍ଡ ପରି ଭ୍ରଷ୍ଟାଚାରର ରେଟ୍ ଚାର୍ଟ ତିଆରି କରିଛନ୍ତି। ବିଜେଡି ବିଧାୟକ ଓ ମନ୍ତ୍ରୀମାନେ ଅଜଣା ଲୋକଙ୍କ ନାଁରେ ବେନାମୀ ସମ୍ପତ୍ତି କିଣିବା ଆରମ୍ଭ କରିଥିବା ସେ କହିଛନ୍ତି।

# ବ୍ରିଟେନ୍ ଫେରନ୍ତାଙ୍କୁ ୧୪ଦିନ ସଙ୍ଗରୋଧ

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ବ୍ରିଟେନରେ ଆତଙ୍କ ରଚିଥିବା କରୋନା ଭୂତାଣୁର ନୂଆ ଷ୍ଟ୍ରେନ୍ ଯେପରି ଭାରତ ପ୍ରତି ବିପଦ ସୃଷ୍ଟି ନ କରିବ ସେଥିପାଇଁ କେନ୍ଦ୍ର ସରକାର ବିଭିନ୍ନ ପଦକ୍ଷେପ ନେଇଥିବାବେଳେ ବିଦେଶ ଫେରନ୍ତାଙ୍କ ପାଇଁ ନୂଆ ଗାଇଡ଼ଲାଇନ୍ ଜାରି କରିଛନ୍ତି ରାଜ୍ୟ ସରକାର। ବିଶେଷକରି ବ୍ରିଟେନରୁ ଆସୁଥିବା ଯାତ୍ରୀଙ୍କ ଉପରେ କଡ଼ା ନଜର ରଖିବାକୁ ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ସେ ଭୁବନେଶ୍ୱର ମହାନଗର ନିଗମ କମିଶନର, କ୍ୟାପିଟାଲ ହସ୍ପିଟାଲ ନିର୍ଦ୍ଦେଶକ, ଝାରସୁଗୁଡ଼ା ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଭୁବନେଶ୍ୱର ଓ ଝାରସୁଗୁଡ଼ା ବିମାନବନ୍ଦର ନିର୍ଦ୍ଦେଶକଙ୍କୁ ଚିଠି ଲେଖିଛନ୍ତି। ବ୍ରିଟେନରୁ ଆସି ବିମାନ ବନ୍ଦରରେ ପହଞ୍ଚୁଥିବା ଯାତ୍ରୀଙ୍କର ଆର୍‌ଟି-ପିସିଆର୍ ଟେଷ୍ଟକୁ ବାଧ୍ୟତାମୂଳକ କରାଯାଇଛି। ଗତ ୧୪ଦିନ ଭିତରେ ଯେଉଁମାନେ ବ୍ରିଟେନ୍‌ରୁ ଓଡ଼ିଶା ଫେରିଛନ୍ତି କିମ୍ବା ବ୍ରିଟେନ ହୋଇ ଓଡ଼ିଶା ଆସିଛନ୍ତି, ସେମାନେ ନିଜ ସମ୍ପର୍କରେ ଏକ ଆତ୍ମଘୋଷଣା ପତ୍ର ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷଙ୍କ ନିକଟରେ ଦାଖଲ କରିବେ। ଏଥିସହ ୧୪ ଦିନିଆ ସଙ୍ଗରୋଧରେ ରହିବେ। ଗୃହ ସଙ୍ଗରୋଧରେ ଥିବା ସମୟରେ କରୋନା ଲକ୍ଷଣ ଦେଖାଦେଲେ ସମ୍ପୃକ୍ତ ବ୍ୟକ୍ତିଙ୍କର ଆର୍‌ଟିପିସିଆର ଟେଷ୍ଟ ହେବ। ପଜିଟିଭ ଚିହ୍ନଟ ହେଲେ ତାଙ୍କୁ ହସ୍ପିଟାଲ ସଙ୍ଗରୋଧରେ ରହି ଗାଇଡ଼ଲାଇନ ଅନୁସାରେ ଚିକିତ୍ସିତ ହେବାକୁ ପଡ଼ିବ। ବ୍ୟକ୍ତି ଜଣକ ଯଦି ନେଗେଟିଭ ଚିହ୍ନଟ ହୁଅନ୍ତି, ତେବେ ବି ୧୪ ଦିନ ପର୍ଯ୍ୟନ୍ତ ଗୃହ ସଙ୍ଗରୋଧରେ ରହିବାକୁ ହେବ। ଏହା ଉପରେ ପଦକ୍ଷେପ ଗ୍ରହଣ କରିବାକୁ ମହାପାତ୍ର ଉକ୍ତ ଚିଠିରେ ଉଲ୍ଲେଖ କରିଛନ୍ତି। ବର୍ତ୍ତମାନ ଓଡ଼ିଶାରେ କରୋନା ସଂକ୍ରମଣ କମିଛି। ପଜିଟିଭ୍ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଛି। କିନ୍ତୁ ବ୍ରିଟେନ୍‌ରେ ନୂଆ ଷ୍ଟ୍ରେନର କରୋନା ଭାଇରସ ପୂର୍ବାପେକ୍ଷା ୭୦ ପ୍ରତିଶତରୁ ଅଧିକ ମାତ୍ରାରେ ସଂକ୍ରମିତ ହେଉଥିବାରୁ ରାଜ୍ୟ ସରକାର ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି। ତେଣୁ ଏହାକୁ ଗୁରୁତ୍ୱ ନେଇ ଆଗୁଆ ଆବଶ୍ୟକ ପଦକ୍ଷେପ ନେବା ପାଇଁ କୁହାଯାଇଛି। ସୂଚନାଯୋଗ୍ୟ, ସୋମବାର ଭାରତ ସମେତ ଅନେକ ଦେଶ ବ୍ରିଟେନରୁ ବିମାନ ଚଳାଚଳକୁ ବାତିଲ କରିଛନ୍ତି।

**ରାଜ୍ୟ ସରକାରଙ୍କ ନୂଆ ଗାଇଡ୍‌ଲାଇନ୍**
- ବିମାନବନ୍ଦରରେ ଆର୍‌ଟିପିସିଆର୍ ଟେଷ୍ଟ ବାଧ୍ୟତାମୂଳକ
- ସ୍ୱାସ୍ଥ୍ୟ ବିଭାଗକୁ ଆତ୍ମଘୋଷଣା ପତ୍ର ଲେଖିବେ ବ୍ରିଟେନ ଫେରନ୍ତା

# ବିଜେଡି ପ୍ରତିଷ୍ଠା ଦିବସ ପୂର୍ବରୁ କର୍ମକର୍ତ୍ତାଙ୍କୁ ନବୀନଙ୍କ ଚିଠି

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ଆସନ୍ତା ୨୬ରେ ବିଜୁ ଜନତା ଦଳ ୨୪ତମ ପ୍ରତିଷ୍ଠା ଦିବସ ପାଳନ କରିବ। ଏହି ଅବସରରେ ରାଜ୍ୟବାସୀଙ୍କର ଦଳ ଉପରେ ରହିଥିବା ଆସ୍ଥା ବଜାୟ ରଖିବା, ଜନସସେବାକୁ ରାଜନୀତିର ମୂଳମନ୍ତ୍ର ଭାବେ ଗ୍ରହଣ କରି କାମ କରିବାକୁ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତୃଣମୂଳ ସ୍ତରରୁ ଆରମ୍ଭ କରି ଶୀର୍ଷସ୍ତରର ନେତାଙ୍କୁ ଆହ୍ୱାନ ଦେଇଛନ୍ତି। ଓଡ଼ିଶାବାସୀଙ୍କ ସେବାରେ ପୁନଃ ସମର୍ପିତ କରି ରାଜ୍ୟ ପାଇଁ ନିଜର ପ୍ରତିବଦ୍ଧତା ଦୋହରାଇବା ଏବଂ ସମସ୍ତେ କୋଭିଡ୍ ନିୟମ ମାନି ସଂକ୍ରମଣରୁ ଦୂରେଇ ରହିବାକୁ ନବୀନ ମଙ୍ଗଳବାର ବିଜେଡିର ସମସ୍ତ ରାଜ୍ୟ କର୍ମକର୍ତ୍ତା, ଜିଲା ପର୍ଯ୍ୟବେକ୍ଷକ, ଏମ୍‌ପି, ବିଧାୟିକା, ବିଧାୟକ, ଜିଲା ସଭାପତି, ପ୍ରମୁଖ ଦଳୀୟ ସଂଗଠନ ରାଜ୍ୟ ସଭାପତି, ବ୍ଲକ ଓ ନଗର ସଭାପତିଙ୍କୁ ନବୀନ ଚିଠି ଲେଖିଛନ୍ତି। ରାଜ୍ୟବାସୀଙ୍କ ସେବାରେ ନିଜକୁ ଗତ ୨୩ ବର୍ଷ ଧରି ଉତ୍ସର୍ଗ କରିଆସିଥିବା ଏକ ଆଞ୍ଚଳିକ ଦଳ ପାଇଁ ଏହା କମ୍ ଗୌରବର ବିଷୟ ନୁହେଁ। ନବୀନ କହିଛନ୍ତି, କୋଭିଡ୍ ମହାମାରୀ ପରିସ୍ଥିତିରେ କର୍ମକର୍ତ୍ତାମାନେ ଯେଭିଳି ଧୈର୍ଯ୍ୟ, ତ୍ୟାଗ, ନିଷ୍ଠା ଏବଂ ଉତ୍ସର୍ଗୀକୃତ ସେବା ମନୋଭାବ ପ୍ରଦର୍ଶନ କରିଛନ୍ତି, ସେଥିପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଧନ୍ୟବାଦ ଦେଇଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରାଜ୍ୟର କୋଭିଡ୍ ପରିଚାଳନାକୁ ସମଗ୍ର ବିଶ୍ୱରେ ଜନ ସହଯୋଗ ଏବଂ ଅଭୂତପୂର୍ବ ଉଦାହରଣ ଭାବେ ଅଭିହିତ କରି ଓଡ଼ିଶାବାସୀଙ୍କ ସହଯୋଗର ଭୂୟଶୀ ପ୍ରଶଂସା କରିଛନ୍ତି। କୋଭିଡ୍ ସଂକ୍ରମିତଙ୍କ ଟେଷ୍ଟିଂଠାରୁ ଚିକିତ୍ସା ପର୍ଯ୍ୟନ୍ତ ସବୁ ଖର୍ଚ୍ଚ ରାଜ୍ୟ ସରକାର ବହନ କରିବା ସହିତ ସଂକ୍ରମଣରୁ ସର୍ବାଧିକ ଲୋକଙ୍କୁ ସୁସ୍ଥ କରିବା ଏବଂ ମୃତ୍ୟୁ ହାରକୁ ସର୍ବନିମ୍ନ ସ୍ତରରେ ସୀମିତ ରଖିବାରେ ଓଡ଼ିଶା ଦେଶର ଅଗ୍ରଣୀ ରାଜ୍ୟ ହୋଇପାରିଛି।

ଓଡ଼ିଶାର ଜନସାଧାରଣଙ୍କ ଅକୁଣ୍ଠ ସମର୍ଥନରେ ବିଜୁବାବୁଙ୍କ ନୀତି ଓ ଆଦର୍ଶରେ ଗଠିତ ଏହି ଆଞ୍ଚଳିକ ଦଳ ଓଡ଼ିଶାବାସୀଙ୍କ ଆଶା ଆକାଂକ୍ଷାକୁ ପୂରଣ କରିବା ପାଇଁ ନିରନ୍ତର ଉଦ୍ୟମ ଜାରିରଖିଛି। ଦଳର କର୍ମକର୍ତ୍ତା ତଥା ଗାଁରୁ ସହର ସବୁଠି ଲୋକସେବାରେ ନିୟୋଜିତ ଅଗଣିତ କର୍ମୀଙ୍କ ନିଷ୍ଠା, କଠିନ ପରିଶ୍ରମ ଓ ତ୍ୟାଗ ବିଜୁ ଜନତା ଦଳକୁ ଲୋକଙ୍କ ନିକଟତର କରିପାରିଛି। ବର୍ଷସାରା ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମ, ସମାଜ କଲ୍ୟାଣ କାର୍ଯ୍ୟକ୍ରମ ଏବଂ ଲୋକସେବା ମାଧ୍ୟମରେ ରାଜ୍ୟବାସୀଙ୍କ ଆସ୍ଥାଭାଜନ ହୋଇପାରିଛି। ଦଳୀୟ ଏକତା, ଶୃଙ୍ଖଳା ବଜାୟ ରଖି ତ୍ୟାଗ ଏବଂ ନିଷ୍ଠାର ସହିତ ଓଡ଼ିଶାବାସୀଙ୍କ ସେବାରେ ନିଜକୁ ପୂର୍ଣ୍ଣ ପ୍ରାଣରେ ସମର୍ପିତ କରିବା ହିଁ ହେବ ଏହି ପ୍ରତିଷ୍ଠା ଦିବସରୁ ଆଗାମୀ ଦିନ ପାଇଁ ଦଳୀୟ କାର୍ଯ୍ୟକ୍ରମ ଖସଡ଼ା। ପ୍ରତିଷ୍ଠା ଦିବସ ରାଜ୍ୟସ୍ତରରେ ଓ ପ୍ରତ୍ୟେକ ନିର୍ବାଚନ ମଣ୍ଡଳୀ ସ୍ତରରେ ପାଳନ ହେବ।

# କିନ୍ନରଙ୍କୁ କଲେ ଜୀବନସାଥୀ

ଅନୁଗୋଳ ଅଫିସ,୨୨।୧୨

୫ ବର୍ଷ ତଳୁ ଭଲ ପାଉଥିବା କିନ୍ନରଙ୍କୁ ମଙ୍ଗଳବାର ଜୀବନସାଥୀ କରିଛନ୍ତି ଜଣେ ଯୁବକ। ଏହି ଚର୍ଚ୍ଚିତ ବିବାହ ହୋଇଛି ଅନୁଗୋଳ ସହରସ୍ଥିତ ମା' ବୁଢ଼ୀ ଠାକୁରାଣୀ ମନ୍ଦିରରେ। ଉଭୟଙ୍କ ପରିବାରରୁ କେହି ଉପସ୍ଥିତ ନ ଥିଲେ ମଧ ଜିଲା କିନ୍ନର ମହାସଂଘ ସଭାପତି, ଉପସଭାପତି ତଥା ଅନ୍ୟ ସଦସ୍ୟମାନଙ୍କ ଗହଣରେ ଏହି ନିଆରା ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି।

ଅନୁଗୋଳ କିନ୍ନର ମହାସଂଘ ପକ୍ଷରୁ କୁହାଯାଇଛି ଯେ, ବଁଅରପାଳ ବ୍ଲକର କିନ୍ନର ଚିନୁ ସାମଲଙ୍କୁ ଦୀର୍ଘ ୫ ବର୍ଷ ହେଲା କଣିହାଁ ଅଞ୍ଚଳର ବବ୍‌ଲୁ ପ୍ରେମ କରୁଥିଲେ। ଏପରି କି ଦୁହେଁ ଏକାଠି ରହି ଆସୁଥିଲେ। ବିବାହ ପାଇଁ ଉଭୟ ସ୍ଥିର କରିଥିବାରୁ ଏଥିରେ ସେମାନଙ୍କ ଘର ଲୋକେ ସହମତ ହୋଇଥିଲେ। ତେଣୁ ବୁଢ଼ୀ ଠାକୁରାଣୀ ମନ୍ଦିରରେ ବିବାହ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା। କିନ୍ନର ସଂଘର କର୍ମକର୍ତ୍ତାମାନେ ସେଠାରେ ପହଞ୍ଚିଥିଲେ ମଧ ଚିନୁ ଓ ବବ୍‌ଲୁଙ୍କ ପରିବାରରୁ କେହି ଜଣେ ହେଲେ ଆସି ନ ଥିଲେ। ତେବେ ମା'ଙ୍କୁ ସାକ୍ଷୀ ରଖି ଉଭୟ ବିବାହ ବନ୍ଧନରେ ବାନ୍ଧି ହୋଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।


ମନ୍ଦିରରେ ବିବାହ କରୁଛନ୍ତି ଚିନୁ ଓ ବବ୍‌ଲୁ।

POST COVID OPPORTUNITY : Be an Entrepeneur. Work From Home.
Be an Owner of ATMANIRBHAR KENDRA Powered by KSPL
Time is Money. Enormous Scope !!! Unlimited Earning Possiblities....
APPLY WITHIN 7 DAYS : Opportunity exists for Opening of New ATMANIRBHAR KENDRA in All District HQs and All Blocks of Odisha. Immediate requirement for All Coastal Districts Block H.Q.including GP Level for openingof ATMANIRBHAR KENDRA.
Qualification : Graduate Or Diploma.
OCTOTHORP MARKETING SERVICES UNLIMITED
150 - SAHIDNAGAR, BHUBANESWAR - 751007
Mob . 9938844566 / 7815064521
Mail-ID : sales.octothorp@gmail.com

ଅର୍ଶ କୁଣ୍ଡିଆ, ବ୍ୟଥା, ଜ୍ୱାଳା, ରକ୍ତଯୁକ୍ତ ଭାତୁଡ଼ି ଓ କୋଷ୍ଠକାଠିନ୍ୟର ଉପଯୁକ୍ତ ଆୟୁର୍ବେଦିକ ସମାଧାନ
JOLLY ଭାସିର ଜେଲ୍ ଓ କ୍ୟାପ୍‌ସୁଲ
ପ୍ରତ୍ୟେକ ମେଡିକାଲ ଷ୍ଟୋର୍‌ରେ ଉପଲବ୍ଧ। Helpline» 0161-520-1588

RECRUITMENT
Odisha's # 1 Bakery (Pyaris Bakery) chain looking for CLUSTER MANAGERS & OUTLET MANAGERS. Candidates must have min. 3 yrs. exp. in FMCG Sector. Rush your CV to
hr.pyarisbakery@gmail.com

ସାଇଟ୍ ସୁପରଭାଇଜର ଆବଶ୍ୟକ
କୋଲକାତା ଭିତ୍ତିକ ଏକ ରାସ୍ତା ନିର୍ମାଣ କମ୍ପାନୀ ପଶ୍ଚିମବଙ୍ଗରେ ତାହାର ବିଭିନ୍ନ ସାଇଟ୍ ପାଇଁ କେତେଜଣ ସାଇଟ୍ ସୁପରଭାଇଜର ଆବଶ୍ୟକ କରୁଛି । ଦରମା ଏହି ଉଦ୍ୟୋଗର ମାନଦଣ୍ଡ ଅନୁଯାୟୀ ଦିଆଯିବ। ରାସ୍ତା ନିର୍ମାଣରେ ଅତି କମ୍‌ରେ 5 ବର୍ଷର ଅଭିଜ୍ଞତା ଜରୁରୀ । କୋଲକାତାରେ ବ୍ୟକ୍ତିଗତ ସାକ୍ଷାତକାର ପାଇଁ ଏହି ବିଜ୍ଞାପନ ପ୍ରକାଶନର 10 ଦିନ ମଧ୍ୟରେ 7003804783କୁ କଲ୍ କରନ୍ତୁ ।

WALK-IN-INTERVIEW
For FIELD COLLECTION EXECUTIVE.
Age: Below 35 Yrs. Minimum Matriculation. All Odisha for TVS Credit Service Limited. Freshers are Welcome.
Interview: (Saturday - Friday) at:
CREATIVE PLAZA BUILDING
2nd Floor, Rasulgarh, BBSR
Mob.: 7008554897

MARUTI SUZUKI ARENA
5 ଅତିସୁନ୍ଦର କାରଣ
ଏହି ଡିସେମ୍ବରରେ ଆପଣଙ୍କର ମାରୁତି ସୁଜୁକୀ କାର ଘରକୁ ଆଣିବା ପାଇଁ ।
• ମୂଲ୍ୟ ବଢ଼ିବା ପୂର୍ବରୁ କିଣନ୍ତୁ • ବର୍ଷର ଅତିସୁନ୍ଦର ଇୟର-ଏଣ୍ଡ ଅଫର୍ସ • 100% ଅନ୍-ରୋଡ଼ ଫାଇନାନ୍ସ
• ସର୍ବଶ୍ରେଷ୍ଠ ଏକ୍ସଚେଞ୍ଜ ମୂଲ୍ୟ • ବର୍ଷର ଅତିସୁନ୍ଦର ଇୟର-ଏଣ୍ଡ ଏକ୍ସଚେଞ୍ଜ ବୋନସ
Maruti Suzuki India to hike price from January.
The Time of India | New Delhi
New Delhi: Car market leader Maruti Suzuki India on Wednesday said it will increase prices of its vehicle from January to offset the adverse impact of rising input costs. Over the past year, cost of the company's vehicles has been impacted adversely due to increase in various input costs, Maruti Suzuki India said in a regulatory filing.



BIG SAVINGS ALTO ₹56 000* WAGONR ₹29 000* CELERIO ₹51 000*
9 DAYS LEFT
ALTO WAGONR CELERIO
E-book today at www.marutisuzuki.com or visit your nearest Maruti Suzuki dealership | All Maruti Suzuki vehicles now available under CSD & CPC | For bulk orders, mail at: Pradosh.Jena@maruti.co.in

NARAYANI MOTORS
BHUBANESHWAR: 9583022019, 9583022012, 9583022013. NIMAPARA: 7381093626
JAGATSINGHPUR: 9583022090
PARADEEP: 9583022034/48 PURI: 9583022035.

TUSHI MOTORS
CUTTACK: 9078076450.

SKY AUTOMOBILES
BHUBANESWAR: 9776645711.
CUTTACK: 9776677771, 7381873818.
DHENKANAL: 9776900005.
JAJPUR: 9776900777.

JYOTE MOTORS
BHUBANESWAR: LEWIS ROAD: 9798190190. NAYAPALLI: 9798190190.
KEONJHAR: 9798190190. BARIPADA: 9798190190.
BHADRAK: 9798190190. NAYAGARH: 9798190190.
BALASORE: 9798190190.

ODYSSEY MOTORS
ANGUL: 7752076136, 9776901481.
PALLAHARA: 7873565435, 9437831123.

*Offer includes consumer offer, exchange offer and institutional/rural offer (wherever applicable) on selected models/variants. Above mentioned savings amount is the value of maximum savings on selected models. Terms and conditions apply. Finance scheme details mentioned in the advertisement are at the sole discretion of financier and terms and conditions as specified by the financier shall apply. Credit at sole discretion of Bank. Terms & Conditions apply. The terms and conditions are subject to change without any prior notice. All offers are brought to you by Maruti Suzuki dealers only. Offers may vary from variant to variant. All offers shown are valid for limited period & for limited stock only. For more details, please contact your nearest ARENA dealership. Accessories and features shown in the pictures may not be a part of the standard equipment and may vary according to the variant. Colors shown may vary from actual body colors due to printing on paper. Images used are for illustration purposes only. Maruti Suzuki India Limited reserves the right to discontinue offers without notice. This article is published in The Times of India. Above offers are valid till 31st December, 2020.

ମଣିଷ ଯାହାକୁ ପାପ ବୋଲି କହେ- ତାକୁ ତୁମେ ପାପ ବୋଲି ଭାବନାହିଁ। କେବଳ ଭଗବାନ ଯାହାକୁ ପ୍ରତ୍ୟାଖ୍ୟାନ କରନ୍ତି- ତୁମେ ବି ତାକୁ ପ୍ରତ୍ୟାଖ୍ୟାନ କର। ପୁଣି ମଣିଷ ଯାହାକୁ ଶ୍ରେୟ ବୋଲି କହେ- ତୁମେ ତାକୁ ଶ୍ରେୟ ମନେକର ନାହିଁ। କେବଳ ଭଗବାନ ଯାହା ଗ୍ରହଣ କରନ୍ତି- ତୁମେ କେବଳ ତାକୁ ଇ ଗ୍ରହଣ କର।। -ଶ୍ରୀଅରବିନ୍ଦ



# ଲୋକଚରିତ୍ର ମୂଳ

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୧ ଡିସେମ୍ବରରେ ଦୁର୍ନୀତି ବିରୋଧରେ ଡାକରା ଦେଇ କହିଛନ୍ତି ଯେ, ସରପଞ୍ଚଙ୍କଠାରୁ ମୁଖ୍ୟମନ୍ତ୍ରୀ ଏବଂ ତଳ ସ୍ତରର ସରକାରୀ କର୍ମଚାରୀଙ୍କଠାରୁ ମୁଖ୍ୟ ଶାସନ ସଚିବ ସମସ୍ତେ ସମ୍ପତ୍ତି ତାଲିକା ଦେବେ। ଏସବୁ ଲୋକାୟୁକ୍ତଙ୍କ ନିକଟରେ ଦାଖଲ କରାଯିବ ଓ ଜନସାଧାରଣଙ୍କ ସୂଚନା ନିମନ୍ତେ ପ୍ରକାଶ କରାଯିବ। ଦୁର୍ନୀତି ନିବାରଣ ଦିଗରେ ମୁଖ୍ୟମନ୍ତ୍ରୀଙ୍କ ଏଭଳି ପଦକ୍ଷେପ ସ୍ୱାଗତଯୋଗ୍ୟ। କିନ୍ତୁ ଏହାକୁ ସକାରାତ୍ମକ ଭାବେ ଗ୍ରହଣ କରି ଠିକ୍ ତଥ୍ୟ କେତେ ଜଣ ଦେବେ ତାହା ବଡ଼ କଥା। କାରଣ ଜଣେ ଦୁର୍ନୀତିଗ୍ରସ୍ତ ସାଧାରଣରେ ନିଜ ନାମରେ ସମ୍ପତ୍ତି କରେ ନାହିଁ। ପ୍ରୋହିବିଶନ ଅଫ୍ ବେନାମୀ ପ୍ରପର୍ଟି ଟ୍ରାଞ୍ଜାକ୍ସନ୍ ଆକ୍ଟ ପ୍ରଥମେ ୧୯୮୮ରେ ହୋଇଥିଲା। ତା'ପରେ ଅନେକ ଥର ସେଥିରେ ସଂଶୋଧନ ଅଣାଯାଇଥିଲା, ଯାହାର ଶେଷ ସଂଶୋଧନ ୨୦୧୬ରେ ହେଲା। ତଥାପି ଭାରତରେ ବେନାମୀ ସମ୍ପତ୍ତି ଲାଞ୍ଜୁଡ଼ ଛୁଇଁବାରେ ସରକାରୀ କଳ ସଫଳ ହୋଇପାରି ନାହିଁ। ସେଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏହି ପଦକ୍ଷେପ କେତେଦୂର ସଫଳ ହୋଇପାରିବ ତାହା ଏବେଠାରୁ କହିବା କଷ୍ଟକର।

ସାଧାରଣତଃ ଲୋକେ କହିଥାଆନ୍ତି ନେତା ଓ ସରକାରୀ କର୍ମଚାରୀ ଦୁର୍ନୀତିଗ୍ରସ୍ତ। ସେମାନଙ୍କ ନିକଟରେ କ୍ଷମତା ଥିବାରୁ ତାହାର ଦୁରୁପଯୋଗ କରୁଛନ୍ତି। ଦୁର୍ନୀତିଗ୍ରସ୍ତଙ୍କୁ ଦଣ୍ଡ ଦିଆଯିବା ଦରକାର। ଜନସାଧାରଣଙ୍କ ଏହି ଘସରା କଥା ବାରମ୍ବାର ଶୁଣିବା ପରେ ମନରେ ପ୍ରଶ୍ନ ଆସୁଛି, ଏମାନଙ୍କୁ କିଏ ଦୁର୍ନୀତି କରିବାରେ ସହଯୋଗ କରନ୍ତି। ଜମି ବିକି ପୁଅ କିମ୍ବା ଝିଅ ପାଇଁ ଚାକିରି ଖଣ୍ଡେ କରିଦେବା ଲାଗି ଲୋକେ ନେତାଙ୍କ ପାଖରେ ପହଞ୍ଚିଯାଆନ୍ତି। ସମସ୍ତେ ଭାବନ୍ତି ସେହି କ୍ଷୁଦ୍ର ଅର୍ଥକୁ ନେଇ ନେତାଗଣ ଦୁର୍ନୀତିଗ୍ରସ୍ତ ହୁଅନ୍ତି। ବାସ୍ତବ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ। ତୃଣମୂଳ ସ୍ତରରୁ ଦୁର୍ନୀତି ଆରମ୍ଭ ହୋଇଥାଏ। ଥାନା ଇନ୍‌ଚାର୍ଜ କିମ୍ବା ବିଡିଓ ସର୍ବନିମ୍ନ ସ୍ତରରୁ ଦୁର୍ନୀତି କରି ନିଜର ଭାଗ ରଖି ଉପରପାହ୍ୟା ଅଫିସରଙ୍କୁ ଅର୍ଥ ଓ ବିଭିନ୍ନ ପ୍ରକାର ସୁବିଧା ଯୋଗାଇ ଥାଆନ୍ତି। ଆର୍ଥିକ ଦୁର୍ନୀତିର ଏହା ହେଉଛି ପ୍ରଥମ ପାହାଚ। କିନ୍ତୁ ଏହାଠାରୁ ଅଧିକ ଶକ୍ତିଶାଳୀ ପାହାଚ ହେଉଛି ଶିଳ୍ପପତି, ଖଣି ମାଲିକ ଏବଂ ବ୍ୟବସାୟୀଙ୍କ କାମ କରାଇଦେବା ପାଇଁ ସଂଗୃହୀତ ହେଉଥିବା ବିପୁଳ ଅର୍ଥ। ବଡ଼ ଧନ ଯାଚି କାର୍ଯ୍ୟ ହାସଲ କରିବାକୁ ଇଚ୍ଛୁକ ଖଣି ମାଲିକ ବା ଶିଳ୍ପପତି କେବେହେଲେ ପ୍ରଥମେ ରାଜନେତାଙ୍କ ପାଖକୁ ଯାଆନ୍ତି ନାହିଁ। ସର୍ବନିମ୍ନ ସ୍ତରରୁ ପ୍ରସ୍ତୁତ କରାଯାଉଥିବା ସରକାରୀ ଡକ୍ୟୁମେଣ୍ଟ ବା ଫାଇଲ୍ ତାଙ୍କର ସୁବିଧାକୁ ଦୃଷ୍ଟିରେ ରଖି ତିଆରି କରାଯିବା ପାଇଁ ଅର୍ଥର ଝରଣା ବୋହିବାକୁ ଆରମ୍ଭ କରେ। ଅମଲାତନ୍ତ୍ରର ସହଯୋଗକୁ ହାସଲ କରିବା ହେଉଛି ବଡ଼ ବ୍ୟବସାୟୀଙ୍କ ମୂଳ ଲକ୍ଷ୍ୟ। ସେହି ଫାଇଲ ଓ କାଗଜପତ୍ର ସଚିବଙ୍କ ପାଖରେ ପହଞ୍ଚିଲା ବେଳକୁ ସମସ୍ତଙ୍କ ହାତରେ ମିଠାସିରା ଲାଗିସାରିଥାଏ। ସଚିବ ସର୍ବୋଚ୍ଚରେ ଥାଇ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ସମ୍ପୃକ୍ତ ମନ୍ତ୍ରୀଙ୍କ ଦସ୍ତଖତ ଆଣିବାର ଦାୟିତ୍ୱ ନେଇଥାଆନ୍ତି। ଏହା କେବଳ ଗୋଟିଏ ରାଜ୍ୟର କାହାଣୀ ନୁହେଁ, ସମଗ୍ର ଦେଶରେ ଏହି ବ୍ୟବସ୍ଥା ଚାଲିଆସୁଛି। ଏହାକୁ ଭାଙ୍ଗିବା ପାଇଁ କାହାରି ଶକ୍ତି ନାହିଁ। ଫଳରେ ସଚିବ ଫାଇଲକୁ ନେଇ ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀଙ୍କ ପାଖରେ ପହଞ୍ଚନ୍ତି। ଦେଖିବାକୁ ଗଲେ ରାଜନେତାଙ୍କ ଭାଗ ଅମଲାତନ୍ତ୍ରୀଙ୍କ ଭାଗଠାରୁ ଯଥେଷ୍ଟ କମ୍। ଏହିଭଳି ଅମଲାତନ୍ତ୍ରୀ ଓ ମନ୍ତ୍ରୀଙ୍କ ଭୂମିକାର ଉଦାହରଣ ଭାରତର ଟେଲିକମ୍ (୨ଜି) ଓ କୋଇଲା ବ୍ଲକ୍ ଆବଣ୍ଟନ ଘଟଣାରେ ପଦାରେ ପଡ଼ିଥିଲା। ସ୍ୱାଧୀନତାଠାରୁ ଆଜି ପର୍ଯ୍ୟନ୍ତ ଏହିଭଳି ନାଟକ ସବୁଠାରେ ଚାଲିଛି। ରାଜନେତା ଆସନ୍ତି ଓ ଚାଲିଯାଆନ୍ତି। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀ ବଦଳି ଯାଆନ୍ତି ; ରହିଯାଆନ୍ତି କେବଳ ଅମଲାତନ୍ତ୍ରୀ। ତେବେ ଜନସାଧାରଣ ସେହି ଅମଲାତନ୍ତ୍ରୀଙ୍କୁ ଦେଖନ୍ତି ନାହିଁ, ସେଥିପାଇଁ ସେମାନଙ୍କ ଭୂମିକା ଜାଣନ୍ତି ନାହିଁ। ଲୋକ ପ୍ରତିନିଧି ଯେହେତୁ ପାଖକୁ ଆସୁଥାଆନ୍ତି ସେହେତୁ 'ମାର୍ ମାର୍ ଭଣ୍ଡାରିଆକୁ ମାର୍' ନୀତିରେ ସେ ଧରାପଡ଼ନ୍ତି। ଅମଲାତନ୍ତ୍ରର ସକ୍ରିୟ ସହଯୋଗ ବିନା ଭାରତରେ ଦୁର୍ନୀତି କରିବା ଅସମ୍ଭବ।

ଲୋଭ ହେଉଛି ମଣିଷର ଚରିତ୍ର। ଯେତେଦିନ ଲୋଭ ଅଛି ସେତେଦିନ ଯାଏ ଦୁର୍ନୀତି ରହିବ। ସେଭଳି ଚରିତ୍ରକୁ ମୂଳପୋଛ କରିବା ସମ୍ଭବପର ନୁହେଁ। ସାଧାରଣରେ ସବୁବେଳେ ଲାଞ୍ଚ ନେଉଥିବା ବ୍ୟକ୍ତିକୁ ଅଙ୍ଗୁଳି ନିର୍ଦ୍ଦେଶ କରାଯାଏ। ଦେଉଥିବା ଲୋକ ସର୍ବଦା ଖସିଯାଏ। ଯଦି କେହି ଦାତା ନ ଥିବେ, ତେବେ ନବା ଲୋକର ଭୂମିକା ରହିବ ନାହିଁ। ଦୁର୍ନୀତି ନିବାରଣ ପାଇଁ ଆନ୍ନା ହାଜାରେଙ୍କ ଲୋକପାଳ ହେଉ କିମ୍ବା କୌଣସି ଆଇନ ହେଉ, ସବୁର ମୂଳମନ୍ତ୍ର ଭାବେ ଲୋକଚରିତ୍ର ରହିଲା। ସେଥିରେ ପରିବର୍ତ୍ତନ ଆସିଲେ ପରିସ୍ଥିତିରେ ସୁଧାର ଆସିବ। ତା' ନ ହେବା ପର୍ଯ୍ୟନ୍ତ ଦୁର୍ନୀତି ସହିତ ସାଲିସ ଚାଲିଥିବ।

## ୨୫ ବର୍ଷ ତଳର ଧରିତ୍ରୀ

**୨୩ ଡିସେମ୍ବର ୧୯୯୫**

- ଇଜିପ୍ଟର ରାଜଧାନୀ କାଏରୋର ଦକ୍ଷିଣକୁ ଅବସ୍ଥିତ ଏଲ୍ ବାଦ୍ରାଶିନ୍ ଇଲାକାରେ ଦୁଇଟି ଟ୍ରେନ ପରସ୍ପର ସହିତ ଧକ୍କା ହେବା ଫଳରେ ୭୫ ଯାତ୍ରୀ ମୃତ
- ଯୁବରାଜ ଚାର୍ଲସ ପତ୍ନୀ ଡାଏନାଙ୍କୁ ଛାଡ଼ପତ୍ର ଦେବା ପରେ ପୁନର୍ବିବାହ କରିବେ ନାହିଁ ବୋଲି ଘୋଷଣା କରିଛନ୍ତି।
- ଜଳସଂପଦ ପ୍ରକଳ୍ପ ପାଇଁ ଓଡ଼ିଶାକୁ ବିଶ୍ୱବ୍ୟାଙ୍କର ୧୦୪୦ କୋଟି ସହାୟତା।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | | 7 | C | 8 | | | | | D | | | | | A |
| | | 3 | 1 | 4 | A | 2 | | | | | 0 | | 7 | E |
| | | 2 | | | | | | | 4 | | 6 | | | |
| | 0 | | | E | | | | A | 1 | 5 | 2 | | | B |
| 8 | | | | | 0 | B | | 7 | | | | 2 | | |
| 9 | 7 | | 4 | | | | | | 8 | | | | E | D |
| A | | | 7 | | | | | 3 | | | | 1 | | 8 |
| | E | | | | | | 5 | 4 | | | | | | |
| | | | | 3 | | 8 | | B | | | | | 9 | 0 |
| | | 4 | | 1 | | | D | | | 2 | | | | |
| | 6 | | D | | | | | E | | | | | A | |
| | | | 8 | 0 | | 1 | | | 9 | | | E | | 2 |
| 2 | 9 | B | | 6 | 1 | | | | | | 3 | | | |
| | C | D | | | 9 | 0 | 8 | | 2 | | | | B | 3 |
| 1 | | | | | E | 9 | A | D | | | B | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 9 | 2 | 3 | E | 1 | 8 | 0 | B | C | 4 | 7 | 5 | D | 6 | A |
| 8 | E | 0 | 9 | 5 | 3 | 7 | 1 | A | 2 | 6 | D | B | 4 | C |
| 6 | A | 4 | 7 | C | 2 | E | 8 | D | 3 | 9 | B | 0 | 5 | 1 |
| 5 | 1 | 7 | D | B | 4 | 2 | 3 | 6 | A | C | 0 | 9 | E | 8 |
| C | B | D | 6 | A | 0 | 9 | 5 | 4 | 1 | 8 | E | 2 | 7 | 3 |
| A | D | 6 | B | 8 | 5 | 4 | 7 | 1 | 0 | E | 9 | 3 | C | 2 |
| B | 3 | 5 | 4 | 0 | 9 | 6 | C | E | 7 | 2 | 8 | 1 | A | D |
| 0 | 8 | C | 1 | D | 7 | 3 | 2 | 9 | 5 | 4 | A | E | B | 6 |
| 2 | 7 | E | C | 6 | A | B | 0 | 5 | D | 1 | 3 | 8 | 9 | 4 |
| 4 | 9 | 1 | 3 | 2 | E | A | D | 8 | 6 | B | C | 7 | 0 | 5 |
| D | C | 9 | A | 7 | 1 | 5 | E | 2 | 8 | 0 | 4 | 6 | 3 | B |
| 3 | 0 | 8 | 5 | E | D | C | 6 | 7 | B | A | 2 | 4 | 1 | 9 |
| 1 | 5 | A | 2 | 9 | 6 | D | 4 | B | E | 3 | 7 | C | 8 | 0 |
| E | 6 | 2 | 0 | 4 | B | 8 | 9 | 3 | C | 5 | 1 | A | D | 7 |
| 7 | 4 | B | 8 | 3 | C | 1 | A | 0 | 9 | D | 6 | 5 | 2 | E |

ଗତକାଲିର ଉତ୍ତର

# ତମାଖୁମୁକ୍ତ କଲେଜ କ୍ୟାମ୍ପସ୍



ଡ. ମନୋରଞ୍ଜନ ପ୍ରଧାନ

ଗୋଟିଏ ଦେଶର ଭାଗ୍ୟ ଓ ଭବିଷ୍ୟତ ତା'ର ଯୁବସମାଜ ଉପରେ ବିଶେଷଭାବେ ନିର୍ଭରଶୀଳ। ତେଣୁ ଯୁବଶକ୍ତିକୁ ରାଷ୍ଟ୍ରଶକ୍ତି ବୋଲି କୁହାଯାଏ। ଭାରତ ବିଶ୍ୱର ଏକ ଯୁବରାଷ୍ଟ୍ର, ଯାହାର ପ୍ରାୟ ପଞ୍ଚଷଠି ପ୍ରତିଶତ ଜନସଂଖ୍ୟା ଯୁବକ ଓ ଯୁବତୀ। ସେମାନଙ୍କ ଆଚରଣ, ବୁଦ୍ଧି, ବିଚାର, ଦକ୍ଷତା, ସାମାଜିକ ମୂଲ୍ୟବୋଧ, ଦାୟିତ୍ୱବୋଧ, ରାଷ୍ଟ୍ରବୋଧ, କର୍ତ୍ତବ୍ୟନିଷ୍ଠା, ଇଚ୍ଛାଶକ୍ତି ହିଁ ଏ ଦେଶକୁ ସବୁ କ୍ଷେତ୍ରରେ ସମୃଦ୍ଧ କରିପାରିବ। ତେଣୁ ଯୁବସମାଜ ଉପରେ ଦୃଢ଼ ବିଶ୍ୱାସ ପ୍ରକଟ ପୂର୍ବକ ସ୍ୱାମୀ ବିବେକାନନ୍ଦ କହନ୍ତି- 'ମନୁଷ୍ୟ ଦରକାର। ମନୁଷ୍ୟ ଦରକାର ; ଆଉ ସବୁ ହୋଇଯିବ। ବୀର୍ଯ୍ୟବାନ୍, ସମ୍ପୂର୍ଣ୍ଣ ଅକପଟ, ତେଜସ୍ୱୀ, ବିଶ୍ୱାସୀ, ଯୁବଗଣ ଆବଶ୍ୟକ। ଏହିପରି ଶହେ ଯୁବକ ହେଲେ, ସମଗ୍ର ଜଗତକୁ ପରିବର୍ତ୍ତନ କରାଯାଇପାରେ।' ଅର୍ଥାତ୍ ସ୍ୱାଭିମାନୀ ଓ ଚରିତ୍ରବାନ ଯୁବକ ସମାଜ ହିଁ କେବଳ ରାଷ୍ଟ୍ରନିର୍ମାଣ କାହିଁକି ସାରା ବିଶ୍ୱ ନିର୍ମାଣର ବିଶ୍ୱକର୍ମା ହୋଇ ଶାନ୍ତି, ମୈତ୍ରୀ, ସଂହତି ଓ ସମୃଦ୍ଧି ସ୍ଥାପନ କରିପାରିବେ। କିନ୍ତୁ ପରିତାପର ବିଷୟ ଆମ ଦେଶର ଯୁବଗୋଷ୍ଠୀ ଆଜି ନିଶା କବଳରେ କବଳିତ। ଏହା ସତ୍ୟ ଯେ ନିଶାପାନ ବା ନିଶାସେବନ ବିଷପାନଠାରୁ ଆହୁରି ଭୟଙ୍କର। ନିଶା ପାଗଳ ଯୁବକ ନିଜ ଭାଗ୍ୟ ଓ ଭବିଷ୍ୟତ ନିର୍ମାଣ ପରିବର୍ତ୍ତେ ଅପରାଧୀ ହୋଇ ସମାଜରେ କଳଙ୍କର ବୋଝ ନେଇ ନିଜ ବ୍ୟକ୍ତିଗତ, ପାରିବାରିକ ସର୍ବୋପରି ରାଷ୍ଟ୍ରର ଆଶା ଓ ସ୍ୱପ୍ନକୁ ଧୂଳିସାତ କରୁଛି। ଯୁବସମାଜ ଭାରତ ଭଳି ପ୍ରଗତିଶୀଳ ରାଷ୍ଟ୍ରର ମେରୁଦଣ୍ଡ ହୋଇଥିବାବେଳେ ଆମ ଯୁବ ମାନବସମ୍ବଳର ଏକ ବୃହତ୍ ଅଂଶ ନିଶାଖାଇ ବିପଥଗାମୀ ଓ ବିପଦଗାମୀ ହେବା ଚିନ୍ତାର କାରଣ।

ତମାଖୁ ଅଭ୍ୟାସ ସମ୍ବନ୍ଧରେ ଥରେ ଜାତିରଜନକ ମହାତ୍ମା ଗାନ୍ଧୀ କହିଥିଲେ, 'ମୁଁ ଏ ନିଶାକୁ ଜଙ୍ଗଲି, କ୍ଷତିକାରକ ଓ କୁତ୍ସିତ ବୋଲି ମନେକରେ। ଏ ଜିନିଷ ବ୍ୟବହାର କରିବାରେ ସଂସାର ଏତେ ସଉକି କରୁଛି କାହିଁକି ତାହା ବୁଝିପାରେ ନାହିଁ। ଯେଉଁ ରେଳଡବାରେ ବହୁ ଲୋକ ବିଡି ଟାଣନ୍ତି, ସେଠାରେ ବସିବା ମୋ ପକ୍ଷେ ଅସହ୍ୟ ହୋଇଥାଏ।' ଅବଶ୍ୟ ସରକାରୀ କଟକଣା ଯୋଗୁ ରେଳଡବା ଭଳି ସର୍ବସାଧାରଣ ସ୍ଥାନରେ ଧୂମପାନ କରିବା ଦଣ୍ଡନୀୟ ଅପରାଧ ହୋଇଥିବାରୁ ପୂର୍ବଭଳି ସେଭଳି ଦୁରବସ୍ଥା ଆଜି ଅନ୍ତତଃ ନାହିଁ। କିନ୍ତୁ ନିଶା ତଥା ମାଦକଦ୍ରବ୍ୟ ସେବନ ଦେଶରେ ବୃଦ୍ଧିହେବାରେ ଲାଗିଛି। ନିଶାପାନ ପଲ୍ଲୀଠାରୁ ଦିଲ୍ଲୀ, ଗରିବଠାରୁ ମହାଧନୀ, ଅପାଠୁଆଠାରୁ ମହାଜ୍ଞାନୀ ଯାଏ ପରିବ୍ୟାପ୍ତ। ତଫାତ୍ କେବଳ ଦାମ୍ ଆଉ ବ୍ରାଣ୍ଡ୍। କାହାକୁ କହିବା ଛୁଞ୍ଚି ଚାଲୁଣି ସମଦଶା।

ଏନଡିଡିଟିସି ତଥ୍ୟାନୁସାରେ ଭାରତରେ ପ୍ରାୟ ୨.୬ କୋଟି ଲୋକ ହେରୋଇନ, ମରଫିନ୍ ଭଳି ନିଶାଦ୍ରବ୍ୟ ସେବନ କରୁଛନ୍ତି। ଦେଶର ପ୍ରାୟ ୭୫ ପ୍ରତିଶତ ପରିବାରର ଅନ୍ତତଃ ଜଣେ ସଦସ୍ୟ ଡ୍ରଗ୍ସ ବା କୌଣସି ମାଦକ ଦ୍ରବ୍ୟ ବ୍ୟବହାର କରେ। ସବୁଠାରୁ ସାଂଘାତିକ କଥା ହେଉଛି ଦେଶରେ ବାର୍ଷିକ ଷାଠିଏ ହଜାର ଲୋକ ଦୁର୍ଘଟଣାରେ ମୃତ୍ୟୁବରଣ କରୁଥିବାବେଳେ ନିଶାସେବନ ହେତୁ ପ୍ରାୟ ଦଶ ଲକ୍ଷ ଲୋକ ପ୍ରାଣ ହରାଇଥାନ୍ତି। ଅର୍ଥାତ୍ ଦୁର୍ଘଟଣାଜନିତ ମୃତ୍ୟୁଠାରୁ ନିଶାଜନିତ ମୃତ୍ୟୁ ବହୁ ଅଧିକ। ସେହିଭଳି ଗ୍ଲୋବାଲ ୟୁଥ ସର୍ଭେ ଆଣ୍ଡ୍ ଗ୍ଲୋବାଲ ଆଡଲ୍ଟ ଟବାକୋ ସର୍ଭେ ୨୦୧୬-୧୭ ଅନୁସାରେ ଯୁବାଗୋଷ୍ଠୀଙ୍କ ମଧ୍ୟରେ ତମାଖୁ ଭଳି ନିଶାଦ୍ରବ୍ୟ ସେବନ ଅତି ପ୍ରବଳ। ସର୍ଭେ ଅନୁସାରେ ଦେଶରେ ପ୍ରାୟ ୨୬.୭ କୋଟି ଲୋକ ତମାଖୁ ବ୍ୟବହାର କରନ୍ତି। ବିଶେଷକରି ୨୮.୬% ଯୁବତୀ ଯୁବକ (ସେଥିରୁ ୪୨.୪% ପୁରୁଷ ଓ ୧୪.୨% ମହିଳା) ତମାଖୁ ବ୍ୟବହାର କରନ୍ତି। ସେହିଭଳି ଜିଏଟିଏସ ତଥ୍ୟ କହେ ୨୧.୪% ଯୁବତୀଯୁବକ (ତନ୍ମଧ୍ୟରୁ ୨୯.୬% ପୁରୁଷ ଓ ୧୨.୮% ମହିଳା)ଧୂଆଁ ବିହୀନ ଟବାକୋ ବ୍ୟବହାର କରୁଥିବାବେଳେ ୧୦.୭% ଧୂମଯୁକ୍ତ ଟବାକୋ (ସେଥିରୁ ୯୯.୫% ପୁରୁଷ ଓ ବାକି ମହିଳା)ବ୍ୟବହାର କରନ୍ତି।

ଦୁଃଖର କଥା ନିଶା ସେବନ ଆଜି କେବଳ ଘର ଭିତରେ ସୀମିତି ହୋଇ ରହିନାହିଁ। ନିଶା ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ବିଶ୍ୱବିଦ୍ୟାଳୟ ଭଳି ଶିକ୍ଷା ଓ ସଂସ୍କାର କେନ୍ଦ୍ରରେ ମଧ୍ୟ ନିଜର ଆସ୍ଥାନ ଜମେଇଲାଣି। ତେଣୁ ପଢୁଆ ଯୁବଗୋଷ୍ଠୀଙ୍କୁ ନିଶା ଓ ନିଶା କବଳରୁ ଦୂରେଇ ରଖିବା ପାଇଁ ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ମହାବିଦ୍ୟାଳୟ ସ୍ତରରୁ ସଚେତନତା ଆରମ୍ଭ କରିବାକୁ ଅଣ୍ଟାଭିଡିଛନ୍ତି ; ଯାହା କି ଅତ୍ୟନ୍ତ ଯୁଗାନ୍ତକାରୀ ପଦକ୍ଷେପ। ରାଷ୍ଟ୍ରୀୟ ସେବା ଯୋଜନା (ଏନଏସଏସ) ଏବଂ ଯୁଥ ରେଡକ୍ରସ ଭଳି ସେବା ଓ ସଂସ୍କାରଧର୍ମୀ ଶାଖା ମାଧ୍ୟମରେ କଲେଜରୁ ନିଶାମୁକ୍ତ ଓଡ଼ିଶା ଗଠନ କରିବାର ସଂକଳ୍ପ ନିଶ୍ଚିତଭାବେ ଏକ ସୁସ୍ଥ ରାଜ୍ୟ ଗଠନରେ ବିଶେଷ ସହାୟକ ହେବ। ଶିକ୍ଷାନୁଷ୍ଠାନକୁ ତମାଖୁମୁକ୍ତ କରିବା ପାଇଁ ଥିବା ତମାଖୁ ନିରୋଧକ ଆଇନ ୨୦୦୩କୁ କଡାକଡି ଭାବେ ପାଳନ ସହ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବାକୁ ନିଷ୍ପତ୍ତି ହୋଇଛି। ଏହା ଦ୍ୱାରା କଲେଜ ପଢୁଆ ଯୁବତୀଯୁବକ କେବଳ ନିଶାଦ୍ରବ୍ୟଠାରୁ ଦୂରେଇ ରହିବେ ତାହା ନୁହେଁ, ସେମାନଙ୍କ ପ୍ରେରଣା ଓ ପରାମର୍ଶରେ ନିଜ ପରିବାର ତଥା ସମାଜର ସଦସ୍ୟମାନେ ନିଶା କବଳରୁ ମୁକ୍ତିପାଇପାରିବେ। ନିଶ୍ଚିତ ବିନାଶରୁ ନିଜ ଜୀବନକୁ ବଞ୍ଚେଇବା ସହ ପରିବାରର ସାମାଜିକ, ଆର୍ଥିକ ଓ ସ୍ୱାସ୍ଥ୍ୟଗତ ସମସ୍ୟାର ସହଜ ସମାଧାନ କରିପାରିବେ।

ଯୁବଶକ୍ତି ରାଷ୍ଟ୍ରଶକ୍ତି ହୋଇଥିବାରୁ ରାଜ୍ୟର ଉଚ୍ଚଶିକ୍ଷିତ କଲେଜ ପଢୁଆ ଯୁବତୀଯୁବକ ଯଦି ବହୁସଂଖ୍ୟାରେ ଏହି ସାମାଜିକ ଆନ୍ଦୋଳନରେ ଯୋଗଦେବେ, ତେବେ କେବଳ ଶିକ୍ଷାନୁଷ୍ଠାନ ନୁହେଁ ସମ୍ପୂର୍ଣ୍ଣ ରାଜ୍ୟ ତମାଖୁମୁକ୍ତ ହେବାପାଇଁ ବେଶି ସମୟ ଲାଗିବନାହିଁ। ଏଥିପାଇଁ କେତେଗୁଡିଏ ପଦକ୍ଷେପ ନିଆଯିବା ଉଚିତ। ପ୍ରଥମତଃ, ରାଷ୍ଟ୍ରୀୟ ସେବା ଯୋଜନା, ଯୁଥ ରେଡକ୍ରସ, ଏନସିସି ଭଳି ଶାଖାଗୁଡିକର ସମର୍ପିତ ସ୍ୱେଚ୍ଛାସେବୀ ମାନଙ୍କଦ୍ୱାରା ନିରନ୍ତର ସଚେତନ କାର୍ଯ୍ୟକ୍ରମମାନ ଅନୁଷ୍ଠିତ କରାଯିବା ଉଚିତ। ସାଧାରଣତଃ କୁସଂଗରେ ପଡି କିଶୋରୀକିଶୋରମାନେ ନିଶାଦ୍ରବ୍ୟ ସେବନ ଭଳି ଭୟଙ୍କର କୁଅଭ୍ୟାସର ବଶବର୍ତ୍ତୀ ହୋଇଯାଆନ୍ତି। ପରବର୍ତ୍ତୀ ସମୟରେ ଏଥିରୁ ମୁକୁଳି ନ ପାରି ବିଭିନ୍ନ ଅସାମାଜିକ କାର୍ଯ୍ୟ କରିବାକୁ ବାଧ୍ୟ ହୁଅନ୍ତି। ବେଳେବେଳେ ସେମାନେ ଅନ୍ୟଦ୍ୱାରା ଏଭଳି ପ୍ରଶିକ୍ଷିତ ଓ ପ୍ରରୋଚିତ ହୋଇଥାନ୍ତି କି ଏସବୁ ଖାଇଲେ ଫୁର୍ତ୍ତି ଲାଗିବା, ପଢିବାକୁ ଭଲ ଲାଗିବା, ମନ ଭଲ ରହିବ ଇତ୍ୟାଦି ଭ୍ରାନ୍ତ ଧାରଣା ସେମାନଙ୍କ ମନରେ ସୃଷ୍ଟି ହୋଇଥାଏ। ବେଳେବେଳେ ଏଗୁଡ଼ିକୁ ଫେଶନ ଓ ଆଜିକାଲି ଜମାନାର ଷ୍ଟାଇଲ ବୋଲି ଭାବିଥାନ୍ତି ; ଫଳରେ ସେମାନେ ଧୀରେ ଧୀରେ ଏହି ହାନିକାରକ ଓ ଲାଭବର୍ଜିତ ବ୍ୟସନ କବଳରେ କବଳିତ ହୋଇ ନିଜର ତଥା ସମାଜର ଅପୂରଣୀୟ କ୍ଷତି କରିଥାନ୍ତି। ତେଣୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ସଚେତନତା ଶିବିର, ଆଲୋଚନା ଚକ୍ର, ସ୍ୱାସ୍ଥ୍ୟମେଳା, ବିଶିଷ୍ଟ ବ୍ୟକ୍ତି ଓ ଡକ୍ଟରମାନଙ୍କୁ ଡକାଇ ଉଦ୍‌ବୋଧନ, ପରାମର୍ଶ ଇତ୍ୟାଦି ନିୟମିତ ବ୍ୟବଧାନରେ ଅନୁଷ୍ଠିତ କରାଇବା ଉଚିତ। ଦ୍ୱିତୀୟତଃ, ଶିକ୍ଷାନୁଷ୍ଠାନରେ ତମାଖୁ ପ୍ରବେଶ କୌଣସି ପ୍ରକାରେ ରୋକିବା ଆବଶ୍ୟକ। ଏଥିପାଇଁ କଡା ନିୟମ ଓ କଟକଣା ଜରୁରୀ। ମୁଖ୍ୟତଃ କଲେଜର କୌଣସି ଶିକ୍ଷାଦାତା ଓ କର୍ମଚାରୀ ଯେପରି ଏଭଳି ମାଦକ ଦ୍ରବ୍ୟ ନ ଖାଆନ୍ତି, ତାହା ସୁନିଶ୍ଚିତ କରିବାକୁ ହେବ। ଆବଶ୍ୟକ ହେଲେ ଚାକିରି ହରେଇବାର ବ୍ୟବସ୍ଥା ହେବା ଉଚିତ। ସେଥିପାଇଁ ଆନ୍ତଃକଲେଜ ତଦାରଖ ବା ପରିଦର୍ଶନ କମିଟି ଗଠନକରି ଅତର୍କିତ ତଦାରଖ ହେବା ଉଚିତ। ଅପରପକ୍ଷେ, କଲେଜଠାରୁ ଅନତି ଦୂର ଯାଏ କୌଣସି ନିଶାଦ୍ରବ୍ୟ ଯେପରି ବିକ୍ରି ହେବନାହିଁ ତାହା ମଧ୍ୟ ସୁନିଶ୍ଚିତ କରେଇବା ଉଚିତ। ତୃତୀୟତଃ, ଯଦି କୌଣସି ଛାତ୍ରୀଛାତ୍ର ନିଶା କବଳରେ କବଳିତ, ସେମାନଙ୍କୁ ବ୍ୟକ୍ତିଗତ ପରାମର୍ଶ ଓ ଉପଦେଶ ଜରିଆରେ ନିଶାମୁକ୍ତ କରେଇବାର ସୁଚିନ୍ତିତ ବ୍ୟବସ୍ଥା ହେବା ଜରୁରୀ। ଚତୁର୍ଥତଃ, ନିଶାପାନ କରି ସମାଜରେ ଯେଉଁ ବ୍ୟକ୍ତିମାନେ କ୍ୟାନ୍ସର, ଟିବି ଭଳି ଦୁରାରୋଗରେ ପଡି ଅନୁତାପ କରୁଛନ୍ତି, ସେଭଳି ଲୋକଙ୍କୁ କଲେଜକୁ ଡାକି ସେମାନଙ୍କର ଶାରୀରିକ, ଆର୍ଥିକ ଓ ସାମାଜିକ ଦୁର୍ଦ୍ଦଶା ସମ୍ବନ୍ଧରେ ପିଲାଙ୍କୁ ଅବଗତ କରାଯିବା ଉଚିତ। ଅପରପକ୍ଷେ, ଯେଉଁ ଲୋକମାନେ ଏଭଳି ନିଶା କବଳରୁ ମୁକୁଳି ଆଜି ସୁସ୍ଥ ଓ ସୁଖଦ ଜୀବନ ବିତଉଛନ୍ତି, ସେମାନଙ୍କୁ ମଧ୍ୟ ଡାକି ସେମାନଙ୍କ ଅନୁଭୂତି, ନିଶାସେବନର କୁପରିଣତି ଓ ଛାଡ଼ିବାର ଉପାୟ ସମ୍ବନ୍ଧରେ ପ୍ରତ୍ୟକ୍ଷ ଅନୁଭୂତି ପିଲାମାନେ ପାଇବା ଦରକାର। ପଞ୍ଚମତଃ, ସବୁ ସ୍ତରର ପାଠ୍ୟପୁସ୍ତକରେ ନିଶାଦ୍ରବ୍ୟ ସେବନର ଦୁଷ୍ପରିଣାମ ସମ୍ବନ୍ଧରେ ଏକ ଅଧ୍ୟାୟ ରଖାଯିବା ଉଚିତ। ଏଥିରେ ବିଭିନ୍ନ ଗବେଷଣାଗତ ତଥ୍ୟ,ଏକକ ଅଧ୍ୟୟନ ସଚିତ୍ର ଉପସ୍ଥାପନା ହେଲେ ପିଲାଙ୍କ ଭିତରେ ସଚେତନତା ସୃଷ୍ଟିହେବ।

ଶେଷରେ, ପ୍ରତି କଲେଜର କେତେଜଣ ଭଲ ସ୍ୱେଚ୍ଛାସେବୀଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣର ବ୍ୟବସ୍ଥା ହେବା ଉଚିତ ; ଫଳରେ ସେମାନେ ନିଜ ସାଙ୍ଗସାଥୀମାନଙ୍କୁ ବୁଝେଇ ଶୁଝେଇ ସୁବାଟକୁ ଆଣିପାରିବେ କାରଣ ପିଲାମାନେ ନିଜ ଗୁପ୍ତକଥା ତଥା କୁଅଭ୍ୟାସର ଇତିବୃତ୍ତ ନିଜ ସାଙ୍ଗସାଥୀକୁ ଯେଭଳି ନିଃସଙ୍କୋଚରେ କହିପାରିବେ, ସେମାନେ ଶିକ୍ଷକ, ଡକ୍ଟର ବା ଅନ୍ୟ କାହାକୁ କହିପାରିବେ ନାହିଁ। ତେଣୁ କଲେଜ ଛାତ୍ରୀଛାତ୍ରଙ୍କୁ ହିଁ ମୁଖ୍ୟ ଅଭିପ୍ରେରକଭାବେ ପ୍ରସ୍ତୁତ କରିବା ପାଇଁ ଯୋଜନା ହେବା ଉଚିତ। ତେବେ ଉଚ୍ଚଶିକ୍ଷା ବିଭାଗ ଦ୍ୱାରା ଆରମ୍ଭ ହେବାକୁ ଥିବା ଏଭଳି ସଂସ୍କାରଧର୍ମୀ ଯୋଜନା ଏକ ସାଧୁ ଉଦ୍ୟମ।

ଅଧ୍ୟାପକ, ସରକାରୀ ମହିଳା ମହାବିଦ୍ୟାଳୟ
ଜୟପୁର, କୋରାପୁଟ, ମୋ: ୯୪୩୭୯୧୪୮୧୮

# ଖବର କ'ଣ



ଅଞ୍ଜନ ଚାନ୍ଦ

ଆଉ ଖବର କ'ଣ? - ଏହା ଏକ ସାଧାରଣ ଏବଂ ବୋଧହୁଏ ପୃଥିବୀରେ ସବୁଠାରୁ ଅଧିକ ପଚରାଯାଉଥିବା ପ୍ରଶ୍ନ। ଉତ୍ତରରେ ପ୍ରାୟ ସମସ୍ତେ ଭଲ ବୋଲି କହିଥାନ୍ତି। ସେମାନେ ଜାଣନ୍ତି, ଖରାପ କହିଲେ ମଧ୍ୟ ଆଗରେ ଥିବା ଲୋକର ଶୁଣିବାକୁ ସମୟ ନଥାଏ। ଯଦିବି ଶୁଣନ୍ତି ଆନ୍ତରିକ ସମବେଦନା ବହୁତ କମ୍ ମିଳେ। ତେଣୁ ଏହି ପ୍ରଶ୍ନ ଓ ତା'ର ଉତ୍ତର ଏବେ କେବଳ ନିରର୍ଥକ ଔପଚାରିକତାରେ ପରିଣତ ହୋଇଛି। ଅଥଚ ମହାଭାରତ ଯୁଗରେ ଏମିତି ଏକ ପ୍ରଶ୍ନର ଯେଉଁ ଉତ୍ତର ମିଳିଥିଲା ତାହା କାଳକାଳକୁ ପ୍ରାସଙ୍ଗିକ ହୋଇ ରହିଛି।

ମହାଭାରତର ବନପର୍ବରେ ରହିଛି ଯକ୍ଷ ଯୁଧିଷ୍ଠିର ଖବର। ବନବାସରେ ଅଛନ୍ତି ପାଣ୍ଡବ ଭାଇମାନେ। ତୃଷା ନିବାରଣ ପାଇଁ ଜଣେ ପରେ ଜଣେ ପୁଷ୍କରିଣୀକୁ ଯାଇଛନ୍ତି। ସେଠାରେ ଥିବା ଯକ୍ଷଙ୍କୁ ଅବମାନନା କରି ମୃତପ୍ରାୟ ପଡ଼ି ରହିଛନ୍ତି। ଶେଷରେ ଯାଇଛନ୍ତି ଯୁଧିଷ୍ଠିର। ଯକ୍ଷ ତାଙ୍କୁ ପଚାରିଛନ୍ତି ଗୋଟିଏ ପରେ ଗୋଟିଏ ପ୍ରଶ୍ନ। ଯୁଧିଷ୍ଠିର ସମୁଚିତ ଉତ୍ତର ଦେଉଛନ୍ତି। ଏବେ ଶେଷ ପ୍ରଶ୍ନ। ଏହାର ଠିକ୍ ଉତ୍ତର କହିପାରିଲେ ସାନଭାଇମାନେ ଜୀବନ୍ୟାସ ପାଇବେ। ଏବଂ ଯକ୍ଷ ଅତି ଛୋଟ ପ୍ରଶ୍ନଟିଏ ପଚାରିଛନ୍ତି - କା ବାର୍ତ୍ତା? ଖବର କ'ଣ? ଏହାର ଉତ୍ତରରେ ଯୁଧିଷ୍ଠିର ଯାହା କହିଛନ୍ତି ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ।

ଖବର ହେଉଛି, ଏଠାରେ ରୋଷେଇ ଚାଲିଛି। ଏହି ଖବର ସମ୍ପୂର୍ଣ୍ଣ ମର୍ତ୍ତ୍ୟଲୋକର, ଯେଉଁଠି ଅହରହ ରନ୍ଧନ କାର୍ଯ୍ୟ ଚାଲିଛି। ଯୁଧିଷ୍ଠିରଙ୍କ ମୁଖରେ ବ୍ୟାସଦେବ ଏହାର ବିଶଦ୍ ବର୍ଣ୍ଣନା କରିଛନ୍ତି। ରୋଷେଇରେ ଲୋଡ଼ାହୁଏ ହାଣ୍ଡି, ଡାଙ୍କୁଣି, ନିଆଁ, ଜାଳ, ଚଟୁ, ରାନ୍ଧିବା ଜିନିଷ ଓ ରାନ୍ଧିବା ଲୋକ। ମର୍ତ୍ତ୍ୟପୁରର ଏହି ସାମଗ୍ରିକ ରନ୍ଧନ କାର୍ଯ୍ୟରେ ପୃଥିବୀ ହାଣ୍ଡି, ଆକାଶ ଡାଙ୍କୁଣି, ସୂର୍ଯ୍ୟ ଅଗ୍ନି, ଦିନ ଓ ରାତି ଜାଳେଣି। ମାସ ଓ ଋତୁ ରୂପକ ଚଟୁରେ ତଳ ଉପର କରି କାଳ ପ୍ରାଣୀମାନଙ୍କୁ ରାନ୍ଧି ଚାଲିଛି।

ଏହା ଏକ ଦର୍ଶନ। ଆମେ ସମସ୍ତେ ଜାଣିଛୁ। ବାରମ୍ବାର ଶୁଣିଛୁ ଓ କହିଛୁ। ସମୟ ସବୁଠାରୁ ବଳବାନ। କାଳର ଫାଶରେ ଆମେ ସଭିଏ ବନ୍ଧା। ଯାହାକୁ ଯେମିତି ଚାହିଁବ ସେ କଲବଲ କରିପାରିବ। ଅଥଚ କେତେଜଣ ଏହାକୁ ହୃଦୟଙ୍ଗମ କରିଛୁ? ଶ୍ମଶାନ ବୈରାଗ୍ୟ ପରି ବିପତ୍ତି ବେଳରେ ହୁଏତ କିଛି ସମୟ ଏହା ଆମକୁ ଆବୋରି ବସିଛି। ବିପଦ ଟଳିଗଲେ ପୁଣି ଆମେ ପୂର୍ବ ପରି ମୂର୍ଖ ମଣିଷରେ ପରିଣତ ହୋଇଛୁ।

କରୋନା ଯେବେ ଦେଶକୁ ପଶିଆସିଲା ଏବଂ ଲୋକଙ୍କ ଅଜ୍ଞତା ଓ ବେଖାତିର ଭାବରୁ ବଣର ନିଆଁ ପରି ଚାରିଆଡ଼କୁ ମାଡ଼ି ଚାଲିଲା ସେତେବେଳେ ତାହାକୁ ରୋକିବା ପାଇଁ ଏକମାତ୍ର ଉପାୟ ଭାବରେ ଜନତାଙ୍କୁ ପରସ୍ପରଠାରୁ ଦୂରେଇ ରଖିବାକୁ ସରକାର ଉଦ୍ୟମ କଲେ। ଏହା ସହିତ ଆଉ କିଛି କାର୍ଯ୍ୟପାଇଁ ଅନୁରୋଧ କରାଗଲା, ଯାହା ହୁଏତ ବୈଜ୍ଞାନିକ ନୁହେଁ କିନ୍ତୁ ଭାବାତ୍ମକ ପରିବର୍ତ୍ତନ ପାଇଁ ଅତି ଆବଶ୍ୟକ।

କେଜାଣି କେଉଁ ଦିନରୁ ସହରର ଲୋକମାନେ ଦେଖି ନ ଥିଲେ ପଡ଼ୋଶୀଙ୍କ ମୁହଁ। କାନ୍ଥ ସେପଟ ଭଡ଼ାଘରେ କିଏ ରହୁଛି, କ'ଣ କରୁଛି, ଏପଟ ଲୋକ ଜାଣୁ ନ ଥିଲେ। ସୁଖ ଦୁଃଖରେ ସହଭାଗିତା ନ ଥିଲା। ନିଜ ଚିନ୍ତାରେ ବ୍ୟସ୍ତ ମଣିଷ ଅନ୍ୟ ପ୍ରତି ଅନ୍ୟାୟ ଅତ୍ୟାଚାରରେ ଆଖି ବୁଜି ଦେଉଥିଲା। ଏପରି ସମୟରେ ଏକାଠି ଏକ ସମୟରେ ଆଧ୍ୟାତ୍ମିକ ଆଚରଣ ସହିତ ସେବା କାର୍ଯ୍ୟରେ ନିୟୋଜିତ ଲୋକଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ଆମ ହୃଦୟକୁ ବିକଶିତ କରିଥିଲା। ଭାବନାରେ ଶୁଦ୍ଧତା ସହିତ ମନରେ ଈଶ୍ୱର ବିଶ୍ୱାସ ସୃଷ୍ଟି କରିଥିଲା। ସବୁଠାରୁ ବଡ଼କଥା ଆମେ ଜାଣିପାରିଲୁ ଦିନକୁଦିନ ବିପର୍ଯ୍ୟସ୍ତ ହୋଇପଡୁଥିବା ପ୍ରକୃତିପାଇଁ ଆମେ ହିଁ ଦାୟୀ। ଆମର କେତୋଟି ଦିନର ନିଷ୍କ୍ରିୟତା ପରିବେଶକୁ ପରିମଳ କରିଦେଲା। ବଢ଼ିଗଲା ପୃଥିବୀର କେତେବର୍ଷର ଆୟୁଷ। ସେତେବେଳେ ଏ ବିଷୟରେ ସବୁଠି ଚର୍ଚ୍ଚା ହେଲା। ଲୋକମାନେ ନିଜକୁ ଘରଭିତରେ ଆବଦ୍ଧ ରଖି ଭାବନାକୁ ମୁକ୍ତ ଆକାଶର ବିହଙ୍ଗ କରିଦେଲେ। ମନେହେଲା ଏକ ବିପୁଳ ପରିବର୍ତ୍ତନ ଆସୁଛି। ହୁଏତ କଳିଯୁଗର ଅବସାନ ଘଟୁଛି।

କିନ୍ତୁ ହାୟ, କିଛି ବି ହେଲାନାହିଁ ସେପରି। ଆଜି ବି କରୋନା ତା' ବାଟରେ ରହିଛି। ସଂକ୍ରମଣ କମିଛି ସତ, କିନ୍ତୁ ମୃତ୍ୟୁ ହାର ବଢ଼ିଚାଲିଛି। ୟୁରୋପରେ ଏହା ନୂଆରୂପରେ ପୂର୍ବଠାରୁ ଦ୍ରୁତ ବେଗରେ ଲୋକଙ୍କୁ ସଂକ୍ରମିତ କରୁଛି। ସତର୍କତା ଅଭାବରୁ ଅତିଶୀଘ୍ର ଅନ୍ୟ ମହାଦେଶକୁ ମଧ୍ୟ ଏହା ବ୍ୟାପିବାର ସମ୍ଭାବନା ରହିଛି। ଅଥଚ ଦେଖ ଲୋକଙ୍କ ମାନସିକତା ବଦଳି ଯାଇ ପୁଣି ତାମସିକତା କାୟା ବିସ୍ତାର କରୁଛି। ପାର୍ଟି, ଫଙ୍କ୍ସନ, ମଉଜ ମଜଲିସ, ସାମାଜିକ ଦୂରତାକୁ ଫୁ। ବୁଝିହେଉନି ମାସ୍କ ପିନ୍ଧିଲେ କ'ଣ ଲାଭ ହୁଏ ! କେତେ ପୁଣି ସହଜଲଭ୍ୟ ଦର୍ଶନ। ଯେବେ ତ ହେଉ ମରିବା, ସେଥିପାଇଁ ଭୋଗବିଳାସ ଛାଡ଼ିଦେବା କାହିଁକି ଅଥବା ତାକୁ ସିନା କରୋନା ହେଲା ସେ ମରିଗଲା, ମୁଁ ମରିବି କାହିଁକି... ଏଭଳି ଅଦ୍ଭୁତ ଭାବନାରେ ମଣିଷ କବଳିତ ହୋଇଯାଇଛି।

ଏ ପ୍ରସଙ୍ଗରେ ଆଉ ଗୋଟେ କଥା ମନେପଡ଼େ: ସେଇ ମହାଭାରତରେ ଯକ୍ଷ ଯୁଧିଷ୍ଠିର ସମ୍ବାଦରେ ଅଛି, ଯକ୍ଷ ଯୁଧିଷ୍ଠିରଙ୍କୁ ପଚାରୁଛନ୍ତି, କିମ୍ ଆଶ୍ଚର୍ଯ୍ୟମ୍ ? ସଂସାରରେ ଆଶ୍ଚର୍ଯ୍ୟ କ'ଣ ? ଯୁଧିଷ୍ଠିର କହୁଛନ୍ତି, ଏଠାରେ ପ୍ରତ୍ୟେକଦିନ ପ୍ରାଣୀମାନେ ଯମପୁରକୁ ଯାଉଛନ୍ତି। ଏହା ଦେଖି ମଧ୍ୟ ଅବଶିଷ୍ଟମାନେ ଚିରଦିନ ବଞ୍ଚିରହିବାକୁ ଇଚ୍ଛା କରୁଛନ୍ତି। ଏହାଠାରୁ ଆଶ୍ଚର୍ଯ୍ୟକଥା ଆଉ କ'ଣ ଅଛି?

ବିକାଶନଗର, ଅଙ୍ଗାରଗଡ଼ିଆ, ବାଲେଶ୍ୱର
ମୋ. ୬୩୭୦୬୬୧୧୪୭

## ଏଇ ଭାରତରେ

ବେଳେବେଳେ ଗୋଟିଏ ଗୋଟିଏ ଘଟଣା ଜଣଙ୍କ ମାନସିକ ସ୍ତରରେ ପରିବର୍ତ୍ତନ ଆଣିଥାଏ, ଯାହା ଘଟିଛି ଗଭର୍ନମେଣ୍ଟ ରେଲୱେ ପୋଲିସ କନଷ୍ଟେବଳ ରୋହିତଙ୍କ କ୍ଷେତ୍ରରେ। ତାଙ୍କର ପୂରା ନାମ ରୋହିତ କୁମାର ଯାଦବ। ଉତ୍ତରପ୍ରଦେଶ ଉନାଓର ଅଧିବାସୀ ରୋହିତଙ୍କୁ ବୟସ ୩୫। ଉନାଓରୁ ରାୟବରେଲି ଯାତ୍ରା କରୁଥିବା ସମୟରେ ଜଣେ ଅସହାୟ ଶିଶୁକୁ ଭିକ ମାଗିବାର ଦେଖିବା ପରେ ସେ ଏଭଳି ଶିଶୁମାନଙ୍କୁ ମାଗଣାରେ ପଢାଇବା ଲାଗି ବାହାରି ପଡିଥିଲେ। ଶିଶୁମାନଙ୍କ ପରିବାରକୁ ବୁଝାଇ ଶୁଝାଇ ପ୍ରଥମେ ଶିକ୍ଷାର ଧାରାକୁ ଆଣିବା ଲାଗି ବହୁ କଷ୍ଟ ସେ ସ୍ୱୀକାର କରିଥିଲେ । ଜୁଲାଇ,୨୦୧୮ରେ ରୋହିତ ଉନାଓ ଷ୍ଟେଶନ ନିକଟ ଟ୍ରେନ୍ ଲାଇନ କଡ଼ରେ ଖୋଲା ଆକାଶ ତଳେ ୫ ଜଣ ପିଲାଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ପରେ ଏକ ଏନ୍‌ଜିଓ ତାଙ୍କୁ ଘରଟିଏ ଯୋଗାଇ ଦେଇଥିଲା। ଏବେ ପିଲାଙ୍କ ସଂଖ୍ୟା ବୃଦ୍ଧିପାଇ ୯୦ରେ ପହଞ୍ଚିଛି। ରୋହିତଙ୍କ ରାତି ଡ୍ୟୁଟି ଥିବାରୁ ସେ ୨.୩୦ରୁ ୫.୩୦ ଯାଏ ସୋମବାରରୁ ଶନିବାର ଯାଏ ପଢାଉଛନ୍ତି। ପଢାଇବା ଲାଗି ସେ ଆଉ ଦୁଇଜଣଙ୍କୁ ନିଯୁକ୍ତ କରିଛନ୍ତି। ସେମାନଙ୍କୁ ଦରମା ବି ଦେଉଛନ୍ତି। ଏଥିପାଇଁ ପ୍ରତି ମାସର ତାଙ୍କ ଦରମାରୁ ସେ ୧୦,୦୦୦ ଟଙ୍କା ବ୍ୟୟ କରୁଛନ୍ତି। ପିଲାମାନଙ୍କ ପାଠ୍ୟ ଉପକରଣ ତଥା ଅନ୍ୟାନ୍ୟ ଆବଶ୍ୟକତା ମଧ୍ୟ ପୂରଣ କରୁଛନ୍ତି। ୨୦୧୯ର ଶେଷ ଭାଗରୁ ରୋହିତ ଉନାଓ ଷ୍ଟେଶନ ନିକଟବର୍ତ୍ତୀ କୋରାରି ପଞ୍ଚାୟତ ଭବନ ବିଲ୍ଡିଂରେ ପିଲାମାନଙ୍କୁ ପଢ଼ାଉଛନ୍ତି।

## ଚିରନ୍ତନୀ

କେତେ ଶୀତ କେତେ ମଧୁମାସ
ଜୀବନର ଜୟ ପରାଜୟ
ଦୁର୍ଦ୍ଦିନ ଅମା କେତେ ଶତ
ଅନ୍ତରେ କାଟିଥିଲା କ୍ଷତ
ପୌଷର ମନ୍ଦ ମଳୟ
ପ୍ରାଣେ ପୁଣି ବଜାଏ ବଳୟ।

-(ପୌଷ-ମଳୟ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଭୋଟର ତାଲିକାରେ ତ୍ରୁଟି

ମହାଶୟ,

''ଭୋଟ' କାର୍ଯ୍ୟକ୍ରମ ଏକ ପବିତ୍ର କାର୍ଯ୍ୟକ୍ରମ। ଏଥିପାଇଁ ମୁଖ୍ୟ ନିର୍ବାଚନ କମିଶନର ସଦାସର୍ବଦା ସଜାଗ। ବିଭିନ୍ନ ସମୟରେ ଭୋଟର ତାଲିକାରେ ନାମ ପଞ୍ଜୀକରଣ, ସଂଶୋଧନ ଭଳି କାର୍ଯ୍ୟ ପାଇଁ ଆଦେଶ ଦେଇଥା'ନ୍ତି। ଏବେ ସାରା ଓଡ଼ିଶାରେ ଏ କାର୍ଯ୍ୟକ୍ରମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଏଥିପାଇଁ ଅନେକ ଶିକ୍ଷୟିତ୍ରୀ ଶିକ୍ଷକ, ସରକାରୀ କର୍ମଚାରୀ ଓ ବେସରକାରୀ ସଂସ୍ଥା ଏ ମହତ୍ କାର୍ଯ୍ୟରେ ନିୟୋଜିତ। କୋଟି କୋଟି ଟଙ୍କା ମଧ୍ୟ ଖର୍ଚ୍ଚ ହେଉଛି। ଦୁଃଖର କଥା, ଏହି ମହତ୍ କାର୍ଯ୍ୟରେ କେତେକ ଅସାଧୁ କର୍ମଚାରୀ ଓ ସଂସ୍ଥା ଅନ୍ତରାୟ ହୋଇଛନ୍ତି। ସେମାନଙ୍କ ଯୋଗୁ ଏକ ତ୍ରୁଟିଶୂନ୍ୟ ଭୋଟର ତାଲିକା ପ୍ରସ୍ତୁତ ହୋଇପାରୁନି। ଭୋଟରମାନେ ପ୍ରକୃତ ତଥ୍ୟ ଦେଉଥିଲେ ମଧ୍ୟ କେତେକ ଦୁର୍ନୀତିଖୋର କର୍ମଚାରୀ ନିଜ ସଂସ୍ଥାର ଲାଭ ପାଇଁ ଭୁଲ ତଥ୍ୟ ସଂଯୋଗ କରି ଭୋଟର ଓ ନିର୍ବାଚନ ପରିଚାଳନା କରୁଥିବା କର୍ମଚାରୀଙ୍କ ମଧ୍ୟରେ ମତାନ୍ତର ସୃଷ୍ଟି କରୁଛନ୍ତି। ଭୋଟର ତାଲିକାରେ କାହାର ନାମ, ପିତା/ସ୍ୱାମୀଙ୍କ ନାମ, କାହାର ଠିକଣା ଓ କାହାର ବୟସ କିମ୍ବା ନିର୍ବାଚନ ବୁଥ୍ ଭୁଲ ଭାବେ ଦର୍ଶାଯାଉଛି। ଏପରିକି ନାମ ମଧ୍ୟ ତାଲିକାରୁ ବାଦ୍ ଦେଇ ନିର୍ଦ୍ଦିଷ୍ଟ ରାଜନୈତିକ ଦଳକୁ ସହାୟତା କରୁଛନ୍ତି। ଏହା ଏକ ଦୁର୍ନୀତି, ଦାୟିତ୍ୱହୀନ ଓ ଗର୍ହିତ କାର୍ଯ୍ୟ। ଭୋଟର ଭୁଲ ତଥ୍ୟ ଦେଲେ ଦଣ୍ଡ ଭୋଗିବାର ପ୍ରାବଧାନ ଥିଲାବେଳେ ଯେଉଁ ସ୍ତରରେ ଯେଉଁ କର୍ମଚାରୀଙ୍କ ଯୋଗୁ ଏପରି ତ୍ରୁଟି ହେଉଛି, ସେମାନଙ୍କ ପାଇଁ ନିର୍ବାଚନ ଆଇନରେ ଦଣ୍ଡ ବ୍ୟବସ୍ଥା କାହିଁକି ନାହିଁ। ଏହା କି ପ୍ରକାର ନ୍ୟାୟ ? ଏପରି ବ୍ୟବସ୍ଥା ସମ୍ବିଧାନର ସମାନତାର ଅଧିକାରର ବିରୁଦ୍ଧାଚରଣ କରୁନି କି ? ଯଦି କଠୋର ଦଣ୍ଡ (ଜେଲ ଓ ଜରିମାନା ଉପଯୁକ୍ତ ଯାଞ୍ଚ ପରେ) ବ୍ୟବସ୍ଥା ହୁଅନ୍ତା, ଏପରି ତ୍ରୁଟିକୁ ରୋକାଯାଇପାରନ୍ତା।

-ଚିନ୍ତାମଣି ମହାପାତ୍ର, ଅଭୟମୁଖୀ, ଖୋର୍ଦ୍ଧା

## ଜୈବିକ ସାର ବ୍ୟବହୃତ ହେଉ

ରାଜ୍ୟରେ ଚାଷୀମାନେ ରାସାୟନିକ ସାର ବ୍ୟବହାର କମ୍ କରି ଜୈବିକ ଖତ ସାର ପ୍ରୟୋଗ କରିବା ଆବଶ୍ୟକ । ରାସାୟନିକ ସାର ଅଧିକ ମାତ୍ରାରେ ପ୍ରୟୋଗ ଯୋଗୁ ମାଟିର ଉର୍ବରତା ଶକ୍ତି ହ୍ରାସ ପାଇବା ସହ ପରିବେଶ ଅସନ୍ତୁଳିତ ହେଉଅଛି । ଅଧିକନ୍ତୁ କୃଷି ଅଧିକାରୀଙ୍କ ସହ ପରାମର୍ଶ କରି ଅଭାବ ଥିବା ସାର ଦିଆଯାଉ । ପ୍ରତି ତିନି ବର୍ଷରେ ଥରେ ମୃତ୍ତିକା ପରୀକ୍ଷାଗାରରେ ପରୀକ୍ଷା କଲେ ମାଟିର ସ୍ୱାସ୍ଥ୍ୟ ସମସ୍ୟା ଦୂର ହୋଇପାରିବ ।

-ରମେଶ ଚନ୍ଦ୍ର ବେହେରା, ଆୟଉପୁର, କିଶନନଗର, କଟକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୩ ଡିସେମ୍ବର ,୨୦୨୦

## ଗଣବଳାତ୍କାର ମାମଲା: ତଦନ୍ତ ରିପୋର୍ଟ ଦାଖଲ ନିର୍ଦ୍ଦେଶ

କଟକ ଅଫିସ: ମାଲକାନଗିରି ଅଞ୍ଚଳରେ ଜଣେ ମହିଳାଙ୍କୁ ଗଣବଳାତ୍କାର ଓ ପରେ ହତ୍ୟା କରାଯିବା ମାମଲାର ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଛି। ଜଷ୍ଟିସ ବିଶ୍ୱଜିତ ମହାନ୍ତିଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରି ମାମଲାର ଅଗ୍ରଗତି ତଥା କେତେଜଣଙ୍କୁ ଏବେ ସୁଦ୍ଧା ଗିରଫ କରାଯାଇଛି ବୋଲି ସରକାରଙ୍କୁ ପଚାରିଥିଲେ। ତେବେ ଏପର୍ଯ୍ୟନ୍ତ ତଦନ୍ତ ରିପୋର୍ଟ ହସ୍ତଗତ ହୋଇ ନ ଥିବାରୁ ସରକାରଙ୍କ ପକ୍ଷରୁ ଆଉ ଅଧିକ ସମୟ ମଗାଯାଇଥିଲା। ଫଳରେ ଅଦାଲତ ମାମଲାର ପରବର୍ତ୍ତୀ ଶୁଣାଣି ୪ ଜାନୁୟାରୀ ପୂର୍ବରୁ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ଆବେଦନକାରୀ ବୁଦ୍ରା ଗୌଡଙ୍କ ତରଫରୁ ଆଇନଜୀବୀ ଆକାଶ ଭୂୟାଁ ମାମଲା ପରିଚାଳନା କରୁଛନ୍ତି।



### ସଂକ୍ଷେପରେ

## ପୁରୀ ହାଜତ ମୃତ୍ୟୁ ମାମଲା ତଦନ୍ତ ନେଇ ଅସନ୍ତୋଷ ପ୍ରକାଶ କଲେ କୋର୍ଟ

**କଟକ ଅଫିସ,୨୨।୧୨:** ପୁରୀ ହାଜତ ମୃତ୍ୟୁ ମାମଲାର ଶୁଣାଣି ମଙ୍ଗଳବାର ହାଇକୋର୍ଟରେ ହୋଇଥିଲା। ମୁଖ୍ୟ ବିଚାରପତି ଜଷ୍ଟିସ୍ ମହମ୍ମଦ ରଫିକ ଓ ଜଷ୍ଟିସ ବି.ଆର୍. ଷଡ଼ଙ୍ଗୀଙ୍କୁ ନେଇ ଗଠିତ ଖଣ୍ଡପୀଠ ତଦନ୍ତର ଅଗ୍ରଗତି ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ହାଜତ ମୃତ୍ୟୁ ପାଇଁ ଦାୟୀ ପୋଲିସଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଛି କି ନାହିଁ ସେନେଇ ଖଣ୍ଡପୀଠ ସରକାରଙ୍କୁ ପ୍ରଶ୍ନ କରିଛନ୍ତି। ସେହିପରି ବ୍ୟବଚ୍ଛେଦ ରିପୋର୍ଟ, ବିଚାରବିଭାଗୀୟ ମାଜିଷ୍ଟ୍ରେଟଙ୍କ ତଦନ୍ତ ରିପୋର୍ଟ, ଡାକ୍ତରୀ ପରୀକ୍ଷା ରିପୋର୍ଟ ଓ ବର୍ତ୍ତମାନ ସୁଦ୍ଧା କ'ଣ ସବୁ ପଦକ୍ଷେପ ନିଆଯାଇଛି ସେ ସବୁର ସବିଶେଷ ତଥ୍ୟ ମଗାଯାଇଛି। ଏହାସହ ମାମଲାକୁ ଠିକ୍ ଦିଗରେ ପରିଚାଳନା କରିବାକୁ ଆଡ୍‌ଭୋକେଟ ଜେନେରାଲଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଜାନୁୟାରୀ ୧୧ତାରିଖରେ ପରବର୍ତ୍ତୀ ଶୁଣାଣି ଥିବାରୁ ଏହାପୂର୍ବରୁ ଏସବୁ ତଥ୍ୟ ଦାଖଲ କରିବାକୁ ସରକାରଙ୍କୁ କୋର୍ଟ କହିଛନ୍ତି। ଆବେଦନକାରୀ ଓକିଲ ଶରତ କୁମାର ରାୟଗୁରୁଙ୍କ ତରଫରୁ ଆଇନଜୀବୀ ଦୀପକ ମହାପାତ୍ର, କବିରାଜ ପ୍ରଧାନ ଓ ପଦ୍ମାଳୟା ମହାପାତ୍ର ମାମଲା ପରିଚାଳନା କରୁଛନ୍ତି। ପ୍ରକାଶ ଯେ, ନଭେମ୍ବର ୧୮ରେ ପୁରୀ ବାସେଳି ସାହି ଥାନା ହାଜତରେ ପୋଲିସ ମାଡ଼ରେ କେ.ରମେଶଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା।

## ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଉତ୍କର୍ଷ କେନ୍ଦ୍ରରୁ ପ୍ରଶିକ୍ଷଣ ନେଲେ ୧୦ ଯୁବ ଇଞ୍ଜିନିୟର

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ):** ଭୁବନେଶ୍ୱରସ୍ଥିତ କଲେଜ ଅଫ୍ ଇଞ୍ଜିନିୟରିଂ ଆଣ୍ଡ୍ ଟେକ୍‌ନୋଲୋଜି(ସିଇଟି) କ୍ୟାମ୍ପସ୍‌ରେ ଯୁବ ଗ୍ରାଜୁଏଟ୍‌ଙ୍କୁ ତାଲିମ ଦେବା ପାଇଁ ଗତବର୍ଷଠାରୁ ଆରମ୍ଭ ହୋଇଥିବା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସି ଉତ୍କର୍ଷ କେନ୍ଦ୍ରରୁ ୧୦ ଛାତ୍ରୀଛାତ୍ର କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପ୍ରଥମ ବ୍ୟାଚ୍‌ର ଯୁବ ଇଞ୍ଜିନିୟରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇବା ସହ ଶିଳ୍ପ ସଂସ୍ଥାରେ ନିଜର ପ୍ରତିଭା ବିକଶିତ କରିପାରିବେ ବୋଲି କହିଥିଲେ। ଆୟୋଜିତ ଭର୍ଚୁଆଲ କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା ବିଭାଗ ସଚିବ ସଞ୍ଜୟ ସିଂ ରାଜ୍ୟ ସରକାର, ଓଏସ୍‌ଡିଏ, ସିଇଟି ଏବଂ ବିପିୟୁଟିର ସହଯୋଗ ଯୋଗୁ ଆଜି ରାଜ୍ୟରେ ଏହି ଉତ୍କର୍ଷ କେନ୍ଦ୍ର ସ୍ଥାପନ ହୋଇପାରିଥିବା କହିଥିଲେ। ଆଗାମୀ ଭବିଷ୍ୟତ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଉପରେ ନିର୍ଭର କରୁଛି। ଏବେ ଏହାର ଗୁରୁତ୍ୱ ବୃଦ୍ଧି ପାଇଛି। ଏହି ଉତ୍କର୍ଷ କେନ୍ଦ୍ର ବିଭିନ୍ନ ଅନୁଷ୍ଠାନ ଓ ଶିଳ୍ପସଂସ୍ଥା ମଧ୍ୟରେ ଥିବା ଦୂରତ୍ୱ ହ୍ରାସ କରିବା ସହ ଜଟିଳ ସମସ୍ୟାର ସମାଧାନକୁ ସହଜ କରିପାରିବ ବୋଲି ସେ କହିଥିଲେ। ଆଗାମୀ ଦିନରେ ରାଜ୍ୟରେ ଏକ ଡାଟା ସେଣ୍ଟର ପ୍ରତିଷ୍ଠା କରିବା ନିମନ୍ତେ ଆବଶ୍ୟକ ଭିତ୍ତିଭୂମି ସହ ଜମି ଯୋଗାଇ ଦେବା ପାଇଁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ସଚିବ କହିଥିଲେ। ସିଇଟି ଅଧ୍ୟକ୍ଷ ପି.କେ. ପାତ୍ର, ବିହାର ସରକାରଙ୍କ ବୈଷୟିକ ଶିକ୍ଷା ବିଭାଗ କମିଶନର ଲୋକେଶ କୁମାର ସିଂ, ବିପିୟୁଟି କୁଳପତି ଡ. ସି. ଆର୍. ତ୍ରିପାଠୀ, ସିଇଟିର ପ୍ରଫେସର ଅଶୋକ ଦାସ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ଯୁଗ୍ମ ସଚିବ ଡ. ଅଜୟ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ହାତ ପତେଇବେ ଅଭିନେତ୍ରୀ ମୀରା

**ପୁରୁଣା ଭୁବନେଶ୍ୱର, ୨୨।୧୨(ଡି.ଏନ୍.ଏ.)**

■କୋଭିଡ୍ ପାଇଁ ଜୀବିକା ପ୍ରଭାବିତ
■୮ମାସ ହେବ ମିଳୁନି ଭତ୍ତା



କରୋନା ମହାମାରୀ ପାଇଁ ରାଜ୍ୟର ବିଭିନ୍ନ କଳାକାର ହାତବାନ୍ଧି ବସିଛନ୍ତି। ପ୍ରଭାବିତ ହୋଇଛି ଜୀବିକା। ଓଡ଼ିଆ ଫିଲ୍ମ ଜଗତର ହାସ୍ୟ ଅଭିନେତ୍ରୀ ତଥା ନୃତ୍ୟଶିଳ୍ପୀ ମୀରା ମହାନ୍ତି କେନ୍ଦ୍ର ସରକାର ପକ୍ଷରୁ କଳାକାର ଭତ୍ତା ପାଉଥିଲେ। ମାତ୍ର କୋଭିଡ୍ ପାଇଁ ଦୀର୍ଘ ୮ମାସ ହେବ ଭତ୍ତା ମିଳୁ ନାହିଁ। ଫଳରେ ଘର ଚଳାଇବା କଷ୍ଟକର ହୋଇପଡ଼ିଛି। ଆବଶ୍ୟକ ପଡ଼ିଲେ ଘର ଚଳାଇବା ପାଇଁ ହାତ ପତେଇବେ ବୋଲି ସେ କହିଛନ୍ତି। ସୂଚନା ମୁତାବକ, ୧୯୯୯ ମସିହା ପୂର୍ବରୁ ମୀରା କଟକର ବାସିନ୍ଦା ଥିଲେ। ସେ କଳାଶ୍ରୀ ଥିଏଟର, ଜନତା ରଙ୍ଗମଞ୍ଚ, ଅନ୍ନପୂର୍ଣ୍ଣା ଥିଏଟର-ଏ, ଏକାମ୍ର ଥିଏଟର ଆଦିରେ ନୃତ୍ୟଶିଳ୍ପୀ, ହାସ୍ୟାଭିନେତ୍ରୀ ଭାବେ ଅଭିନୟ କରିଥିଲେ। ଏଥିସହ ଓଡ଼ିଆ ଫିଲ୍ମ ପ୍ରତିଧ୍ୱନି, ଯାଯାବର, ତ୍ରିନାଥ ମେଳା, ସୁବର୍ଣ୍ଣ ସୀତା ଆଦିରେ ଅଭିନୟ କରି ଦର୍ଶକଙ୍କ ମନକୁ ଜିଣି ପାରିଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ସେ ସମ୍ମାନିତ ହୋଇଛନ୍ତି। ୧୯୯୯ ମସିହା ପରେ ସେ ଭୁବନେଶ୍ୱରର ୫୪ନଂ. ୱାର୍ଡ ମାଉସୀମା ଓଭର ବ୍ରିଜ୍ ପାର୍ଶ୍ୱରେ ରହୁଛନ୍ତି। ତାଙ୍କ ସହ ବିଧବା ବୋହୂ ଓ ନାତୁଣୀ ରହୁଛନ୍ତି। କିଛିଦିନ ପରେ ସେ କ୍ୟାନସରରେ ପୀଡ଼ିତ ହୋଇଥିଲେ। ସମ୍ପର୍କୀୟ ଏବଂ ସରକାରଙ୍କ ସହଯୋଗରେ ଚିକିତ୍ସା ପରେ ଭଲ ହୋଇଥିଲେ ମଧ୍ୟ ମଧୁମେହରେ ଆକ୍ରାନ୍ତ ହୋଇ ଡାହାଣ ଗୋଡ଼ ଆଙ୍ଗୁଠି ହରେଇଥିଲେ। ଭତ୍ତା ଟଙ୍କାରେ ପରିବାର ଚଳାଇବା ସହ ଔଷଧ ଓ ଚିକିତ୍ସା ଖର୍ଚ୍ଚ ମେଣ୍ଟାଉଥିଲେ। ଭତ୍ତା ବନ୍ଦ ହୋଇଯିବାରୁ ତାଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଆବଶ୍ୟକ ପଡ଼ିଲେ ସେ ହାତ ପତେଇବେ ବୋଲି ସେ କହିଛନ୍ତି। ଅନ୍ୟପଟେ ମୀରାଙ୍କୁ ସହଯୋଗ ପାଇଁ ସ୍ଥାନୀୟ ଲୋକେ ପ୍ରଶାସନ ନିକଟରେ ଅନୁରୋଧ କରିଛନ୍ତି।

# ଭଲ ପ୍ରଦର୍ଶନ କରୁଥିବା ବ୍ୟାଙ୍କ ପୁରସ୍କୃତ ହେବେ:ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ)**

### କୃଷକ, ଏସ୍ଏସ୍‌ଜି, ଏମ୍ଏସ୍ଏମ୍‌ଇକୁ ଋଣ ପ୍ରଦାନ ଉପରେ ଗୁରୁତ୍ୱ

ରାଜ୍ୟର କୃଷକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍ଏସ୍‌ଜି) ଏବଂ ଏମ୍ଏସ୍ଏମ୍‌ଇକୁ ଋଣ ପ୍ରଦାନ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଅର୍ଥନୀତିର ପୁନରୁଦ୍ଧାର ଲାଗି ଲକ୍ଷଲକ୍ଷ ଚାଷୀ, ମିଶନ ଶକ୍ତି ଗୋଷ୍ଠୀ ଏବଂ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉଦ୍ୟୋଗୀଙ୍କୁ ଋଣ ପ୍ରଦାନ ବର୍ତ୍ତମାନ ସମୟରେ ସବୁଠାରୁ ବଡ଼ ଆବଶ୍ୟକତା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କୃଷକ, ମିଶନ ଶକ୍ତି ଓ ଏମ୍ଏସ୍ଏମ୍‌ଇକୁ ଋଣ ପ୍ରଦାନ ସମ୍ପର୍କରେ ଜିଲାପାଳ ଓ ବ୍ୟାଙ୍କରମାନଙ୍କ ସହିତ ଅନୁଷ୍ଠିତ ସମୀକ୍ଷା ବୈଠକରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଋଣ ପ୍ରଦାନ ମାଧ୍ୟମରେ ଅର୍ଥନୀତିର ପୁନରୁଦ୍ଧାର ଆଶାକୁ ରାଜ୍ୟର ପ୍ରତ୍ୟେକ ପରିବାର ନିକଟରେ ପହଞ୍ଚାଇବାକୁ ଗୁରୁତ୍ୱ ଦେଇଥିଲେ। କୃଷକ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଏମ୍ଏସ୍ଏମ୍‌ଇକୁ ଋଣ ପ୍ରଦାନ କ୍ଷେତ୍ରରେ ପୂର୍ଣ୍ଣ ସହଯୋଗ ଯୋଗାଇଦେବାକୁ ମୁଖ୍ୟମନ୍ତ୍ରୀ ବ୍ୟାଙ୍କଗୁଡ଼ିକୁ ପରାମର୍ଶ ଦେଇଥିଲେ। ଗତ କିଛି ସପ୍ତାହ ମଧ୍ୟରେ ଋଣ ପ୍ରଦାନ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହୋଇଥିଲେ ମଧ୍ୟ ଋଣ ଚାହୁଁଥିବା ପ୍ରତ୍ୟେକ ନାଗରିକର ଆବଶ୍ୟକତା ପୂରଣ ହେବା ପର୍ଯ୍ୟନ୍ତ ଏହି ଧାରା ଅବ୍ୟାହତ ରଖିବାକୁ ସେ ପରାମର୍ଶ ଦେଇଥିଲେ।

ଚଳିତ ଆର୍ଥିକବର୍ଷର ଶେଷ ୩ମାସ ମଧ୍ୟରେ ସବୁ ଜିଲା ଓ ବ୍ୟାଙ୍କଗୁଡ଼ିକ ସେମାନଙ୍କ ଋଣ ପ୍ରଦାନର ଲକ୍ଷ୍ୟ ପୂରଣ କରିବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିବା ସହ ଫେବୃଆରୀ ୨୬ ତାରିଖରେ ଏ ସଂପର୍କରେ ସେ ଆଉ ଥରେ ସମୀକ୍ଷା କରିବେ ବୋଲି କହିଥିଲେ। ଭଲ ପ୍ରଦର୍ଶନ କରୁଥିବା ବ୍ୟାଙ୍କଗୁଡ଼ିକ ସମ୍ପର୍କରେ କେନ୍ଦ୍ର ଅର୍ଥମନ୍ତ୍ରୀଙ୍କୁ ଅବଗତ କରାଯିବ ଏବଂ ସେମାନଙ୍କୁ ଚଳିତ ଆର୍ଥିକବର୍ଷ ଶେଷରେ ପୁରସ୍କୃତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ବୈଠକରେ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କୃଷି, ମହିଳା ଓ ଏମ୍ଏସ୍ଏମ୍‌ଇ କ୍ଷେତ୍ରରେ ବ୍ୟାପକ ଅର୍ଥନୈତିକ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି ଏବଂ ଏ କ୍ଷେତ୍ରକୁ ପର୍ଯ୍ୟାପ୍ତ ପରିମାଣରେ ଋଣପ୍ରଦାନ କରିବାକୁ କହିଥିଲେ। କୃଷି ଓ ପଶୁପାଳନରେ କିଶାନ କ୍ରେଡିଟ କାର୍ଡ ଓ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାକୁ ଋଣପ୍ରଦାନ କ୍ଷେତ୍ରରେ ବ୍ୟାଙ୍କଗୁଡ଼ିକ ଗୁରୁତ୍ୱ ଦେବାକୁ କୃଷି ବିଭାଗ ପ୍ରମୁଖ ସଚିବ ସୌରଭ ଗର୍ଗ ଏବଂ ମତ୍ସ୍ୟ ଓ ପଶୁସଂପଦ ବିକାଶ ବିଭାଗ ସଚିବ ଆର୍. ରଘୁପ୍ରସାଦ କହିଥିଲେ। ବର୍ତ୍ତମାନ ସୁଦ୍ଧା ୬୩% ଋଣପ୍ରଦାନ ଲକ୍ଷ୍ୟ ହାସଲ ହୋଇସାରିଛି ଏବଂ ବର୍ଷ ଶେଷସୁଦ୍ଧା ସମ୍ପୂର୍ଣ୍ଣ ଲକ୍ଷ୍ୟ ପୂରଣ ହେବ ବୋଲି ଏମ୍ଏସ୍ଏମ୍‌ଇ ବିଭାଗ ପ୍ରମୁଖ ସଚିବ ସତ୍ୟବ୍ରତ ସାହୁ କହିଥିଲେ। ସେହିଭଳି ପ୍ରତ୍ୟେକ ସ୍ୱୟଂ ସହାୟକ ଗୋଷ୍ଠୀକୁ ଅତିକମ୍‌ରେ ୨ ଲକ୍ଷ ଟଙ୍କା ଋଣ ଦେବା ଏବଂ ଋଣପ୍ରଦାନ ଆବେଦନକୁ ବ୍ୟାଙ୍କଗୁଡ଼ିକ ପକାଇ ନ ରଖି ତୁରନ୍ତ ଫଇସଲା କରିବାକୁ ମିଶନ ଶକ୍ତି ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ କହିଥିଲେ।

# ୨ ଦିନିଆ ରିମାଣ୍ଡରେ ଆସିଲେ ଅଭୟକାନ୍ତ

### ସ୍କାଏ କିଙ୍ଗକୁ ଠକେଇ ମାମଲା

**ଭୁବନେଶ୍ୱର,୨୨।୧୨(ବ୍ୟୁରୋ):** ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ ଜେଲ ଯାଇଥିବା ଆଇଏଫଏସ୍ ଅଫିସର ଅଭୟକାନ୍ତ ପାଠକଙ୍କୁ ମଙ୍ଗଳବାର ୨ଦିନିଆ ରିମାଣ୍ଡରେ ଆଣିଛି କମିଶନରେଟ ପୋଲିସ। ଟ୍ରାଭେଲ ସଂସ୍ଥା ସ୍କାଏ କିଙ୍ଗକୁ ଠକେଇ ମାମଲାରେ ଅଭୟକାନ୍ତଙ୍କ ସମ୍ପୃକ୍ତି ଅଛି କି ନାହିଁ ସେନେଇ ପୋଲିସ ପ୍ରମାଣ ଯୋଗାଡ଼ କରିବାକୁ ଲକ୍ଷ୍ୟ ରଖିଛି। ପୂର୍ବରୁ ତାଙ୍କ ପୁଅ ଆକାଶଙ୍କୁ ଟାଟା କମ୍ପାନୀରେ ନିଯୁକ୍ତ ଜାଲିଆତି ସହ ସ୍କାଏ କିଙ୍ଗକୁ ଠକେଇ ଅଭିଯୋଗରେ କମିଶନରେଟ ପୋଲିସ ୪ ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରିଥିଲା। ତାଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ବାପା ଅଭୟକାନ୍ତଙ୍କୁ କମିଶନରେଟ ମୁଖ୍ୟାଳୟରେ ସ୍କାଏ କିଙ୍ଗ୍ ଠକେଇ ସମ୍ପର୍କିତ ପଚରାଉଚରା କରାଯାଉଛି। ଅଭୟକାନ୍ତଙ୍କ ବ୍ୟାଙ୍କ ଆକାଉଣ୍ଟରୁ ସ୍କାଏ କିଙ୍ଗ ସଂସ୍ଥାକୁ ପେମେଣ୍ଟ ହୋଇଥିବା ଲକ୍ଷାଧିକ ଟଙ୍କାର ହିସାବ ମାଗିଛି ପୋଲିସ। ଏଥିସହ ବକେୟା ଥିବା ୬୫ ଲକ୍ଷ ଟଙ୍କା ନ ଦେଇ ସେ ଉକ୍ତ ସଂସ୍ଥାର କର୍ମଚାରୀଙ୍କୁ ଧମକଚମକ ଦେଇଥିବା ନେଇ ହୋଇଥିବା ଅଭିଯୋଗ ସଂକ୍ରାନ୍ତରେ ପୋଲିସ ପଚରାଉଚରା କରିଥିବା ଜଣାପଡିଛି।

ପାଠକ ବାପପୁଅ ପଞ୍ଚତାରକା ହୋଟେଲରେ ରହିବା ସହ ଚାର୍ଟର ଫ୍ଲାଇଟ୍‌ରେ ବାରମ୍ବାର ରାଜ୍ୟ ବାହାରକୁ ଯିବାଆସିବା କରିଥିଲେ। ଏଥିପାଇଁ ଉକ୍ତ ଟ୍ରାଭେଲ ସଂସ୍ଥାରୁ ସେମାନେ ବୁକିଂ କରିଥିଲେ। ଉଭୟ ଗିରଫ ହେବା ପରେ ସଂସ୍ଥାର ମ୍ୟାନେଜିଂ ପାର୍ଟନର ପ୍ରଭାସ ଚୌଧୁରୀ ସେମାନଙ୍କ ନାଁରେ ଖାରବେଳନଗର ଥାନାରେ ଠକେଇ ଅଭିଯୋଗ କରିଥିଲେ। ପୋଲିସ ୨୯୩/୨୦ରେ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା।



ଅଭୟକାନ୍ତ ପାଠକଙ୍କୁ କମିଶନରେଟ୍ ପୋଲିସ ଝାରପଡ଼ା ଜେଲର ରିମାଣ୍ଡରେ ନେଉଛି।

# 'ଶ୍ରୀକ୍ଷେତ୍ରର ସାଂସ୍କୃତିକ ଐତିହ୍ୟ' ପୁସ୍ତକ ଗବେଷଣାରେ ସହାୟକ ହେବ

**ଭୁବନେଶ୍ୱର, ୨୨।୧୨(ବ୍ୟୁରୋ)**

ପୁରୀର ସାଂସ୍କୃତିକ ପରିମଣ୍ଡଳର ଅତୀତ ଓ ବର୍ତ୍ତମାନ ସର୍ବଦା ବୌଦ୍ଧିକ ଆଲୋଚନାର ପ୍ରସଙ୍ଗ ପାଲଟିଛି। ଏହା ଉପରେ ପର୍ଯ୍ୟବସିତ ଡ. ଭାସ୍କର ମିଶ୍ରଙ୍କ ଲିଖିତ ପୁସ୍ତକ 'ଶ୍ରୀକ୍ଷେତ୍ରର ସାଂସ୍କୃତିକ ଐତିହ୍ୟ' ଗବେଷକ ତଥା ଜଗନ୍ନାଥ ସଂସ୍କୃତି ପ୍ରେମୀଙ୍କ ପାଇଁ ଉପାଦେୟ ହେବ ବୋଲି ମଙ୍ଗଳବାର ଏହାର ଲୋକାର୍ପଣ ଅବସରରେ ଅତିଥିମାନେ କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ କୃପାସିନ୍ଧୁ ମିଶ୍ର, 'ଉତ୍କଳ ପ୍ରସଙ୍ଗ' ଏବଂ 'ଓଡ଼ିଶା ରିଭ୍ୟୁ'ର ସମ୍ପାଦକ ଡ. ଲେନିନ୍ ମହାନ୍ତି ପୁସ୍ତକକୁ ଉନ୍ମୋଚନ କରିଥିଲେ। ଶ୍ରୀକ୍ଷେତ୍ରର ପ୍ରାଚୀନତା, କ୍ଷେତ୍ର ମାହାତ୍ମ୍ୟ, ବିବିଧ ପରମ୍ପରା, ବିଭିନ୍ନ ଦେବଦେବୀ ପୀଠ, ତୀର୍ଥ-ପୁଷ୍କରିଣୀ ଓ ସ୍ୱର୍ଗଦ୍ୱାର ଇତ୍ୟାଦି ଉପରେ ପୁସ୍ତକଟିରେ ସବିଶେଷ ତଥ୍ୟ ରହିଥିବା ନିର୍ଦ୍ଦେଶକ ମିଶ୍ର କହିଲେ। ଡ. ମହାନ୍ତି କହିଲେ, ପୁସ୍ତକଟିରେ ପୁରୀ ସମ୍ପର୍କରେ ଅତ୍ୟନ୍ତ ନିବିଡ଼ ଓ ସାରଗର୍ଭକ ଆଲେଖ୍ୟମାନ ସନ୍ନିବେଶିତ ହୋଇଛି। ଲେଖକ ଡ. ମିଶ୍ର ପୁସ୍ତକଟିରେ ପ୍ରଦାନ କରିଥିବା ତଥ୍ୟାବଳୀ ଗବେଷକ, ଅଧ୍ୟାତ୍ମବାଦୀ ଏବଂ ଜିଜ୍ଞାସୁ ପାଠକଙ୍କୁ ସହାୟତା ପ୍ରଦାନ କରିବ ବୋଲି କହିଛନ୍ତି।



ପୁସ୍ତକ 'ଶ୍ରୀକ୍ଷେତ୍ରର ସାଂସ୍କୃତିକ ଐତିହ୍ୟ'କୁ ଉନ୍ମୋଚନ କରାଯାଉଛି।

# ଭିଜିଲାନ୍ସ ଜାଲରେ କୋଟିପତି ଆର୍‌ଆଣ୍ଡବି କିରାଣି

**ଭୁବନେଶ୍ୱର,୨୧।୧୨(ବ୍ୟୁରୋ)**

■୬ ସ୍ଥାନରେ ଏକକାଳୀନ ଚଢ଼ାଉ
■୫ କୋଟିରୁ ଊର୍ଦ୍ଧ୍ୱ ସମ୍ପତ୍ତି ଠାବ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପୂର୍ତ୍ତ ବିଭାଗ ଅଧୀନ ରୋଡ୍ ଆଣ୍ଡ ବିଲ୍ଡିଂ (ଆର୍‌ଆଣ୍ଡବି) ଡିଭିଜନର ବରିଷ୍ଠ କିରାଣି ଅସିତ କୁମାର ନାୟକଙ୍କ ଘରେ ଭିଜିଲାନ୍ସ ଚଢ଼ାଉ ହୋଇଛି। ଅସିତ ବର୍ତ୍ତମାନ ଆର୍‌ଆଣ୍ଡବି ଭୁବନେଶ୍ୱର ଡିଭିଜନ-୧ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ତାଙ୍କ ଘର ଗଞ୍ଜାମ ଗୋଳନ୍ତରା ଥାନାଞ୍ଚଳରେ। ମଙ୍ଗଳବାର ଭୁବନେଶ୍ୱର ଭିଜିଲାନ୍ସ ଟିମ୍ ତାଙ୍କ କାର୍ଯ୍ୟାଳୟ ସମେତ ୬ ସ୍ଥାନରେ ଏକକାଳୀନ ଚଢାଉ କରିଥିଲା। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ପକ୍ଷରୁ ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଚଢ଼ାଉ ହୋଇଥିଲା। ସନ୍ଧ୍ୟା ସୁଦ୍ଧା ନଗଦ ୧୦ ଲକ୍ଷ ୬୨



ହଜାର ଟଙ୍କା ସମେତ ୫ କୋଟି ୧୩ ଲକ୍ଷ ୬୨ ହଜାର ୧୦୦ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଏଥିସହ ଭିଜିଲାନ୍ସ ଅଧିକାରୀମାନେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଛନ୍ତି। ଅସିତଙ୍କୁ କଟକସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇ ଅଧିକ ପଚରାଉଚରା କରାଯାଉଛି। ଯାଞ୍ଚବେଳେ ଭିଜିଲାନ୍ସ ପାଇଥିବା ସମ୍ପତ୍ତି ମଧ୍ୟରେ ଭୁବନେଶ୍ୱର ଡୁମୁଡୁମାସ୍ଥିତ ୬୬ ଲକ୍ଷ ୧୪ ହଜାର ଟଙ୍କାର ତିନି ମହଲା କୋଠା, ଜଟଣୀ ପ୍ରଧାନ ସାହି ଓ ବ୍ରହ୍ମପୁରରେ ଥିବା ୫୭ ଲକ୍ଷ ୭୧ ହଜାର ଟଙ୍କାର ୨ଟି ଡୁପ୍ଲେକ୍ସ, ଗଞ୍ଜାମ ଗୋଳନ୍ତରା ଥାନାଞ୍ଚଳରେ ଥିବା ୬ ଲକ୍ଷର ପୈତୃକ ବାସଭବନ, ବ୍ରହ୍ମପୁର ସ୍କେକ୍ସମ କନଷ୍ଟ୍ରକଶନରେ ୪୫ ଲକ୍ଷର ଗୋଟିଏ ଫ୍ଲାଟ, ବ୍ରହ୍ମପୁର ଓ ଜଟଣୀ ଅଞ୍ଚଳରେ ୮ ଲକ୍ଷ ୬୦ ହଜାର ଟଙ୍କା ମୂଲ୍ୟର ୪ ପ୍ଲଟ, ୮ ଲକ୍ଷ ଟଙ୍କାର ଗୋଟିଏ କାର, ଦେଢ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଗୋଟିଏ ବାଇକ, ବିଭିନ୍ନ ବ୍ୟାଙ୍କ୍ ଆକାଉଣ୍ଟରେ ୨ କୋଟି ୭୮ ଲକ୍ଷ ୮ ହଜାର ଟଙ୍କା ଓ ୨୯ ଲକ୍ଷ ୩୮ ହଜାର ଟଙ୍କାର ଘରକରଣା ସାମଗ୍ରୀ ରହିଛି।

**ଏସ୍.ଇ. ରେଳପଥ ଟେଣ୍ଡର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: (୧) ୪୨୪୫-ଜିଆରସି-ସିଇ-ସି-।।-୫୧-୨୦୨୦, (୨) ୪୨୫୧-ଜିଆରସି-ସିଇ-ସି-ଏସ୍‌ଉ-୫୬-୨୦୨୦ ତାରିଖ: ୨୧।୧୨।୨୦୨୦। ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମୁଖ୍ୟ ଯନ୍ତ୍ରୀ (ସିଓଏନ)/।।, ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ୍ ରିଚ୍‌ଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ କରାଯାଇଛି। ଟେଣ୍ଡରକୁ ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ। **(୧) କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ସୁନ୍ଦରଗଡ଼ ଜିଲ୍ଲାର ସରଡେଗାଠାରେ ପ୍ଲାଟଫର୍ମର ପ୍ରଶସ୍ତୀକରଣ ପାଇଁ ପରିବେଶ ଓ ଜଙ୍ଗଲ ମନ୍ତ୍ରଣାଳୟଠାରୁ ପର୍ଯ୍ୟାୟ-। ଓ ପର୍ଯ୍ୟାୟ-।। ମଞ୍ଜୁରୀ ହାସଲ ଲାଗି ଗଛଗୁଡ଼ିକର ଗଣନା, ଜଙ୍ଗଲ ଜମିର ବ୍ଲେଜିଂ, କଟିଂ, ମାପ, କ୍ଷେତ୍ର ସର୍ବେକ୍ଷଣ, ଡାଇଭର୍ଟ ହେବାକୁ ଥିବା ଜମିର ଡିମାର୍କେସନ, ଡିଜିପିଏସ୍ ଓ ଭୌଗୋଳିକ ନକ୍ସା ପ୍ରସ୍ତୁତି, କ୍ଷତିପୂରଣମୂଳକ, ବନୀକରଣ ଯୋଜନା ଲାଗି ଡ୍ରଇଂ ପ୍ରସ୍ତୁତି, ଜଙ୍ଗଲ ଜମି ପାଇଁ ଜଙ୍ଗଲ ସଂରକ୍ଷଣ ଅଧିନିୟମ, ୧୯୮୦ ଅନୁଯାୟୀ ଜଙ୍ଗଲ ଡାଇଭର୍ସନ ଲାଗି ଯୋଜନା ସହିତ ଦସ୍ତାବିଜଗୁଡ଼ିକର ପ୍ରସ୍ତୁତି ଓ ଦାଖଲ କରିବା ଭଳି କାର୍ଯ୍ୟର ନିର୍ବାହ। **(୨) କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଚମ୍ପାଝରନ-ପାଟସାହି ଦୋହରୀକରଣ କାର୍ଯ୍ୟ: ଦକ୍ଷିଣ ପୂର୍ବ ରେଳପଥର ଚମ୍ପାଝରନ-ପାଟସାହି ଦୋହରୀକରଣ କାର୍ଯ୍ୟ ସଂକ୍ରାନ୍ତରେ ପ୍ରମୁଖ ସେତୁ ନଂ. ୮୬ର ସେତୁ ଆପ୍ରୋଚ୍ ନିକଟରେ କି.ମି. ୪୪୪/୭-୧୫ଠାରେ ଆଲାଇନମେଣ୍ଟ ସଂଶୋଧନ। **ଆନୁମାନିକ ମୂଲ୍ୟ:** ₹୧୨.୭୨ ଲକ୍ଷ (କ୍ର.ସଂ. ୧ ପାଇଁ) ଏବଂ ଟ.୨୦.୩୬ ଲକ୍ଷ (କ୍ର.ସଂ. ୨ ପାଇଁ)। ଇଏମ୍‌ଡି: ₹୧,୮୫,୫୦୦/- (କ୍ର.ସଂ. ୧ ପାଇଁ) ଏବଂ ଟ.୪୦,୭୦୦/- (କ୍ର.ସଂ. ୨ ପାଇଁ)। **ସମାପ୍ତି ଅବଧି:** ୬ ମାସ (କ୍ର.ସଂ. ୧ ପାଇଁ) ଏବଂ ୨ ମାସ (କ୍ର.ସଂ. ୨ ପାଇଁ)। **ବନ୍ଦ ହେବା ତାରିଖ:** ତା୧୧।୦୧।୨୦୨୧ରିଖ (କ୍ର.ସଂ. ୧ ପାଇଁ) ଏବଂ ତା୧୨।୦୧।୨୦୨୧ରିଖ (କ୍ର.ସଂ. ୨ ପାଇଁ)। ଟେଣ୍ଡରର ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା / ସ୍ୱତନ୍ତ୍ରତା ପାଇଁ ତଥା ସେମାନଙ୍କର ବିଡ଼୍ ଅନ୍‌ଲାଇନରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in ପରିଦର୍ଶନ କରିପାରନ୍ତି। ଏହି ସାମଗ୍ରୀ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ। ବି.ଦ୍ର.: ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ସମ୍ଭାବ୍ୟ ବିଡରମାନେ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି। (PR-442)

**ODISHA STATE CO-OPERATIVE HANDICRAFTS CORPORATION LTD.**
Utkalika
Jayadev Vatika Square, Khandagiri Bari, Bhubaneswar-751030

EOI.1697 Dated : 22.12.2020

Sealed tender are invited from reputed manpower service providers to provide service of different types of manpower with effect from 01/01/2021. The detailed information for outsourcing the services of post has been given in the EOI which may be downloaded from www.utkalikaodisha.in. The last date and time of submission of the EOI is **30/12/2020 at 2 PM.**

Sd/- Managing Director

**GOVERNMENT OF ODISHA**
**OFFICE OF THE PURI MUNICIPALITY, PURI**
Email-purim.hud@nic.in
NATIONAL COMPETITIVE BIDDING THROUGH e-Procurement
Identification No.P.M.04/2020-21
Notice No.8606 Dated 21.12.20

1. Type of work: Civil work. 2. Total No. of works: 07 Nos. of Individual Works. 3. Estimate cost: Rs.410666/- & 4888439/-. 4. Period of completion: 30 days to 60 days. 5. Date & time of availability of bid document in the portal: From 03 P.M. of 23.12.2020 to 05 P.M. of 06.01.2021. 6. Last date/time for receipt of bid in the portal: Upto 05 P.M. of 06.01.2021. 7. Date of opening of bid: 11 A.M. of dtd. 07.01.2021. 8. Name & address of the officer inviting bid: Executive Officer, Puri Municipality, Puri. Further detail can be seen from the e-procurement portal www.tendersorissa.gov.in

Sd./- Executive Officer, Puri Municipality, Puri

**OFFICE OF THE REGULATED MARKET COMMITTEE, NABARANGPUR**

The Sub Collector cum Chairman, R.M.C., Nabarangpur invites tender from the approved suppliers for supply of Grading Equipments for the KMS 2020-21 vide Tender Call Notice No.399 dated 22.12.2020 along with specification and terms & conditions may be seen and downloaded from the District Web Portal http://www.nabarangpur.nic.in.

The date for availability of tender from 23.12.2020 at 10.00 A.M. to 07.01.2021 upto 5.30 P.M. and the last date for receipt of bid documents through Regd. Post/Speed Post on or before 16.01.2021 upto 5.30 P.M. and also the same will be opened on 18.01.2021 at 11.00 A.M. in the Office of the Regulated Market Committee, Nabarangpur in presence of quotationers or their authorised representatives.

Sd./-Secretary, RMC, Nabarangpur

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
**ଆକାଶ ଶୋଭା ବିଲ୍ଡିଂ**
**ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧**
ପତ୍ର ସଂଖ୍ୟା 20327/ଭୁ.ଉ.କ., ଭୁବନେଶ୍ୱର ତା27.11.20ରିଖ
EB V-255/78

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ବରଗଡ଼ ଗୃହ ନିର୍ମାଣ ପ୍ରକଳ୍ପର ଗୃହ ନଂ.EB-745କୁ ଶ୍ରୀ ହୃଦାନନ୍ଦ ଘଡାଇ, ପିତା- ଗଣେଶ୍ୱର ଚୌଧୁରୀ, ଗ୍ରାମ/ପୋ.ଅ.- ମାଣତିରା, ଥାନା-ସୁକିନ୍ଦା, ଜିଲ୍ଲା- ଯାଜପୁରଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ଶ୍ରୀ ହୃଦାନନ୍ଦ ଘଡାଇ ତା୦୩।୦୩।୨୦୧୮ରିଖରେ ମୃତ୍ୟୁବରଣ କରିଛନ୍ତି। ଆବଣ୍ଟନଗ୍ରାହୀଙ୍କ ମୃତ୍ୟୁ ପରେ ଉକ୍ତ ଘରର ମାଲିକାନା ଉତ୍ତରାଧିକାରୀ ସୂତ୍ରରେ (୧) ଶ୍ରୀମତୀ ସ୍ୱର୍ଣ୍ଣଲତା ଘଡାଇ (ସ୍ତ୍ରୀ), (୨) ଶ୍ରୀ ଅଶୋକ କୁମାର ଘଡାଇ (ପୁତ୍ର), (୩) ଶ୍ରୀ ଆଲୋକ କୁମାର ଘଡାଇ (ପୁତ୍ର) ଓ ମୀନାରାଣୀ ଘଡାଇ @ ଦାସ (ବିବାହିତା କନ୍ୟା)ଙ୍କ ନାମରେ ତା-୨୮।୦୮।୨୦୧୯ରିଖରେ ପରିବର୍ତ୍ତନ କରାଯାଇଥିଲା। ଇତି ମଧ୍ୟରେ ଶ୍ରୀମତୀ ସ୍ୱର୍ଣ୍ଣଲତା ଘଡାଇ ଓ ମୀନାରାଣୀ ଘଡାଇ @ ଦାସ ସେମାନଙ୍କର ଉକ୍ତ ଗୃହରେ ଥିବା ନିଜ ନିଜର ମାଲିକାନା ସ୍ୱତ୍ୱ ଶ୍ରୀ ଅଶୋକ କୁମାର ଘଡାଇ ଓ ଶ୍ରୀ ଆଲୋକ କୁମାର ଘଡାଇଙ୍କ ନାମରେ ହସ୍ତାନ୍ତର କରିବା ପାଇଁ ତା୨୮।୦୧।୨୦୨୦ରିଖରେ ଏକ ନାଦାବି ପତ୍ର (Registered Deed of Relinquishment) ସମ୍ପାଦିତ କରିଅଛନ୍ତି। ବର୍ତ୍ତମାନ ଶ୍ରୀ ଅଶୋକ କୁମାର ଘଡାଇ ଓ ଶ୍ରୀ ଆଲୋକ କୁମାର ଘଡାଇ ଉକ୍ତ ନାଦାବି ପତ୍ର ମାଧ୍ୟମରେ ସମ୍ପୂର୍ଣ୍ଣ ସ୍ୱତ୍ୱ/ମାଲିକାନା ତାଙ୍କ ନାମରେ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ଘରର ସମ୍ପୂର୍ଣ୍ଣ ମାଲିକାନା ସ୍ୱତ୍ୱ ଶ୍ରୀ ଅଶୋକ କୁମାର ଘଡାଇ ଓ ଶ୍ରୀ ଆଲୋକ କୁମାର ଘଡାଇଙ୍କ ନାମରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ଗୃହ ନଂ. EB-745ରେ ଥିବା ସ୍ୱତ୍ୱ/ମାଲିକାନା ଶ୍ରୀମତୀ ସ୍ୱର୍ଣ୍ଣଲତା ଘଡାଇ ଓ ମୀନାରାଣୀ ଘଡାଇ @ ଦାସଙ୍କଠାରୁ ଉଚ୍ଛେଦ କରାଯାଇ ଶ୍ରୀ ଅଶୋକ କୁମାର ଘଡାଇ ଓ ଶ୍ରୀ ଆଲୋକ କୁମାର ଘଡାଇଙ୍କ ନାମରେ ସମ୍ପୂର୍ଣ୍ଣ ସ୍ୱତ୍ୱ/ମାଲିକାନା ଆଇନ ଅନୁଯାୟୀ କରାଯିବ।

ସ୍ୱା./- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

See Career Appointment on every Wednesday & Saturday

**OFFICE OF THE NOTIFIED AREA COUNCIL, BUGUDA, GANJAM**
Mail ID- bugudanac@rediffmail.com Ph.06818-251135
Letter No.1628/ Date:22.12.20

**QUOTATION CALL NOTICE**

Sealed quotations are invited from Govt. authorized firms/dealers for selling of Waste Materials of MRF centre of Buguda NAC. The rate should be quoted against the item excluding taxes. The quotationers are essentially required to enclose their GST Registration Certificate, PAN card, Firm Registration Certificate etc. The quotationer shall be required to produce the original copy of the required document before the undersigned at the time of opening of tender.

The quotationer should submit EMD 1% of quoted rate in shape of B.D./D.D./T.D.A. pledged in favour of Executive Officer, Buguda NAC as mentioned detailed below. The quotation paper will be available at the office of the udnersigned from date 23.12.20, 10 A.M. to 07.01.21 in the office hour except holidays and the quotation received on or before dt.05.01.21 at 03.00 P.M. on Tender Box/Speed Post/Registered Post and the same will be opened on dt.06.01.21 at 03.00 P.M. in presence of respective quotationers or their authorized representatives.

The authority reserves the right to accept or reject any or all the quotations without assigning any reason thereof.

| Sl.No. | ITEM | Paper Cost |
|---|---|---|
| 01 | Selling of waste materials of MRF Center of Buguda NAC. | Rs.1000 |

Sd./- Executive Officer
N.A.C., Buguda, Ganjam

**ORISSA STATE AIDS CONTROL SOCIETY (OSACS)**
(Department of Health & Family Welfare), Government of Orissa
No.3952/OSACS Date:21.12.2020

**ADVERTISEMENT**

**AGAINST THE RECRUITMENT OF ART PLUS CENTRE, ART CENTRE, FI-ART CENTRE AND LINK ART PLUS CENTRE STAFFS**

Reference to detail of advertisements mentioned below:-

| Sl. No. | Main Advertisement No. | Published on | Corrigundum No. | Published on |
|---|---|---|---|---|
| 1. | IX-OSAS-ART-08/2019-20-34/OSACS dated 02.01.2020 | 03.01.2020 | IX-OSAS-ART -08/2019-20-953/OSACS dated 07.03.2020 | 08.03.2020 |
| 2. | IX-OSACS-ART-08/2019-20-(P):671/OSACS dated 24.02.2020 | 27.02.2020 | IX-OSACS-ART -08/2019-20-(P):963/OSACS dated 07.03.2020 | 08.03.2020 |
| 3. | IX-OSACS-ART-07/2020-21-2614/OSACS dated 08.10.2020 | 12.10.2020 | Nil | Nil |

Now it is mentioned that though the advertisement made for different posts, out of that the posting of posts like; Lab. Technician, Pharmacist and Staff Nurse which were kept in abeyance is hereby cancelled. Rest of the posts will be filled-up by adhering the Recruitment Guidelines provided by National AIDS Control Organization, Ministry of Health & Family Welfare, Govt. of India.

It is to inform that all applicants those who are already applied during due course of time period mentioned against in the above advertisements are hereby informed need not to apply again.

Sd./- Project Director

2nd Floor, Oil Odisha Building, Nayapalli, Bhubaneswar,
Ph: (0674) 2395415/2393235 Fax: 2394560, National HIV/AIDS Help Line: 1097 (Toll Free),
E-mail: sacorissa@sify.com; orissasacs@gmail.com; sacs_orissa@nacoindia.org

## ମାଲବାହୀ ଟ୍ରେନ୍ ଲାଇନଚ୍ୟୁତ



ସୁନ୍ଦରଗଡ/ବଣାଇ, ୨୨।୧୨(ଡି.ଏନ.ଏ./ସ୍ୱ.ପ୍ର): ସୁନ୍ଦରଗଡ଼ ଜିଲା ବରସୁଆଁରୁ ରାଉରକେଲା ଆସୁଥିବା ବେଳେ ବିମଳାଗଡଠାରେ ମଙ୍ଗଳବାର ରାତି ୯ଟାରେ ଏକ ଲୁହାପଥର ବୋଝେଇ ମାଲବାହୀ ଟ୍ରେନ୍‌ର ୩୧ଟି ବଗି ଲାଇନ୍‌ଚ୍ୟୁତ ହୋଇଛି । ଏହି ଦୁର୍ଘଟଣାରେ ଟ୍ରେନ୍‌ର ଦୁଇଜଣ କର୍ମଚାରୀ ଆହତ ହୋଇଥିବା ଜଣାପଡିଛି। ଖବର ପାଇ ରେଲୱେ ଅଧିକାରୀ ଓ କର୍ମଚାରୀମାନେ ଦୁର୍ଘଟଣାସ୍ଥଳରେ ପହଞ୍ଚି ଘଟଣାର ଯାଞ୍ଚ କରିବା ସହ ଉକ୍ତ ରୁଟ୍‌ରେ ଟ୍ରେନ ଚଳାଚଳ ସ୍ୱାଭାବିକ ପାଇଁ କାର୍ଯ୍ୟ ଆରମ୍ଭ କରିଦେଇଛନ୍ତି ।

## ସଂକ୍ଷେପରେ

### ପଥରରେ ଛେଚି ସ୍ତ୍ରୀଙ୍କୁ ହତ୍ୟା

ରାଇରଙ୍ଗପୁର,୨୨।୧୨(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ଗୋରୁମହିଷାଣୀ ଥାନା ଚଡ୍ରେଇପାହାଡ଼ି ପଞ୍ଚାୟତ ଅନ୍ତର୍ଗତ ଲକ୍ଷ୍ମଣଛତ୍ର ଗ୍ରାମରେ ଘରୋଇ କଳିକୁ ନେଇ ସ୍ତ୍ରୀଙ୍କୁ ପଥରରେ ଛେଚି ସ୍ୱାମୀ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏନେଇ ପୋଲିସ ଏକ ମାମଲା(ନଂ.୯୧/୨୦) ରୁଜୁ କରି ହତ୍ୟାକାରୀ ନାଗାୟୀ ହେମ୍ବ୍ରମଙ୍କୁ ଗିରଫ କରିଛି। ମୃତ ମହିଳା ଜଣକ ହେଲେ ଛିତା ହେମ୍ବ୍ରମ। ପୋଲିସ ସୂଚନା ଅନୁଯାୟୀ, ଶନିବାର ରାତିରେ ସ୍ତ୍ରୀ ଓ ସ୍ୱାମୀଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସ୍ୱାମୀ ନାଗାୟୀ ଏକ ପଥରରେ ଛିତାଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ୩ ଦିନ କାଳ ଘରେ ମୃତଦେହ ପଡ଼ି ରହିବା ପରେ ସ୍ଥାନୀୟ ଲୋକଙ୍କଠାରୁ ଖବରପାଇ ମୃତ ଛିତାଙ୍କ ବାପଘର ଲୋକେ ପହଞ୍ଚି ମଙ୍ଗଳବାର ଥାନାରେ ଅଭିଯୋଗ କରିଥିଲେ। ଥାନା ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ହତ୍ୟାକାରୀ ସ୍ୱାମୀଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

### ଜିଅନ୍ତା ଜଳିଗଲେ ବୃଦ୍ଧା

■ ଶୀତରୁ ରକ୍ଷା ପାଇଁ ଖଟପାଖେ ଥିଲା ନିଆଁ

ବାଲିଗୁଡ଼ା,୨୨।୧୨(ଡି.ଏନ୍.ଏ.): କନ୍ଧମାଳ ଜିଲାରେ ଗତ ୩ଦିନ ହେଲା ପ୍ରବଳ ଶୀତ ଅନୁଭୂତ ହେଉଛି। ହାଡ଼ଭଙ୍ଗା ଶୀତରୁ ରକ୍ଷା ପାଇବା ପାଇଁ ଏକ କଡ଼େଇରେ ନିଆଁ ଜାଳି ଶୋଇଥିବା ବେଳେ ସୋମବାର ରାତିରେ ଜଣେ ମହିଳା ଜିଅନ୍ତା ଜଳିଯାଇଛନ୍ତି। ସେ ହେଲେ ବାଲିଗୁଡ଼ା ଥାନା ଅନ୍ତର୍ଗତ କତେରିଭଟା ଗାଁରେ ନୀଳାମ୍ବର ମଲ୍ଲିକଙ୍କ ସ୍ତ୍ରୀ ଫୁଲ। ପ୍ରକାଶ ଯେ, ନୀଳାମ୍ବର କୌଣସି କାମରେ ବାହାରକୁ ଯାଇଥିଲେ। ଘରେ ଫୁଲ ଏକା ରହିଥିଲେ। ରାତିରେ ସେ ନିଆଁ ଜାଳି ଏକ ଦଉଡ଼ିଆ ଖଟରେ ଶୋଇଥିଲେ। ବିଳମ୍ବିତ ରାତିରେ କୌଣସି କାରଣରୁ ନିଆଁ ଆସବାବପତ୍ରରେ ଲାଗି ବ୍ୟାପି ଯାଇଥିଲା। ପଡ଼ୋଶୀମାନେ ନିଆଁ ଦେଖି ଫୁଲଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ ପାରି ନ ଥିଲେ। ଏନେଇ ବାଲିଗୁଡ଼ା ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ ଫୁଲ ଜୀଅନ୍ତା ଜଳିଯାଇଥିଲେ।

# ଦକ୍ଷେଶ୍ୱର ମନ୍ଦିରରୁ ୨୨ ଅଷ୍ଟଧାତୁ ମୂର୍ତ୍ତି ଚୋରି

## ପୋଲିସ ତଦନ୍ତ ଆରମ୍ଭ, ୨ ଅଟକ

ଖୋର୍ଦ୍ଧା ଅଫିସ୍/ ବାଣପୁର, ୨୨।୧୨ (ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଣପୁରର ଐତିହାସିକ ଶୈବପୀଠ ଶ୍ରୀଦକ୍ଷେଶ୍ୱର ମନ୍ଦିରରୁ ସୋମବାର ବିଳମ୍ବିତ ରାତିରେ ୨୨ଟି ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଛି। ଏନେଇ ମଙ୍ଗଳବାର ପାଳିଆସେବକ ଶଙ୍କର ନାୟକ ବାଣପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୩୯୬/୨୦) ରୁଜୁ କରିବା ସହ ୨ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

ସୂଚନା ଅନୁଯାୟୀ, ସବୁଦିନ ପରି ପାଳିଆସେବକ ଶଙ୍କର ମନ୍ଦିର ଖୋଲିବା ଲାଗି ମଙ୍ଗଳବାର ଭୋର ସାଢ଼େ ୫ଟାରେ ମନ୍ଦିରରେ ପହଞ୍ଚିଥିଲେ। ମନ୍ଦିର ମୁଖ୍ୟ ଫାଟକ ଖୋଲାଥିବା ବେଳେ ଗର୍ଭଗୃହ କବାଟ ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ମନ୍ଦିର ପରିସରରେ ରହିଥିବା ୩୧ଟି ମୂର୍ତ୍ତି ମଧ୍ୟରୁ ୨୨ଟି ମୂର୍ତ୍ତି ନ ଥିବା ଦେଖିଥିଲେ। ଚୋରି ହୋଇଥିବା ମୂର୍ତ୍ତିଗୁଡ଼ିକ ମଧ୍ୟରେ ମା'



କନକଦୁର୍ଗା, ଗୋପୀନାଥ ଦେବ, କଳିଯୁଗେଶ୍ୱର ଦେବ ଓ ଚନ୍ଦ୍ରଶେଖର, ଲକ୍ଷ୍ମୀ, ସରସ୍ୱତୀ ଓ ଗଣେଶ ଆଦି ଦେବଦେବୀଙ୍କ ପ୍ରତିମୂର୍ତ୍ତି ରହିଛି। ଏନେଇ ସେ ସଙ୍ଗେ ସଙ୍ଗେ ଦେବୋତ୍ତର କମିଟିକୁ ଜଣାଇଥିଲେ। ଖବରପାଇ ଭୁବନେଶ୍ୱର ପ୍ରତ୍ନତତ୍ତ୍ୱ ବିଭାଗୀୟ ଅଧିକାରୀ, ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ବାଲୁଗାଁ ଏସ୍‌ଡିପିଓ ସୁରେଶ ଦାଶ, ବାଣପୁର ତହସିଲଦାର ମନ୍ମଥ ବେହେରା, ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ ପ୍ରମୁଖ ପହଞ୍ଚି ସିସିଟିଭି ଯାଞ୍ଚ କରିବା ସହ ତଦନ୍ତ ଆରମ୍ଭ କରିଥିଲେ। ଏହି ଘଟଣାରେ ୨ଜଣଙ୍କୁ ଅଟକ ରଖାଯାଇଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି ସ୍ୱାଇଁ କହିଛନ୍ତି। ଅନ୍ୟପଟେ ମନ୍ଦିରରୁ ମୂର୍ତ୍ତି ଚୋରି ନେଇ ବାଣପୁର ଐତିହ୍ୟ ସୁରକ୍ଷା ସମିତି ଏବଂ ଖୋର୍ଦ୍ଧା ଐତିହାସିକ ସମାଜର ସଦସ୍ୟମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହି କୀର୍ତ୍ତିରାଜିର ପୁନରୁଦ୍ଧାର ଲାଗି ଦାବି କରିଛନ୍ତି।

ଐତିହ ବିଶାରଦ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ କୁହନ୍ତି, ବାଣପୁରସ୍ଥ ଦକ୍ଷେଶ୍ୱର ମନ୍ଦିରର ଭାସ୍କର୍ଯ୍ୟ ପ୍ରତ୍ନତତ୍ତ୍ୱ ଦୃଷ୍ଟିରୁ ଓଡ଼ିଶାରେ ପ୍ରଖ୍ୟାତ। ସପ୍ତରଥ ଶୈଳୀରେ ନିର୍ମିତ ଏହି ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଅତି ମନୋରମ। ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ ଥୋମାସ୍ ଡୋନାଲ୍ଡ ସନ୍ ତାଙ୍କର ରଚିତ ହିନ୍ଦୁ ଟେମ୍ପୁଲ ଆର୍କ୍ଟ ଇନ୍ ଓଡ଼ିଶା ଗ୍ରନ୍ଥରେ, ବିଶିଷ୍ଟ ଐତିହାସିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ଦି ହିଷ୍ଟ୍ରି ଅଫ୍ ଓରିସା ଗ୍ରନ୍ଥ ଏବଂ ଐତିହାସିକ ବ୍ରଜବନ୍ଧୁ ଦାସ ବାଣପୁର ଇତିହାସ ଗ୍ରନ୍ଥରେ ଦକ୍ଷ ପ୍ରଜାପତିଙ୍କ ମନ୍ଦିର ସମ୍ପର୍କରେ ତଥ୍ୟପୂର୍ଣ୍ଣ ଆଲୋଚନା କରିଛନ୍ତି। ମନ୍ଦିରରେ ରହିଥିବା ମୂର୍ତ୍ତିଗୁଡ଼ିକ ଅତି ପ୍ରାଚୀନ ଏବଂ ଅନ୍ତର୍ଜାତୀୟ ବଜାରରେ ଏହାର ମୂଲ୍ୟ କୋଟି କୋଟି ଟଙ୍କା ହେବା ନେଇ ଆକଳନ କରାଯାଇଛି। ମନ୍ଦିରରୁ ମୂର୍ତ୍ତି ଚୋରି ହେବା ଦୁଃଖଦାୟକ ଘଟଣା। ଏହାର ପୁନରୁଦ୍ଧାର ଜରୁରୀ ବୋଲି ସେ କହିଛନ୍ତି।

# ଯୁଦ୍ଧ ଜାହାଜରେ ବୁଲିଲେ ବିଧାୟକ,ଏମ୍‌ପି



ଆଇଏନ୍‌ଏସ୍ ଜଲାଶ୍ୱରେ ରାଜ୍ୟର ଜନପ୍ରତିନିଧିମାନେ।

ପାରାଦୀପ,୨୨।୧୨(ସ୍ୱ.ପ୍ର.)

ରାଜ୍ୟର ୧୦୧ ବିଧାୟକ ଓ ଜଣେ ଏମ୍‌ପି ମଙ୍ଗଳବାର ପାରାଦୀପ ଗସ୍ତରେ ଆସି ଭାରତୀୟ ନୌସେନାର ଦ୍ୱିତୀୟ ବୃହତ୍ ଯୁଦ୍ଧ ଜାହାଜ ଆଇଏନ୍‌ଏସ୍ ଜଲାଶ୍ୱରେ ବୁଲିଛନ୍ତି। ଏହା ନୌସେନା ଇତିହାସରେ ପ୍ରଥମ ବୋଲି କାର୍ଯ୍ୟକ୍ରମ ଶେଷରେ ରିୟଲ ଆଡମିରାଲ୍ ସଞ୍ଜୟ ଭଟ୍ଟ ସାୟାନ କହିଛନ୍ତି। ଏଥିରେ ଉଭୟ ଶାସକ ଓ ବିରୋଧୀ ଦଳର ମନ୍ତ୍ରୀ ଓ ବିଧାୟକମାନେ ସାମିଲ ହୋଇଥିଲେ। ୧୯୭୧ରେ ଭାରତ-ପାକିସ୍ତାନ ଯୁଦ୍ଧରେ ଭାରତୀୟ ନୌସେନାର ପ୍ରମୁଖ ଭୂମିକା ଥିଲା। ସେହି ଦିବସ (ଡିସେମ୍ବର ୫)କୁ ନୌସେନା ଦିବସ ଭାବେ ପାଳନ କରାଯାଏ। ଚଳିତ ମାସରେ ଏହା ୫୦ ବର୍ଷ ପୂରଣ କରୁଥିବାରୁ ଏହାକୁ ସ୍ମରଣୀୟ କରିବା ପାଇଁ ନୌସେନା ପକ୍ଷରୁ ଏଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜନପ୍ରତିନିଧିମାନେ ସମୁଦ୍ରରେ ଆଇଏନ୍‌ଏସ୍ ଜଲାଶ୍ୱରେ ବୁଲିବା ସମୟରେ ଯୁଦ୍ଧ ଜାହାଜ ଆଇଏନ୍‌ଏସ୍ ଶକ୍ତି, ସାହ୍ୟାଦ୍ରୀ ଓ ଶିବଲିକ୍ ସାମିଲ ହୋଇଥିଲା। ସମୁଦ୍ରରେ କିପରି ଦେଶକୁ ସୁରକ୍ଷା କରାଯାଏ, ଯୁଦ୍ଧାସ୍ତ୍ର ବ୍ୟବହାର ଓ ଉଦ୍ଧାର କାର୍ଯ୍ୟ କରାଯାଏ ସେସବୁ କୌଶଳ ନୌସେନା ପକ୍ଷରୁ ଜନପ୍ରତିନିଧିମାନଙ୍କୁ ଦେଖାଯାଇଥିଲା। ଶେଷରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ବିଧାନସଭା ପକ୍ଷରୁ ଏକ ତାରକସି ଫଳକ ଦେଇ ଆଡ୍‌ମିରାଲ ଭଟ୍ଟ ସାୟନଙ୍କୁ ସମ୍ମାନିତ କରିଥିଲେ। ସେହିପରି ନୌସେନା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଫଳକ ଦିଆଯାଇଥିଲା। ପୂର୍ବାହ୍ନରେ ଜନପ୍ରତିନିଧିମାନେ ବସ୍‌ରେ ଭୁବନେଶ୍ୱରରୁ ଆସି ଅଠରବାଙ୍କିସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଦେଇଥିଲେ। ସେଠାରୁ ସେମାନଙ୍କୁ ପାରାଦୀପ ବନ୍ଦର ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ) ବର୍ଥରେ ଥିବା ଜଲାଶ୍ୱ ପାଖକୁ ଶୋଭାଯାତ୍ରାରେ ନିଆଯାଇଥିଲା। ସମୁଦ୍ରରେ ବୁଲିବା ପରେ ସନ୍ଧ୍ୟା ୬ଟାରେ ଜାହାଜ ବର୍ଥକୁ ଫେରିଥିଲା। ପାରାଦୀପ ବନ୍ଦର ଇତିହାସରେ ଏହା ଦ୍ୱିତୀୟ ଘଟଣା ବୋଲି କୁହାଯାଇଛି। ଏହାପୂର୍ବରୁ ୧୯୬୨, ଜାନୁୟାରୀ ୩ ରେ ବନ୍ଦରର ଭିତ୍ତିପ୍ରସ୍ତର ପଡ଼ିଥିଲା। ସେତେବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ବିଧାୟକ ସାମିଲ ହୋଇ ପାରାଦୀପ ଗସ୍ତରେ ଆସିଥିଲେ।

## ୨୦୨୧-୨୨ ବଜେଟ ଲାଗି ଲୋକଙ୍କ ମତ ନେବ ଅର୍ଥ ବିଭାଗ

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)

ସମାଜର ବିଭିନ୍ନ ବର୍ଗର ପ୍ରତିନିଧିମାନଙ୍କ ମତାମତ ନେଇ ଅର୍ଥ ବିଭାଗ ପକ୍ଷରୁ ବଜେଟର ପୂର୍ବ ପ୍ରସ୍ତୁତି ହୋଇଆସୁଛି । ବିଗତ ବର୍ଷଗୁଡ଼ିକରେ ବଜେଟ୍ ପ୍ରସ୍ତୁତିକୁ ସୂଚନା ଓ ପ୍ରସାରଣ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ଅଧିକ ଉନ୍ମୁକ୍ତ ଓ ସହଭାଗିତା ଭିତ୍ତିରେ କରାଯାଇଛି। ଏଥିପାଇଁ ଅର୍ଥ ବିଭାଗ ଏକ ସ୍ୱତନ୍ତ୍ର ୱେବ୍‌ପୋର୍ଟାଲ୍ ତଥା ଇ-ମେଲ୍, ହ୍ୱାଟସାପ ଏବଂ ଏସଏମ୍‌ଏସ ମାଧ୍ୟମରେ ମତାମତ ସଂଗ୍ରହ କରିଛନ୍ତି । ବଜେଟ୍ ସଂକ୍ରାନ୍ତୀୟ ସମସ୍ତ ଦସ୍ତାବିଜ ଏହି ପୋର୍ଟାଲ୍‌ରେ ଉପଲବ୍ଧ ରହିଛି। ବର୍ତ୍ତମାନ ୨୦୨୧-୨୨ ବାର୍ଷିକ ବଜେଟ୍ ପ୍ରସ୍ତୁତି ପାଇଁ ଅର୍ଥ ବିଭାଗ ଜନସାଧାରଣଙ୍କ ଠାରୁ ମତାମତ ସଂଗ୍ରହ କରିବା ନିମନ୍ତେ ଏକ ନିର୍ଦ୍ଦିଷ୍ଟ ଢାଞ୍ଚାରେ ପରାମର୍ଶ ଆହ୍ୱାନ କରିଛନ୍ତି। ଏହା ଏବେ ୱେବ୍‌ପୋର୍ଟାଲ୍ http://budget.odisha.gov.inରେ ଉପଲବ୍ଧ ରହିଛି। ଏହି ପରାମର୍ଶଗୁଡ଼ିକ ଇ-ମେଲ୍ ଦ୍ୱାରା odisha.budget@gov.in ଠିକଣାରେ ପଠାଇ ପାରିବେ । ସେହିପରି ବଜେଟ୍ ସମ୍ବନ୍ଧୀୟ ମତାମତ ହ୍ୱାଟସାପ ମାଧ୍ୟମରେ ୯୪୩୮୧୬୧୧୧୧ ମୋବାଇଲ୍ ନମ୍ବରକୁ ଏବଂ ସାମାଜିକ ଗଣମାଧ୍ୟମ ଟ୍ୱିଟର୍@fd odisha ଓ ଫେସବୁକ୍@ଫାଇନାନ୍ସଓଡିଶା) ଦ୍ୱାରାମଧ୍ୟ ପଠାଇ ହେବ। ଏହି ସୁବିଧା ୨୨ ଡିସେମ୍ବର ୨୦୨୦ ତାରିଖରୁ ୨୧ ଜାନୁଆରୀ ୨୦୨୧ ପର୍ଯ୍ୟନ୍ତ ଉପଲବ୍ଧ ରହିବ ।

## ମାଓବାଦୀଙ୍କ ବ୍ୟବହୃତ ଗୋଳାବାରୁଦ ଜବତ

ମାଲକାନଗିରି,୨୨।୧୨(ଡି.ଏନ୍.ଏ.)

ମାଲକାନଗିରି ପୋଲିସ ମଙ୍ଗଳବାର କୋମ୍ବିଂ ଅପରେଶନ ବେଳେ ମାଓବାଦୀଙ୍କ ଦ୍ୱାରା ବ୍ୟବହୃତ ବ୍ୟାପକ ପରିମାଣର ଗୋଳାବାରୁଦ ଜବତ କରିଛି। ଏନେଇ ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ଋଷିକେଶ ଡି.ଖିଲାରି ସୂଚନା ଦେଇଛନ୍ତି। ଆନ୍ଧ୍ର ଓ ଓଡ଼ିଶା ସୀମାନ୍ତ ଜଙ୍ଗଲରେ ମାଓବାଦୀମାନେ ବୋମା ଲୁଚାଇ ରଖିଥିବା ସୂଚନା ପାଇ ପୋଲିସ ପକ୍ଷରୁ ମଙ୍ଗଳବାର ସର୍ଚ୍ଚ ଅପରେଶନ କରାଯାଇଥିଲା। ଏହିସବୁ ସାମଗ୍ରୀ ମାଓବାଦୀମାନେ କୌଣସି ବଡଧରଣର ହିଂସା ଘଟାଇବାକୁ ଲୁଚାଇ ରଖିଥିବା ସନ୍ଦେହ କରାଯାଉଛି ବୋଲି ଏସ୍‌ପି ଖିଲାରି କହିଛନ୍ତି।

## ଲିମ୍‌କା ବୁକ୍ ଅଫ୍ ରେକର୍ଡସରେ ଯୁବ ଇଞ୍ଜିନିୟର



ପ୍ରସ୍ତୁତ ଉପକରଣ ସହ ମିହିର କୁମାର ପଣ୍ଡା।

ବାହାନଗା, ୨୨।୧୨(ଅରୂପ ଦାସ)

୧୦ହଜାରରୁ ଊର୍ଦ୍ଧ୍ୱ ସାମାଜିକ ଉପକରଣ, ୩୦ହଜାରରୁ ଊର୍ଦ୍ଧ୍ୱ ବିଜ୍ଞାନ ଓ ଶିକ୍ଷଣୀୟ ସାମଗ୍ରୀ ପ୍ରସ୍ତୁତ କରି ବାଲେଶ୍ୱର ଜିଲା ବାହାନଗା ବ୍ଲକ ଅଞ୍ଚଳର ଯୁବ ଇଞ୍ଜିନିୟର ଡ. ମିହିର କୁମାର ପଣ୍ଡା ଲିମିକା ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛନ୍ତି। ଦୀର୍ଘ ୩୦ବର୍ଷର ସାଧନା, ଛାତ୍ରୀଛାତ୍ର, ବିଭିନ୍ନ ଅନୁଷ୍ଠାନର ପ୍ରେରଣା ଓ ମାତା ସେବତୀ ପଣ୍ଡା, ପିତା ସ୍ୱର୍ଗତ ରମାକାନ୍ତ ପଣ୍ଡାଙ୍କ ଆଶୀର୍ବାଦ ଯୋଗୁ ସଫଳତାର ଅଧିକାରୀ ହୋଇପାରିଛନ୍ତି ବୋଲି କୁହନ୍ତି ସେ।

ଇଞ୍ଜିନିୟର ମିହିରଙ୍କ ଘର ବାହାନଗା ବ୍ଲକ ଇଛାପୁର ଗ୍ରାମରେ। ବିଭିନ୍ନ ପ୍ରକଳ୍ପ ଉଦ୍ଭାବନ ସହ ନିଜ ଗ୍ରାମରେ 'ସ୍ରୋଷ୍ଟି' (ସୋସିଆଲ ଡେଭଲପମେଣ୍ଟ ରିସର୍ଚ୍ଚ ଅର୍ଗାନାଇଜେଶନ ଫର ସାଇନ୍ସ, ଟେକ୍ନୋଲୋଜି ଆଣ୍ଡ ଇମ୍ପ୍ଲିମେଣ୍ଟେଶନ) ନାମରେ ଏକ ଗବେଷଣା ଅନୁଷ୍ଠାନ ଗଢିଛନ୍ତି । ଏଭଳି କୃତିତ୍ୱ ଲାଗି ସେ ୨୦୧୯ରେ ଭାରତୀୟ ବିଜ୍ଞାନ କଂଗ୍ରେସରେ ସମ୍ମାନିତ ହେବା ସହିତ ଏହି ଆସୋସିଏଶନରେ ସ୍ଥାନିତ ହୋଇଛନ୍ତି। ଥୋମାସ ଆଲଭା ଏଡିଶନ ଅଫ ଇଣ୍ଡିଆ ଦ୍ୱାରା ସେ ପୁରସ୍କୃତ ହୋଇଛନ୍ତି । ତେବେ ଏସବୁ ପୁରସ୍କାର ପରେ ସେ ଲିମ୍‌କା ବୁକ ଅଫ ରେକର୍ଡସରେ ସ୍ଥାନ ପାଇବା ପାଇଁ ଆବେଦନ କରିଥିଲେ। ଆବେଦନର ୮ମାସ ଭିତରେ ଏହି ରେକର୍ଡ଼ସରେ ସ୍ଥାନ ପାଇଥିଲେ। ୨୦୦୦ ମସିହାରୁ ସେ ଲୋକଙ୍କ ପାଇଁ ବିଜ୍ଞାନର ନୂତନ ଧାରା ଉଦ୍ଭାବନ କରିବାରେ ଲାଗିଥିଲେ। ୨୦୦୫ରେ ସାଧାରଣ ଚାଷୀ ଓ ଲୋକଙ୍କ ପାଇଁ ବିଭିନ୍ନ ପ୍ରକଳ୍ପ ପ୍ରସ୍ତୁତ କରିଥିଲେ। ତାଙ୍କ ମୁଖ୍ୟ ଉଦ୍ଭାବନ ମଧ୍ୟରେ ଫ୍ୟାନ୍ ଜେନେରେଟର, ଚାଷୀଙ୍କ ପାଇଁ ଡବଲ ଫେସ୍ ଉଇନୋଉଇଙ୍ଗ ଫ୍ୟାନ୍, ଡୁଆଲ ଫେସ୍ ଫ୍ୟାନ, ଗୃହ ଓ କୃଷିରେ ଲାଗୁଥିବା ବହୁମୁଖୀ ଯନ୍ତ୍ର, ମୋନାଲିସା ଶୀତଳ ଅଖା, ଯଶୋବନ୍ତ ପତ୍ର କଟା ଯନ୍ତ୍ର , ବିଦ୍ୟୁତ ରଙ୍ଗ ବ୍ରସ୍, ହସ୍ତଚାଳିତ ହାଲୁକା ପାଣିପମ୍ପ, ଫ୍ୟାନରେ ଦୁଇ ଆଡକୁ (ଆଗ ପଛ)କୁ ପବନ ବୋହିବା, ନଳକୂପରେ ପାଣି ବାହାରିବା ସହିତ ନଳକୂପ ମୋଡିଲେ ଲୁଗା କିପରି ସଫା କରିହେବ ତାହା ମଧ୍ୟ ଉଦ୍ଭାବନ କରିଛନ୍ତି। ବିନା ବିଜୁଳିରେ ଚାଲୁଥିବା ଥଣ୍ଡା ପାଣିପାତ୍ର ଆଦି ୧୦ହଜାରରୁ ଅଧିକ ନୂତନ ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତ କରିଛନ୍ତି। ସେ ଭାରତ ସମେତ ବିଶ୍ୱର ବହୁ ସ୍ଥାନକୁ ଯାଇ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରକଳ୍ପ ବିଷୟରେ ପ୍ରଶିକ୍ଷଣ ଦେଇଥାନ୍ତି। ପିଲାମାନଙ୍କୁ ପାଠ ପଢାଉଥିବା ବେଳେ ସେମାନଙ୍କ ବିଜ୍ଞାନ ସମ୍ବନ୍ଧୀୟ ପ୍ରଶ୍ନର ଉତ୍ତର ଖୋଜିବାକୁ ଯାଇ ସେ ସରଳୀକରଣ କରି ବୁଝାଇବା ପାଇଁ ଚେଷ୍ଟା କରିଥାନ୍ତି। ଏହି ଉଦ୍ୟମ ତାଙ୍କୁ ନୂତନ ବିଜ୍ଞାନ ପ୍ରକଳ୍ପ ଉଦ୍ଭାବନ କରିବାକୁ ପ୍ରେରଣା ଦେବା ସହ ଆଜି ଜଣେ ସଫଳ ବୈଜ୍ଞାନିକ ଭାବେ ଗଢିତୋଳିଛି।

## ଅନ୍ତଃସତ୍ତ୍ୱା ନାବାଳିକାଙ୍କ ଆତ୍ମହତ୍ୟା ଉଦ୍ୟମ

■ ଉଦ୍ଧାର ପରେ କନ୍ୟା ସନ୍ତାନ ପ୍ରସବ

■ ଅଭିଯୁକ୍ତ ଟ୍ୟୁଶନ ଶିକ୍ଷକ ଥାନାରେ ଅଟକ

କୁଜଙ୍ଗ,୨୨।୧୨(ଡି.ଏନ୍.ଏ.)

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ଜିଲାନାସି ପଞ୍ଚାୟତ ଅନ୍ତର୍ଗତ ଜୟଶଙ୍ଖପୁରସ୍ଥିତ ମହାନଦୀକୁ ସୋମବାର ଜଣେ ଅନ୍ତଃସତ୍ତ୍ୱା ନାବାଳିକା ମହାନଦୀକୁ ଡେଇଁ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ତାଙ୍କୁ ଉଦ୍ଧାର କରାଯିବା ପରେ ଏକ କନ୍ୟା ସନ୍ତାନ ଜାତ ହୋଇଛି। ସମ୍ପୃକ୍ତା ନାବାଳିକାଙ୍କ ସହ ଅବୈଧ ସମ୍ପର୍କ ରଖିବା ଅଭିଯୋଗରେ ଅଭିଯୁକ୍ତ ଟ୍ୟୁଶନ ଶିକ୍ଷକଙ୍କୁ କୁଜଙ୍ଗ ଥାନାରେ ଅଟକ ରଖାଯାଇ ପଚରାଉଚୁରା କରାଯାଉଛି। କୁଜଙ୍ଗ ଥାନା ଅଞ୍ଚଳର ସମ୍ପୃକ୍ତା ନାବାଳିକାଙ୍କର ଅପରାହ୍ନରେ ପ୍ରସବ ଯନ୍ତ୍ରଣା ହେବାରୁ ଲୋକଲଜ୍ଜା ଭୟରେ ସେ ସାଇକେଲରେ ୧୦ କିଲୋମିଟର ଦୂରକୁ ଆସି ଜୟଶଙ୍ଖପୁରସ୍ଥିତ ମହାନଦୀକୁ ଡେଇଁ ପଡ଼ିଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ଚାଷୀ ଏହି ସମୟରେ ତାଙ୍କୁ ପାଣିରୁ ଉଦ୍ଧାର କରି ପୋଲିସରେ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତା ନାବାଳିକାଙ୍କୁ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସମ୍ପୃକ୍ତା ନାବାଳିକାଙ୍କ ବୟାନ ରେକର୍ଡ ପରେ ପୋଲିସ ପରିବାର ଲୋକଙ୍କୁ ଜଣାଇବା ସହ ଅଭିଯୁକ୍ତଙ୍କୁ ଧରି ଥାନାରେ ଅଟକ ରଖିଛି। ନାବାଳିକା ପୋଲିସକୁ ଦେଇଥିବା ବୟାନ ଅନୁଯାୟୀ, ସେ ଟ୍ୟୁଶନ ପାଇଁ ଅଭିଯୁକ୍ତ ଶିକ୍ଷକଙ୍କ ପାଖକୁ ଯାଉଥିଲେ। ଏହି ସମୟରେ ଅଭିଯୁକ୍ତ ତାଙ୍କୁ ଫସାଇ ଅବୈଧ ସମ୍ପର୍କ ରଖିଥିଲେ। ଫଳରେ ସେ ଗର୍ଭବତୀ ହୋଇଥିଲେ। ଏ ବିଷୟରେ ସେ ପରିବାର ଲୋକଙ୍କୁ ଜଣାଇ ନ ଥିଲେ। ଅପରପକ୍ଷେ ଅଭିଯୁକ୍ତ ଶିକ୍ଷକ ବିବାହିତ। ତାଙ୍କର ୨ ପୁତ୍ର ସନ୍ତାନ ଥିବା ବେଳେ ମନୋମାଳିନ୍ୟ ହେବାରୁ ୯ ବର୍ଷ ହେବ ସ୍ତ୍ରୀ ବାପଘରକୁ ୨ ପିଲାଙ୍କୁ ଛାଡ଼ି ଚାଲି ଯାଇଛନ୍ତି।

## ଜିଏସ୍‌ଟି ଅଧିକାରୀଙ୍କ ଘରେ ଭିଜିଲାନ୍ସ ଚଢାଉ

ରାଉରକେଲା ଅଫିସ,୨୨।୧୨

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ସହକାରୀ ବାଣିଜ୍ୟକର ଓ ଜିଏସ୍‌ଟି କମିଶନର ଅଲେଖ ମହାନନ୍ଦ (ରାଉରକେଲା ସର୍କଲ-୧)ଙ୍କ ଛେଣ୍ଡ କଲୋନୀ ଫେଜ୍-୨ ଏଲ/୧୧୯ ସ୍ଥିତ ବାସଭବନ ସମେତ ୪ଟି ସ୍ଥାନରେ ମଙ୍ଗଳବାର ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଛି। ଚଢାଉ ବେଳେ ମହାନନ୍ଦଙ୍କ ଘରୁ ଟଙ୍କା, ସୁନା ଏବଂ ଗୁରୁତ୍ୱପୂର୍ଣ୍ଣ କାଗଜାତ ମିଳିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁସାରେ, ସହକାରୀ ବାଣିଜ୍ୟକର ଓ ଜିଏସ୍‌ଟି କମିଶନର ଅଲେଖ ମହାନନ୍ଦଙ୍କ ବିରୋଧରେ ପୂର୍ବରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ରହିଥିଲା। ଏହି କ୍ରମରେ ଭିଜିଲାନ୍ସ ଏସ୍‌ପି ସୁବାସ ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ଡିଏସ୍‌ପି ବୀରେନ୍ଦ୍ର ନାୟକଙ୍କ ନେତୃତ୍ୱରେ ଭିଜିଲାନ୍ସର ୫୦ଜଣ ଅଧିକାରୀଙ୍କୁ ନେଇ ୪ଟି ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ମଙ୍ଗଳବାର ସକାଳେ ମହାନନ୍ଦ ରହୁଥିବା ଛେଣ୍ଡ କଲୋନୀ ଫେଜ୍-୨ ଏଲ/୧୧୯, ସୁନ୍ଦରଗଡ ଜିଲା ଭଷ୍ମା ଥାନା ଅଧୀନ ମଙ୍ଗସପୁର ପୈତୃକ ଘର, ଗୋପାଳପୁର ଚକ୍ରପୁର ସ୍ଥିତ ଶ୍ୱଶୁର ଘର ଏବଂ ଉଦିତନଗର ଜିଏସ୍‌ଟି ଅଫିସରେ ଏକକାଳୀନ ଚଢାଉ କରିଥିଲେ।

## ଅଭିଯୁକ୍ତ ଛାତ୍ରଙ୍କୁ ୩ ଦିନ ରିମାଣ୍ଡ

ନୟାଗଡ଼ ଅଫିସ,୨୨।୧୨

ଏସ୍‌ଆଇଟି ସୋମବାର ଗିରଫ କରିଥିବା କଲେଜ ଛାତ୍ରଙ୍କୁ କୋର୍ଟରେ ହାଜର କରିବା ସହ ରିମାଣ୍ଡ ପାଇଁ ଆବେଦନ କରିଥିଲା। ଏଥିପାଇଁ କୋର୍ଟ ୩ ଦିନ ଅନୁମତି ପ୍ରଦାନ କରିଛନ୍ତି। ୨୨, ୨୩ ଓ ୨୪ ତାରିଖ ଯାଏ ଗିରଫ ଛାତ୍ର ଏସ୍‌ଆଇଟି ହେପାଜତରେ ରହିବେ। ୨୫ ତାରିଖରେ ତାଙ୍କୁ କୋର୍ଟରେ ହାଜର କରାଯିବା ପରେ ଜେଲକୁ ପଠାଯିବ। ଏନେଇ ନୟାଗଡ଼ ଜେଲ ସୁପରିଣ୍ଟେଣ୍ଡେଣ୍ଟ ଉମେଶ ବଳବନ୍ତରାୟ କହିଛନ୍ତି, କୋର୍ଟଙ୍କ ନିର୍ଦ୍ଦେଶ ମିଳିବା ପରେ ଏସ୍‌ଆଇଟି ସମ୍ପୃକ୍ତ ଛାତ୍ରଙ୍କୁ ରିମାଣ୍ଡରେ ନେଇଛି।

### ପରୀଙ୍କୁ ନ୍ୟାୟ ମିଳିନାହିଁ : ଅଶୋକ

ପରୀ ଅପହରଣ ଓ ହତ୍ୟା ଘଟଣାରେ ଏସ୍‌ଆଇଟି ଜଣେ କଲେଜ ଛାତ୍ରଙ୍କୁ ଗିରଫ କରି ଜେଲ ପଠାଇବା ପରେ ପରୀର ମା'ସୌଦାମିନୀ ଓ ବାପା ଅଶୋକ ସାହୁ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି, ପରୀକୁ ନ୍ୟାୟ ମିଳିନାହିଁ ବରଂ ଜଣେ ନିରୀହ କଲେଜ ଛାତ୍ରଙ୍କୁ ହତ୍ୟାକାରୀ ବୋଲି ଚିତ୍ରଣ କରାଯାଇଛି। ଯଦି ସମ୍ପୃକ୍ତ କଲେଜ ଛାତ୍ର ନିଜ ଘରେ ପରୀକୁ ହତ୍ୟା କଲେ ଓ ପୋଖରୀରେ ଫୋପାଡିଲେ, ତେବେ ତାଙ୍କ ମା'ଭଉଣୀ ଜାଣି ନ ପାରିବା ଆଶ୍ଚର୍ଯ୍ୟ କଥା। ପରୀର ମୃତଦେହ ଜବତ ବେଳେ କେମିକାଲ ଗନ୍ଧ ବାହାରୁଥିଲା। ହେଲେ ମୃତଦେହରେ କୌଣସି କେମିକାଲ ବ୍ୟବହାର ହୋଇ ନ ଥିବା ଏସ୍‌ଆଇଟି କହିଛି। ଆମକୁ ଏସ୍‌ଆଇଟି ନ୍ୟାୟ ଦେଇପାରିଲା ନାହିଁ। ଆଗକୁ ଆଉ କାହାକୁ ଏହି ଘଟଣାରେ ଏସ୍‌ଆଇଟି ଛନ୍ଦିବ କହି ହେବ ନାହିଁ। ଏଣୁ ସିବିଆଇ ତଦନ୍ତ କରାଗଲେ ହତ୍ୟାକାରୀ ଚିହ୍ନଟ ହେବେ।ଆମେ ସିବିଆଇ ତଦନ୍ତ ଦାବିରେ ଭାଜପା ସହ ଆନ୍ଦୋଳନରେ ପୂର୍ବପରି ସାମିଲ ହୋଇ ରହିଛୁ ବୋଲି ସମ୍ପୃକ୍ତ ଦମ୍ପତି କହିଛନ୍ତି।



ପୋଖରୀରୁ ଜଳ ନିଷ୍କାସନ କରାଯାଉଛି।

### ଏସ୍‌ଆଇଟି ବିରୋଧରେ ଥାନାରେ ଅଭିଯୋଗ

ମୋ ପୁଅ ନିର୍ଦ୍ଦୋଷ। ତାକୁ ମାରପିଟ୍ କରି ଭୟ ଦେଖାଇ ଫସାଇ ଦିଆଯାଇଛି। ପ୍ରକୃତ ହତ୍ୟାକାରୀଙ୍କୁ ଗିରଫ କରାଯାଉ। ଏକଥା ମୁଁ ନୁହେଁ, ପରୀର ମା' ମଧ୍ୟ କହୁଛନ୍ତି। ହେଲେ ଦୁଇ ମା'ର ବେଦନାକୁ କେହି ବୁଝୁନାହାନ୍ତି। ପରୀ ମୋର ବି ଝିଅ। ପରୀକୁ ହତ୍ୟା କରିଥିଲେ ମୋ ପୁଅକୁ କେବେବି କ୍ଷମା ଦେଇ ନ ଥା'ନ୍ତି। ପରୀ ପରି ମୋର ଦୁଇ ଝିଅ ଅଛନ୍ତି। ମୋ ପୁଅ ଗାଁର କୌଣସି ଝିଅକୁ ଆଜିଯାଏ ଖରାପ ବ୍ୟବହାର କରିନାହିଁ। ଏଣୁ ମୁଁ ସତ୍ୟ ଉନ୍ମୋଚନ ପାଇଁ ନୟାଗଡ ସଦର ଥାନାରେ ଏସ୍‌ଆଇଟି ଟିମ୍ ଓ ମୁଖ୍ୟ ଅରୁଣ ବୋଥ୍ରାଙ୍କ ବିରୋଧରେ ଅଭିଯୋଗ କରିଛି। ଏସ୍‌ଆଇଟି ଉପରେ ମୋର ଆଉ ଭରସା ନାହିଁ। ସିବିଆଇ ତଦନ୍ତ ହେଲେ ସତ ପଦାକୁ ଆସିବ ବୋଲି ଗିରଫ ଛାତ୍ରଙ୍କ ମା' କହିଛନ୍ତି।

### ପରୀର ଲେଗିନ୍ସ ପୋଖରୀରୁ ମିଳିଲା

ପରୀର ଶାର୍ଟ ମିଳିଥିଲା। ହେଲେ ଲେଗିନ୍ସ ମିଳି ନ ଥିଲା । ଗିରଫ ଛାତ୍ର ପରୀର ଲେଗିନ୍ସକୁ ପୋଖରୀରେ ପକାଇ ଦେଇଥିବା ଏସ୍‌ଆଇଟିକୁ କହିବା ପରେ ପୋଖରୀରୁ ପାଣି ବାହାର କରିବା କାମ ଆରମ୍ଭ ହୋଇଥିଲା । ଲେଗିନ୍ସ ଖୋଜିବା ପାଇଁ ନୟାଗଡ ଦମକଳ ବାହିନୀ ମୋଟର ଲଗାଇ ମଙ୍ଗଳବାର ଜଳ ନିଷ୍କାସନ କରୁଥିଲା । ସକାଳୁ ଜଳ ନିଷ୍କାସନ ଚାଲୁ ରହିଥିଲା । ରାତି ପ୍ରାୟ ୯ଟା ବେଳେ ପୋଖରୀର ସବୁ ପାଣି ବାହାର କରାଯିବା ପରେ ପରୀର ଲେଗିନ୍ସ ଖୋଜା କାମ ଆରମ୍ଭ ହୋଇଥିଲା । ଶେଷରେ ପୋଲିସ ସେହି ଲେଗିନ୍ସ ପାଇଛି ବୋଲି ସଦରଥାନା ଆଇଆଇସି ଶରତ ପାତ୍ର କହିଛନ୍ତି ।

### ଏସ୍‌ଆଇଟିର ଗୁମର ଖୋଲିବ କଂଗ୍ରେସ

ଜିଲା କଂଗ୍ରେସ ସଭାପତି ତଥା ଆଇନଜୀବୀ ରଣଜିତ୍ ଦାଶ କହିଛନ୍ତି, ଏସ୍‌ଆଇଟି ଆଇନ ମୁତାବକ ଗଠନ କରାଗଲା ନାହିଁ। ଏବେବି ଏସ୍‌ଆଇଟି ପରୀକୁ ନ୍ୟାୟ ଦେଇପାରିବ ନାହିଁ। ଏସ୍‌ଆଇଟି ମୁଖ୍ୟ ଅରୁଣ ବୋଥ୍ରାଙ୍କ ତଦନ୍ତର ବ୍ୟାଖ୍ୟା ହତ୍ୟାକାରୀକୁ ଖସିଯିବା ପାଇଁ ବାଟ ଦେଖାଇଛି। ଏସ୍‌ଆଇଟି ମୁଖ୍ୟ କହିଛନ୍ତି, ହତ୍ୟା ନେଇ ପର୍ଯ୍ୟାପ୍ତ ପ୍ରମାଣ ରହିଛି। ତାଙ୍କର ଏ କଥା ସହ ମୁଁ ଏକମତ ନୁହଁ। ଏନେଇ କଂଗ୍ରେସ ବୁଧବାର ମୁହଁ ଖୋଲି ଏସ୍‌ଆଇଟିର କିଛି ଗୁମର କଥାକୁ ପଦାରେ ପକାଇବ ବୋଲି ସେ କହିଛନ୍ତି।

# ସ୍ମୃତିରେ... ୨୦୨୦

## ପରମ୍ପରା ଭାଙ୍ଗିଲା ଧନୁଯାତ୍ରା



୨୦୨୧ ଜାନୁୟାରୀ ୧୮ରୁ ୭୨ତମ ବରଗଡ଼ ଧନୁଯାତ୍ରା ମହୋତ୍ସବ ଆରମ୍ଭ ହେବାର ଥିଲା। ମାତ୍ର କରୋନା କଟକଣାକୁ ଦୃଷ୍ଟିରେ ରଖି ଧନୁଯାତ୍ରା ମହୋତ୍ସବ ସମିତି ଗତ ୧୩ ତାରିଖ ଅନୁଷ୍ଠିତ କୋର୍ କମିଟି ବୈଠକରେ ଏହି ମହୋତ୍ସବକୁ ବାତିଲ୍ ଘୋଷଣା କରିଛି। ଫଳରେ ବହୁବର୍ଷ ପରେ ଏଥର ଧନୁଯାତ୍ରା ପରମ୍ପରା ଭାଙ୍ଗିଛି। ପୂର୍ବରୁ ଭାରତ-ପାକିସ୍ତାନ ଯୁଦ୍ଧ ବେଳେ ଏହି ମହୋତ୍ସବ ବନ୍ଦ ହୋଇଥିବା ଧନୁଯାତ୍ରା ମହୋତ୍ସବର ଆବାହକ ସୁରେଶ୍ୱର ଶତପଥୀ ସୂଚନା ଦେଇଛନ୍ତି।

**ସ୍ମୃତି, ଅନୁଭୂତିର ଛାପ ଛାଡ଼ି ବିଦାୟ ନେବ ୨୦୨୦। ବିଦାୟୀ ବର୍ଷରେ ମହାମାରୀ କରୋନା ଜୀବନ ଜୀବିକାକୁ କରିଥିଲା ପ୍ରଭାବିତ। ଏହି ସମୟରେ ପଶ୍ଚିମ ଓଡ଼ିଶାରେ ଖପର ଘରର ରାପର ଦୁଲେ, ପ୍ରବାସୀଙ୍କ ଘରବାହୁଡ଼ା, ପାଟଣାଗଡ ଗଣହତ୍ୟା, ଚାଷୀ ଆନ୍ଦୋଳନ ଆଦି ଚର୍ଚ୍ଚିତ ହୋଇଥିଲା। ମଠ ମନ୍ଦିରରେ ପୂଜାର୍ଚ୍ଚନା ବନ୍ଦ ସହ ବିଶ୍ୱପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ବାତିଲ ଯୋଗୁ ଦୀର୍ଘବର୍ଷର ପରମ୍ପରା ଭାଙ୍ଗିଛି। ଏଭଳି କିଛି ଘଟଣା ପ୍ରବାହକୁ ନେଇ ଏଥର ବର୍ଷାନ୍ତ ଆଲେଖ୍ୟ।**

## ଖପର ଘରର ରାପର ଦୁଲେ



ୟୁଟ୍ୟୁବ୍ ସେନ୍‌ସେଶନ ତଥା ଖପର ଘରର ରାପର ଭାବେ ପରିଚିତ କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ବୋର୍ଡା ଗ୍ରାମର ଦୁଲେଶ୍ୱର ତାଣ୍ଡି ଓରଫ ଦୁଲେ ରାପର। 'ଶୁନୋ ସରକାର' ରାପ୍ ଗାଇ ସେ ରାତାରାତି ସୋସିଆଲ ମିଡିଆରେ ଚର୍ଚ୍ଚିତ ହୋଇଥିଲେ। ଏଥିପାଇଁ ତାଙ୍କୁ ବଲିଉଡ୍ ସଙ୍ଗୀତକାର ବିଶାଲ ଦଦଲାନି, ସ୍ୱରା ଭାସ୍କର, ସୋନା ମହାପାତ୍ର ପ୍ରମୁଖ ଟୁଇଟର ମାଧ୍ୟମରେ ବେଶ୍ ପ୍ରଶଂସା କରିଥିଲେ। ସେହିପରି ତାଙ୍କୁ ଓଡ଼ିଆ ଚିତ୍ରରେ ଗାଇବାର ସୁଯୋଗ ଦେଇଥିଲେ ପରିଚିତ ସଙ୍ଗୀତକାର ପ୍ରେମ୍ ଆନନ୍ଦ।

## ପର୍ଯ୍ୟଟକଙ୍କ ପାଇଁ ଇକୋ ରିଟ୍ରିଟ୍



ସମ୍ବଲପୁର ଜିଲା ହୀରାକୁଦ ଜଳଭଣ୍ଡାର ତଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରଥମଥର ପାଇଁ ଡିସେମ୍ବର ୯ରେ ଇକୋ-ରିଟ୍ରିଟ ଆରମ୍ଭ ହୋଇଥିଲା। ଓଟିଡିସି ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଫେବୃୟାରୀ ୨୮ ପର୍ଯ୍ୟନ୍ତ ପର୍ଯ୍ୟଟକମାନେ ଏଠାକୁ ଆସି ମଜା ନେବାର ସୁଯୋଗ ପାଇବେ। ଇକୋ ରିଟ୍ରିଟରେ ସ୍କାଏଡିଂ, ଜଳଭଣ୍ଡାରରେ ବିଭିନ୍ନ ପ୍ରକାର ବୋଟ୍‌ରେ ଜଳକ୍ରୀଡା, ସାଇକ୍ଲିଂ, ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ବ୍ୟବସ୍ଥା ରହିଛି। ରାଜ୍ୟର ବିଭିନ୍ନ ସ୍ଥାନ ଓ ପଡୋଶୀ ରାଜ୍ୟ ଛତିଶଗଡ, ବିହାର, ଝାଡ଼ଖଣ୍ଡର ପର୍ଯ୍ୟଟକମାନେ ଆସିବା ଆରମ୍ଭ କରିଛନ୍ତି। ପର୍ଯ୍ୟଟକମାନେ ଇକୋ ରିଟ୍ରିଟରେ ମଜା ନେବା ସହିତ ଡେବ୍ରିଗଡ ଅଭୟାରଣ୍ୟ, ହୀରାକୁଦ ଡ୍ୟାମ, ରୋପ୍-ୱେ, ସମଲେଇ ମନ୍ଦିର, ହୁମା ବକ୍ର ମନ୍ଦିର ଭଳି ପର୍ଯ୍ୟଟନ ସ୍ଥଳ ବୁଲୁଛନ୍ତି।

## କରୋନାରେ ଘରବାହୁଡ଼ା



କରୋନା ମହାମାରୀ ସମୟରେ ଲକ୍‌ଡାଉନ୍ ଘୋଷଣା ପରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାର ଦାଦନ ସମସ୍ୟାର ବିସ୍ତୃତ ଚିତ୍ର ପ୍ରଘଟ ହୋଇଥିଲା। ଦେଶର ବିଭିନ୍ନ ସ୍ଥାନକୁ ଯାଇ କାମ କରୁଥିବା ଲକ୍ଷାଧିକ ଦାଦନ ଓ ପ୍ରବାସୀ ଶ୍ରମିକ ସ୍ପେଶାଲ ଟ୍ରେନ, ଘରୋଇ ଯାନବାହନ, ସାଇକେଲ ଏପରିକି ଚାଲିଚାଲି ନାନା ଦୁର୍ଦ୍ଦଶା ମଧ୍ୟରେ ନିଜ ଜିଲାକୁ ଫେରିବା ଦେଖାଯାଇଥିଲା। କରୋନା ମହାମାରୀ ଲକ୍ଷାଧିକ ଅଣପଞ୍ଜୀକୃତ ଦାଦନ ଶ୍ରମିକଙ୍କ ଗୁମର ଖୋଲିଥିଲା। କୋଭିଡ୍ ସଂକ୍ରମଣ ଭୟ ସରିନାହିଁ। ହେଲେ ଜୀବିକା ଅନ୍ୱେଷଣରେ ପୁଣି ହଜାର ହଜାର ଶ୍ରମିକ ରାଜ୍ୟ ବାହାରକୁ ଜୀବିକା ଅନ୍ୱେଷଣରେ ଚାଲିଯାଉଛନ୍ତି।

## ଆନ୍ଦୋଳନମୁହାଁ ଚାଷୀ

ଚାଷ ଓ ଚାଷୀ ସମସ୍ୟା ଅସମାହିତ। ୨୦୨୦ରେ ଏହି ସମସ୍ୟା ଦ୍ୱିଗୁଣିତ ହୋଇଥିଲା। ଏହି ବର୍ଷ ଚାଷୀଙ୍କ ପାଇଁ ଶୁଭଙ୍କର ନ ଥିଲା । ଅନ୍ୟବର୍ଷ ଭଳି ଧାନ ବିକ୍ରିରେ ଅବ୍ୟବସ୍ଥା, ଅଭାବୀ ବିକ୍ରି, ଟୋକନ କଟକଣାରୁ ଚାଷୀଙ୍କୁ ହଟହଟା ହେବାକୁ ପଡ଼ିଥିଲା। ସେହିପରି ଫସଲକ୍ଷତି ସତ୍ତ୍ୱେ ବୀମା କ୍ଷତିପୂରଣ, ଇନ୍‌ପୁଟ୍ ସବ୍‌ସିଡି ପାଇବାରୁ ବଞ୍ଚିତ ହୋଇଥିବାରୁ ଚାଷୀ ଅସନ୍ତୋଷ ତେଜି ଉଠିଥିଲା। ଏହି ସମୟରେ କେନ୍ଦ୍ର ସରକାରଙ୍କ ୩ନୂଆ କୃଷି ଆଇନ ଚାଷୀଙ୍କ ଅସନ୍ତୋଷକୁ ବଢାଇ ଦେଇଥିଲା। ଏହାର ପ୍ରତିବାଦରେ ସାରା ପଶ୍ଚିମ ଓଡ଼ିଶାରେ ଅସନ୍ତୋଷର ନିଆଁ ଜଳିଥିଲା। କରୋନା କଟକଣା ସତ୍ତ୍ୱେ ଚାଷୀ ଆନ୍ଦୋଳନମୁହାଁ ହୋଇଥିଲେ । ପଶ୍ଚିମ ଓଡିଶାର ନୂଆପଡା, କଳାହାଣ୍ଡିକୁ ଛାଡି ଅନ୍ୟ ସମସ୍ତ ଜିଲାରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ମାର୍କେଟ ଗୁଡିକରେ କେନ୍ଦ୍ର ସରକାରଙ୍କ ଆଇନକୁ କଳା ଆଇନ ଭାବେ କହି ଚାଷୀମାନେ କଳା ବ୍ୟାଜ୍ ପିନ୍ଧି ଧାନ ସଂଗ୍ରହରେ ସାମିଲ ହୋଇଥିଲେ । ଏହି ଆନ୍ଦୋଳନକୁ ବିଭିନ୍ନ ରାଜନୈତିକ ଦଳ, ଟ୍ରେଡ୍ ୟୁନିୟନ, ଯୁବଗୋଷ୍ଠୀ ଓ ଜନସାଧାରଣଙ୍କ ସମର୍ଥନ ମିଳିଥିଲା।



## ଗାଁର ନାଁ ହେଲା ବିଲୁଙ୍ଗ ରଙ୍ଗବତୀ





ସମ୍ବଲପୁରୀ ଲୋକଗୀତ ରଙ୍ଗବତୀ ସମଗ୍ର ଦେଶ ଓ ଦେଶ ବାହାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହି ଗୀତ ଗାଇଥିବା ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ ଓ ଲେଖକ ମିତ୍ରଭାନୁ ଗୌନ୍ତିଆଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଏବେ ଲେଖକ ଗୌନ୍ତିଆଙ୍କ ରାଜସ୍ୱ ଗ୍ରାମ ବିଲୁଙ୍ଗ ନାମ ପରିବର୍ତ୍ତନ କରାଯାଇ ବିଲୁଙ୍ଗ ରଙ୍ଗବତୀ କରାଯାଇଛି। କେନ୍ଦ୍ର ସରକାରଙ୍କ ନୋ ଅବ୍‌ଜେକ୍ସନ ପରେ ରାଜ୍ୟ ସରକାର ସୀକୃତି ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ଚିଠି ନଂ.୨୩୩୫୪/୨୦ରେ ଏହି ସୂଚନା ଦିଆଯାଇଛି। ଜିଲାର ବାମରା ବ୍ଲକରେ ରହିଛି ବିଲୁଙ୍ଗ ଗ୍ରାମ।

## ମାଟିରେ ମିଶିଲା ରାଜପ୍ରାସାଦ ମୁଖଶାଳା



ସୁବର୍ଣ୍ଣପୁର ଜିଲାର ଐତିହାସିକ କୀର୍ତ୍ତିରାଜି ସୋନପୁର ରାଜପ୍ରାସାଦର ମୁଖଶାଳା ଏବର୍ଷ ଭାଙ୍ଗି ମାଟିରେ ମିଶିଗଲା। ସୁବର୍ଣ୍ଣପୁର ସହରର ମହାନଦୀ କୂଳରେ ଥିବା ଏହି ମୁଖଶାଳା ଜିଲାର ଗୌରବ ବଢାଉଥିଲା । ରକ୍ଷଣାବେକ୍ଷଣ ଅଭାବରୁ ଐତିହ୍ୟ ବିଜଡିତ ଚୌହାନ ରାଜାଙ୍କ ସନ୍ତକ ଏହି ପୁରାତନ ରାଜପ୍ରାସାଦ ବିପଦସଙ୍କୁଳ ଅବସ୍ଥାରେ ଥିଲା। କିନ୍ତୁ ସରକାର ଏହି କୀର୍ତ୍ତିରାଜିକୁ ଧ୍ୱଂସ ମୁହଁରୁ ରକ୍ଷା କରିବା ପାଇଁ କୌଣସି ଉଦ୍ୟମ କରି ନ ଥିଲେ ।

## ସୁକ୍‌ତେଲ ନଦୀରେ ପ୍ରାଚୀନ କୀର୍ତ୍ତି



୨୦୨୦ ନଭେମ୍ବର ମାସରେ ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ଗୋପାଳପୁର-ଛେଲବାହାଲ ଗ୍ରାମ ନିକଟ କୁଶୁଙ୍ଗାଇ ଯୋର ସମ୍ମିଶ୍ରଣ ସ୍ଥଳର ସୁକ୍‌ତେଲ ନଦୀ ଗର୍ଭରୁ ଅନେକ ଐତିହାସିକ ପ୍ରସ୍ତର କୀର୍ତ୍ତି ଦେଖିବାକୁ ମିଳିଥିଲା। ଏଠାରୁ ୨୩ଟି ପ୍ରସ୍ତର କୀର୍ତ୍ତି ଓ ୨୯ଟି ମକର୍ଡା ପଥର ଆବିଷ୍କୃତ ହୋଇଛି। କେତେକ ଶିଳାଖଣ୍ଡର ଦୈର୍ଘ୍ୟ ଓ ପ୍ରସ୍ତ ୧୪ ଇଞ୍ଚରୁ ୧୮ ଇଞ୍ଚ ରହିଛି। ଉଦ୍ଧାର ହୋଇଥିବା ପ୍ରସ୍ତର କୀର୍ତ୍ତି ସପ୍ତମ ଶତାବ୍ଦୀରୁ ନବମ ଶତାବ୍ଦୀର ମନ୍ଦିର ବା କୌଣସି ପ୍ରସ୍ତର ଢାଞ୍ଚାର ଅବଶେଷ ବୋଲି ଅନୁମାନ କରାଯାଉଛି।

## ପାଟଣାଗଡ଼ରେ ଗଣହତ୍ୟା

ପାର୍ସଲ ବୋମା ବିସ୍ଫୋରଣ ଘଟଣା ମନରୁ ନ ଲିଭୁଣୁ ପାଟଣାଗଡ ସହର ୨୦୨୦ନଭେମ୍ବର ୧୦ରେ ପୁଣି ଚର୍ଚ୍ଚାକୁ ଆସିଥିଲା। ସହରର ସଅଁରାପଡାରେ ଗୋଟିଏ ପରିବାରର ୬ଜଣଙ୍କୁ ହତ୍ୟା କରାଯାଇଥିଲା। ହତ୍ୟାର ଶିକାର ହୋଇଥିଲେ ବୁଲୁ ଜାନୀ, ତାଙ୍କ ସ୍ତ୍ରୀ ଜ୍ୟୋତି, ୧୨ବର୍ଷର ଝିଅ ସରିତା, ଦୁଇ ପୁଅ ଭୀଷ(୫), ସଞ୍ଜୀବ (୨) ଓ ନାତୁଣୀ ଶ୍ରୀୟା (୩)। ଏହି ଘଟଣାରେ ପୋଲିସ ୭ଜଣଙ୍କୁ ଗିରଫ କରିଥିଲା। ପ୍ରାୟ ୧୨ବର୍ଷ ତଳେ ଝାରଖଣ୍ଡ ଅଞ୍ଚଳରୁ ଆସିଥିବା କେତେକ ଯାଯାବର ପରିବାର ସହଁରାପଡାରେ ଘର କରି ରହିଥିଲେ। ସେମାନଙ୍କ ମଧ୍ୟରେ ପାରିବାରିକ ବିବାଦରୁ ଏହି ହତ୍ୟାକାଣ୍ଡ ଘଟିଥିଲା।

## ଇନ୍ଦ୍ରାବତୀରୁ ବିଦ୍ୟୁତ୍ ପାଇଲେ କଳାହାଣ୍ଡିବାସୀ



କଳାହାଣ୍ଡି ଜିଲାର ଜୟପାଟଣା ବ୍ଲକ ମୁଖିଗୁଡାସ୍ଥିତ ଇନ୍ଦ୍ରାବତୀ ଜଳବିଦ୍ୟୁତ୍ ପ୍ରକଳ୍ପରୁ ବିଦ୍ୟୁତ ଉତ୍ପାଦନର ୨୧ବର୍ଷ ପରେ କଳାହାଣ୍ଡି ଜିଲାବାସୀ ବିଦ୍ୟୁତ ପାଇଛନ୍ତି। ଏଥିରେ ପ୍ରଥମ ପର୍ଯ୍ୟାୟରେ ଜୟପାଟଣା, କୋକସରା ଓ କଲମପୁର ବ୍ଲକର ୧୨୦ଟି ଗାଁର ୨୭ ହଜାର ଉପଭୋକ୍ତା ସିଧାସଳଖ ଇନ୍ଦ୍ରାବତୀରୁ ବିଦ୍ୟୁତ ପାଇଛନ୍ତି। ରାଜ୍ୟ ଶକ୍ତି ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ରଙ୍କ ଉଦ୍ୟମରେ ଏହା ସଫଳ ହୋଇଛି।

## ପରଲୋକରେ ସୁବାସ ଚୌହାନ



ତତ୍କାଳୀନ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ସୁବାସ ଚୌହାନ ଗତ ମେ ୧୦ତାରିଖରେ ଜୀବନ ଯୁଦ୍ଧରେ ହାରିଯାଇଛନ୍ତି। ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଆମବାହାଲ ଗ୍ରାମର ଏକ ଗରିବ ପରିବାରରେ ସୁବାସ ଜନ୍ମଗ୍ରହଣ କରିଥିଲେ। ୧୯୮୫ ମସିହାରେ ସେ ଆର୍‌ଏସ୍‌ଏସ୍ ଏବଂ ୨୦୦୩ରେ ବଜରଙ୍ଗ ଦଳରେ ସାମିଲ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ଭାଜପାରେ ଯୋଗଦେଇ ୨୦୧୪ ସାଧାରଣ ନିର୍ବାଚନରେ ବରଗଡ଼ ଲୋକସଭା ପ୍ରାର୍ଥୀ ହୋଇ ହାରିଥିଲେ । ପରେ ସେ ଭାଜପା ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ମନୋନୀତ କରିଥିଲେ।

## ଛତିଶଗଡ଼ ଜେଲରେ ଅନୁପ



କଳ୍ପନା ଦାସ(୩୫) ଓ ତାଙ୍କ ନାବାଳିକା ଝିଅ ବବ୍‌ଲି ହତ୍ୟା ଘଟଣାରେ ଛତିଶଗଡ ରାଜ୍ୟ ରାୟଗଡ଼ ପୋଲିସ ବ୍ରଜରାଜନଗରର ପୂର୍ବତନ ବିଧାୟକ ଅନୁପ ସାଏଙ୍କୁ ଫେବୃୟାରୀ ୧୨ରେ ଉଠାଇନେବା ବର୍ଷର ଅନ୍ୟତମ ଚର୍ଚ୍ଚିତ ଖବର ଥିଲା। ୨୦୧୬ ମେ ୭ ମଧ୍ୟରାତ୍ରରେ ରାୟଗଡ଼ ଜିଲା ହମିରପୁର ଜଙ୍ଗଲକୁ ନେଇ ଡ୍ରାଇଭର ବର୍ଦ୍ଧନ ଟପୋଙ୍କ ଜରିଆରେ ଅନୁପ ମା'ଝିଅଙ୍କ ଉପରେ ବୋଲେରୋ ଚଢାଇ ମାରିଦେଇଥିବା ଅଭିଯୋଗ ହୋଇଥିଲା। ଦୀର୍ଘଦିନ ଧରି ସମ୍ପର୍କ ରଖିବା ପରେ କଳ୍ପନା ତାଙ୍କ ପରିଚୟ ମାଗିବାରୁ ଅନୁପ ଏଭଳି ନାରକୀୟ କାଣ୍ଡ ଘଟାଇଥିବା ନେଇ ରାୟଗଡ଼ ପୋଲିସ ଘଟଣାର ପର୍ଦ୍ଦାଫାଶ କରିଥିଲା। ଏହି ଘଟଣାରେ ଅନୁପ ଓ ଡ୍ରାଇଭର ବର୍ଦ୍ଧନଙ୍କୁ ଗିରଫ କରାଯାଇଥିଲା। ସେହିଦିନରୁ ବର୍ଦ୍ଧନ ଜେଲ ହାଜତରେ ଥିବାବେଳେ ଅନୁପ ଏବେ ସ୍ୱାସ୍ଥ୍ୟଗତ କାରଣରୁ ବିଳାସପୁରର ଏକ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

## ବୀରମିତ୍ରପୁର ଆଇଆଇସି ନିଲମ୍ବିତ



ସୁନ୍ଦରଗଡ଼ ପୋଲିସ ବର୍ଦ୍ଦିରେ କଳାଦାଗ ଆଣି ଜିଲାର ବୀରମିତ୍ରପୁର ଥାନା ଚର୍ଚ୍ଚାରେ ରହିଥିଲା। ଗତ ଜୁନ୍‌ରେ ଥାନା ପରିସରରେ ଜଣେ ନାବାଳିକା(୧୩)ଙ୍କୁ ବଳାତ୍କାର ଓ ପରେ ତତ୍କାଳୀନ ଥାନା ଆଇଆଇସି ଆନନ୍ଦ ଚନ୍ଦ୍ର ମାଝିଙ୍କ ସହାୟତାରେ ନାବାଳିକାଙ୍କ ଗର୍ଭପାତ ଘଟଣା ଚର୍ଚ୍ଚା ହୋଇଥିଲା। ଏହି ଘଟଣାରେ ଆଇଆଇସି କ୍ରାଇମ୍ ବ୍ରାଞ୍ଚ ଦ୍ୱାରା ଗିରଫ ଓ ପରେ ପୋଲିସ ଡିଜିଙ୍କ ଦ୍ୱାରା ବହିଷ୍କୃତ ହୋଇ ଜେଲ୍ ଯାଇଥିଲେ। ଗତ ନଭେମ୍ବର ୧୯ରେ ସେହି ଥାନାରେ ପୋଲିସ ହେପାଜତରେ ଥିବା ଯୁବକଙ୍କ ମୃତ୍ୟୁ ଘଟଣାରେ ଥାନା ଆଇଆଇସି ସ୍ମୃତିପ୍ରଭା ନାଏକ ନିଲମ୍ବିତ ହୋଇଥିଲେ।

## ଗିନିଜ୍ ରେକର୍ଡରେ ଯୋଗବ୍ୟାସ




ଓଡ଼ିଶାର ୩ୟ ଏଭରେଷ୍ଟ ପର୍ବତାରୋହୀ ଭାବେ କଳାହାଣ୍ଡି ଜିଲା ନର୍ଲା ବ୍ଲକ ରୁପ୍ରା ଗ୍ରାମର ଯୋଗବ୍ୟାସ ଭୋଇ ଗିନିଜ୍ ୱାଲ୍ଡ ରେକର୍ଡର ଅଧିକାରୀ ହୋଇଛନ୍ତି। ସେ ୧ ଘଣ୍ଟା ମଧ୍ୟରେ ସର୍ବାଧିକ ପର୍ବତାରୋହଣ ଫଟୋ ଫେସ୍‌ବୁକରେ ପୋଷ୍ଟ କରି ଏହି ରେକର୍ଡ ହାସଲ କରିଥିଲେ।

**ମୋବାଇଲ ଝାମ୍ପିଲେ, ମାଡ଼ ଖାଇ ଜେଲ୍ ଗଲେ**

ଭୁବନେଶ୍ୱର,୨୨।୧୨(ବ୍ୟୁରୋ): ବଡ଼ଗଡ଼ ଥାନା ଅଞ୍ଚଳରେ ଜଣେ ଲୁଟେରା ମୋବାଇଲ ଝାମ୍ପିବା ବେଳେ ସ୍ଥାନୀୟ ଲୋକେ ଧରି ନିର୍ଘୂମ ଛେଚିବା ପରେ ପୋଲିସକୁ ଜିମା ଦେଇଛନ୍ତି। ସେ ହେଲେ ଧଉଳି ଥାନା ଇନ୍ଦିରା କଲୋନୀର ରାଧାକୃଷ୍ଣ ଜେନା। ତାଙ୍କଠାରୁ ପୋଲିସ ଗୋଟିଏ ମୋବାଇଲ ଫୋନ ଜବତ କରିଛି। ପୋଲିସ ଅଭିଯୁକ୍ତ ରାଧାକୃଷ୍ଣଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜ ମନ୍ଦିର ଖୋଲିବା ନେଇ ପ୍ରସ୍ତୁତି

ପୁରୁଣା ଭୁବନେଶ୍ୱର,୨୨।୧୨ (ଡି.ଏନ୍.ଏ.): ଶ୍ରୀ ଲିଙ୍ଗରାଜ ମନ୍ଦିର ଆସନ୍ତା ୨୭ ତାରିଖ ତଥା ରବିବାରଠାରୁ ଖୋଲାଯିବ। ଏନେଇ ମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମଙ୍ଗଳବାର ଅପରାହ୍ନରେ ବିଏମ୍‌ସିର ପ୍ରତିନିଧିଙ୍କ ସହ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ, ଲିଙ୍ଗରାଜ ଥାନା ଆଇଆଇସି ଶରତ ଚନ୍ଦ୍ର ପାତ୍ର ଟ୍ରାଫିକ୍ ବ୍ୟବସ୍ଥା ନେଇ ଯାଞ୍ଚ କରିଥିଲେ। ୨୬ତାରିଖରେ ଅଗ୍ନିଶମ ବିଭାଗ ପକ୍ଷରୁ ମନ୍ଦିର ସାନିଟାଇଜ କରାଯିବ। ୨୭ରୁ ୩୧ ପର୍ଯ୍ୟନ୍ତ କେବଳ ସେବାୟତଙ୍କ ପରିବାରକୁ ଦର୍ଶନ ଅନୁମତି ଦିଆଯାଇଛି। ଜାନୁୟାରୀ ୧ ଓ ୨ରେ ମନ୍ଦିର ଦର୍ଶନ ବନ୍ଦ ରହିବ। ୩ରୁ ୫ ତାରିଖ ପର୍ଯ୍ୟନ୍ତ କେବଳ ଭୁବନେଶ୍ୱର ବାସିନ୍ଦା ଦର୍ଶନ କରିପାରିବେ। ସେହିପରି ୬ତାରିଖରୁ ସାଧାରଣ ଲୋକେ ଦର୍ଶନ କରିପାରିବେ। ୱାନ ୱେ ଟ୍ରାଫିକ ବ୍ୟବସ୍ଥାରେ ମନ୍ଦିରକୁ ଶ୍ରଦ୍ଧାଳୁଙ୍କୁ ପ୍ରବେଶ କରାଯିବ। କୋଭିଡ୍-୧୯ ଗାଇଡ୍‌ଲାଇନକୁ ଗୁରୁତ୍ୱ ଦିଆଯାଇଛି।

### ନାବାଳିକାଙ୍କୁ ପ୍ରତାରଣା

ବାରଙ୍ଗ, ୨୨।୧୨(ଡି.ଏନ୍.ଏ.): ବାରଙ୍ଗ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ପ୍ରତାରଣା କରିଥିବା ମଙ୍ଗଳବାର ଅଭିଯୋଗ ହୋଇଛି। ଏ ନେଇ ପୋଲିସ ନଂ.୧୦୪/୨୦ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପରେ ନାବାଳିକାକୁ ଡାକ୍ତରିମାଇନା କରି କଳିଙ୍ଗନଗରସ୍ଥିତ ସୁଧାରଗୃହରେ ଛାଡ଼ିଛି। ଭଦ୍ରକ ଜିଲାର ଜଣେ ଯୁବକ ଓ ତାଙ୍କ ଭାଇ ନନ୍ଦନକାନନ ଥାନା ଅଞ୍ଚଳରେ ୪ବର୍ଷ ଧରି ଔଷଧ ଦୋକାନ କରି ରହୁଥିଲେ। ଉକ୍ତ ନାବାଳିକାକୁ ଭଲପାଇବା ସହ ଶାରୀରିକ ସମ୍ପର୍କ ରଖିଥିଲେ। ପରିବାର ଲୋକେ ଜାଣିବା ପରେ ଝିଅକୁ ସୋମବାର ରାତିରେ ଯୁବକଙ୍କ ଘରେ ଛାଡ଼ିଯାଇଥିଲେ। ପୂର୍ବରୁ ଯୁବକ ଜଣକ ଏହା ଜାଣି ଫେରାର ହୋଇଯାଇଥିବା ବେଳେ ଯୁବକଙ୍କ ଭାଇ ମଙ୍ଗଳବାର ନାବାଳିକାଙ୍କୁ ପୋଲିସ ଜିମା ଦେଇଥିଲେ।

### ବାଘୁଣୀ ଆନିନି ପାଇଁ ଭାଇ କ୍ରିଷ୍ଣାର ରକ୍ତ ସଂଗ୍ରହ

ବାରଙ୍ଗ,୨୨।୧୨(ଡି.ଏନ୍.ଏ.): ପ୍ରାଣୀଉଦ୍ୟାନ ନନ୍ଦନକାନନର ବାଘୁଣୀ ଆନିନିର ଚିକିତ୍ସା ଚାଲିଥିଲେ ମଧ ସ୍ୱାସ୍ଥ୍ୟରେ ସୁଧାର ଆସିନି। ୪ଦିନ ହେବ ଆହାର ମଧ ତ୍ୟାଗ କରିଥିବାରୁ କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଯାଇଛି। ଫଳରେ ବିଶେଷଜ୍ଞମାନଙ୍କ ପରାମର୍ଶକ୍ରମେ ମଙ୍ଗଳବାର ଭାଇ କଳାବାଘ କ୍ରିଷ୍ଣା ଓ ଭଉଣୀ ଆନିନିର ରକ୍ତନମୁନା ସଂଗ୍ରହ କରାଯାଇଛି। ଏହି ରକ୍ତନମୁନାକୁ ଏଠାରେ ପରୀକ୍ଷା ପରେ ଅଧିକ ପରୀକ୍ଷା ପାଇଁ ଦିଲ୍ଲୀକୁ ପଠାଯିବ। ଉଭୟଙ୍କ ରକ୍ତନମୁନା ଏକା ହେଲେ ଆନିନିର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆଣିବା ପାଇଁ ଭାଇ କ୍ରିଷ୍ଣାର ରକ୍ତ ଦିଆଯିବ ବୋଲି ଜଣାପଡିଛି।

# ଜୈବ ବିବିଧତା ପାଇଁ ଗଣଜାଗରଣ ଜରୁରୀ

ଭୁବନେଶ୍ୱର,୨୨।୧୨(ବ୍ୟୁରୋ)



- ପରିବେଶ କଂଗ୍ରେସର ୧୦ ସୂତ୍ରୀ ପ୍ରସ୍ତାବ ଗୃହୀତ
- ଆସନ୍ତାବର୍ଷର ବିଷୟବସ୍ତୁ 'ପରିବେଶ ଓ ମହାମାରୀ'

ବର୍ତ୍ତମାନର ପରିବର୍ତ୍ତିତ ଜଳବାୟୁରେ ଜୈବ ବିବିଧତାର ସୁରକ୍ଷା ପାଇଁ ଗଣଜାଗରଣ ଜରୁରୀ। ହେଲେ ସମ୍ପ୍ରତି କେନ୍ଦ୍ର ଓ ରାଜ୍ୟ ସରକାର ଯେଉଁସବୁ ନୂଆ ଆଇନ ପ୍ରଣୟନ କରୁଛନ୍ତି, ସେଥିରେ ପରିବେଶ ଏବଂ ଜୈବ ବିବିଧତା ସୁରକ୍ଷାର ଆବଶ୍ୟକତାକୁ ଗୌଣ କରି ଦିଆଯାଉଛି ବୋଲି ଜଳ ପୁରୁଷ ଭାବେ ପରିଚିତ ଡ. ରାଜେନ୍ଦ୍ର ସିଂ କହିଛନ୍ତି। ମଙ୍ଗଳବାର ୧୧ତମ ପରିବେଶ କଂଗ୍ରେସର ଉଦ୍‌ଯାପନୀ ଦିବସରେ ଡ. ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ପରିବେଶ ଓ ଜୈବ ବିବିଧତାକୁ ପ୍ରାଥମିକତା ଦେଇ ସମ୍ମାନ ଜଣାଇବାରେ କୃପଣତା କଲେ ପ୍ରକୃତି ଆମ ପାଇଁ କୃପଣ ପାଲଟିବ। ପରିବେଶ ପ୍ରଭାବ ଆକଳନ ଆଇନର ଯେଉଁ ସଂସ୍କାର ଅଣାଯାଇଛି ତା'ଉପରେ କ୍ଷୋଭ ପ୍ରକାଶ କରିବା ସହ ନୂଆ ଶିକ୍ଷାନୀତିରେ ପରିବେଶ ସୁରକ୍ଷା ଦିଗରେ କୌଣସି ବିଷୟ ନ ଥିବାରୁ ସେ ଦୁଃଖ ପ୍ରକାଶ କରିଥିଲେ।

ତିନିଦିନ ଧରି ଚାଲିଥିବା ଏହି ପରିବେଶ କଂଗ୍ରେସର ୧୦ ସୂତ୍ରୀ ସୁପାରିସକୁ ପ୍ରସ୍ତାବ ଆକାରରେ ପାରିତ କରାଯାଇଛି। ଜୈବ ବିବିଧତାର ସୁରକ୍ଷା ଓ ସଂରକ୍ଷଣ ପାଇଁ ଏକ ଗଣ ଜାଗରଣର ଆବଶ୍ୟକତା ରହିଛି ବୋଲି ପ୍ରଥମ ପ୍ରସ୍ତାବରେ କୁହାଯାଇଛି। ଅନ୍ୟ ପ୍ରସ୍ତାବ ମଧ୍ୟରେ ଜୈବ ବିବିଧତା ବୋର୍ଡ ଆଇନ ୨୦୦୨କୁ ଠିକ୍ ଭାବରେ କାର୍ଯ୍ୟକାରୀ କରିବା, ପଞ୍ଚାୟତ ଓ ଗୋଷ୍ଠୀଙ୍କୁ ଜୈବ ବିବିଧତାର ସୁରକ୍ଷା ଦାୟିତ୍ୱ ଦେବା, ଏ କ୍ଷେତ୍ରରେ ଅଧିକ ଗବେଷଣାର ସୁଯୋଗ ପ୍ରସ୍ତୁତ କରିବା, ଜଙ୍ଗଲ ଓ ପରିବେଶ ବିଭାଗ ଜଙ୍ଗଲ ସମ୍ପଦର ସଂରକ୍ଷଣ କ୍ଷେତ୍ରରେ ବ୍ୟାପକ ପଦକ୍ଷେପ ନେବା, ଶିମିଳିପାଳ ପରି ଗନ୍ଧମାର୍ଦ୍ଦନକୁ ଜୈବ ମଣ୍ଡଳର ମାନ୍ୟତା ଦେବା, ଜଙ୍ଗଲ ସୃଷ୍ଟି, ଆର୍ଦ୍ରଭୂମିଗୁଡ଼ିକର ସୁରକ୍ଷା ଓ ସଂରକ୍ଷଣ ଆଦି ଅନ୍ତର୍ଭୁକ୍ତ ରହିଛି।

ଅବସରପ୍ରାପ୍ତ ରାଷ୍ଟ୍ରଦୂତ ଅବସର ବେଉରିଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅତିଥି ଭାବେ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଦେବୀ ପ୍ରସାଦ ମିଶ୍ର, ଜଗଦାନନ୍ଦ, ପଦ୍ମଶ୍ରୀ ରାଧାମୋହନ, ଡ. ବାବୁ ଆମ୍ବାତ୍, ଡ. ବି.ବି.ସାମନ୍ତ, ଡ. ଜୟକୃଷ୍ଣ ପାଣିଗ୍ରାହୀ, ଡ. ସତ୍ୟବ୍ରତ ମିନକେତନ, ପ୍ରଫେସର ପଦ୍ମଜା ମିଶ୍ର, ଡ. ସୁଧୀର ରାଉତ ପ୍ରମୁଖ ଯୋଗଦେଇଥିଲେ। ଯୁବ ବୈଜ୍ଞାନିକ ଭାବେ ସିର୍ଦ୍ଧାର୍ଥ ବିଶୋଇ ଓ ସବୁଜ ରାଷ୍ଟ୍ରଦୂତ ଭାବେ ଉତ୍କଳ ରଞ୍ଜନ ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ଆସନ୍ତା ବର୍ଷ ପରିବେଶ କଂଗ୍ରେସର ବିଷୟବସ୍ତୁ 'ପରିବେଶ ଓ ମହାମାରୀ' ରହିବ ବୋଲି ସାଂଗଠନିକ ସମ୍ପାଦକ ସୁଦର୍ଶନ ଦାସ ଘୋଷଣା କରିଛନ୍ତି।

# ୧୧ହଜାର ବସ୍ତା ସିମେଣ୍ଟ ଜବତ, କର୍ମଚାରୀ ଗିରଫ

କଟକ ଅଫିସ,୨୨।୧୨

**ଚଢ଼ାଉ ବେଳେ ଧରାପଡ଼ିଲା ଏକ୍ସପାଏରି ସିମେଣ୍ଟ କାରବାର**

କଟକ ଜଗତ୍‌ପୁର ଅଞ୍ଚଳରେ ଥିବା ଏକ ସିମେଣ୍ଟ ଗୋଦାମ ଉପରେ ମଙ୍ଗଳବାର ପୋଲିସ ଚଢ଼ାଉ କରିଥିଲା। ସେଠାରୁ ପ୍ରାୟ ୧୦ ହଜାର ବସ୍ତା ଏକ୍ସପାଏରି ସିମେଣ୍ଟ ଓ ୧ହଜାର ବସ୍ତା ଭଲ ସିମେଣ୍ଟ, ୫ହଜାର ପ୍ୟାକେଜିଂ ପଲିଥିନ, ଚାଲୁଣି, ହାତୁଡ଼ି ଆଦି ଜବତ କରାଯାଇଛି। ଏହି ଘଟଣାରେ ସଂସ୍ଥାର ଦେବେଶ ଜୋଷୀ ନାମକ କର୍ମଚାରୀଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଜଗତ୍‌ପୁର ଥାନାରେ ଏକ ମାମଲା (ନଂ.୫୩୫/୨୦) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଗୋଟିଏ ଟ୍ରକରେ ଅପମିଶ୍ରିତ ସିମେଣ୍ଟ ଲୋଡ୍ ହେଉଥିବାବେଳେ ଖବରପାଇ ପୋଲିସ ଟିମ୍ ସେଠାରେ ପହଞ୍ଚିଥିଲା। ଉକ୍ତ ଟ୍ରକରୁ ସିମେଣ୍ଟ ଜବତ କରିବାବେଳେ ପାଖରେ ଏକ ଗୋଦାମ ଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ଉକ୍ତ ଗୋଦାମରେ ଚଢ଼ାଉ କଲାବେଳେ ଅନେକ ତଥ୍ୟ ସାମ୍ନାକୁ ଆସିଥିଲା। ଏହି ଗୋଦାମରେ ଏକ୍ସପାଏରି ସିମେଣ୍ଟକୁ ମାର୍ତ୍ତୁଲରେ ଭାଙ୍ଗି ପାଉଡର କରାଯାଉଥିଲା। ସେଥିରେ ଆଉକିଛି ଭଲ ସିମେଣ୍ଟ ମିଶାଇ ଅମ୍ବୁଜା ସିମେଣ୍ଟ ନାମରେ ପ୍ୟାକିଂ କରାଯାଇ ବଜାରକୁ ବିକ୍ରି ଉଦ୍ଦେଶ୍ୟରେ ଛଡ଼ାଯାଉଥିଲା। ଏହି ଚଢ଼ାଉରେ କଟକ ଜୋନ୍-୧ ଏସିପି, ଜଗତ୍‌ପୁର ଥାନା ଆଇଆଇସି ରବୀନ୍ଦ୍ର ମେହେରଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ସାମିଲ ଥିଲେ।

# ୧୦ଲକ୍ଷ ଟଙ୍କାର ସାମଗ୍ରୀ ଜବତ, ମ୍ୟାନେଜର ଅଟକ

କଟକ ଅଫିସ, ୨୨।୧୨

**ନକଲି ସସ୍,ମସଲା କମ୍ପାନୀ ଠାବ**

ମଧୁପାଟଣା ଥାନା ଅଧୀନ ନେତାଜୀନଗର ଅଞ୍ଚଳରୁ ପୋଲିସ ଏକ ନକଲି ସସ୍ ଓ ମସଲା କମ୍ପାନୀ ମଙ୍ଗଳବାର ଠାବ କରିଛି। କେ କେ ଏଣ୍ଟରପ୍ରାଇଜସ ନାମକ ଏହି କମ୍ପାନୀରେ ଅପମିଶ୍ରିତ ସସ୍ ଓ ମସଲା ଦୀର୍ଘଦିନ ଧରି ତିଆରି ହେଉଥିଲା। ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ୧୦ ଲକ୍ଷ ଟଙ୍କାର ସାମଗ୍ରୀ ଓ ଯନ୍ତ୍ରପାତି ଜବତ କରିଛି। କଖାରୁ, ଆଳୁ ଆଦିରେ ରଙ୍ଗ ଓ ରାସାୟନିକ ପଦାର୍ଥ ମିଶାଇ ନକଲି ଚିଲି ଓ ଟମାଟୋ ସସ୍ ତିଆରି କରାଯାଉଥିଲା। ସେହିପରି କେମିକାଲ ଓ ଖରାପ କଞ୍ଚାମାଲର ମିଶ୍ରଣରେ ବିଭିନ୍ନ ବ୍ରାଣ୍ଡର ନକଲି ମସଲା ମଧ ତିଆରି କରାଯାଉଥିଲା। ଏ ସମ୍ପର୍କରେ ଖବରପାଇ ଏସିପି ଶୁଭ ନାରାୟଣ ମୁଦୁଲି ଓ ଥାନାଧିକାରୀ ତୁଷାର ରଞ୍ଜନ ସେଠୀ ମିଳିତ ଭାବେ ଚଢ଼ାଉ କରିଥିଲେ। ଏହି ଘଟଣାରେ କମ୍ପାନୀ ମ୍ୟାନେଜରଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

# ସ୍ୱାମୀଙ୍କୁ ହତ୍ୟା ପରେ ପୋତିଦେଲେ ସ୍ତ୍ରୀ

ବାଲିପାଟଣା,୨୨।୧୨(ଡି.ଏନ୍.ଏ.): ବାଲିପାଟଣା ଥାନା ଅଧୀନ ବନମାଳିପୁର ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସ୍ୱାମୀଙ୍କୁ ହେମଦସ୍ତା ପୁଆରେ ହତ୍ୟା କରିବା ପରେ ମୃତଦେହକୁ ପୋଡ଼ି ଘର ବାରିପଟେ ପୋତିଦେଇଛନ୍ତି ସ୍ତ୍ରୀ। ମୃତକ ହେଲେ ଏହି ଗ୍ରାମର ନିଧିରାମ ଗିରି(୪୮)। ଖବରପାଇ ପୋଲିସ ମଙ୍ଗଳବାର ରାତିରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

ଗ୍ରାମବାସୀଙ୍କ କହିବାନୁଯାୟୀ, ଗତ ୩ ମାସ ପୂର୍ବେ ନିଧିରାମ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣ ନେଇ ପାଟିତୁଣ୍ଡ ହୋଇଥିଲା। ଉକ୍ତ ଦିନଠାରୁ ନିଧିରାମ ନିଖୋଜ ଥିଲେ। ତାଙ୍କ ସ୍ୱାମୀଙ୍କୁ ସେ ମାରି ବାରିରେ ପୋତି ଦେଇଛନ୍ତି ବୋଲି ଗ୍ରାମବାସୀଙ୍କୁ କହିଥିଲେ। ଏହା ପରେ ଗ୍ରାମବାସୀ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ବୁଧବାର ସାଇଣ୍ଟିଫିକ୍ ଟିମ୍ ପହଞ୍ଚିଲା ପରେ ମାଟିତଳୁ ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୋଲିସ କହିଛି। ଅନ୍ୟପଟେ ପୋଲିସ ତାଙ୍କ ସ୍ତ୍ରୀଙ୍କୁ ପଚରାଉଚରା ଚଳାଇଥିବା ଜଣାପଡ଼ିଛି।

# ଜାତୀୟ ଗଣିତ ଦିବସ

ଭୁବନେଶ୍ୱର,୨୨।୧୨(ବ୍ୟୁରୋ): ବକ୍ସି ଜଗବନ୍ଧୁ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଗଣିତ ବିଭାଗ ପକ୍ଷରୁ ମଙ୍ଗଳବାର ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଗଣିତ ବିଭାଗର ମୁଖ୍ୟ ବିବେକାନନ୍ଦ କୁଅଁର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଉତ୍ସବରେ ବିଦ୍ୟାଳୟ ପରିଚାଳନା କମିଟିର ଚେୟାରମ୍ୟାନ୍ ରଘୁନାଥ ମିଶ୍ର, ମ୍ୟାନେଜର ପ୍ରତାପ ଜେନା, ଅଧକ୍ଷା ସନ୍ଧ୍ୟା ଜେନା, ଉପାଧକ୍ଷା ପଲ୍ଲବୀ ମହାପାତ୍ର ପ୍ରମୁଖ ଶ୍ରୀନିବାସ ରାମାନୁଜନ୍‌ଙ୍କର ଗଣିତ ବିଦ୍ୟାପ୍ରତି ଅବଦାନ ଉପରେ କହିଥିଲେ। ନଳିନୀକାନ୍ତ ମହାନ୍ତି ଗଣିତ ଉପରେ ଏକ କବିତା ଆବୃତ୍ତି କରିଥିଲେ। ଶିକ୍ଷକ ରମେଶ ଚନ୍ଦ୍ର କର, ଶିକ୍ଷୟିତ୍ରୀ ସୁନନ୍ଦା ପଟ୍ଟନାୟକ ଓ ସମ୍ବିତ୍ ପଣ୍ଡା ସହଯୋଗ କରିଥିଲେ।

# ସ୍କୁଲ୍ ପାଠ୍ୟକ୍ରମରେ ଦକ୍ଷତା ବିକାଶକୁ ଗୁରୁତ୍ୱ ଦିଆଯାଉ

ଭୁବନେଶ୍ୱର, ୨୨।୧୨ (ବ୍ୟୁରୋ): ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ(ଓଏସ୍‌ଡିଏ)ର ତୃତୀୟ ଗଭର୍ଣ୍ଣିଂ କାଉନ୍‌ସିଲ୍ ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଧିକରଣ ଅଧକ୍ଷ ସୁବ୍ରତ ବାଗଚୀ ଅଧକ୍ଷତା କରି କହିଲେ, କରୋନା ଯୋଗୁ ଆଇଟିଆଇ ଓ ପଲିଟେକ୍‌ନିକ୍ ପାଠ୍ୟକ୍ରମ ବ୍ୟାହତ ହୋଇଥିବାରୁ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଆବଶ୍ୟକ। ଡିଡିୟୁଜିକେୱାଇ କାର୍ଯ୍ୟକ୍ରମର ପୁନଃପ୍ରଚଳନ ସହ ବିଦ୍ୟାଳୟ ପାଠ୍ୟକ୍ରମରେ ତଳସ୍ତରରୁ ଦକ୍ଷତା ଶିକ୍ଷା ପ୍ରତି ଗୁରୁତ୍ୱ ଦିଆଗଲେ ଭବିଷ୍ୟତରେ ଏହା ଦକ୍ଷତା ବିକାଶରେ ସହାୟକ ହୋଇପାରିବ ବୋଲି ବାଗଚୀ କହିଥିଲେ। ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରେମାନନ୍ଦ ନାୟକ କହିଲେ, କୃଷି, ଉଦ୍ୟାନ କୃଷି, ମତ୍ସ୍ୟଚାଷ ଏବଂ କୁକୁଡ଼ା ପାଳନ କ୍ଷେତ୍ରରେ ଆମର ଯୁବବର୍ଗ ଆତ୍ମନିର୍ଭରଶୀଳ ହୋଇପାରିବେ। ରାଜ୍ୟ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର, ବିଭାଗୀୟ କମିଶନର ତଥା ଶାସନ ସଚିବ ସଞ୍ଜୟ କୁମାର ସିଂ, ଓଏସ୍‌ଡିଏର ସିଇଓ ରଶ୍ମିତା ପଣ୍ଡା, କୃଷି ବିଭାଗର ପ୍ରମୁଖ ଶାସନ ସଚିବ ଡ. ସୌରଭ ଗର୍ଗ, ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ମଧୁସୂଦନ ପାଢ଼ୀ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ଚିତ୍ରା ଅରୁମୁଗମ୍ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ବାର୍ଷିକୋତ୍ସବ ପାଳିଲା ଉତ୍କଳ ଗ୍ୟାଲେରିଆ

ଭୁବନେଶ୍ୱର,୨୨।୧୨

କଳ୍ପନା ଛକସ୍ଥିତ ଶପିଙ୍ଗ୍ ମଲ୍ 'ଉତ୍କଳ କନିକା ଗ୍ୟାଲେରିଆ' ସୋମବାର ତା'ର ପ୍ରଥମ ବାର୍ଷିକ ମହୋତ୍ସବ ପାଳନ କରିଛି। କାର୍ଯ୍ୟକ୍ରମରେ ସମସ୍ତ ଆଉଟଲେଟ୍ କର୍ତ୍ତୃପକ୍ଷ, କର୍ମଚାରୀ, ନିମନ୍ତ୍ରିତ ଅତିଥି ଓ ଗ୍ରାହକ ଉପସ୍ଥିତ ଥିଲେ। ମାଷ୍ଟର ସେଫ୍ ଅବିନାଶ ନାୟକ, ଓଡ଼ିଆ ଅଭିନେତ୍ରୀ ହୀତିଷା ବାଗ୍ ଓ ଉତ୍କଳ ବିଲ୍ଡର୍ସ ଲିମିଟେଡ଼ର ପ୍ରମୁଖ ନିର୍ଦ୍ଦେଶକ ଅମିତ ବୈଦ, ରାକେଶ ବୁରା, ପୂର୍ଣ୍ଣିମା ବୈଦ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅଗଣିତ ଗ୍ରାହକଙ୍କ ଭରସା ପାଇଁ ଉତ୍କଳ ଗ୍ୟାଲେରିଆ ଆଜି ସମସ୍ତଙ୍କ ପ୍ରିୟଭାଜନ ହୋଇପାରିଥିବାରୁ ପରିଚାଳନା କର୍ତ୍ତୃପକ୍ଷ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଥିଲେ। ସଭାପରେ ହିପ୍ ଡ୍ୟାନ୍ସ ସହ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିସହ କମ୍ପ୍ଲେକ୍ସର ବିଭିନ୍ନ ଅଧିକାରୀ ଓ କର୍ମଚାରୀଙ୍କୁ ବେଷ୍ଟ ପରଫର୍ମର ପୁରସ୍କାର ପ୍ରଦାନ କରାଯାଇଥିଲା। ମଲ୍ ଅପରେଶନ ହେଡ୍ ଅନୁପ ମହାଲ୍ଲିକ, ମାର୍କେଟିଂ ମ୍ୟାନେଜର ସୁଦାମ ସାହୁ, ପିଆର୍‌ଓ ଅକ୍ଷୟ ଦାସ ଏବଂ ଯାନ୍ତ୍ରିକ ବିଭାଗ ମୁଖ୍ୟ ଦିଲୀପ କୁମାରଙ୍କୁ ଶ୍ରେଷ୍ଠ ପାରଦର୍ଶିତା ପାଇଁ ପୁରସ୍କୃତ କରାଯାଇଥିଲା। ମାର୍କେଟିଂ ହେଡ୍ ଦୁଲାଲ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

**No. RDM-LAA-CTC-0035-2018/-41687** **R&DM, Dated: 31.12. 2019**

No. I-06:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ନୂଆତଇଳା, ଥାନା- ବଡ଼ମ୍ବା ନଂ.-୯୨, ତହସିଲ- ବଡ଼ମ୍ବା, ଜିଲ୍ଲା-କଟକରେ ନିମ୍ନସୂଚିତ 'କ' ତଫସିଲଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ନରସିଂହପୁର ଶାଖା କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୧୬୬୪ ତା.୨୫.୧୦.୨୦୧୮ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ନୂଆତଇଳା, ଥାନା- ବଡ଼ମ୍ବା, ନଂ.- ୯୨, ଜିଲ୍ଲା- କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବ୍‌ସାଇଟ୍ www.dkl.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ରେଙ୍ଗାଳୀ ଦକ୍ଷିଣ କେନାଲ ପ୍ରଣାଳୀ, ଢେଙ୍କାନାଳ ଏବଂ ଭୂଅର୍ଜନ ମଣ୍ଡଳ ଅଧିକାରୀ ମଣ୍ଡଳ ନଂ. ୪, ରେଙ୍ଗାଳୀ କେନାଲ ପ୍ରଣାଳୀ, ଆଠଗଡ଼, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ- କ**

ଜିଲ୍ଲା:- କଟକ (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ) ତହସିଲ:- ବଡ଼ମ୍ବା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ନୂଆତଇଳା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୨୩.୫ | ଏ. ୧୦.୭୫୦ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୧.୮୨ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

**ତଫସିଲ- ଖ**

ଜିଲ୍ଲା:- କଟକ (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ) ତହସିଲ:- ବଡ଼ମ୍ବା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୨୪.୦୭.୨୦୧୯

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଅତିରିକ୍ତ ଶାସନ ସଚିବ

**ଭୂମି ଅନୁସୂଚୀ (ବେସରକାରୀ) NUATAILA**

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୧୦ | ୮୫ | ୦.୨୮୦ | ୦.୦୧୦ | ଉଦୟନାଥ ସାହୁ, ପି: ବାଲୁଙ୍କି ସାହୁ, ଗଙ୍ଗାଧର ସାହୁ, ପି: କାହ୍ନୁ ସାହୁ |
| | | ୮୬ | ୦.୨୯୦ | ୦.୧୫୦ | |
| | | ୮୮ | ୦.୨୪୦ | ୦.୨୪୦ | |
| | | ୮୯ | ୦.୨୩୦ | ୦.୨୩୦ | |
| | | ୯୦ | ୦.୨୨୦ | ୦.୨୨୦ | |
| ୨ | ୧୬ | ୧୨୫ | ୧.୨୬୦ | ୦.୮୨୦ | କମଳି ପାଲଟା, ସ୍ୱା: ବିନୋଦ ପାଲଟା |
| ୩ | ୧୯ | ୧୨୯ | ୦.୧୮୦ | ୦.୦୯୦ | କୀର୍ତ୍ତି ନାଏକ, ପି: ଅନନ୍ତ ନାଏକ |
| ୪ | ୫୧ | ୧୨୭ | ୦.୧୬୦ | ୦.୧୦୦ | ଚକ୍ରଧର ନାଏକ, ମକର ନାଏକ, ହରି ନାଏକ, ପି: ଭୀମସେନ ଛଞ୍ଚାଣ ସିଂହ, ଓଗେର |
| ୫ | ୫୬ | ୯୨ | ୦.୧୪୦ | ୦.୦୫୦ | ଜଗନ୍ନାଥ ସ୍ୱାଇଁ, କାଶିନାଥ ସ୍ୱାଇଁ, ଲୋକନାଥ ସ୍ୱାଇଁ, କୁଞ୍ଜ ବିହାରୀ ସ୍ୱାଇଁ, ପି: ମହାଦେବ ସ୍ୱାଇଁ |
| ୬ | ୫୮ | ୬୮ | ୦.୮୧୦ | ୦.୨୬୦ | ଜଳଧର ନାୟକ, ଲୋକନାଥ ନାୟକ, ମଙ୍ଗୁଳି ନାୟକ, ପି: ଆରତ ନାୟକ, ଅନି ନାୟକ, ସ୍ୱା: ଆରତ ନାୟକ |
| ୭ | ୬୮ | ୬୫ | ୦.୬୩୦ | ୦.୨୯୦ | ତ୍ରିଲୋଚନ ମହାରଣା, ପି: ମଦନ ମହାରଣା, ଓଗେର |
| | | ୬୬ | ୦.୦୫୦ | ୦.୦୫୦ | |
| | | ୬୭ | ୦.୨୬୦ | ୦.୨୬୦ | |
| ୮ | ୬୯ | ୩୮ | ୦.୦୮୦ | ୦.୦୮୦ | ତ୍ରିଲୋଚନ ମହାରଣା, ପି: ମଦନ ମହାରଣା, ଓଗେର |
| | | ୩୯ | ୦.୨୫୦ | ୦.୧୨୦ | |
| | | ୪୦ | ୦.୧୩୦ | ୦.୦୧୦ | |
| | | ୪୧ | ୦.୨୬୦ | ୦.୨୬୦ | |
| | | ୪୨ | ୦.୨୩୦ | ୦.୨୩୦ | |
| | | ୪୩ | ୦.୨୮୦ | ୦.୨୮୦ | |
| | | ୪୪ | ୦.୧୪୦ | ୦.୧୪୦ | |
| | | ୪୫ | ୦.୨୧୦ | ୦.୦୧୦ | |
| | | ୪୬ | ୦.୨୨୦ | ୦.୧୨୦ | |
| | | ୪୭ | ୦.୧୭୦ | ୦.୧୭୦ | |
| | | ୪୮ | ୦.୮୪୦ | ୦.୦୬୦ | |
| | | ୪୯ | ୦.୨୯୦ | ୦.୦୧୦ | |
| ୯ | ୧୦୧ | ୧୦୯ | ୦.୩୮୦ | ୦.୧୯୦ | ବଳି ପ୍ରଧାନ, ପି: ଶ୍ୟାମ ପ୍ରଧାନ |
| ୧୦ | ୧୨୧ | ୧୩ | ୨.୬୫୦ | ୦.୯୦୦ | ବୈକୁଣ୍ଠ ତରାସିଆ, ବିଶ୍ୱନାଥ ତରାସିଆ, ପି: ଭାଇଗ ତରାସିଆ ଓଗେର |
| ୧୧ | ୧୬୬ | ୧୦୫ | ୦.୮୬୦ | ୦.୧୩୦ | ଲୋକନାଥ ନାଏକ, ଜଳଧର ନାଏକ, ମଙ୍ଗୁଳି ନାଏକ, ପି: ଆର୍ତ୍ତ ନାଏକ, ଅନି ନାଏକ, ସ୍ୱା: ଆର୍ତ୍ତ ନାଏକ |
| ୧୨ | ୧୭୩ | ୧୩୯ | ୦.୦୪୦ | ୦.୦୧୦ | ସତୁରା ନାୟକ, ପି: ଲକ୍ଷ୍ମଣ ରଣସିଂ |
| ୧୩ | ୧୭୯ | ୧୩୩ | ୦.୩୮୦ | ୦.୧୪୦ | ଶାନ୍ତିଲତା ରାଉତ, ସ୍ୱା: ନବଘନ ରାଉତ |
| ୧୪ | ୧୯୩ | ୧୧୬ | ୦.୬୬୦ | ୦.୪୭୦ | ହରିହର ମାଝି, ବ୍ରଜବନ୍ଧୁ ମାଝି, ଅରକ୍ଷିତ ମାଝି, ପି: ଗଦାଧର ମାଝି |
| | | ୧୧୯ | ୧.୦୩୦ | ୦.୦୧୦ | |
| ୧୫ | ୧୯୬/୪୩ | ୧୩୬ | ୦.୩୯୦ | ୦.୨୦୦ | କରୁଣାକର ନାଏକ, ପି: ମକର ନାଏକ |
| ୧୬ | ୧୯୬/୫୪ | ୧୧୦ | ୧.୯୨୦ | ୦.୬୨୦ | ଚରଣ ଚନ୍ଦ୍ର ବିଶ୍ୱାଳ, ପି: ଗୋଲଖ ବିଶ୍ୱାଳ |
| ୧୭ | ୧୯୬/୬୬ | ୧୩୦ | ୦.୩୭୦ | ୦.୩୭୦ | ଚରଣ ଚନ୍ଦ୍ର ବିଶ୍ୱାଳ, ପି: ଗୋଲଖ ବିଶ୍ୱାଳ |
| ୧୮ | ୧୯୬/୮୧ | ୯୧ | ୦.୩୧୦ | ୦.୨୫୦ | ବଳରାମ ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ବିଷ୍ଣୁପ୍ରସାଦ ମିଶ୍ର, ଶିବପ୍ରସାଦ ମିଶ୍ର, ପି: ହରିହର ମିଶ୍ର |
| | | ୯୫ | ୦.୩୬୦ | ୦.୦୧୦ | |
| ୧୯ | ୧୯୬/୮୨ | ୩୭ | ୦.୧୧୦ | ୦.୦୧୦ | ବିଶ୍ୱଜିତ୍ କୁମାର ନାୟକ, ପି: ଜିତେନ୍ଦ୍ର କୁମାର ନାୟକ |
| ୨୦ | ୧୯୬/୮୩ | ୬ | ୦.୫୯୦ | ୦.୪୬୦ | ସୁଜିତ୍ କୁମାର ନାୟକ, ପି: ଜିତେନ୍ଦ୍ର କୁମାର ନାୟକ |
| ୨୧ | ୧୯୬/୮୪, | ୧୦ | ୦.୧୬୦ | ୦.୧୪୦ | ଜିତେନ୍ଦ୍ର କୁମାର ନାୟକ, ପି: ଦିଗାମ୍ବର ନାୟକ, ଓଗେର |
| | | ୧୧ | ୦.୨୪୦ | ୦.୧୨୦ | |
| | | ୧୨ | ୦.୦୪୦ | ୦.୦୪୦ | |
| ୨୨ | ୧୯୬/୯୧ | ୧୨୭/୧୩୦୯ | ୦.୩୦୦ | ୦.୧୪୦ | ଅପର୍ତ୍ତି ମଳିକ, ପି: ବିଦ୍ୟାଧର ମଳିକ |
| ୨୩ | ୧୯୬/୧୧୬ | ୧୩୧ | ୦.୩୪୦ | ୦.୧୩୦ | ସନାତନ ସାହୁ, ପି: ଚକ୍ରଧର ସାହୁ |
| | | ୧୩୨ | ୦.୩୪୦ | ୦.୧୬୦ | |
| ୨୪ | ୧୯୬/୧୨୭ | ୬ | ୦.୪୭୦ | ୦.୧୫୦ | ପ୍ରଶନ୍ନ କୁମାର ନାଏକ, ପି: ଦୁଃଶାସନ ନାଏକ |
| | | ମୋଟ | ୧୯.୮୯୦ | ୮.୯୩୦ | |

**ଭୂମି ଅନୁସୂଚୀ (ଗୋଚର)**

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨୦୧ | ୭୦ | ୦.୭୩୦ | ୦.୭୦୦ | ଗୋଚର |
| | | ୭୧ | ୦.୨୪୦ | ୦.୧୭୦ | |
| | | ମୋଟ | ୦.୯୭୦ | ୦.୮୭୦ | |

**ଭୂମି ଅନୁସୂଚୀ (ଗୋଚର ପ୍ରତିବଦଳ)**

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୧୨୧ | ୧୩ | ୨.୬୫୦ | ୦.୮୭୦ | ବୈକୁଣ୍ଠ ତରାସିଆ, ବିଶ୍ୱନାଥ ତରାସିଆ, ପି: ଭାଇଗ ତରାସିଆ ଓଗେର |
| | | ମୋଟ | ୨.୬୫୦ | ୦.୮୭୦ | |

**ଭୂମି ଅନୁସୂଚୀ (ଶ୍ମଶାନ)**

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨୦୦ | ୧୨୧ | ୦.୦୬୦ | ୦.୦୬୦ | ଶ୍ମଶାନ |
| | | ୧୨୨ | ୦.୩୫୦ | ୦.୨୩୦ | |
| | | ୧୨୪ | ୦.୮୪୦ | ୦.୬୬୦ | |
| | | ମୋଟ | ୧.୨୫୦ | ୦.୯୫୦ | |

**ଭୂମି ଅନୁସୂଚୀ (ଶ୍ମଶାନ ପ୍ରତିବଦଳ)**

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୧୯୬/୮୨ | ୧୪ | ୦.୪୦୦ | ୦.୪୦୦ | ବିଶ୍ୱଜିତ୍ କୁମାର ନାୟକ, ପି: ଜିତେନ୍ଦ୍ର କୁମାର ନାୟକ, ଓଗେର |
| | | ୧୫ | ୦.୧୨୦ | ୦.୧୨୦ | |
| | | ୩୭ | ୦.୧୧୦ | ୦.୧୦୦ | |
| ୨ | ୧୯୬/୩ | ୧୬ | ୦.୩୩୦ | ୦.୩୩୦ | ତ୍ରିଲୋଚନ ବେହେରା, ପି: କାଳନ୍ଦି ବେହେରା, ଓଗେର |
| | | ମୋଟ | ୦.୯୬୦ | ୦.୯୫୦ | |

| | |
|---|---|
| ରୟତି | ଏ ୮.୯୩ |
| ଶ୍ମଶାନ ପ୍ରତିବଦଳ | ଏ ୦.୯୫ |
| ଗୋଚର ପ୍ରତିବଦଳ | ଏ ୦.୮୭ |
| ମୋଟ ଅର୍ଜିତ ରକବା | ଏ ୧୦.୭୫ |

OIPR-24001/14/0162/2021

ରାଜ୍ୟପାଳଙ୍କ ଆଦେଶକ୍ରମେ
ଅତିରିକ୍ତ ଶାସନ ସଚିବ

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894677450
7325861595

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୂର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଝଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ। ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ। ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍‌ଟପ୍। ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

GALLERY TOWER COMPANY
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍‌ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଆଣ୍ଟାର୍କଟିକାରେ ପଶିଲା ଭୂତାଣୁ**

କରୋନା କବଳରୁ ମୁକ୍ତ ଥିବା ଆଣ୍ଟାର୍କଟିକାରେ ପ୍ରଥମ କରି ୩୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସମସ୍ତ ସଂକ୍ରମିତ ଚିଲି ରିସର୍ଚ୍ଚ ବେସ୍‌ର ହୋଇଥିବାବେଳେ ସେମାନଙ୍କ ମଧ୍ୟରେ ୨୬ ଜଣ ଆର୍ମି ଏବଂ ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ୧୦ କର୍ମଚାରୀ ରହିଛନ୍ତି। ଆକ୍ରାନ୍ତଙ୍କୁ ଚିଲିର ପୁଣ୍ଟା ଆରେନାସ୍‌ରେ ଆଇସୋଲେଶନରେ ରଖାଯାଇଛି। ସଂକ୍ରମଣକୁ ରୋକିବା ପାଇଁ ଆଣ୍ଟାର୍କଟିକର ସମସ୍ତ ପ୍ରମୁଖ ଅନୁସନ୍ଧାନ ପ୍ରକଳ୍ପଗୁଡ଼ିକୁ ବନ୍ଦ କରାଯାଇଛି।



## ସଂକ୍ଷେପରେ

### ଭାଜପା ନେତାଙ୍କୁ କଂଗ୍ରେସ ପଦବୀ

**ଭୋପାଳ, ୨୨।୧୨:** ଜଣେ ଭାଜପା ନେତାଙ୍କୁ କଂଗ୍ରେସ ପକ୍ଷରୁ ଏକ ବଡ଼ ପଦବୀ ଦିଆଯିବା ଏବଂ ଏଥିପାଇଁ ତାଙ୍କୁ ଚାରିଆଡୁ ଶୁଭେଚ୍ଛାର ସୁଅ ଛୁଟିବା ଘଟଣା ମଧ୍ୟପ୍ରଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ଘଟଣାରୁ ଜଣାପଡିଛି, ହର୍‌ସିତ୍ ସିଂଘାଇ ନାମକ ଜଣେ ଭାଜପା ନେତା ମଧ୍ୟପ୍ରଦେଶ ଜବଲପୁର ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ପଦବୀ ପାଇଁ ନିର୍ବାଚିତ ହୋଇଥିଲେ। ଗତ ଶୁକ୍ରବାର ଏଥିପାଇଁ ନିର୍ବାଚନ ହେବା ସହ ହର୍‌ସିତ୍ ୧୨ଟି ଭୋଟରେ ବିଜୟ ଲାଭ କରିଥିବା କଂଗ୍ରେସ ପକ୍ଷରୁ କୁହାଯାଇଥିଲା। ଏହି ଘଟଣା ପ୍ରଘଟ ହେବା ପରେ ତୃଣମୂଳ ସ୍ତରରେ କଂଗ୍ରେସ ନିଜ କର୍ମୀଙ୍କ ସହ ଯୋଗାଯୋଗରେ ନ ଥିବା ଆଲୋଚନା ହେବାରେ ଲାଗିଛି ଏବଂ ଏଥିପାଇଁ ଦଳକୁ ତୀବ୍ର ସମାଲୋଚନାର ଶିକାର ହେବାକୁ ପଡ଼ୁଛି। ଅନ୍ୟପଟେ ହର୍‌ସିତ୍ କଂଗ୍ରେସରେ ଉକ୍ତ ପଦବୀ ପାଇଁ ଚୟନ ହୋଇଥିବା ଜାଣିବା ପରେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ। ଏପରିକି ତାଙ୍କ ନିକଟକୁ କ୍ରମାଗତ ଭାବେ ଶୁଭେଚ୍ଛା ବାର୍ତ୍ତା ଆସିବାରେ ଲାଗିଥିଲା। ଗତ ମାର୍ଚ୍ଚରୁ ସେ କଂଗ୍ରେସ ଛାଡିଥିଲେ ମଧ୍ୟ କିପରି ସେ ଏହି ପଦବୀ ପାଇଁ ମନୋନୀତ ହେଲେ ତାହା ତାଙ୍କୁ ଚକିତ କରିଥିଲା। ତେବେ ପରେ ହର୍‌ସିତଙ୍କ ପଦବୀକୁ କଂଗ୍ରେସ ପକ୍ଷରୁ ଅସିଦ୍ଧ ଘୋଷଣା କରାଯାଇଥିବା ଜଣାପଡିଛି।

### ଆମେରିକାରେ ଭାରତୀୟ ଯୁବକଙ୍କୁ ଗୁଳି

**ହାଇଦ୍ରାବାଦ, ୨୨।୧୨:** ହାଇଦ୍ରାବାଦର ଜଣେ ୪୩ ବର୍ଷୀୟ ଯୁବକଙ୍କୁ ଆମେରିକାରେ ଚିକାଗୋଠାରେ ଗୁଳି କରାଯାଇଛି। ଗୁରୁତର ଅବସ୍ଥାରେ ମୁଜିବୁଦ୍ଦିନ୍‌ଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ତାଙ୍କ ସ୍ତ୍ରୀ ତେଲେଙ୍ଗାନା ଆଇଟି ମନ୍ତ୍ରୀଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି। ୨ ଜଣ ଲୁଟେରା ମୁଜିବୁଦ୍ଦିନଙ୍କ ଉପରେ ଗୁଳି ଚଳାଇବା ସହ ତାଙ୍କଠାରୁ ଲୁଟ୍ କରିଥିବା ନେଇ ତାଙ୍କ ସାଙ୍ଗ ଜଣାଇଥିଲେ ବୋଲି ଆହତଙ୍କ ସ୍ତ୍ରୀ କହିଛନ୍ତି। ଭାରତରୁ ଆମେରିକା ଯିବା ପାଇଁ ହାଇଦ୍ରାବାଦରେ ଥିବା ଆମେରିକାର ବାଣିଜ୍ୟିକ ଦୂତାବାସ ପକ୍ଷରୁ ଜରୁରିକାଳୀନ ଭିତ୍ତିରେ ଭିସା କରାଇବାକୁ ମୁଜିବୁଦ୍ଦିନଙ୍କ ସ୍ତ୍ରୀ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

### କୃଷି ଆଇନ: ରାଷ୍ଟ୍ରପତିଙ୍କୁ ଭେଟିବ କଂଗ୍ରେସ

**ନୂଆଦିଲ୍ଲୀ,୨୨।୧୨-** ବିବାଦୀୟ ୩ କୃଷି ଆଇନ ପ୍ରତ୍ୟାହାର ଲାଗି କଂଗ୍ରେସ ମଙ୍ଗଳବାର ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ହସ୍ତକ୍ଷେପ ଲୋଡ଼ିଛି। ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ଦଳ ଗୁରୁବାର ରାଷ୍ଟ୍ରପତିଙ୍କୁ ଭେଟି ୨ କୋଟି କୃଷକଙ୍କ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଦାନ କରିବ। ପୂର୍ବରୁ ବିରୋଧୀ ନେତାମାନେ ରାଷ୍ଟ୍ରପତିଙ୍କୁ ଭେଟିଥିଲେ। ସାରା ଦେଶରୁ ୨ କୋଟି ଚାଷୀଙ୍କ ଦସ୍ତଖତ ସଂଗ୍ରହ କରାଯିବ ବୋଲି ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ କହିଛନ୍ତି। ନୂଆ କୃଷି ଆଇନ ବିରୋଧରେ ଚାଷୀମାନଙ୍କ ଆନ୍ଦୋଳନ ମଙ୍ଗଳବାର ୨୭ ଦିନରେ ପହଞ୍ଚିଛି।



## ରକୁଲଙ୍କୁ କରୋନା

ମୁମ୍ବାଇ: ବଲିଉଡ ଅଭିନେତ୍ରୀ ରକୁଲ ପ୍ରିତ ସିଂ କରୋନାରେ ସଂକ୍ରମିତ ହୋଇଥିବା ସୂଚନା ଦେଇଛନ୍ତି। ମଙ୍ଗଳବାର ଅପରାହ୍ନରେ ସେ ନିଜେ ଏହି ସୂଚନ ଦେଇଛନ୍ତି ଓ ନିଜେ କ୍ୱାରାଣ୍ଟାଇନରେ ରହିଥିବା କହିଛନ୍ତି। ଏହାସହ ନିକଟରେ ଯେଉଁମାନେ ତାଙ୍କ ସହ ମିଶିଛନ୍ତି ସେମାନେ ବି କରୋନା ଟେଷ୍ଟ କରାଇ ନେବାକୁ ସେ ଅନୁରୋଧ କରିଛନ୍ତି। ଏବେ ସେ ସୁସ୍ଥ ଅନୁଭବ କରୁଛନ୍ତି। ନିକଟରେ ସେ ଫିଲ୍ମ 'ମେ ଡେ'ର ଶୁଟିଂ ଆରମ୍ଭ କରିଥିଲେ । ଆଉ ଖୁବଶୀଘ୍ର ସେ ସୁସ୍ଥ ହୋଇ ପୁଣି କାମରେ ଲାଗିଯିବେ ବୋଲି କହିଛନ୍ତି। ନିକଟରେ ମାଲଦ୍ୱୀପରେ ଛୁଟି କଟାଇ ଆସିବା ପରେ ସେ ତାଙ୍କ ଫିଲ୍ମର ଶୁଟିଂ କାମ ଆରମ୍ଭ କରିଥିଲେ ।

## ଅଟକିଛି ୧,୫୦୦ ଟ୍ରକ୍

**ଲଣ୍ଡନ, ୨୨।୧୨**

ପରିବହନ କଟକଣା ଲାଗୁ ହେବା ପରେ ବ୍ରିଟେନ୍‌ରେ ଖାଦ୍ୟସଙ୍କଟ ଆଶଙ୍କା କରାଯାଉଛି। ଫ୍ରାନ୍ସ ଯିବାକୁ ଥିବା ୧,୫୦୦ରୁ ଊର୍ଦ୍ଧ୍ୱ ଟ୍ରକ୍ ମଙ୍ଗଳବାର ସକାଳେ ବ୍ରିଟେନ୍‌ରେ ଅଟକ ରହିଥିଲା। ବ୍ରିଟେନରେ କରୋନାର ନୂଆ ଷ୍ଟ୍ରେନ୍‌କୁ ନେଇ ବିଭିନ୍ନ ଦେଶ ସେଠାକୁ ଯାତାୟାତ ଉପରେ କଟକଣା ଲଗାଇଛନ୍ତି। ଫ୍ରାନ୍ସ ରବିବାର ରାତିରୁ ୪୮ ଘଣ୍ଟା ପାଇଁ ବ୍ରିଟେନ୍ ଟ୍ରକ୍ ପ୍ରବେଶ ଉପରେ କଟକଣା ଲଗାଇଥିଲା। ମାଲ୍ ପରିବହନକୁ ସ୍ୱାଭାବିକ କରିବା ପାଇଁ ଫ୍ରାନ୍ସ ସରକାରଙ୍କ ସହ ଆଲୋଚନା ଚାଲିଥିବା ଗୃହ ସଚିବ ପ୍ରୀତି ପଟେଲ କହିଛନ୍ତି।



# ନେପାଳରେ ଅନିଶ୍ଚିତତା

**ବିବାଦୀୟ ଘଟଣାକ୍ରମରେ ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ହଠାତ୍ ପାର୍ଲାମେଣ୍ଟ ଭଙ୍ଗ କରି ମଧ୍ୟବର୍ତ୍ତିକାଳୀନ ନିର୍ବାଚନ ଘୋଷଣା କରିବା ପରେ ଦେଶରେ ସାମ୍ବିଧାନିକ ସଙ୍କଟ ସୃଷ୍ଟି ହୋଇଛି। ନେପାଳ ସମ୍ବିଧାନରେ ପ୍ରଧାନମନ୍ତ୍ରୀ ଏକତରଫା ଭାବେ ପାର୍ଲାମେଣ୍ଟ ଭଙ୍ଗ କରିବାର ବ୍ୟବସ୍ଥା ନାହିଁ। ଦେଶର ଗଣତାନ୍ତ୍ରିକ ଇତିହାସରେ ଏହା ପ୍ରଥମ ପାର୍ଲାମେଣ୍ଟ ଭଙ୍ଗ। ପ୍ରଧାନମନ୍ତ୍ରୀ ଓଲିଙ୍କ ଏଭଳି ବିବାଦୀୟ ନିଷ୍ପତ୍ତି ବିରୋଧରେ ଅନେକ ବିରୋଧୀ ଦଳ ରାସ୍ତାକୁ ଓହ୍ଲାଇଛନ୍ତି। ଫଳରେ ନେପାଳ ରାଜନୈତିକ ଅନିଶ୍ଚିତତା ଭିତରକୁ ଟାଣିହୋଇ ଯାଇଛି।**



ପାର୍ଲାମେଣ୍ଟ ଭଙ୍ଗ ପ୍ରତିବାଦରେ କାଠମାଣ୍ଡୁରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ନେପାଳୀ ଛାତ୍ର ସଂଗଠନ ସଦସ୍ୟ।

**କାଠମାଣ୍ଡୁ, ୨୨।୧୨**

ନେପାଳ ଶାସକ ଦଳରେ ଦୀର୍ଘଦିନର ଗୋଷ୍ଠୀ କନ୍ଦଳ ପରେ ପାର୍ଲାମେଣ୍ଟ ଭଙ୍ଗ ପାଇଁ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଗତ ରବିବାର ଏକତରଫା ନିଷ୍ପତ୍ତି ନେଇ ରାଷ୍ଟ୍ରପତିଙ୍କୁ ସୁପାରିସ କରିଥିଲେ। ଏହାକୁ ନେଇ ଶାସକ ଦଳରେ ମତଭେଦ ତୀବ୍ର ହେବା ସହ ବିରୋଧୀ ଦଳଗୁଡ଼ିକ ପ୍ରଧାନମନ୍ତ୍ରୀଙ୍କ ନିଷ୍ପତ୍ତି ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ଦେଶରେ ରାଜନୈତିକ ଅଚଳାବସ୍ଥା ସୃଷ୍ଟି ହୋଇଛି। ନେପାଳ ସମ୍ବିଧାନ ଅନୁଯାୟୀ ଏକତରଫା ଭାବେ ପାର୍ଲାମେଣ୍ଟ ଭଙ୍ଗ କରିବା ଅଧିକାର ପ୍ରଧାନମନ୍ତ୍ରୀଙ୍କର ନ ଥିବାରୁ ମାମଲା ଏବେ ସୁପ୍ରିମକୋର୍ଟଙ୍କ ବିଚାରାଧୀନ ରହିଛି। ଓଲିଙ୍କ ନିଷ୍ପତ୍ତି ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ ବୋଲି ଯଦି ଅଦାଲତ ମତ ଦିଅନ୍ତି, ତେବେ ତାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ହେବ। ନଚେତ୍ ଏପ୍ରିଲ୍ ୩୦ ଓ ମେ' ୧୦ରେ ପରବର୍ତ୍ତୀ ନିର୍ବାଚନ ପର୍ଯ୍ୟନ୍ତ ଅନ୍ତରୀଣ ସରକାର କାର୍ଯ୍ୟ କରିବ।

- ସୁପ୍ରିମକୋର୍ଟ ଗଲା ପାର୍ଲାମେଣ୍ଟ ଭଙ୍ଗ ମାମଲା
- ବିଭାଜନ ମୁହାଁ ଶାସକ ଦଳ
- ନୂଆ କମିଟି ଗଢ଼ିଲେ ଓଲି

ପାର୍ଲାମେଣ୍ଟ ଭଙ୍ଗକୁ ନେଇ ଶାସକ ନେପାଳ କମ୍ୟୁନିଷ୍ଟ ପାର୍ଟି (ଏନ୍‌ସିପି)ରେ ତୀବ୍ର ମତଭେଦ ଦେଖାଦେଇଛି। ଓଲିଙ୍କ ନେତୃତ୍ୱରେ ଗୋଟିଏ ଗୋଷ୍ଠୀ ଅଲଗା କେନ୍ଦ୍ରୀୟ କମିଟି ବୈଠକ କରିବା ପରେ ଦଳ ବିଭାଜନ ଆଡ଼କୁ ଗତି କରୁଥିବା ଜଣାପଡ଼ିଛି। ଦଳରେ ନିଜ ସ୍ଥିତିକୁ ମଜଭୁତ କରିବା ଲାଗି ପ୍ରଧାନମନ୍ତ୍ରୀ ଓଲି ୧,୧୯୯ ସଦସ୍ୟ ବିଶିଷ୍ଟ ଏକ ନୂଆ କମିଟି ଘୋଷଣା କରିଛନ୍ତି। ଉକ୍ତ କମିଟି ଦଳୀୟ ସାଧାରଣ ସମ୍ମିଳନୀର ଆୟୋଜନ କରିବ। ପ୍ରଧାନମନ୍ତ୍ରୀଙ୍କ ବାସଭବନରେ କେନ୍ଦ୍ରୀୟ କମିଟି ସଦସ୍ୟମାନଙ୍କ ବୈଠକରେ ଦଳର ଅନ୍ୟତମ ଅଧ୍ୟକ୍ଷ ଓଲି ନୂଆ କମିଟି ଘୋଷଣା କରିଥିଲେ। ଦଳୀୟ ମୁଖପାତ୍ର ପଦରୁ ନାରାୟଣ କାଜି ଶ୍ରେଷ୍ଠଙ୍କୁ ବହିଷ୍କାର କରାଯାଇ ବହିର୍ବ୍ୟାପାର ମନ୍ତ୍ରୀ ପ୍ରଦୀପ ଗ୍ୟାଓଦବାଲିଙ୍କୁ ନୂଆ ମୁଖପାତ୍ର ନିଯୁକ୍ତ କରାଯାଇଛି।

ପ୍ରଧାନମନ୍ତ୍ରୀ ଓଲିଙ୍କ ସହ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଏନ୍‌ସିପିର କାର୍ଯ୍ୟକାରୀ ସଭାପତି ପୁଷ୍ପକୁମାର ଦହଲ 'ପ୍ରଚଣ୍ଡ'ଙ୍କର ଦୀର୍ଘଦିନ ହେଲା କ୍ଷମତା କନ୍ଦଳ ଲାଗିରହିଥିବାବେଳେ ହଠାତ୍ ପାର୍ଲାମେଣ୍ଟ ଭଙ୍ଗ ଲାଗି ପ୍ରଧାନମନ୍ତ୍ରୀଙ୍କ ନିଷ୍ପତ୍ତି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏନ୍‌ସିପି କେନ୍ଦ୍ରୀୟ କମିଟିରେ ୪୪୬ ସଦସ୍ୟ ଥିବାବେଳେ ସଂଖ୍ୟାଗରିଷ୍ଠତା ହାସଲ ଲକ୍ଷ୍ୟରେ ଓଲି ନୂଆ କମିଟିରେ ଆଉ ୫୫୬ ସଦସ୍ୟଙ୍କୁ ନେଇଛନ୍ତି।

ବିପକ୍ଷ ଗୋଷ୍ଠୀ ଦଳର ଆନୁଷ୍ଠାନିକ ବିଭାଜନ ଘୋଷଣା କରିବାକୁ ପ୍ରସ୍ତୁତ ହେଉଥିବାବେଳେ ତାହା ପୂର୍ବରୁ ପ୍ରଧାନମନ୍ତ୍ରୀ ନୂଆ କମିଟି ଗଠନ କରିଛନ୍ତି। ପ୍ରଚଣ୍ଡଙ୍କ ନେତୃତ୍ୱରେ ବିପକ୍ଷ ଗୋଷ୍ଠୀ କାଠମାଣ୍ଡୁଠାରେ ଅନ୍ୟ ଏକ କେନ୍ଦ୍ରୀୟ କମିଟି ବୈଠକ କରିଥିଲେ। ସେଥିରେ ପୂର୍ବତନ ପ୍ରଧାନମନ୍ତ୍ରୀ ମାଧବ କୁମାର ନେପାଳ, ଝଲାନାଥ ଖାନାଲ ଏବଂ ପୂର୍ବତନ କୃଷିମନ୍ତ୍ରୀ ଘନଶ୍ୟାମ ଭୁଷାଲ ପ୍ରମୁଖ ଉପସ୍ଥିତ ଥିଲେ।

ଭାରତ ସହ ମାନଚିତ୍ର ବିବାଦ ପରେ ଓଲି ଭାବୁଥିଲେ ତାଙ୍କ ପଛରେ ଦେଶବାସୀ ଓ ଦଳର ସଂଖ୍ୟାଗରିଷ୍ଠ ସଦସ୍ୟଙ୍କ ସମର୍ଥନ ରହିଛି। କିନ୍ତୁ ସେ ଦଳକୁ ପରିଚାଳନା କରିପାରିଲେ ନାହିଁ, ଯାହା ଫଳରେ ତାଙ୍କୁ ଏତେବଡ଼ ସଙ୍କଟର ସମ୍ମୁଖୀନ ହେବାକୁ ପଡ଼ିଲା। ଏହା ଏକ ଗୁରୁତର ସାମ୍ବିଧାନିକ ସଙ୍କଟ ବୋଲି ପୂର୍ବତନ କୂଟନୀତିଜ୍ଞ ତଥା ତ୍ରିଭୂବନ ୟୁନିଭର୍ସିଟିର ରାଜନୀତି ବିଜ୍ଞାନ ପ୍ରଫେସର ବିଜୟକାନ୍ତ କର୍ନ କହିଛନ୍ତି। ଗତ ଏପ୍ରିଲରେ ଶାସକ ଦଳରେ ଅନ୍ତର୍ଦ୍ୱନ୍ଦ୍ୱ ପଦାକୁ ଆସିଥିଲା। ସେବେଠାରୁ ଏଭଳି ଏକ ନିଷ୍ପତ୍ତି ନିଆଯାଇପାରେ ବୋଲି ଆଶଙ୍କା କରାଯାଉଥିଲା।

୨୦୧୮ ମେ'ରେ ଓଲିଙ୍କ ନେପାଳ କମ୍ୟୁନିଷ୍ଟ ପାର୍ଟି (ୟୁନିଫାଏଡ୍ ମାକ୍ସିଷ୍ଟ-ଲେନିନିଷ୍ଟ) ଏବଂ ପ୍ରଚଣ୍ଡଙ୍କ ନେପାଳ କମ୍ୟୁନିଷ୍ଟ ପାର୍ଟି (ମାଓଇଷ୍ଟ ସେଣ୍ଟର) ମିଳିତ ହୋଇ ଏନ୍‌ସିପି ଗଠନ ହୋଇଥିଲା। ଦୁଇ ନେତା ଦଳର ଅଧ୍ୟକ୍ଷ ରହିବେ ଏବଂ ଅଢ଼େଇ ବର୍ଷରେ କ୍ଷମତା ବଦଳ ହେବ ବୋଲି ଚୁକ୍ତି ହୋଇଥିଲା। କିନ୍ତୁ ଓଲି ସାଧାରଣ ପରିଷଦଠାରୁ ଦୂରେଇ ରହିବାରୁ ଉକ୍ତ ଡିଲ୍‌କୁ ମଞ୍ଜୁରୀ ମିଳିପାରିଲା ନାହିଁ। ଏହାକୁ ନେଇ ପ୍ରଚଣ୍ଡଙ୍କ ଗୋଷ୍ଠୀ କ୍ଷୁବ୍ଧ ଥିଲେ।

### ଗ୍ୟାସ୍ ପାଇପ୍‌ଲାଇନରେ ବିସ୍ଫୋରଣ: ୨ ମୃତ

**ଗାନ୍ଧିନଗର, ୨୨।୧୨**

ଗୁଜରାଟର ଗାନ୍ଧିନଗରସ୍ଥିତ କାଲୋଲରେ ମଙ୍ଗଳବାର ଅଏଲ୍ ଆଣ୍ଡ ନ୍ୟାଚୁରାଲ ଗ୍ୟାସ୍ କର୍ପୋରେଶନ (ଓଏନ୍‌ଜିସି) ଗ୍ୟାସ୍ ପାଇପ୍‌ଲାଇନରେ ବିସ୍ଫୋରଣ ହେବାରୁ ଦୁଇଟି ଘର ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। ଏଥିରେ ୨ ଜଣଙ୍କ ମୃତ୍ୟୁ ଘଟିବା ସହ ଜଣେ ଗୁରୁତର ଆହତ ହୋଇଛନ୍ତି। ଗ୍ୟାସ୍ ଲାଇନରେ ଲିକ୍ ଯୋଗୁ ବିସ୍ଫୋରଣ ଘଟିଥିଲା। ବିଶେଷଜ୍ଞମାନେ ପହଞ୍ଚି ଘଟଣାସ୍ଥଳ ଯାଞ୍ଚ କରୁଛନ୍ତି। ରିଲିଫ ଓ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

### ବିକାଶକୁ ରାଜନୈତିକ ଚଷମାରେ ଦେଖା ନ ଯାଉ



**ଏଏମ୍‌ୟୁରେ ମୋଦି**

**ନୂଆଦିଲ୍ଲୀ, ୨୨।୧୨**

ବିନା ପକ୍ଷପାତରେ ଦେଶର ଜନସାଧାରଣଙ୍କ ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର କହିଛନ୍ତି। ଆଲିଗଡ ମୁସ୍‌ଲିମ୍ ୟୁନିଭର୍ସିଟି (ଏଏମ୍‌ୟୁ)ର ଶତବାର୍ଷିକୀ ଉତ୍ସବକୁ ଭିଡିଓ କନ୍‌ଫରେନ୍ସ ଜରିଆରେ ସମ୍ବୋଧିତ କରି ମୋଦି କହିଥିଲେ, ତାଙ୍କ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନା ସବୁ ବର୍ଗର ଗରିବଙ୍କ ପାଇଁ ଉଦ୍ଦିଷ୍ଟ। ଏଥିରେ କୌଣସି ଧର୍ମୀୟ ପାତରଅନ୍ତର ନାହିଁ। ବିକାଶକୁ ରାଜନୈତିକ ଚଷମାରେ ଦେଖାଯିବା ଉଚିତ ନୁହେଁ। ରାଷ୍ଟ୍ରର ବିକାଶ ଆଗରେ ନୀତିଗତ ପାର୍ଥକ୍ୟ ଗୌଣ ହେବା ଆବଶ୍ୟକ ବୋଲି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୋଦି କହିଥିଲେ। ବିନା ପକ୍ଷପାତରେ ସମସ୍ତ ନାଗରିକ ଯେପରି ବିକାଶର ସୁଫଳ ପାଇବେ ଓ ଧର୍ମକୁ ନେଇ କେହି ପଛରେ ପଡ଼ି ନ ଯିବେ, ସେ ଦିଗରେ ଦେଶ ଅଗ୍ରସର ହେଉଥିବା ପ୍ରଧାନମନ୍ତ୍ରୀ କହିଥିଲେ। ପ୍ରଥମ ଥର ପାଇଁ ପ୍ରଧାନମନ୍ତ୍ରୀ ମୋଦି ଏଏମ୍‌ୟୁର ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସେ ଏକ ଡାକ ଟିକେଟର ଉନ୍ମୋଚନ କରିଥିଲେ।

**ଜମ୍ମୁ-କଶ୍ମୀର ଡିଡିସି ନିର୍ବାଚନ**

## ଗୁପ୍‌କାର ମେଣ୍ଟ ଆଗରେ

**ଶ୍ରୀନଗର, ୨୨।୧୨**

ଜମ୍ମୁ-କଶ୍ମୀର ଜିଲା ଉନ୍ନୟନ ପରିଷଦ (ଡିଡିସି) ନିର୍ବାଚନର ଭୋଟ ଗଣନା ମଙ୍ଗଳବାର ଜାରି ରହିଛି। ଜମ୍ମୁ-କଶ୍ମୀରରୁ ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ କରାଯାଇ ଏହାକୁ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିବା ପରେ ଏହା ଥିଲା ପ୍ରଥମ ନିର୍ବାଚନ। ନିର୍ବାଚନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଫାରୁକ୍ ଅବଦୁଲ୍ଲାଙ୍କ ନେତୃତ୍ୱାଧୀନ ଗୁପ୍‌କାର ମେଣ୍ଟ ଆଗରେ ରହିଛି। ଫାରୁକ୍‌ଙ୍କ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି), ମେହବୁବା



ମୁଫ୍‌ତିଙ୍କ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି) ଓ ଅନ୍ୟ ଆଞ୍ଚଳିକ ଦଳଗୁଡ଼ିକୁ ନେଇ ଗଠିତ ଗୁପ୍‌କାର ମେଣ୍ଟ ୧୧୩ ଆସନରେ ଆଗରେ ରହିଥିବାବେଳେ ଭାଜପା ୬୯ଟିରେ ଓ କଂଗ୍ରେସ ୨୩ ଆସନରେ ଆଗୁଆ ଅଛି। ୨୮୦ ଆସନରେ ଭୋଟଗଣତି ଜାରି ରହିଛି। ନିର୍ବାଚନରେ ଇଭିଏମ୍ ପରିବର୍ତ୍ତେ ବାଲଟ ପେପର ବ୍ୟବହାର କରାଯାଇଥିବାରୁ ଫଳାଫଳ ବିଳମ୍ବିତ ହୋଇପାରେ। ଗତ ୨୫ ଦିନରେ ୮ଟି ପର୍ଯ୍ୟାୟରେ ଡିଡିସି ନିର୍ବାଚନ ଅନୁଷ୍ଠିତ ହୋଇଥିଲା।

ମୁଖ୍ୟ ଆଞ୍ଚଳିକ ଦଳଗୁଡ଼ିକର ମେଣ୍ଟ ସତ୍ତ୍ୱେ ଭାଜପା ପ୍ରାର୍ଥୀ ଐଜାଜ ହୁସେନ୍ ଶ୍ରୀନଗରର ଖୋନ୍‌ମୋହ-୨ ଡିଡିସି ଆସନରେ ବିଜୟୀ ହୋଇଛନ୍ତି। ସେହିପରି ବନ୍ଦିପୋରା ଜିଲାର ତୁଲାଇଲ୍ ଆସନରୁ ଦଳୀୟ ପ୍ରାର୍ଥୀ ଐଜାଜ୍ ଅହମଦ ଖାନ୍ ନିର୍ବାଚିତ ହୋଇଛନ୍ତି।

## ୨୮ ବର୍ଷ ପରେ ପ୍ରିଷ୍ଟ, ନନ୍ ଦୋଷୀ

**ଥିରୁଭାନନ୍ତପୁରମ୍,୨୨।୧୨**

**ସିଷ୍ଟର ଅଭୟା ହତ୍ୟାକାଣ୍ଡ**

ଥିରୁଭାନନ୍ତପୁରମ୍‌ର ଏକ ସ୍ୱତନ୍ତ୍ର ସିବିଆଇ କୋର୍ଟ ମଙ୍ଗଳବାର ସିଷ୍ଟର ଅଭୟା ହତ୍ୟାକାଣ୍ଡ ମାମଲାର ରାୟ ପ୍ରକାଶ କରିଛନ୍ତି। ୨୮ ବର୍ଷ ତଳର ଏହି କେସ୍‌ର ଶୁଣାଣି କରି କୋର୍ଟ ଫାଦର ଥୋମାସ୍ କଟ୍ଟର ଏବଂ ନନ୍ ସେଫି ୧୯ ବର୍ଷୀୟା କ୍ୟାଥିଲିକ୍ ସିଷ୍ଟର ଅଭୟାଙ୍କୁ ହତ୍ୟାର ମୁଖ୍ୟ ଅଭିଯୁକ୍ତ ଥିଲେ ବୋଲି କହିଛନ୍ତି। ୧୯୯୨ ମାର୍ଚ୍ଚ ୨୭ରେ ଅଭୟାଙ୍କ ମୃତଦେହ କୋଟାୟାମରେ ଏକ କୂଅରେ ଭାସୁଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ସ୍ଥାନୀୟ ପୋଲିସ ଘଟଣାର ତଦନ୍ତ କରୁଥିବାବେଳେ ଏହାକୁ ଆତ୍ମହତ୍ୟା ବୋଲି କହିଥିଲା। ବର୍ଷେ ପରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ମାମଲାର ତଦନ୍ତ ଦାୟିତ୍ୱ ନେଇଥିଲା। ୨୦୦୮ରେ ଦୁଇ ଦୋଷୀଙ୍କୁ ସିବିଆଇ ଗିରଫ କରିଥିଲା। ଘଟଣା ଦିନ ଅଭୟା ସକାଳୁ ଶୀଘ୍ର ଉଠି ରୋଷେଇ ଘରକୁ ଯିବାବେଳେ ଦୁଇ ପ୍ରିଷ୍ଟ ଓ ନନ୍‌ଙ୍କ ମଧ୍ୟରେ ଶାରୀରିକ ସମ୍ପର୍କବେଳର ଦୃଶ୍ୟ ଦେଖିଦେଇଥିଲେ। ଘଟଣା ସମ୍ପର୍କରେ ଅଭୟା ବାହାରେ ପ୍ରଘଟ କରିଦେବା ଭୟରେ ସମ୍ପୃକ୍ତ ପ୍ରିଷ୍ଟ ଏବଂ ନନ୍ ତାଙ୍କୁ ହତ୍ୟା କରିଥିଲେ ।

## ମୋଦିଙ୍କୁ ଆମେରିକାର ଶୀର୍ଷ ସମ୍ମାନ

**ୱାଶିଂଟନ୍,୨୨।୧୨**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆମେରିକାର ଶୀର୍ଷ ସମ୍ମାନ 'ଲିଜିଅନ ଅଫ୍ ମେରିଟ୍'ରେ ସମ୍ମାନିତ କରିଛନ୍ତି। ମୋଦିଙ୍କ ପକ୍ଷରୁ ଆମେରିକାରେ ଅବସ୍ଥାପିତ ଭାରତ ରାଷ୍ଟ୍ରଦୂତ ତରଞ୍ଜିତ ସିଂ ସାନ୍ଧୁ ସୋମବାର ହ୍ୱାଇଟ୍ ହାଉସ୍‌ରେ ଆମେରିକା ଜାତୀୟ ସୁରକ୍ଷା ପରାମର୍ଶଦାତା (ଏନ୍‌ଏସ୍‌ଏ) ରବର୍ଟ ଓ' ବ୍ରିଏନଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି। ଆମେରିକା-ଭାରତ ମଧ୍ୟରେ ସହଭାଗିତା ଆଗକୁ ବଢ଼ିଥିବାରୁ ଏବଂ ମୋଦିଙ୍କ ନେତୃତ୍ୱରେ ଭାରତ ବିଶ୍ୱ ଶକ୍ତି ଭାବେ ଉଭା ହୋଇଥିବାରୁ ଟ୍ରମ୍ପ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରିଥିବା ବ୍ରିଏନ ଏକ ଟୁଇଟ୍‌ରେ କହିଛନ୍ତି। ଲିଜିଅନ୍ ଅଫ୍ ମେରିଟ୍ ମେଡାଲ ୨୦ ଜୁଲାଇ ୧୯୪୨ରେ କଂଗ୍ରେସ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଆମେରିକା ସାମରିକ ଅଧିକାରୀ ତଥା ବିଦେଶର ସାମରିକ ସଦସ୍ୟ କିମ୍ବା ରାଜନୈତିକ ବ୍ୟକ୍ତିବିଶେଷଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଏ। ଟ୍ରମ୍ପ ଜାପାନ ଏବଂ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀଙ୍କୁ ମଧ୍ୟ ଲିଜିଅନ ଅଫ୍ ମେରିଟ୍ ସମ୍ମାନ ପ୍ରଦାନ କରିଛନ୍ତି। ତେବେ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଟ୍ରମ୍ପଙ୍କ ଏହି ପୁରସ୍କାର ପ୍ରଦାନ ବିବାଦ ଘେରକୁ ଟାଣି ହୋଇଯାଇଛି। ରାଷ୍ଟ୍ରପତି ନିର୍ବାଚନରେ ପରାଜୟ ସତ୍ତ୍ୱେ ଟ୍ରମ୍ପ କ୍ରମାଗତ ଭାବେ ପୁରସ୍କାର ପ୍ରଦାନ କରିଚାଲିଥିବା ବିରୋଧୀ ସମାଲୋଚନା କରିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପକ୍ଷରୁ ତରଞ୍ଜିତ ସିଂ ସାନ୍ଧୁ ଏନ୍‌ଏସ୍‌ଏ ରର୍ବଟ ଓ' ବ୍ରିଏନଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

**ପୁରସ୍କାର ବାଣ୍ଟୁଛନ୍ତି ପରାଜିତ ଟ୍ରମ୍ପ**

## ବ୍ରିଟେନ୍ ଯାତ୍ରୀଙ୍କ ପାଇଁ ଏସ୍‌ଓପି ଜାରି

**ନୂଆଦିଲ୍ଲୀ, ୨୨।୧୨**

ଉତ୍ତରପଶ୍ଚିମ ୟୁରୋପରେ କରୋନା ଭୂତାଣୁର ଏକ ନୂଆ ରୂପ ବ୍ୟାପିବା ଫଳରେ ନିକଟରେ ବ୍ରିଟେନ ଯାତ୍ରା କରିଥିବା ଲୋକଙ୍କ ପାଇଁ କେନ୍ଦ୍ର ସରକାର ମଙ୍ଗଳବାର ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ଜାରି କରିଛନ୍ତି। କୋଭିଡ୍‌ର ଏହି ନୂଆ ରୂପ ଦ୍ରୁତ ସଂକ୍ରମିତ ହେବା ସହ ଯୁବବର୍ଗଙ୍କୁ ଅଧିକ ପ୍ରଭାବିତ କରୁଛି। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏସ୍‌ଓପିରେ ସମସ୍ତ ଅନ୍ତର୍ଜାତୀୟ ବିମାନଯାତ୍ରୀଙ୍କୁ ଗତ ୧୪ ଦିନର ଟ୍ରାଭେଲ୍ ହିଷ୍ଟ୍ରି ଘୋଷଣା କରି ଆତ୍ମଘୋଷିତ ଫର୍ମ ପୂରଣ କରିବାକୁ କୁହାଯାଇଛି। ଯେଉଁମାନେ ନଭେମ୍ବର ୨୫ରୁ ଡିସେମ୍ବର ୮ ମଧ୍ୟରେ ବ୍ରିଟେନରୁ ଫେରିଛନ୍ତି ସେମାନଙ୍କୁ ଆର୍‌ଟି-ପିସିଆର୍ ପରୀକ୍ଷା କରାଇବାକୁ ହେବ। ଯଦି ରିପୋର୍ଟ ପଜିଟିଭ୍ ଆସେ ତେବେ ଭୂତାଣୁ ନୂଆ ରୂପର ଆର୍‌ଟି-ପିସିଆର୍ ପରୀକ୍ଷା କରାଯିବ। ପଜିଟିଭ୍ ଚିହ୍ନଟ ଯାତ୍ରୀଙ୍କୁ ସମ୍ପୃକ୍ତ ରାଜ୍ୟ କର୍ତ୍ତୃପକ୍ଷ ଆନୁଷ୍ଠାନିକ ଆଇସୋଲେଶନ କେନ୍ଦ୍ରକୁ ପଠାଇବେ। ନୂଆ ଷ୍ଟ୍ରେନ୍ ଚିହ୍ନଟ ହେଲେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିକିତ୍ସା ପାଇଁ ପଠାଯିବ ଓ ସେ ଅଲଗା ଆଇସୋଲେଶନରେ ରହିବେ।



**କେନ୍ଦ୍ର ନିଷ୍ପତ୍ତି**

- ପହଞ୍ଚିବା ମାତ୍ରେ କୋଭିଡ୍ ପରୀକ୍ଷା
- ପଜିଟିଭ୍‌ଙ୍କୁ ସ୍ୱତନ୍ତ୍ର ଆଇସୋଲେଶନ

କୋଭିଡ୍‌ର ନୂଆ ରୂପ ବ୍ରିଟେନରେ ସେପ୍ଟେମ୍ବରରୁ ଚିହ୍ନଟ ହୋଇଥିଲାବେଳେ ଭାରତରେ ଏପର୍ଯ୍ୟନ୍ତ ତାହା ଦେଖାଯାଇ ନ ଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି।

ଅନ୍ୟପକ୍ଷରେ ଫାଇଜର-ବାୟୋଏନ୍‌ଟେକ୍ କମ୍ପାନୀ ପ୍ରସ୍ତୁତ ଟିକା ବ୍ରିଟେନରେ ଚିହ୍ନଟ ହୋଇଥିବା କୋଭିଡ୍ ଭୂତାଣୁର ନୂଆ ଷ୍ଟ୍ରେନ୍ ପାଇଁ କାମ କରିବ ବୋଲି ବାୟୋଏନ୍‌ଟେକ୍‌ର ସହପ୍ରତିଷ୍ଠାତା ଉଗୁର ସାହିନ କହିଛନ୍ତି। ଆବଶ୍ୟକ ପଡ଼ିଲେ ଆଗାମୀ ୬ ସପ୍ତାହ ମଧ୍ୟରେ ଏଥିପାଇଁ ସ୍ୱତନ୍ତ୍ର ଟିକା ପ୍ରସ୍ତୁତ ହୋଇପାରିବ।

### ୧୨ ଫେରନ୍ତାଙ୍କୁ କରୋନା

**ନୂଆଦିଲ୍ଲୀ, ୨୨।୧୨**

ବ୍ରିଟେନରୁ ଫେରିଥିବା ୧୨ ବିମାନ ଯାତ୍ରୀଙ୍କଠାରେ କରୋନା ପଜିଟିଭ୍ ଚିହ୍ନଟ ହୋଇଛି। ସୋମବାର ରାତିରେ ଦିଲ୍ଲୀ ବିମାନବନ୍ଦରରେ ପହଞ୍ଚିବା ୬ ଜଣ ଯାତ୍ରୀ କରୋନା ଆକ୍ରାନ୍ତ ଜଣାପଡ଼ିଛି। ସେହିପରି କୋଲକାତା ବିମାନବନ୍ଦରରେ ରବିବାର ରାତିରେ ୨ ଜଣଙ୍କଠାରେ ପଜିଟିଭ୍ ଚିହ୍ନଟ ହୋଇଥିଲା। ଅହମଦାବାଦ ବିମାନବନ୍ଦରରେ ୪ ଜଣ ବ୍ରିଟେନ ଫେରନ୍ତାଙ୍କଠାରେ କୋଭିଡ୍ ଭୂତାଣୁ ଥିବା ପରୀକ୍ଷାରୁ ଜଣାପଡିଛି। ବ୍ରିଟେନରେ ଭୂତାଣୁର ଏକ ନୂଆ ରୂପ ଦ୍ରୁତ ସଂକ୍ରମଣ ହେଉଥିବାରୁ ଭାରତ ସମେତ ବିଭିନ୍ନ ଦେଶ ବିମାନ ଚଳାଚଳ ଉପରେ କଟକଣା ଲଗାଇବା ସହ ସେଠାରୁ ଫେରୁଥିବା ଯାତ୍ରୀଙ୍କ କୋଭିଡ୍ ପରୀକ୍ଷା କରାଉଛନ୍ତି।

# କଳିଙ୍ଗରେ ଖେଲୋ ଇଣ୍ଡିଆ ଷ୍ଟେଟ୍ ସେଣ୍ଟର ଅଫ୍ ଏକ୍ସିଲେନ୍ସ

**ନୂଆଦିଲ୍ଲୀ,୨୨।୧୨**

କଳିଙ୍ଗ ଷ୍ଟାଡିୟମ ସମେତ ସାରା ଦେଶରେ ୮ଟି ଖେଲୋ ଇଣ୍ଡିଆ ଷ୍ଟେଟ୍ ସେଣ୍ଟର ଅଫ୍ ଏକ୍ସିଲେନ୍ସ (କେଆଇଏସ୍‌ସିଇ) ଆରମ୍ଭ ହୋଇଛି। କେନ୍ଦ୍ର କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ କିରେନ ରିଜିଜୁ ଏକ ଭର୍ଚୁଆଲ କାର୍ଯ୍ୟକ୍ରମରେ ଏହି ସେଣ୍ଟରଗୁଡିକର ଉଦ୍‌ଘାଟନ କରିଛନ୍ତି। ଓଡ଼ିଶା ସମେତ ମଣିପୁର, ଅରୁଣାଚଳ ପ୍ରଦେଶ, ମିଜୋରାମ, କେରଳ, ତେଲଙ୍ଗାନା, ନାଗାଲାଣ୍ଡ, କର୍ନାଟକରେ ଏହା ଆନୁଷ୍ଠାନିକ ଭାବେ ଲଞ୍ଚ୍ ହୋଇଛି।

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ରିଜିଜୁ ଓ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ମିଳିତ ଭାବେ ଭର୍ଚୁଆଲ ଉତ୍ସବରେ ଯୋଗ ଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହି କେଆଇଏସ୍‌ସିଇ ୬୬ ଏକର ଜମିରେ ପରିବ୍ୟାପ୍ତ ହେବ। କେବଳ ୩ଟି କ୍ରୀଡ଼ା ଉପରେ ଏହି ସେଣ୍ଟରରେ ଫୋକସ କରାଯିବ। ସେଗୁଡିକ ହେଲେ ହକି, ୱେଟ୍‌ଲିଫ୍ଟିଙ୍ଗ୍ ଓ ଆଥଲେଟିକ୍ସ। କ୍ରୀଡ଼ା ସଚିବ ତଥା କମିଶନର ବିଶାଳ କୁମାର ଦେବ, କ୍ରୀଡ଼ା ନିର୍ଦ୍ଦେଶକ ତଥା ଅତିରିକ୍ତ ସଚିବ ଆର. ଭିନିଲ କ୍ରିଷ୍ଣା ଏହି ଲଞ୍ଚ୍ ଇଭେଣ୍ଟରେ ଓଡ଼ିଶା ତରଫରୁ ଉପସ୍ଥିତ ଥିଲେ। ଏହି ଅବସରରେ ଅନ୍ତର୍ଜାତୀୟ ଆଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ ମଧ୍ୟ ଉପସ୍ଥିତ ଥିଲେ।



ଭର୍ଚୁଆଲ୍ କାର୍ଯ୍ୟକ୍ରମରେ କ୍ରୀଡ଼ା ସଚିବ ବିଶାଳ ଦେବ ଓ ଆଥଲେଟ୍ ପୂର୍ଣ୍ଣିମା ହେମ୍ବ୍ରମ୍।

ଦେଶରେ କ୍ରୀଡ଼ା ସଂସ୍କୃତିରେ ଉନ୍ନତି ହେବାର ଆବଶ୍ୟକତା ରହିଛି। କ୍ରୀଡ଼ା ଉନ୍ନତି ପାଇଁ କେନ୍ଦ୍ର ସରକାର ସବୁକିଛି କରିବାକୁ ପ୍ରସ୍ତୁତ ଅଛନ୍ତି। କ୍ରୀଡ଼ା ପ୍ରତ୍ୟେକ ନାଗରିକଙ୍କ ସହିତ ଜଡିତ ରହିବ। ଏହାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବେଶ୍ ଗୁରୁତ୍ୱ ଦେଉଛନ୍ତି। କୀଡ଼ା ପ୍ରତ୍ୟେକଙ୍କ ନିକଟରେ ପହଞ୍ଚିବ ରିଜିଜୁ କହିଛନ୍ତି। କେଆଇଏସ୍‌ସିଇ ସହିତ ନ୍ୟାଶନାଲ ସେଣ୍ଟର ଅଫ୍ ଏକ୍ସିଲେନ୍ସ ମଧ୍ୟ ଆରମ୍ଭ ହେବ ବୋଲି ସେ ଏହି ଅବସରରେ କହିଛନ୍ତି। ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସର ଭାରତ ପଦକ ତାଲିକାର ଶ୍ରେଷ୍ଠ ୧୦ରେ ରହିବା ନେଇ ରିଜିଜୁ ତାଙ୍କ ଦୃଷ୍ଟିକୋଣକୁ ଦୋହରାଇଛନ୍ତି। କ୍ରୀଡ଼ା ଉନ୍ନତି ପାଇଁ ରାଜ୍ୟ ସହ କେନ୍ଦ୍ର ସରକାର ମିଳିତ ଭାବେ କାର୍ଯ୍ୟକରିବାକୁ ପ୍ରସ୍ତୁତ ଅଛନ୍ତି। ଏଥିପାଇଁ ଭିତ୍ତିଭୂମି, ମାନବ ସମ୍ବଳ, ସ୍ପୋର୍ଟ୍ସ ସାଇନ୍ସ, ହାଇ କ୍ୱାଲିଟି ଟ୍ରେନିଂ ଦେବାକୁ କେନ୍ଦ୍ର ସରକାର ଆର୍ଥିକ ସହାୟତା ଦେବାକୁ ରାଜି ଅଛନ୍ତି । କେବଳ ଗୋଟିଏ କିମ୍ବା ୨ଟି ଅଲିମ୍ପିକ୍ ପଦକ ସହ ଆମେ ସନ୍ତୁଷ୍ଟ ହେବାକୁ ରାଜି ନୁହଁ ବୋଲି ରିଜିଜୁ କହିଛନ୍ତି।

ସେହିପରି କ୍ରୀଡ଼ାର ଉନ୍ନତି ପାଇଁ କେନ୍ଦ୍ର ସରକାରଙ୍କ ଦୃଷ୍ଟିକୋଣକୁ ରାଜ୍ୟ ସମର୍ଥନ କରୁଛି ବୋଲି ବିଶାଳ ଦେବ କହିଛନ୍ତି। କଳିଙ୍ଗ ଷ୍ଟାଡିୟମକୁ କେଆଇଏସ୍‌ସିଇର ମାନ୍ୟତା ଦେଇଥିବାରୁ କେନ୍ଦ୍ର ସରକାରଙ୍କୁ ଆମେ ଧନ୍ୟବାଦ ଜଣାଉଛୁ। କଳିଙ୍ଗ ଷ୍ଟାଡିୟମକୁ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମିରେ ପରିଣତ କରିବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି। ଆମର ଯୁବ କ୍ରୀଡ଼ାବିତ୍ ଓ କୋଚ୍‌ମାନେ ଏହି ହାଇଟେକ୍ ଓ ହାଇ ପରଫର୍ମାନ୍ସ ସୁବିଧା ସୁଯୋଗରୁ ଫାଇଦା ଉଠାପାରିବେ।

# ଜୋକୋଭିଚ୍, ଫେଡରର, ନାଡାଲ ଓ ଟିଆଫୋଙ୍କୁ ଏଟିପି ପୁରସ୍କାର

**ଲଣ୍ଡନ,୨୨।୧୨(ଏପି)**

୨୦୨୦ବର୍ଷ ପାଇଁ ଏଟିପିର ଟପ୍ ପୁରସ୍କାର ବିଜେତାଙ୍କ ମଧ୍ୟରେ ନୋଭାକ ଜୋକୋଭିଚ୍, ରୋଜର ଫେଡରର, ରାଫାଲ ନାଡାଲ ଓ ଫ୍ରାନ୍‌ସେସ୍ ଟିଆଫୋ ପ୍ରମୁଖ ରହିଛନ୍ତି। ଜୋକୋଭିଚ୍ ବର୍ଷ ଶେଷର ନମ୍ବର ୱାନ ଖେଳାଳି ହୋଇଛନ୍ତି। ରେକର୍ଡ ଅଷ୍ଟମ ଥର ପାଇଁ ଅଷ୍ଟ୍ରେଲିଆନ ଓପନ୍ ସମେତ ୪ଟି ଟାଇଟଲ ସହ ସେ ୬ଷ୍ଠ ଥର ବର୍ଷ ଶେଷରେ ନମ୍ବର ୱାନ ଖେଳାଳି ହୋଇ ରେକର୍ଡ ସମକକ୍ଷ ହୋଇପାରିଛନ୍ତି। ୟୁଏସ୍ ଓପନ୍ ଚାମ୍ପିୟନ ମେଟ୍ ପ୍ୟାଭିକ୍ ଏବଂ ବ୍ରୁନୋ ସୋର୍ସ ଡବଲ୍ସ ନମ୍ବର ୱାନ ଯୋଡ଼ି ହୋଇଛନ୍ତି। ବର୍ଷରେ ୬ ସିଙ୍ଗଲ୍ସ ଖେଳିଥିବା ଫେଡରର ସିଙ୍ଗଲ୍ସ ଫ୍ୟାନ ଫେଭରାଇଟ୍ ହୋଇଛନ୍ତି। ରେକର୍ଡ ୧୮ବର୍ଷ ଧରି ସେ ପୁରସ୍କାର ପାଇ ଆସୁଛନ୍ତି। ସେହିପରି ରୋଲାଣ୍ଡ ଗ୍ୟାରୋସଠାରେ ୧୩ତମ ଥର ଟାଇଟଲ ଜିତିବା ପରେ ନାଡାଲ କ୍ରମାଗତ ତୃତୀୟ ଏବଂ ମୋଟ ଉପରେ ୪ଥର ଷ୍ଟିଫାନ ଏଡ୍‌ବର୍ଗ ସ୍ପୋର୍ଟ୍ସମ୍ୟାନଶିପ୍ ଆୱାର୍ଡ ଜିତିଛନ୍ତି। ରୁଷିଆର ଆଣ୍ଡ୍ରେ ରୁବ୍ଲେଭ ଶ୍ରେଷ୍ଠ ଉଦୀୟମାନ ଖେଳାଳି ବିବେଚିତ ହୋଇଛନ୍ତି। ସେ ୫ଟି ଟାଇଟଲ ବିଜୟୀ ହେବା ପରେ ୨୩ ନମ୍ବର ର୍ୟାଙ୍କିଙ୍ଗ୍‌ରୁ କ୍ୟାରିୟର ଶ୍ରେଷ୍ଠ ୮ମ ସ୍ଥାନକୁ ଉଠିପାରିଛନ୍ତି। ଟୁର୍‌ରେ ଯେକୌଣସି ଖେଳାଳିଙ୍କ ତୁଳନାରେ ଅଧିକ। ସାମାଜିକ କାର୍ଯ୍ୟକଳାପ ପାଇଁ ଟିଆଫୋ ଆର୍ଥର ଆଶେ ହ୍ୟୁମାନିଟାରିଆନ୍ ଆୱାର୍ଡ ପାଇଛନ୍ତି। ସେ କୋଭିଡ୍-୧୯ ରିଲିଫ୍ ପାଇଁ ପାଣ୍ଠି ସଂଗ୍ରହ କରିଥିଲେ। ଜର୍ଜ ଫ୍ଲଏଡ୍‌ଙ୍କୁ ହତ୍ୟା ପରେ ସେ ଏକ ଭିଡିଓ ପୋଷ୍ଟ କରିଥିଲେ। ଏହା କୃଷ୍ଣକାୟ ଟେନିସ୍ ସମ୍ପ୍ରଦାୟକୁ ଏକତ୍ରିତ କରିବାରେ ସହାୟକ ହୋଇଥିଲା।

# ବ୍ରାଡ୍‌ମ୍ୟାନଙ୍କ କ୍ୟାପ୍ ୩୪୦,୦୦୦ ଡଲାରରେ ନିଲାମ

**ସିଡ୍‌ନୀ, ୨୨।୧୨ (ଏପି):** କ୍ରିକେଟର କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ଡୋନାଲ୍ଡ ବ୍ରାଡ୍‌ମ୍ୟାନଙ୍କ ପ୍ରଥମ ବ୍ୟାଗି ଗ୍ରୀନ୍ ଟେଷ୍ଟ କ୍ୟାପ୍ ନିଲାମ ହୋଇଛି। ଅଷ୍ଟ୍ରେଲିଆର ଜଣେ ବିଜ୍‌ନେସମ୍ୟାନ ୪୫୦,୦୦୦ଅଷ୍ଟ୍ରେଲୀୟ ଡଲାର (୩୪୦,୦୦୦ ଡଲାର)ରେ ଏହାକୁ କ୍ରୟ କରିଛନ୍ତି। ଏକ କ୍ରିକେଟ ସ୍ମାରକୀ ଭାବେ ଏହା ଦ୍ୱିତୀୟ ସର୍ବୋଚ୍ଚ ମୂଲ୍ୟରେ ବିକ୍ରି ହୋଇଛି। ରୋଡ୍ ମାଇକ୍ରୋଫୋନ୍ସର ପ୍ରତିଷ୍ଠାତା ପିଟର ବ୍ରାଡ୍‌ମ୍ୟାନଙ୍କ କ୍ୟାପ୍ କ୍ରୟ କରିଛନ୍ତି। ସେ ଏହାକୁ ନେଇ ସମଗ୍ର ଅଷ୍ଟ୍ରେଲିଆ ଟୁର୍ କରିବେ। ବ୍ରାଡ୍‌ମ୍ୟାନ ୧୯୨୮ରେ ଏହି କ୍ୟାପ୍ ବ୍ୟବହାର କରିଥିଲେ। ଚଳିତବର୍ଷ ପ୍ରାରମ୍ଭରେ ଅଷ୍ଟ୍ରେଲିଆ ଲେଗ୍ ସ୍ପିନର ଶେନ୍ ୱର୍ନଙ୍କ ଟେଷ୍ଟ କ୍ୟାପ୍ ସର୍ବାଧିକ ୧,୦୦୭,୫୦୦ ଅଷ୍ଟ୍ରେଲୀୟ ଡଲାର ( ୭୬୦,୦୦୦ ଆମେରିକୀୟ ଡଲାର) ମୂଲ୍ୟରେ ବିକ୍ରି ହୋଇ ବିଶ୍ୱ ରେକର୍ଡ କରିଥିଲା। ସୂଚନାଯୋଗ୍ୟ, ବ୍ରାଡ୍‌ମ୍ୟାନ ୧୯୨୮ରୁ ୧୯୪୮ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ତରଫରୁ ୫୨ଟି ଟେଷ୍ଟ ମ୍ୟାଚ ଖେଳିଥିଲେ। ତାଙ୍କୁ ବିଶ୍ୱର ଶ୍ରେଷ୍ଠ କ୍ରିକେଟର ବିବେଚନା କରାଯାଏ। ଅବସର ନେବା ପୂର୍ବରୁ ଟେଷ୍ଟ କ୍ରିକେଟରେ ତାଙ୍କ ଆଭରେଜ ୯୯.୯୪ ରହିଥିଲା।

# ପାକିସ୍ତାନ ଜିତିଲା ତୃତୀୟ ଟି୨୦

**ନାପିଏର, ୨୨।୧୨ (ପି.ଟି.):** ନ୍ୟୁଜିଲାଣ୍ଡ ବିପକ୍ଷ ତୃତୀୟ ଟି୨୦ ମାଚ୍‌ରେ ଭ୍ରମଣକାରୀ ପାକିସ୍ତାନ ୨ଟି ବଲ୍ ବାକିଥାଇ ୪ ଉଇକେଟରେ ବିଜୟ ହାସଲ କରିଛି। ପରାଜୟ ସତ୍ତ୍ୱେ ପୂର୍ବରୁ ପ୍ରଥମ ୨ଟି ମ୍ୟାଚ୍ ଜିତିଥିବା ନ୍ୟୁଜିଲାଣ୍ଡ ୨-୧ରେ ସିରିଜ ବିଜୟୀ ହୋଇଛି।

**ସଂକ୍ଷିପ୍ତ ସ୍କୋର:** ନ୍ୟୁଜିଲାଣ୍ଡ ୨୦ ଓଭରରେ ୧୭୩/୭ (କନ୍‌ୱେ- ୬୩, ସିଫର୍ଟ- ୩୫, ଆଶ୍ରଫ୍- ୩/୨୦, ଆଫ୍ରିଦି- ୨/୪୩, ହାରିସ୍- ୨/୪୪)। ପାକିସ୍ତାନ ୧୯.୪ ଓଭରରେ ୧୭୭/୬ (ରିଜ୍‌ୱାନ- ୮୯, ହାଫିଜ-୪୧, ସୌଦି-୨/୨୫, କୁଗେଲେଜିନ- ୨/ ୪୦, ଜେମିସନ- ୧/୨୨)।

# ସିଦ୍ଧେଶ୍ୱର ସ୍ପୋର୍ଟିଂ ବିଜୟୀ

**ପୁରୁଣା ଭୁବନେଶ୍ୱର, ୨୨।୧୨ (ଡି.ଏନ୍.ଏ.):** ସ୍ଥାନୀୟ ବାଙ୍କୁଆଲ ଖେଳପଡ଼ିଆରେ ଚାଲିଥିବା ୧୦ମ ଜଗବନ୍ଧୁ ସ୍ମାରକୀ ମେମୋରିଆଲ କ୍ରିକେଟ ପ୍ରତିଯୋଗିତାରେ ମଙ୍ଗଳବାର ଖେଳାଯାଇଥିବା ତୃତୀୟ କ୍ୱାର୍ଟରଫାଇନାଲରେ କଟକର ସିଦ୍ଧେଶ୍ୱର ସ୍ପୋର୍ଟିଂ ୪୨ରନରେ ବିଜୟ ଲାଭ କରିଛି। ବିଜୟୀ ଦଳର ଦୀପ୍ତିରଞ୍ଜନ ବିଶ୍ୱାଳଙ୍କୁ ସାମାଜିକକର୍ମୀ ଲିଙ୍ଗରାଜ ଜେନା ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ବୁଧବାର ଅନ୍ତିମ କ୍ୱାର୍ଟରଫାଇନାଲ ମେଣ୍ଢାଶାଳର ଇଗଲ ସ୍ପୋର୍ଟିଂ ଓ ନଁପୁଟ୍ କ୍ରିକେଟ ଟିମ୍ ମଧ୍ୟରେ ହେବ।

# ଓଡ଼ିଶା-ନର୍ଥଇଷ୍ଟ ମ୍ୟାଚ୍ ଡ୍ର


ଗୋଲ ସ୍କୋର କରି ମୁକାବିଲାକୁ ୨-୨ ସମାନସ୍ତରକୁ ଆଣିବା ପରେ ଓଡ଼ିଶା ଏଫ୍‌ସି ଷ୍ଟ୍ରାଇକର ତଥା ହିରୋ ଅଫ୍ ଦି ମ୍ୟାଚ୍ କୋଲ ଆଲେକ୍‌ଜାଣ୍ଡାର

**ଇଣ୍ଡିଆନ ସୁପର ଲିଗ୍**

**ବାମ୍ବୋଲିମ୍,୨୨।୧୨:** ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ରେ ମଙ୍ଗଳବାର ଓଡ଼ିଶା ଏଫ୍‌ସି ଓ ନର୍ଥଇଷ୍ଟ ୟୁନାଇଟେଡ ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ମ୍ୟାଚ ୨-୨ ଗୋଲରେ ଅମୀମାଂସିତ ରହିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚରେ ବ୍ରାଜିଲ ଷ୍ଟ୍ରାଇକର ଡିଏଗୋ ମୋଉରିସିଓ ୨୨ତମ ମିନିଟ୍‌ରେ ଗୋଲ ଦେଇ ଓଡ଼ିଶାକୁ ଅଗ୍ରଣୀ କରାଇଥିଲେ। ନର୍ଥଇଷ୍ଟ ତରଫରୁ ବେଞ୍ଜାମିନ୍ ଲାମ୍ବୋଟ୍ ପ୍ରଥମାର୍ଦ୍ଧ ଇଞ୍ଜୁରି ଟାଇମ୍‌ର ଦ୍ୱିତୀୟ ମିନିଟ୍‌ରେ ଗୋଲ ଦେଇ ମ୍ୟାଚକୁ ୧-୧ ସମାନ ସ୍ତରକୁ ଆଣିଥିଲେ। ଏହାପରେ କ୍ୱେଶି ଆପିଆ ପେନାଲ୍ଟି ଜରିଆରେ ୬୫ତମ ମିନିଟ୍‌ରେ ଗୋଲ ଦେଇ ନର୍ଥଇଷ୍ଟକୁ ଅଗ୍ରଣୀ କରାଇଥିଲେ। ତେବେ ଏହାର ଠିକ୍ ଦୁଇ ମିନିଟ୍ ପରେ ଓଡ଼ିଶାର ଦକ୍ଷିଣ ଆଫ୍ରିକା ଷ୍ଟ୍ରାଇକର କୋଲ ଆଲେକଜାଣ୍ଡର ଗୋଲ ଦେଇ ମ୍ୟାଚକୁ ୨-୨ ଗୋଲ ସମାନସ୍ତରକୁ ଆଣିଥିଲେ। ଶେଷରେ ଇଞ୍ଜୁରି ଟାଇମ ବାବଦରେ ୬ ମିନିଟ୍ ଖେଳ ହୋଇଥିଲା। ଉଭୟ ଦଳ କେତୋଟି ସୁଯୋଗ ପାଇଥିଲେ ମଧ୍ୟ ଗୋଲ ଦେଇପାରି ନ ଥିଲେ। ଫଳରେ ଶେଷରେ ମ୍ୟାଚ ଅମୀମାଂସିତ ରହିଥିଲା। ଏଥିସହ ଓଡ଼ିଶା ୭ଟି ମ୍ୟାଚ ଖେଳି ୨ ଡ୍ରି ଓ ୫ ପରାଜୟ ସହ ୨ ପଏଣ୍ଟ ପାଇ ତାଲିକାର ଦଶମ ସ୍ଥାନରେ ରହିଛି। ସେହିପରି ନର୍ଥଇଷ୍ଟ ୮ଟି ମ୍ୟାଚ ଖେଳି ୨ ବିଜୟ, ୫ ଡ୍ର ଓ ଗୋଟିଏ ପରାଜୟ ସହ ୧୧ ପଏଣ୍ଟ ପାଇ ଚତୁର୍ଥ ସ୍ଥାନରେ ରହିଛି। ଆଲେକଜାଣ୍ଡର ହିରୋ ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।


## ଉଠା ଜଳସେଚନ ନିଗମ କାର୍ଯ୍ୟାଳୟ
(ଓଡ଼ିଶା ସରକାରଙ୍କ ଏକ ସଂସ୍ଥା)
ଏନ୍-୧୭/୨, ନୂଆପଲ୍ଲୀ, ଭୁବନେଶ୍ୱର
Website: www.odishalift.co.in

ବିଜୁ କୃଷକ ବିକାଶ ଯୋଜନା ଅନ୍ତର୍ଗତ ଡିପ୍ ବୋର୍‌ୱେଲ୍ ସେଚ କାର୍ଯ୍ୟକ୍ରମ ୨୦୨୦-୨୧ ପାଇଁ ଚାଷୀମାନଙ୍କଠାରୁ ଆହ୍ୱାନ କରାଯାଇଥିବା Online ଦରଖାସ୍ତ ସମ୍ବନ୍ଧୀୟ ପ୍ରକାଶିତ ବିଜ୍ଞାପନ
ସଂଖ୍ୟା CAD- ୭୮୦ ତା୧୮।୧୧।୨୦୨୦ରିଖର ସଂଶୋଧିତ ବିଜ୍ଞାପନ

No. CAD-952: ଚାଷୀଭାଇମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉଠାଜଳସେଚନ ନିଗମ ଜରିଆରେ ଡିପ୍ ବୋର୍‌ୱେଲ୍ ସ୍ଥାପନ କରିବା ପାଇଁ ଆହ୍ୱାନ କରାଯାଇଥିବା Online ଦରଖାସ୍ତ ପଞ୍ଜୀକରଣ ପ୍ରକ୍ରିୟା ଅନିବାର୍ଯ୍ୟ କାରଣ ବଶତଃ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଗଲା। ପୂର୍ବୋକ୍ତ ବିଜ୍ଞାପନର ଅନ୍ୟ ସମସ୍ତ ନିୟମାବଳୀ ଅପରିବର୍ତ୍ତିତ ରହିଅଛି।

ସ୍ୱା./- ପରିଚାଳନା ନିର୍ଦ୍ଦେଶିକା
OIPR-32135/11/0021/2021



## DIRECTORATE OF MEDICAL EDUCATION & TRAINING, ODISHA
No. 19468 Bhubaneswar, Dt.21.12.2020
MET-III-Misc-16/2019

### PUBLIC NOTICE

No. E-467: This is to notify that in pursuance to implementation of Online Clinical Establishment Management System of Odisha, the Directorate of Medical Education & Training, Odisha under the Health & FW Department, Govt. of Odisha, have made issuance of Registration and Renewal Certificate in favour of Clinical Establishments for the bed strength 30 and above through online. The interested applicants are advised to apply for the Registration or Renewal of their Clinical Establishments through web portal **www.cemso.nic.in**. Henceforth, no manual application for the above purpose shall be entertained.
Detail guidelines are available in the website **www.cemso.nic.in**.

**Sd./- Director, Medical Education & Training, Odisha**
OIPR-10016/11/0021/2021



## STATE SELECTION BOARD DEPARTMENT OF HIGHER EDUCATION
UNIT - II, ASHOK NAGAR, BHUBANESWAR - 09
Website: www.ssbodisha.nic.in
E-mail ID: ssbdeptofhe@gmail.com

### NOTICE

**Letter No. SSB (EX) 09/2019-1223/SSB Dated: 22.12.2020**
**Advertisement No. 004/2020**

No. N-54: The Answer keys to individual questions of the Examination for the Post of Jr. Assistants and Jr. Stenographer **(Adv. No. 004/2020)** is uploaded in the official website of SSB **www.ssbodisha.nic.in** for information of candidates. Objections, if any, on the above Answer Keys are invited from the candidates in writting supported with documentary proof so as to be received at the office of SSB till **5 P.M. of 28.12.2020** through **Online/ Offline** mode. Candidates submitting the objections in the Online mode should submit the same through e-mail of SSB **ssbdeptofhe@gmail.com** and candidates submitting the objections through offline mode must submit the same to the Secretary personally during office hours by **5 P.M. of 28.12.2020**. Objections recevied beyond the said date and time will not be entertained.

**By order of President**
**Sd./- Secretary**
OIPR-11001/11/0029/2021



## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd Office: Janpath, Bhubaneswar-751022
CIN:U40102OR2004SGC007553

No. CAD-958 **TENDER CALL NOTICE**

For and on behalf of OPTCL, the undersigned invites tender from the recognized, registered and experienced Firms/ Suppliers for printing and supply of OPTCL & GRIDCO Diary 2021.
Complete set of bidding documents are available in OPTCL's official website **http:/www.optcl.co.in** from-**24.12.2020 (10.00AM)** up to **07.01.2021 (01.00PM)**. Interested Bidders may visit OPTCL's official website for detail specification.
**N.B:-** All subsequent addendums/ corrigendum to the tender shall be hosted in the OPTCL's official website: **http://www.optcl.co.in** only.

Sd/-
HIPR-25/2020-21 OIPR-04011/11/0076/2021 Chief General Manager (HRD)



## OFFICE OF THE EXECUTIVE ENGINEER, R.W.S.&S. DIVISION, NUAPADA
E-mail: eerwssnpd@rediffmail.com

### Govt. of Odisha "e" Procurement Notice
### Bid Identification No. RWS&S_11 /2020-21

No.O-762:- The Executive Engineer, R.W.S & S Division, Nuapada on behalf of Governor of Odisha invites bids through e-procurement in single cover system in conformity with the terms & conditions of the detailed tender call notice (DTCN) from the Contractor registered with the Odisha State Govt. & Contractors of equivalent grade/class registered with Central Govt. / any other State Govt. / MES / Railway & Reputed Engineering firms having valid & up to date Contractors registration certificate, GST clearance Certificate & PAN Card and possessing compatible Digital Signature Certificate as given in the DTCN to be eventually drawn up in the standard Lump sum (G2 ) contract form.

| | |
|---|---|
| Nature of Work:- | Rural Piped Water Supply schemes in different villages under Nuapada district. |
| No. of Tender:- | 5 (five) Nos. |
| Approx. Estimated Cost:- | Rs.27.50 lakhs to Rs.47.00 lakhs |
| Period of completion:- | 04 (Four) months |
| Tender Cost:- | Rs.6000/- |
| Class of Contractor:- | Class C & B & A |
| Date and Time of availability of bid document in the portal:- | 24.12.2020 at 10.00 A.M. |
| Last date /Time for receipt of bids in the portal:- | 02.01.2021 up to 5.00 P.M. |
| Date of Opening of bid:- | 04.01.2021 at 11.00 A.M. |

The bidders have to participate in online bidding only. Further details can be seen from the website http://tendersorissa.gov.in

Sd./-16.12.20, (Er. G. C. Nayak), Executive Engineer, RWSS Division, Nuapada
OIPR-25043/11/0005/2021



## ନିୟନ୍ତ୍ରିତ ବଜାର କମିଟି, ବାଲୁଗାଁ, ଖୋର୍ଦ୍ଧା, ଓଡ଼ିଶା
### ୨୦୨୦-୨୧ ବର୍ଷରେ ଖରିଫ ଧାନ ବିକ୍ରୟ ପାଇଁ ବିଶେଷ ସୂଚନା

ବିଜ୍ଞାପନ ସଂଖ୍ୟା: ୨୯୯ ତା୨୧।୧୨।୨୦

No. H-04: ଏତଦ୍ୱାରା ପୁରୀ ଜିଲ୍ଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ସମସ୍ତ ଧାନଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ନିର୍ଦ୍ଦେଶ ଏବଂ ପୁରୀ ଜିଲ୍ଲା ପ୍ରଶାସନ ନିଷ୍ପତ୍ତି କ୍ରମେ ଉପରୋକ୍ତ ବ୍ଲକର ବିବେଚିତ ପ୍ରାଥମିକ କୃଷି ସମବାୟ ସମିତି ଲିଃମାନଙ୍କରେ ଖରିଫ ୨୦୨୦-୨୧ ବିପଣନ ବର୍ଷ ପାଇଁ ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ତା ୨୮।୧୨।୨୦ରିଖଠାରୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ଓ ଧାର୍ଯ୍ୟ ଦିବସରେ ଧାନ କ୍ରୟ କରାଯିବାର ବ୍ୟବସ୍ଥା କରାଯାଇଛି। ଏଣୁ ସମ୍ପୃକ୍ତ ପ୍ରାଥମିକ କୃଷି ସେବା ସମବାୟ ସମିତିରେ ନାମ ପଞ୍ଜୀକରଣ କରିଥିବା ଚାଷୀ ଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକାଧାନକୁ ଖରାରେ ଶୁଖାଇ ବାଲି, ମାଟି, କୁଟା, ଅଗାଡ଼ି ଇତ୍ୟାଦିକୁ ସଫାକରି ଏଫ୍.ଏ.କ୍ୟୁ.ମାନକୁ ଉନ୍ନତ କରାଇ ନିର୍ଦ୍ଧାରିତ ଦିବସରେ ସଂଲଗ୍ନ କ୍ରୟ କେନ୍ଦ୍ରକୁ ଆସିବା ପାଇଁ ଅନୁରୋଧ। ଏଥି ସମ୍ବନ୍ଧୀୟ ସବିଶେଷ ବିବରଣୀ ନିକଟସ୍ଥ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃର ସମ୍ପାଦକଙ୍କଠାରୁ ଅବଗତ ହୋଇପାରିବେ।

### ଧାନର ସମବିସ୍ତୃତ ବିବରଣୀ

| କ୍ର.ନଂ. | ଧାନରେ ନିକୃଷ୍ଟ ବା ବାହ୍ୟପଦାର୍ଥ | ଏଫ୍.ଏ.କ୍ୟୁ.ମାନ ଧାନ ପାଇଁ ସର୍ବୋଚ୍ଚସୀମା | ଏଫ୍.ଏ.କ୍ୟୁ.ମାନର ସର୍ବନିମ୍ନ ସହାୟକ ମୂଲ୍ୟ (କୁଇଣ୍ଟାଲପ୍ରତି) |
|---|---|---|---|
| ୧) | କ) ବାଲି, ମାଟି, ଗୋଡ଼ି, ପଥର, ଧୂଳି ଇତ୍ୟାଦି ଅଜୈବିକ<br>ଖ) କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲା ଇତ୍ୟାଦି ଜୈବିକ | ୧%<br>୧% | ୧) ସାଧାରଣ ଧାନ - ଟ.୧୮୬୮.୦୦<br>୨) ଗ୍ରେଡ୍ ଏ ଧାନ - ଟ.୧୮୮୮.୦୦ |
| ୨) | ଖରାପ ବେରଙ୍ଗୀ, ପାଣିଫୁଲା ଓ ପୋକା ଇତ୍ୟାଦି (ଖରାପ, ପାଣିଫୁଲା ଏବଂ ପୋକା ମିଶି ୪% ମଧ୍ୟରେ ସୀମିତ ରହିବା ଦରକାର) | ୫% | **ଯୋଗାଯୋଗ**<br>୧) ଜିଲ୍ଲା ଯୋଗାଣ ଅଧିକାରୀ, ପୁରୀ ୯୪୩୮୨୦୦୦୫୬<br>୨) ସହକାରୀ ନିବନ୍ଧକ ସମବାୟ ସମିତି ସମୁହ, ପୁରୀ - ୭୦୦୮୫୮୮୩୧୪<br>୩) ଉପଜିଲ୍ଲାପାଳ, ପୁରୀ - ୦୬୭୫୨-୨୨୨୦୫୯ |
| ୩) | ଅପରିପକ୍ୱ (କଞ୍ଚା ସବୁଜ) ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% | |
| ୪) | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ୍ - ଏ) ଧାନ ନିମନ୍ତେ | ୬% | |
| ୫) | ଆର୍ଦ୍ରତା | ୧୭% | |

### କ୍ରୟକେନ୍ଦ୍ର/ସେବା ସମବାୟ ସମିତି ଲିଃମାନଙ୍କର ବିସ୍ତୃତ ବିବରଣୀ ନିମ୍ନରେ ପ୍ରଦାନ କରାଗଲା

| କ୍ର.ନଂ. | ବ୍ଲକର ନାମ | ପ୍ରାଥମିକ କୃଷି ସେବା ସମବାୟ ସମିତିର ନାମ | କ୍ରୟବାର | କ୍ରୟ କେନ୍ଦ୍ରକୁ ସଂଲଗ୍ନ/ସଂଯୋଜିତ ଗ୍ରା.ପ. |
|---|---|---|---|---|
| ୧) | କୃଷ୍ଣପ୍ରସାଦ | ଅଲଣ୍ଡା | ମଙ୍ଗଳ, ଶୁକ୍ର, ଶନି | ଅଲଣ୍ଡା, ସିଆଳ ଗ୍ରା.ପ., ସିଆଣ୍ଡି ଗ୍ରା.ପ., ବଡ଼ନାଳ ଗ୍ରା.ପ. |
| ୨) | | ବଡ଼ଝାଡ଼ | ମଙ୍ଗଳ, ଶୁକ୍ର, ଶନି | ବଡ଼ଝାଡ଼ ଗ୍ରା.ପ. |
| ୩) | | ବକ୍ସକୋଟ | ମଙ୍ଗଳ, ଶୁକ୍ର, ଶନି | ବକ୍ସକୋଟ ଗ୍ରା.ପ. |
| ୪) | | କୃଷ୍ଣପ୍ରସାଦ | ମଙ୍ଗଳ, ଶୁକ୍ର, ଶନି | କୃଷ୍ଣପ୍ରସାଦ, ସିଆଳ, ବଡ଼ନାଳ ଗ୍ରା.ପ. |
| ୫) | | ମାଲୁଦ | ସୋମ, ବୁଧ, ଶୁକ୍ର | ମାଲୁଦ ଗ୍ରା.ପ. ଓ ବୁଦ୍ଧିବର ଗ୍ରା.ପ. |
| ୬) | | ନୂଆପଡ଼ା | ସୋମ, ବୁଧ, ଶୁକ୍ର | ନୂଆପଡ଼ା ଗ୍ରା.ପ. ଓ ବେହରାମପୁର ଗ୍ରା.ପ. |
| ୭) | | ପଣସପଦା | ମଙ୍ଗଳ, ଶୁକ୍ର, ଶନି | ଗମ୍ଭାରି ଗ୍ରା.ପ., ଅରଖକୁଦା ଗ୍ରା.ପ. ମହିସାପଡ଼ା ଗ୍ରା.ପ. ଓ ମାଣିକା ଗ୍ରା.ପ. |
| ୮) | | ରାମଲେଙ୍କା | ସୋମ, ବୁଧ, ଶୁକ୍ର | ରାମଲେଙ୍କା ଗ୍ରା.ପ. |
| ୯) | | ସାତପଡ଼ା ଗଡ଼ | ସୋମ, ବୁଧ, ଶୁକ୍ର | ସାତପଡ଼ା ଗ୍ରା.ପ., ବେରହାମପୁର ଗ୍ରା.ପ., ଗୋପିନାଥପୁର ଗ୍ରା.ପ. |
| ୧୦) | | ତିଡ଼ିପ | ସୋମ, ବୁଧ, ଶୁକ୍ର | ତିଡିପ ଗ୍ରା.ପ., ଗୋମୁଣ୍ଡିଆ ଗ୍ରା.ପ. |

୧) ସମ୍ପୃକ୍ତ ସେବା ସମବାୟ ସମିତି ଲିଃର ଅନଲାଇନ ବ୍ୟବସ୍ଥାରେ ପଞ୍ଜୀକୃତ ଚାଷୀମାନେ ସଂଲଗ୍ନ ଧାନକ୍ରୟ କେନ୍ଦ୍ରକୁ ବିକ୍ରିଯୋଗ୍ୟ ଧାନ ଝୋଟ ଅଖାରେ ସକାଳ ୮ଘ.ରୁ ଦିବା ୨ଘ. ମଧ୍ୟରେ ଆଣିବା ଜରୁରୀ।
୨) କିଷାନ କ୍ରେଡିଟ୍ କାର୍ଡ଼, ବିଜୁ କୃଷକ କୃଷି ଯୋଜନା କାର୍ଡ଼, ଭୋଟର ପରିଚୟ ପତ୍ର ବା ଆଧାର କାର୍ଡ଼ (ଯେ କୌଣସି ଗୋଟିଏ) ଅଥବା ନାମ ପଞ୍ଜୀକରଣ ସମୟରେ ଦେଇଥିବା ପରିଚୟ ପତ୍ର ସହ ବ୍ୟାଙ୍କ ପାସବୁକ୍ ଧାନ କ୍ରୟ କେନ୍ଦ୍ରକୁ ନିଶ୍ଚିତ ଆଣନ୍ତୁ।
୩) ବିକ୍ରୟ ପାଇଁ ଆସିଥିବା ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ ଶୁଖିଲା ପରିଷ୍କାର ସମରଙ୍ଗୀ, ସମଆକାର ଓ ଏକ କିସମର ହୋଇଥିବା ଆବଶ୍ୟକ ଏହା ପୋକରା, ଦୁର୍ଗନ୍ଧ ଓ ବିଷାକ୍ତ ପଦାର୍ଥ ମୁକ୍ତ ହୋଇଥିବା ଆବଶ୍ୟକ।
୪) ଧାନ ସଂଗ୍ରହ ପୂର୍ବରୁ ଚାଷୀମାନଙ୍କୁ ସେମାନଙ୍କର ବିକ୍ରିଯୋଗ୍ୟ ବଳକା ଧାନ ସହ ସଂଲଗ୍ନ ଧାନ କ୍ରୟ କେନ୍ଦ୍ରରେ ଉପସ୍ଥିତ ରହିବା ପାଇଁ SMS ମାଧ୍ୟମରେ ପଞ୍ଜୀକୃତ ମୋବାଇଲ ନଂ.କୁ ବାର୍ତ୍ତା ପ୍ରେରଣରେ ସୁବିଧା କରାଯାଇଅଛି। ଏଥି ସହିତ ଅଗ୍ରିମ ଟୋକନର ତାଲିକା ଧାନ କ୍ରୟକାରୀ ସମିତି କାର୍ଯ୍ୟାଳୟରେ ମଧ୍ୟ ଉପଲବ୍ଧ ହେଉଅଛି।
୫) ପ୍ରତ୍ୟେକ କ୍ରୟ ଦିବସ/ତାରିଖରେ ଚାଷୀ ଅଗ୍ରିମ ଟୋକନ ପରିମାଣ ଅନୁଯାୟୀ ବିକ୍ରି କରିବା ପାଇଁ ସୁଯୋଗ ପାଇବେ ଏବଂ ନିର୍ଦ୍ଧାରିତ ଦିବସରେ ମଣ୍ଡିକୁ ଧାନ ଆଣି ନ ପାରିଲେ ପରବର୍ତ୍ତୀ ସମୟରେ ବିକ୍ରି କରିବା ପାଇଁ ସୁଯୋଗ ଦିଆଯିବ।
୬) ଚାଷୀଭାଇ ଓ ଭଉଣୀମାନେ ବିକ୍ରି କରିଥିବା ଧାନର ପ୍ରାପ୍ୟ ସେମାନଙ୍କର ବ୍ୟାଙ୍କ ଖାତାକୁ ଅନଲାଇନ୍ ପ୍ରକ୍ରିୟାରେ ୨୪ ଘଣ୍ଟାରୁ ୪୮ଘଣ୍ଟା ମଧ୍ୟରେ ପ୍ରଦାନ ବ୍ୟବସ୍ଥା କରାଯାଇଛି।
୭) ଧାନ ସଂଗ୍ରହ କାର୍ଯ୍ୟକୁ ଶୃଙ୍ଖଳିତ, ସ୍ୱଚ୍ଛତା ଶୃଙ୍ଖଳା ଓ ପାରଦର୍ଶିତାର ସହ ସମ୍ପାଦନ କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତି ବଦ୍ଧ।

**"ଚାଷୀ ହସିଲେ ଦୁନିଆ ହସେ"**

ସ୍ୱା./- ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା

ସ୍ୱା./- ଉପ-ଜିଲ୍ଲାପାଳ, ଖୋର୍ଦ୍ଧା ତଥା ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ବାଲୁଗାଁ, ଜିଲ୍ଲା: ଖୋର୍ଦ୍ଧା
OIPR-07025/11/0002/2021



## ତହସିଲଦାର କାର୍ଯ୍ୟାଳୟ, ବୁଗୁଡ଼ା
ବିଜ୍ଞାପନ ସଂଖ୍ୟା ୩୯୦୩/ସୈରାତ ତା୨୨।୧୨।୨୦୨୦ରିଖ

### ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ଲିଜ୍ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ବୁଗୁଡ଼ା ତହସିଲ ଇଲାକାରେ ଥିବା ୩ ଗୋଟି ପଥର ସୈରାତ ଉତ୍ସ (ନିମ୍ନରେ ପ୍ରଦତ୍ତ ବିବରଣୀ) ଗୁଡ଼ିକର ଆଗାମୀ ପାଞ୍ଚବର୍ଷ ନିମନ୍ତେ (ଦୀର୍ଘ ମିଆଦୀ) ଲିଜ୍ ପାଇଁ ଜଉମୁଦ ଦିଆ ଟେଣ୍ଡର ମାଧ୍ୟମରେ ସର୍ବସାଧାରଣରେ ନିଲାମ କରାଯିବା ସୈରାତ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଆବେଦନର ବିବରଣୀ ଓ ନିୟମାବଳୀ ଗଞ୍ଜାମ ଜିଲ୍ଲା ୱେବସାଇଟ୍ **www.ganjam.nic.in**ରେ ଉପଲବ୍ଧ ଅଛି। ଆବେଦନ ପାଇଁ ଇଚ୍ଛୁକ ବ୍ୟକ୍ତି ବୁଗୁଡ଼ା ତହସିଲଦାରଙ୍କ କାର୍ଯ୍ୟାଳୟରେ ନିର୍ଦ୍ଧାରିତ କାର୍ଯ୍ୟ ଦିବସରେ ଯୋଗାଯୋଗ କରିପାରନ୍ତି।
ଦରଖାସ୍ତ ରେଜିଷ୍ଟ୍ରି/ସ୍ପିଡ୍ ପୋଷ୍ଟ ଜରିଆରେ କିମ୍ବା ତହସିଲଦାର ବୁଗୁଡ଼ା କାର୍ଯ୍ୟାଳୟରେ ଥିବା ଟେଣ୍ଡର ବାକ୍ସରେ ପକାଇପାରିବେ। ଦରଖାସ୍ତ ଗ୍ରହଣ ତାରିଖ ଆସନ୍ତା ତା୨୪।୧୨।୨୦୨୦ରିଖଠାରୁ ତା୨୭।୦୧।୨୦୨୧ରିଖ ଅପରାହ୍ନ ୫.୩୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଯାଇଛି। ଧାର୍ଯ୍ୟ ସମୟ ଗତେ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ।
ତହସିଲଦାରଙ୍କ ଦ୍ୱାରା ସୈରାତ ଉତ୍ସର ନିଲାମ ଆବେଦନକାରୀ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିମାନଙ୍କ ଉପସ୍ଥିତିରେ ପ୍ରଥମ ଧାର୍ଯ୍ୟ ତା୨୮।୦୧।୨୦୨୧ରିଖ ୧୧.୦୦ଘଟିକାରେ ତହସିଲଦାରଙ୍କ କାର୍ଯ୍ୟାଳୟରେ ଚୂଡ଼ାନ୍ତ କରାଯିବ। କୌଣସି କାରଣରୁ ନିଲାମ ନହୋଇପାରିଲେ ଦ୍ୱିତୀୟ ତା୦୯।୦୨।୨୦୨୧ରିଖ ଏବଂ ଦ୍ୱିତୀୟ ତାରିଖରେ ନ ହୋଇ ପାରିଲେ ତୃତୀୟ ତା୧୮।୦୨।୨୦୨୧ରିଖରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ନିଲାମକୁ ରଦ୍ଦ କରିବାର କ୍ଷମତା ନିମ୍ନସ୍ୱାକ୍ଷରକାରୀ ଏବଂ ଜିଲ୍ଲାପାଳ, ଗଞ୍ଜାମଙ୍କର କ୍ଷମତା ପରିସରଭୁକ୍ତ ଅଟେ।

ସ୍ୱା./- ତହସିଲଦାର, ବୁଗୁଡ଼ା



## ତହସିଲ କାର୍ଯ୍ୟାଳୟ, କାମାକ୍ଷାନଗର, ଜିଲ୍ଲା: ଢେଙ୍କାନାଳ
ସଂଖ୍ୟା: ୪୪୫୬ ତାରିଖ: ୨୧।୧୨।୨୦୨୦

### ଲଘୁ ଖଣିଜ ସକାଶେ ଦୀର୍ଘ ମିଆଦୀ ଲିଜ୍ ଇସ୍ତାହାର

No. F-87: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଓଡ଼ିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧୀନସ୍ଥ କାମାକ୍ଷାନଗର ତହସିଲ ଜିଲ୍ଲା: ଢେଙ୍କାନାଳ ଅନ୍ତର୍ଗତ ଲଘୁ ଖଣିଜ ଖାଦାନ ଗୁଡ଼ିକର ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ଦୀର୍ଘ ମିଆଦୀ ଲିଜ୍ ପାଇଁ ତହସିଲଦାର କାମାକ୍ଷାନଗରଙ୍କ ଦ୍ୱାରା ତା୦୫।୦୧।୨୦୨୧, ୧୨।୦୧।୨୦୨୧, ୧୯।୦୧।୨୦୨୧ରିଖ ଯଥାକ୍ରମେ ୧ମ, ୨ୟ ଓ ୩ୟ ପର୍ଯ୍ୟାୟରେ ନିଲାମ କରାଯିବ।
ସୈରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ତହସିଲ କାର୍ଯ୍ୟାଳୟ (ଛୁଟିଦିନ ବ୍ୟତୀତ) ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ସର୍ତ୍ତାବଳୀ **www.dhenkanal.nic.in**ରେ ଉପଲବ୍ଧ ହେବ।
ଲିଜ୍ ଗ୍ରହଣ କରିବା ପାଇଁ ଦରଖାସ୍ତଗୁଡ଼ିକରେ ତହସିଲ କାର୍ଯ୍ୟାଳୟରେ ଥିବା ନିଲାମ ବାକ୍ସ, ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ନିଲାମ ତାରିଖର ପୂର୍ବଦିନ ଯଥା ତା୦୪।୦୧।୨୦୨୧, ୧୧।୦୧।୨୦୨୧, ୧୮।୦୧।୨୦୨୧ ତାରିଖ, ଅପରାହ୍ନ ୫ଘଣ୍ଟା ୩୦ମିନିଟ୍ ପର୍ଯ୍ୟନ୍ତ ଦାଖଲ କରିପାରିବେ। ଧାର୍ଯ୍ୟ ସମୟ ଗତେ ଆସିଥିବା ଦରଖାସ୍ତଗୁଡ଼ିକ ଗ୍ରହଣଯୋଗ୍ୟ ହେବ ନାହିଁ।
ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାରୀ କର୍ତ୍ତୃପକ୍ଷଙ୍କ ପାଖରେ ରହିଛି।
ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର ଅଧିକାର କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି।

ସ୍ୱା./- ତହସିଲଦାର, କାମାକ୍ଷାନଗର
OIPR-24065/11/0008/2021



## DIRECTORATE OF PRINTING, STATIONERY AND PUBLICATION
ODISHA, MADHUPATNA, CUTTACK-10
No.IPB.-3/2020 . 88 /PSP., Dt.22.12.2020

### NOTICE

No. J-08: In order to prevent spread of Corona virus, it is hereby notified for information of all Government offices of this State that the Government Calendars, 2021 will be distributed at Odisha Government Press premises, Madhupatna, Cuttack as like previous practice w.e.f. 28th December, 2020 strictly as per following date-wise schedule. This arrangement is made to restrict the gathering of State Government officials to the extent possible and to enforce COVID guidelines of Government of Odisha.

| DATE | Name of District / City |
|---|---|
| 28.12.2020<br>01.01.2021<br>06.01.2021 | Bhubaneswar city, Ganjam, Kendrapara, Boudh, Kandhamal, Bolangir, Bargarh & Jharsuguda Districts. |
| 29.12.2020<br>02.01.2021<br>07.01.2021 | Gajapati, Puri, Cuttack, Angul, Nuapada, Malkangiri, Nawarangpur, Subarnapur & Sambalpur Districts. |
| 30.12.2020<br>04.01.2021<br>08.01.2021 | Jagatsinghpur, Nayagarh, Jajpur, Dhenkanal, Kalahandi, Koraput, Sundargarh, Deogarh & Balasore Districts. |
| 31.12.2020<br>05.01.2021<br>11.01.2021 | Bhubaneswar city, Khurda, Cuttack, Keonjhar, Rayagada, Mayurbhanj & Bhadrak Districts. |

**Sd./- M. Pratap**
**Addl. D.G. of Police-cum-Director, Printing, Stationery & Publication, Odisha, Madhupatna, Cuttack**
OIPR-02002/11/0007/2021

## ଯୌଥ ଉଦ୍ୟୋଗରେ ଅଂଶଧନ କମାଇବ ଏୟାର ଏସିଆ

**ନୂଆଦିଲ୍ଲୀ:** ଘରୋଇ ବଜାରରେ ଏୟାର ଏସିଆ ବର୍ତ୍ତମାନ ଟାଟା ସହ ମିଳିତ ହୋଇ ଯୌଥ ଉଦ୍ୟୋଗରେ ବିମାନ ସେବା ଯୋଗାଇ ଦେଉଛି। ଏହି ଯୌଥ ଉଦ୍ୟୋଗରେ ଏୟାର ଏସିଆ ଅଂଶଧନ କମାଇବ ବୋଲି ଜଣାପଡିଛି। ମାଲେସିଆ ଭିତ୍ତିକ ଏହି ବିମାନ କମ୍ପାନୀ ଏହାର ଭାରତୀୟ ୟୁନିଟ୍‌ରେ ୪୯% ଅଂଶଧନ ହାସଲ କରିଛି। ଏହାକୁ କମାଇ ମାତ୍ର ୧୩%କୁ ହ୍ରାସ କରିବା ଲାଗି କମ୍ପାନୀ ଯୋଜନା ରଖିଛି। କୋଭିଡ୍‌-୧୯ ଯୋଗୁ କମ୍ପାନୀ ସଙ୍କଟ ସ୍ଥିତି ଦେଇ ଗତି କରୁଛି। ଏହାର ଆର୍ଥିକ ଚାପକୁ କମାଇବା ଲାଗି ଏହା ନୂଆ ପଦକ୍ଷେପ ନେବାକୁ ଯୋଜନା ରଖିଛି।

### ସଂକ୍ଷେପରେ

## ୪୫୩ ପଏଣ୍ଟ ବଢ଼ିଲା ସେନ୍‌ସେକ୍ସ

**ନୂଆଦିଲ୍ଲୀ,୨୨।୧୨:** ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍‌ଇ) ମଙ୍ଗଳବାର ୪୫୩ ପଏଣ୍ଟ ବୃଦ୍ଧି ଘଟିଛି। ଏହା ୦.୯୯% ଉର୍ଦ୍ଧ୍ୱରେ ରହି ୪୬,୦୦୭ ପଏଣ୍ଟ ସ୍ତରରେ ରହିଛି। ସେହିଭଳି ନିଫ୍‌ଟି ୧୩୮ ପଏଣ୍ଟ(୧.୦୩%) ଉର୍ଦ୍ଧ୍ୱରେ ରହିବା ଯୋଗୁ ୧୩,୪୪୬ ପଏଣ୍ଟରେ କାରବାର ବନ୍ଦ ହୋଇଛି। ସେନସେକ୍ସରେ ଏଚ୍‌ସିଏଲ୍ ଟେକ୍, ଟେକ୍ ମହିନ୍ଦ୍ରା, ଇନଫୋସିସ, ପାୱାର ଗ୍ରୀଡ, ସନଫାର୍ମା ଏବଂ ଏଲ୍‌ଆଣ୍ଡଟି ଶେୟାର ପ୍ରାୟ ୫.୩୨% ବୃଦ୍ଧି ପାଇଛି। ସେହିଭଳି କୋଟାକ ବ୍ୟାଙ୍କ, ଏଚ୍‌ଡିଏଫ୍‌ସି, ବଜାଜ ଫାଇନାନ୍ସ, ଇଣ୍ଡସଇଣ୍ଡ ବ୍ୟାଙ୍କ ବ୍ୟାଙ୍କର ଶେୟାର ପ୍ରାୟ ୧% ହ୍ରାସ ହୋଇଛି। ନିଫ୍‌ଟିରେ ଆଇଟି, ଫାର୍ମା ଏବଂ ମେଟାଲ ଶେୟାର ପ୍ରାୟ ୩.୩୬% ବୃଦ୍ଧି ପାଇଛି।

## ଚାଇନାରୁ ୧୨ ହଜାର କୋଟି ଟଙ୍କାର ଏଫ୍‌ଡିଆଇ ପ୍ରସ୍ତାବ

**ନୂଆଦିଲ୍ଲୀ,୨୨।୧୨:** ଭାରତରେ ନିବେଶ ଲାଗି ଚାଇନାରୁ ୧୨ ହଜାର କୋଟି ଟଙ୍କାର ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ(ଏଫ୍‌ଡିଆଇ) ପ୍ରସ୍ତାବ ସରକାରଙ୍କୁ ମିଳିଛି। ଭାରତର ସୀମାକୁ ଲାଗିଥିବା ଦେଶଗୁଡିକ ନିବେଶ କରିବାକୁ ଚାହୁଁଥିଲେ ସରକାରଙ୍କ ମଞ୍ଜୁରୀକୁ ବାଧ୍ୟତାମୂଳକ କରାଯାଇଛି। ଏହାକୁ ଦେଖିଲେ ଯେକୌଣସି କ୍ଷେତ୍ରରେ ଭାରତରେ ନିବେଶ କରିବାକୁ ଚାହୁଁଥିଲେ ଚାଇନାକୁ ଭାରତ ସରକାରଙ୍କ ଅନୁମତି ଲୋଡା ପଡିବ। ଏହି ପ୍ରସ୍ତାବଗୁଡିକ ଉପରେ ବିଚାର କରିବା ଲାଗି ସରକାର ଏକ ଆନ୍ତଃ ମନ୍ତ୍ରୀ ସ୍ତରୀୟ ଗୋଷ୍ଠୀ ଗଠନ କରିଛନ୍ତି। ଅଧିକାଂଶ ପ୍ରସ୍ତାବ ବ୍ରାଉନଫିଲ୍ଡ ନିବେଶ ସହ ଜଡିତ ବୋଲି ଜଣାପଡିଛି। ମହାମାରୀର ଫାଇଦା ଉଠାଇ ଯେଭଳି କୌଣସି ଦେଶ ଭାରତୀୟ କମ୍ପାନୀଗୁଡିକୁ ବଳପୂର୍ବକ ଅଧିଗ୍ରହଣ ନ କରେ ତାକୁ ନଜରରେ ରଖି ସରକାର ପଡୋଶୀ ରାଷ୍ଟ୍ରଗୁଡିକର ନିବେଶ ଉପରେ ଏଭଳି କଟକଣା ଲଗାଇଛନ୍ତି।

# ଶିପିଂ କର୍ପୋରେଶନ ଘରୋଇକରଣ ହେବ

**ନୂଆଦିଲ୍ଲୀ,୨୨।୧୨**



- ସମ୍ପୂର୍ଣ୍ଣ ଅଂଶଧନ ବିକିବେ ସରକାର
- ବିଡ୍ ଦାଖଲର ଶେଷ ତାରିଖ ଫେବୃୟାରୀ ୧୩

ଶିପିଂ କର୍ପୋରେଶନରେ ରହିଥିବା ସମ୍ପୂର୍ଣ୍ଣ ଅଂଶଧନକୁ ସରକାର ବିକ୍ରି କରିଦେବେ। ଏଥି ଲାଗି ସରକାର ବିଡ୍ ଆହ୍ୱାନ କରିଛନ୍ତି। ଭାରତ ପେଟ୍ରୋଲିୟମ ଉପରେ ଆଉ ଏକ ରାଷ୍ଟ୍ରାୟତ୍ତ କମ୍ପାନୀକୁ ଘରୋଇକରଣ କରିବା ଲାଗି ସରକାର ପ୍ରକ୍ରିୟା ଜାରି କରିଛନ୍ତି। ଶିପିଂ କର୍ପୋରେଶନରେ ସରକାରଙ୍କ ୬୩.୭୫% ଅଂଶଧନ ରହିଛି। ଅଂଶଧନ ହାସଲ କରିବାକୁ ଥିବା ବ୍ୟକ୍ତି ବିଶେଷ ୨୦୨୧ ଫେବୃୟାରୀ ୧୩ ସୁଦ୍ଧା ଏଥି ଲାଗି ଏକ୍ସପ୍ରେଶନ ଅଫ୍ ଇଣ୍ଟରେଷ୍ଟ ଦାଖଲ କରିବାକୁ ହେବ। ସେହିଭଳି ବିଡ୍ ସଂକ୍ରାନ୍ତ କୌଣସି ପ୍ରସଙ୍ଗରେ ଅବଗତ ହେବାକୁ ଥିବା ଟ୍ରାଞ୍ଜାକାନ ଆଡଭାଇଜରଙ୍କୁ ଜାନୁୟାରୀ ୨୩ ସୁଦ୍ଧା ଯୋଗାଯୋଗ କରିବାକୁ କୁହାଯାଇଛି।

ଶିପିଂ ବିଜନେସର ପ୍ରାୟ କ୍ଷେତ୍ରରେ ଶିପିଂ କର୍ପୋରେଶନ ଏବେ କାର୍ଯ୍ୟ କରୁଛି। ଏହାର ୬ଟି ଯୌଥ ସଂସ୍ଥା ରହିଛି। ଏହା ମଧ୍ୟରୁ ୪ଟିକୁ ବିକ୍ରିରେ ସାମିଲ କରାଯିବାକୁ ଯୋଜନା ରଖାଯାଇଛି। ଏହା ମଧ୍ୟରେ ଇଣ୍ଡିଆ ଏଲ୍‌ଏନଜି ଟ୍ରାନ୍ସପୋର୍ଟ କମ୍ପାନୀ ଲିମିଟେଡ ୧,୨,୩ ଏବଂ ୪ ରହିଛି। ଅଣକୋର ଆସେଟକୁ ଅଂଶଧନ ବିକ୍ରି ପ୍ରକ୍ରିୟାଠାରୁ ଅଲଗା ରଖାଯିବ। କମ୍ପାନୀଗୁଡିକରେ ଅଂଶଧନ ବିକ୍ରି ପ୍ରକ୍ରିୟାକୁ ସରକାର ଗତବର୍ଷ ନଭେମ୍ବରରେ ମଞ୍ଜୁରୀ ପ୍ରଦାନ କରିଥିଲେ। ଏହାବାଦ ଭାରତ ପେଟ୍ରୋଲିୟମ ଏବଂ କଣ୍ଟେନର କର୍ପୋରେଶନ ଘରୋଇକରଣ ପ୍ରସ୍ତାବ ମଧ୍ୟ ରହିଛି। ଶିପିଂ କର୍ପୋରେଶନ ଅଂଶଧନ ବିକ୍ରି ଚଳିତ ବର୍ଷ ସଫଳ ହେଲେ ଏହା ସରକାରଙ୍କ ଲାଗି କିଛିଟି ଆଶ୍ୱସ୍ତି ପ୍ରଦାନ କରିବ। କାରଣ ବର୍ତ୍ତମାନ ରାଜସ୍ୱ ସଂଗ୍ରହ ପ୍ରଭାବିତ ହୋଇ ରହିଥିବା ବେଳେ କରୋନା ଲାଗି ଅଧିକ ଖର୍ଚ୍ଚ କରିବାକୁ ପଡୁଛି।

ଶିପିଂ କର୍ପୋରେଶନରେ ରହିଥିବା ସରକାରଙ୍କ ଅଂଶଧନର ମୂଲ୍ୟ ପ୍ରାୟ ୨୫୩୫ କୋଟି ଟଙ୍କା ହେବ। ଏହି କମ୍ପାନୀ ଅଧିଗ୍ରହଣ କରିବାକୁ ଇଚ୍ଛୁକ ଥିବା ସଂସ୍ଥାର ସମ୍ପତ୍ତି ପ୍ରାୟ ୨ ହଜାର କୋଟି ଟଙ୍କା ହୋଇଥିବା ଆବଶ୍ୟକ। ଗତ ୫ ଆର୍ଥିକ ବର୍ଷ ମଧ୍ୟରୁ ୩ଟି ବର୍ଷରେ ଉନ୍ନତ ପରିଚାଳନା ଲାଭ ହାସଲ କରିଥିବା ଆବଶ୍ୟକ।

# ଆଇଟିଆର୍ ଫାଇଲ କରିଛନ୍ତି ୩.୭୫ କୋଟି ଟିକସଦାତା

**ନୂଆଦିଲ୍ଲୀ,୨୨।୧୨**

ଆସେସମେଣ୍ଟ ବର୍ଷ ୨୦୨୦-୨୧ର ଡିସେମ୍ବର ୨୧ ସୁଦ୍ଧା ୩.୭୫ କୋଟି ଟିକସଦାତା ଆୟକର ରିଟର୍ନ(ଆଇଟିଆର୍) ଫାଇଲ କରିଛନ୍ତି। ଆୟକର ବିଭାଗ ପକ୍ଷରୁ ଏକ ଟୁଇଟ ଯୋଗେ ଏଭଳି ସୂଚନା ଦିଆଯାଇଛି। ବିଭାଗ ପକ୍ଷରୁ କୁହାଯାଇଛି ଯେ, ଯଦି ରିଟର୍ନ ଫାଇଲ କରିନାହାନ୍ତି ତେବେ ଶୀଘ୍ର ଫାଇଲ କରନ୍ତୁ। ବିଭାଗର ସୂଚନା ମୁତାବକ, ୨.୧୭ କୋଟି ଆଇଟିଆର୍-୧, ୭୯.୮୨ ଲକ୍ଷ ଆଇଟିଆର୍-୪, ୮୩.୧୮ ଲକ୍ଷ ଟିକସଦାତା ଆଇଟିଆର୍-୩ ଏବଂ ୨୬.୫୬ ଲକ୍ଷ ଟିକସଦାତା ଆଇଟିଆର୍-୨ ଦାଖଲ କରିଛନ୍ତି। ୨୦୧୯-୨୦ ଆର୍ଥିକ ବର୍ଷରେ ବ୍ୟକ୍ତିଗତ ଆୟକର ପଇଠ କରିବା ଲାଗି ସମୟ ସୀମା ଚଳିତ ମାସ ୩୧ ରହିଛି। ସେହିଭଳି ଟିକସଦାତାଙ୍କ ଆକାଉଣ୍ଟ ଅଡିଟ କରାଯିବାକୁ ଥିଲେ ଉକ୍ତ କ୍ଷେତ୍ରରେ ରିଟର୍ନ ଫାଇଲ କରିବାର ଅବଧି ୩୧ ଜାନୁୟାରୀ ରହିଛି। କରୋନା ମହାମାରୀକୁ ଧ୍ୟାନରେ ରଖି ରିଟର୍ନ ଫାଇଲ କରିବା ସୀମାକୁ ଚଳିତ ବର୍ଷ ୩୧ ଜୁଲାଇ, ୩୧ ଅକ୍ଟୋବରରୁ ୩୧ ଡିସେମ୍ବର ଏବଂ ୩୧ଜାନୁୟାରୀ କରାଯାଇଛି।

# ଏସ୍‌ବିଆଇ ପକ୍ଷରୁ ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ




**ଭୁବନେଶ୍ୱର,୨୨।୧୨**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ସୋମବାର ଏକ ସ୍ୱତନ୍ତ୍ର ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଓଡିଶା ସରକାରଙ୍କ ଏମ୍‌ଏସ୍‌ଏମ୍‌ଇ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। କୋଭିଡ ମହାମାରୀ ସମୟରେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଏସ୍‌ବିଆଇର ଭୂମିକାକୁ ସେ ଭୂୟଂସୀ ପ୍ରଶଂସା କରିଥିଲେ। ସେହିଭଳି ୧୦୧ ଜଣ ପିଏମ୍‌ଇଜିପି ହିତାଧିକାରୀଙ୍କୁ ଇ-ମୋଡରେ ଏବଂ ଦୁଇ ଜଣ ହିତାଧିକାରୀଙ୍କୁ କାର୍ଯ୍ୟକ୍ରମ ପରିସରରେ ଋଣ ମଞ୍ଜୁର ପତ୍ର ପ୍ରଦାନ କରାଯାଇଥିଲା। ଏସ୍‌ବିଆଇର ସରକାରୀ ଋଣ କ୍ଷେତ୍ରରେ ଅବଦାନ ସମ୍ପର୍କରେ ଶ୍ରୀ ସାହୁ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସ୍‌ବିଆଇ ସିଜିଏମ୍ ରୁମା ଦେ ଏସ୍‌ବିଆଇର ବହୁବିଧ ଏମ୍‌ଏସ୍‌ଏମ୍‌ଇ ପଦକ୍ଷେପ ଗୁଡିକ ବିଷୟରେ ସୂଚନା ଦେଇଥିଲେ। ପରିଶେଷରେ ନେଟୱର୍କ-୧ର ଜେନେରାଲ ମ୍ୟାନେଜର ସି.ଏଲ୍.ଏନ୍ ଚାରିୟୁଲ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ।

# ୪ ଚକିଆ ଯାନ ଲାଗି ଫାଷ୍ଟାଗ ବାଧ୍ୟତାମୂଳକ

**ନୂଆଦିଲ୍ଲୀ,୨୨।୧୨**




**ଆସନ୍ତା ମାସରେ ୮ ନୂଆ ନିୟମ**

ପହିଲାରୁ ଏକାଧିକ ପୁରୁଣା ନିୟମ ପରିବର୍ତ୍ତନ ହେବାକୁ ଯାଉଛି। ୮ ନୂଆ ନିୟମ ଲାଗୁ ହେବାକୁ ଯାଉଛି। ଜାନୁୟାରୀ ୧ ରୁ ସବୁ ୪ ଚକିଆ ଯାନ ଲାଗି ଫାଷ୍ଟାଗକୁ ବାଧ୍ୟତାମୂଳକ କରାଯାଇଛି। କେନ୍ଦ୍ର ସଡକ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ମୋଟର ଯାନ ଆଇନ ୧୯୮୯ର ସଂଶୋଧନ ଫଳରେ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। ସେହିଭଳି ଚେକ୍ କ୍ଲିୟରାନ୍ସ ଲାଗି ପହିଲାରୁ ପଜିଟିଭ ପେ ସିଷ୍ଟମ ଲାଗୁ ହେବାକୁ ଯାଉଛି। ଏହି ନିୟମ ଲାଗୁ କରିବାକୁ ରିଜର୍ଭ ବ୍ୟାଙ୍କ ନିଷ୍ପତ୍ତି ନେଇ ସାରିଛି। ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଚେକ୍ ଲାଗି କିଛି ସୂଚନାକୁ ରିକନଫର୍ମ କରିବାକୁ ହେବ। ଚେକ୍ ଇସ୍ୟୁ କରୁଥିବା ବ୍ୟକ୍ତି ଚେକ୍ ନମ୍ବର, ଚେକ୍ ଡେଟ୍ ଭଳି ଅନ୍ୟ ପ୍ରମୁଖ ସୂଚନା ଦର୍ଶାଇବାକୁ ପଡିବ। ପହିଲାରୁ କଣ୍ଟାକ୍ଟଲେସ କାର୍ଡ ନେଣଦେଣ ସୀମାକୁ ବଢାଯାଇଛି। ପୂର୍ବରୁ ଏହା ୨ ହଜାର ରହିଥିବା ବେଳେ ରିଜର୍ଭ ବ୍ୟାଙ୍କ ଏହାକୁ ୫ ହଜାର ଟଙ୍କାକୁ ବଢାଇଛି। ସେହିଭଳି ସାମଗ୍ରୀ ଓ ସେବା ଟିକସ(ଜିଏସ୍‌ଟି) ବ୍ୟବସ୍ଥାରେ ତ୍ରୈମାସିକ ରିଟର୍ନ ଫାଇଲିଂ ବ୍ୟବସ୍ଥା ମଧ୍ୟ ଜାନୁୟାରୀରୁ ଲାଗୁ ହେବ। ୯.୪ ନିୟୁତ କ୍ଷୁଦ୍ର ବାଣିଜ୍ୟ ଏହି ସେବା ପରିସରକୁ ଆସିବେ। ୧୨ ରିଟର୍ନ ପରିବର୍ତ୍ତେ ୪ ରିଟର୍ନ ସଂସ୍ଥାଗୁଡିକୁ ଭରିବାକୁ ପଡିବ ବୋଲି ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସ୍ପଷ୍ଟ କରାଯାଇଛି। ଲ୍ୟାଣ୍ଡଲାଇନରୁ ମୋବାଇଲକୁ କଲ୍ କରିବା ପୂର୍ବରୁ ଜିରୋ ଡାଏଲ କରିବାକୁ ପଡିବ। ଜାନୁୟାରୀ ୧୫ରୁ ଏହାକୁ ଲାଗୁ କରାଇବା ଲାଗି ଟେଲିକମ୍ ବିଭାଗ(ଡିଓଟି) ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ପହିଲାରୁ କେତେକ ବଛାବଛା ଫୋନରେ ହ୍ୱାଟସଆପ୍ କାମ କରିବା ବନ୍ଦ ହୋଇଯିବ। ସେହିଭଳି କେତେକ କାର କମ୍ପାନୀ ନୂଆ ବର୍ଷରୁ ଦର ବଢାଇବା ଲାଗି ନିଷ୍ପତ୍ତି ନେଇଛନ୍ତି। ଏହି କମ୍ପାନୀ ମଧ୍ୟରେ ମାରୁତି ସୁଜୁକି, ଏମ୍‌ଜି ମୋଟର୍ସ ଏବଂ ରେନୋ ଇଣ୍ଡିଆ ରହିଛନ୍ତି। ସେହିଭଳି ହିରୋ ବାଇକଗୁଡିକର ମୂଲ୍ୟ ଜାନୁୟାରୀରୁ ପ୍ରାୟ ୧୫୦୦ ଟଙ୍କା ବଢିବ ବୋଲି ଜଣାପଡିଛି।

## ମହିନ୍ଦ୍ରାର ଦକ୍ଷିଣ କୋରିଆ କମ୍ପାନୀ ସାଙ୍ଗ୍‌ୟୋଙ୍ଗ୍ ଦେବାଳିଆ

**ନୂଆଦିଲ୍ଲୀ,୨୨।୧୨**

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାର ଦକ୍ଷିଣ କୋରିଆରେ ରହିଥିବା କମ୍ପାନୀ ସାଙ୍ଗ୍‌ୟୋଙ୍ଗ୍ ମୋଟର କମ୍ପାନୀ (ଏସ୍‌ୱାଇଏମ୍‌ସି) ଦେବାଳିଆ ହୋଇଯାଇଛି। ଏହି କମ୍ପାନୀ ବ୍ୟାଙ୍କ୍ରପ୍ସି ଲାଗି ଆବେଦନ କରିଥିବା ଜଣାପଡିଛି। ରେଗୁଲେଟୋରି ଫାଇଲିଂରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ପକ୍ଷରୁ ଏଭଳି ସୂଚନା ଦିଆଯାଇଛି। ଏସ୍‌ୱାଇଏମ୍‌ସିର ପୁନର୍ବାସ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଦକ୍ଷିଣ କୋରିଆର ଡେବଟର ରିହାବିଲିଟେଶନ ଆଣ୍ଡ ବ୍ୟାଙ୍କ୍ରପ୍ସି ଆକ୍ଟ ଅନୁଯାୟୀ ସିଓଲର ବ୍ୟାଙ୍କ୍ରପ୍ସି କୋର୍ଟରେ ଆବେଦନ କରାଯାଇଥିବା ଜଣାପଡିଛି। ଏସ୍‌ୱାଇଏମ୍‌ସି ବର୍ତ୍ତମାନ ସଙ୍କଟ ସ୍ଥିତି ଦେଇ ଗତି କରୁଛି। ଅଟୋନୋମସ ରିଷ୍ଟ୍ରକ୍‌ଚରିଂ ସପୋର୍ଟ(ଏଆର୍‌ଏସ୍) କାର୍ଯ୍ୟକ୍ରମ ଲାଗି ମଧ୍ୟ ଏହି କମ୍ପାନୀ ଆବେଦନ କରିଛି।

### ଫୁର୍‌ସତ

# ଦୁଃସାହସିକ ସ୍କାଏ ସାଇକେଲିଂ

**ସାଇକେଲର ଆବଶ୍ୟକତା କମିଥିଲେ ହେଁ ଏବେ ବି ଯୁବଗୋଷ୍ଠୀଙ୍କଠାରୁ ଆରମ୍ଭ କରି ବୟସ୍କ ସମସ୍ତଙ୍କ ଚାହିଦା ତାଲିକାରେ ସାମିଲ। ସୁନ୍ଦର ସ୍ୱାସ୍ଥ୍ୟ ଚାହୁଁଥିବା ଲୋକଙ୍କ ପାଇଁ ଏହା ଏକ ଅତ୍ୟାବଶ୍ୟକ ଯାନ। ତେବେ ଏହା କେବଳ ବ୍ୟାୟାମ ଉପଯୋଗୀ ହୋଇ ଆଉ ରହିନାହିଁ। ସାଇକେଲ ଯୋଗେ ସମ୍ଭବ ହୋଇଛି ଦୁଃସାହସିକ ଯାତ୍ରା ଓ ଏଥିସହିତ ଜଡ଼ିତ ମନୋରଞ୍ଜନ। ଏଥିପାଇଁ ବିଭିନ୍ନ ଦେଶରେ ସ୍କାଏ ସାଇକେଲିଂ ବା ଆକାଶରେ ସାଇକେଲ ଚାଳନାର ବ୍ୟବସ୍ଥା କରାଯାଇଛି। ଏବେ ଭାରତ ମଧ୍ୟ ଏ ଦିଗରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବାକୁ ଆରମ୍ଭ କରିଛି ଯୋଜନା।**



**ନୂଆଦିଲ୍ଲୀ:** ଦିନେ ଭାରତରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଦୈନନ୍ଦିନ ଜୀବନର ସାଥୀ ଥିଲା ସାଇକେଲ। ସମୟ କ୍ରମେ ମଣିଷ ଅତ୍ୟାଧୁନିକ ଦୁନିଆରେ ପ୍ରବେଶ କରିବା ଆରମ୍ଭ ପରେ ଧୀରେ ଧୀରେ ଏହାର ଆବଶ୍ୟକତା କମିବାରେ ଲାଗିଲା। ସ୍ୱାସ୍ଥ୍ୟ ପ୍ରତି ସଚେତନ ବ୍ୟକ୍ତି ଏବଂ ବଡ଼ ବଡ଼ ଯାନ ସୁବିଧାରୁ ବଞ୍ଚିତ ହେଉଥିବା ଲୋକଙ୍କ ମଧ୍ୟରେ ଏହା ସୀମିତ ଥିଲା। କିନ୍ତୁ ଏବେ ସେ ସମୟ ମଧ୍ୟ ବିତିବାକୁ ଯାଉଛି। ସ୍ୱାସ୍ଥ୍ୟ ସହ ଦୁଃସାହସିକ ଯାତ୍ରାରେ ସାଇକେଲକୁ ସାମିଲ କରିବା ପାଇଁ ଅନ୍ୟ ଦେଶଗୁଡ଼ିକ ବ୍ୟବସ୍ଥା କରିଥିବାବେଳେ ଏବେ ଭାରତରେ ମଧ୍ୟ ସେହି ସୁବିଧା ବ୍ୟାପକ ହେବାକୁ ଯାଉଛି, ଯାହାର ନାଁ ରହିଛି ସ୍କାଏ ସାଇକେଲିଂ।

### ସ୍କାଏ ସାଇକେଲିଂ କ’ଣ?

ସଡ଼କରେ ସାଇକେଲ ଚାଳିବା ଭଳି ଭୂମିରୁ ଉଚ୍ଚରେ ତଥା ଆକାଶରେ ଏହି ଦୁଇଚକିଆ ଯାନ ଚାଳନାକୁ ସ୍କାଏ ସାଇକେଲିଂ କୁହାଯାଏ। ଭୂମିଠାରୁ ବହୁ ଉଚ୍ଚରେ ସାଇକେଲ ଚାଳିବା ପାଇଁ ଦଉଡିରେ ସରୁ ରାସ୍ତା ତିଆରି କରାଯାଏ। ସୁରକ୍ଷା ସରଞ୍ଜାମ ଯେପରି ହେଲ୍‌ମେଟ, ପ୍ରୋଟେକ୍ଟିଭ୍ ଗିୟର୍ସ ସହ ନିଜକୁ ସନ୍ତୁଳିତ ଅବସ୍ଥାରେ ରଖିବା ପରେ ସେହି ଦଉଡ଼ି ଉପରେ ସାଇକେଲ ଚଲାଇବାକୁ ପଡ଼ିଥାଏ। କେବଳ ଆଡଭେଞ୍ଚରିୟସ୍ କାର୍ଯ୍ୟ ପସନ୍ଦ ଥିବା ବ୍ୟକ୍ତି ହିଁ ଏପରି ଯାତ୍ରା କରିବା ଉଚିତ୍ ବୋଲି କୁହାଯାଏ। ନେପାଳ ସମେତ ଅନେକ ଦେଶରେ ଏପରି ଯାତ୍ରାର ବ୍ୟବସ୍ଥା ଥିବାରୁ ତାହା ବହୁସଂଖ୍ୟାରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରୁଛି।

### ଭାରତରେ କେଉଁଠି?

ଭାରତରେ ସ୍କାଏ ସାଇକେଲିଂ ସେତେ ଲୋକପ୍ରିୟ ହୋଇ ନ ଥିଲେ ହେଁ ପର୍ଯ୍ୟଟକଙ୍କ ପାଇଁ ଏବେ ଏ ଦିଗରେ ପଦକ୍ଷେପ ନେବା ଆରମ୍ଭ ହୋଇଛି। ଦେଶର ତିନୋଟି ସ୍ଥାନ କୁଲୁ ମନାଲି, ଋଷିକେଶ, କୋଟିଠାରେ ଏଭଳି ଯାତ୍ରାର ବ୍ୟବସ୍ଥା ବ୍ୟାପକ ପାଇଁ ଉଦ୍ୟମ ଜାରି ରହିଛି। ଦେଶର ପ୍ରଥମ ଆକାଶ ସାଇକେଲ ପାର୍କ ଚଳିତ ବର୍ଷ ସେପ୍ଟେମ୍ବରରେ ମନାଲିର ଗୁଲାବା ଅଞ୍ଚଳରେ ହୋଇଥିଲା। ଏଠାରେ ନିର୍ମିତ ଟ୍ରାକ୍ ସମୁଦ୍ର ପତ୍ତନଠାରୁ ପ୍ରାୟ ୯୦୦୦ ଫୁଟ ଉଚ୍ଚରେ ରହିଛି।

# ଦିଶାଙ୍କ ଥ୍ରୋ ବ୍ୟାକ୍ ଫଟୋ ଭାଇରାଲ



**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ଦିଶା ପଟାନୀ ନିଜର ଅଭିନୟ ସହିତ ଷ୍ଟାଇଲିଶ୍ ଅନ୍ଦାଜ୍ ପାଇଁ ଫ୍ୟାନ୍‌ମାନଙ୍କ ହୃଦୟ ଜିତିପାରିଛନ୍ତି। ଫ୍ୟାଶନ ସେନ୍ସ ପାଇଁ ସବୁବେଳେ ଚର୍ଚ୍ଚାରେ ରହିଥାନ୍ତି। ଦେଖିବାକୁ ଯେମିତି ସୁନ୍ଦରୀ ଫିଗର୍ ମଧ୍ୟ ସେମିତି। ସେଥିପାଇଁ ତାଙ୍କର ଫ୍ୟାନ୍ ଫଲୋଇଙ୍ଗ ଅଧିକ। ନିକଟରେ ଦିଶାଙ୍କ କିଛି ଥ୍ରୋ ବ୍ୟାକ୍ ଫଟୋ ଇନ୍‌ଷ୍ଟାରେ ଭାଇରାଲ ହୋଇଛି। ଯେଉଁଥିରେ ତାଙ୍କୁ ଚିହ୍ନିବା କଷ୍ଟକର ହୋଇପଡ଼ିଛି। ଏହି ଫଟୋକୁ ଦେଖିଲେ କୁହାଯାଇପାରିବ ଯେ, କିଛି ଅଭିନେତ୍ରୀ ନିଜକୁ ପୁରା ପରିବର୍ତ୍ତନ କରିଦେଇଛନ୍ତି। ଏହି ଫଟୋରେ ଦିଶା ଏକ ପର୍ପଲ ଶାଢ଼ି ପିନ୍ଧିଛନ୍ତି। ତାଙ୍କୁ ସେତେବେଳେ ମାତ୍ର ୧୭ବର୍ଷ ହୋଇଥିଲା। ଆଉ ଏକ ଫଟୋ ଦିଶାଙ୍କ ହାଇସ୍କୁଲ ସମୟର। ଯେଉଁଥିରେ ସେ ସାଲୱାର ପିନ୍ଧିଛନ୍ତି। ଏହି ଦୁଇ ଫଟୋ ଫ୍ୟାନ୍ ପେଜ୍‌ରେ ଶେୟାର ହୋଇଛି। ଏବେ ଦିଶାଙ୍କ ହଟ୍ ଅବତାରର ଫ୍ୟାନ୍ ଦିୱାନା। ୱାର୍କ ଫ୍ରଣ୍ଟ କଥା କହିବାକୁ ଗଲେ, ଦିଶା ଫିଲ୍ମ ଏମ୍.ଏସ୍.ଧୋନିରୁ ବଲିଉଡରେ ଡେବ୍ୟୁ କରିଥିଲେ। ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଭିନେତା ସୁଶାନ୍ତ ସିଂ ରାଜପୁତ୍ ଥିଲେ। ଏହି ଫିଲ୍ମ ବକ୍ସ ଅଫିସ୍‌ରେ ବେଶ୍ ସଫଳତା ହାସଲ କରିଥିଲା। ଏହାପରେ ବାଘୀ-୨ରେ ନଜର୍ ଆସିଥିଲେ। ଏଥିରେ ମଧ୍ୟ ତାଙ୍କ ରୋଲକୁ ଦର୍ଶକ ବେଶ୍ ପସନ୍ଦ କରିଥିଲେ। ଆଗକୁ ‘ରାଧେ: ୟୋର ମୋଷ୍ଟ ୱାଣ୍ଟେଡ୍ ଭାଇ’ରେ ମୁଖ୍ୟ ଭୂମିକାରେ ନଜର୍ ଆସିବେ।

# ରୁବିକ୍ କ୍ୟୁବ୍‌ରେ ପୋଟ୍ରେଟ

**ନୂଆଦିଲ୍ଲୀ:** ସବୁବେଳେ କିଛି ନୂଆ କରିବା ପାଇଁ କଳ୍ପନାରେ ବୁଡ଼ି ରହନ୍ତି କଳାକାର। ଠିକ୍ ଏମିତି ଏକ ଭିନ୍ନ କଳା ପ୍ରଦର୍ଶନ କରିଛନ୍ତି ଆର୍ଟିଷ୍ଟ ସୁମିତ୍ ଦ୍ୱିବେଦୀ। ରୁବିକ୍ କ୍ୟୁବକୁ ବ୍ୟବହାର କରି ସେ ତିଆରି କରିଛନ୍ତି ଏକ ପୋଟ୍ରେଟ, ଯାହା ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଆର୍ଟିଷ୍ଟ ସୁମିତ୍ ଦ୍ୱିବେଦୀ ରୁବିକ୍ କ୍ୟୁବକୁ ନେଇ ଅଭିନେତା ରାଜକୁମାର ରାଓଙ୍କର ଏକ ପୋଟ୍ରେଟ ତିଆରି କରି ତାକୁ ଇନ୍‌ଷ୍ଟାଗ୍ରାମରେ ଶେୟାର କରିଥିଲେ। ରୁବିକ୍ କ୍ୟୁବକୁ ଖଞ୍ଜି ସେ ଏତେ ସୁନ୍ଦରଭାବରେ ପୋଟ୍ରେଟଟିକୁ ତିଆରି କରିଥିଲେ ଯେ ଅଭିନେତା ରାଜକୁମାର ତାକୁ ପୁଣି ଥରେ ସୋସିଆଲ ମିଡିଆରେ ଶେୟାର କରି କଳାକାରଙ୍କୁ ପ୍ରଶଂସା କରିଛନ୍ତି। ସୋସିଆଲ ମିଡିଆରେ ଏବେ ରୁବିକ୍ କ୍ୟୁବର ପୋଟ୍ରେଟ ଥିବା ଏହି ଭିଡିଓଟି ଲୋକଙ୍କୁ ମଧ୍ୟ ବେଶ୍ ପସନ୍ଦ ଆସିଛି। ଲୋକେ ସୁମିତଙ୍କର କଳା ନୈପୁଣ୍ୟତାକୁ ଢେର୍ ପ୍ରଶଂସା କରିଛନ୍ତି। ଭିଡିଓରେ ସୁମିତ୍ କିପରିଭାବରେ ପୋଟ୍ରେଟଟିକୁ ତିଆରି କରିଛନ୍ତି ତା’ର ସମ୍ପୂର୍ଣ୍ଣ ଶୈଳୀ ଏଥିରେ ଦେଖାଯାଇଛି।



ତେବେ ସୁମିତଙ୍କର ରୁବିକ୍ କ୍ୟୁବ ସଜାଡିବାର ଷ୍ଟାଇଲ୍ ସ୍ୱତନ୍ତ୍ର ଏବଂ ନିଶ୍ଚିତଭାବେ ଏହା ଦେଖିବା ଏକ ଭିନ୍ନ ଅନୁଭବ ଆଣିଦେବ। ରାଜକୁମାର ଏହି ଭିଡିଓକୁ ଶେୟାର କରିବା ପରେ ଏହାକୁ ୧୪୦୦ରୁ ଅଧିକ ଲୋକ ପସନ୍ଦ କରି ସାରିଲେଣି। ଏହା ସହିତ ଅନେକେ ଏହାକୁ ନେଇ ସୁନ୍ଦର କମେଣ୍ଟ ଦେଇଛନ୍ତି। ରୁବିକ୍ କ୍ୟୁବରେ ସୁମିତ୍ ଆହୁରି ଅନେକ କଳାକାରଙ୍କର ମଧ୍ୟ ପୋଟ୍ରେଟ୍ ପୂର୍ବରୁ ତିଆରି କରିଛନ୍ତି।

## ପେଣ୍ଟିଂରେ ଆନ୍ଦୋଳନ

**ଅମୃତସର:** କୃଷକଙ୍କ ପ୍ରତି ସମବେଦନା ଜଣାଇ ପେଣ୍ଟିଂରେ ଭାବନାକୁ ରୂପ ଦେଇଛନ୍ତି କଳାଛାତ୍ର ଗୁରଦୀପ୍ ସିଂହ ଓ ତାଙ୍କ ସହଯୋଗୀ। ଦୀର୍ଘଦିନ ଧରି ଦିଲ୍ଲୀରେ ଚାଷୀମାନେ ଚଳାଇଥିବା ଆନ୍ଦୋଳନକୁ ପଞ୍ଜାବ ପଟିଆଲାର ଦୁଇ ଛାତ୍ର ଚିତ୍ର ମାଧ୍ୟମରେ ଏହାକୁ ସମର୍ଥନ ଜଣାଇଛନ୍ତି। ଗୁରଦୀପଙ୍କ ମତରେ କୃଷକଙ୍କ କଷ୍ଟକୁ ଲୋକଙ୍କୁ ଜଣାଇବା ପାଇଁ ସେ କଳାର ମାଧ୍ୟମକୁ ଆପଣାଇଛନ୍ତି। ଏଥିପାଇଁ ଏକ ସୁନ୍ଦର ଚିତ୍ରକଳା କରିବା ପରେ ଏବେ ଆଉ ଏକ ପେଣ୍ଟିଂ କରିବାକୁ ଯାଉଛନ୍ତି। ସମସ୍ତଙ୍କ ସହଯୋଗରେ ତିଆରି କରାଯାଉଥିବା ୨୫ ଫୁଟର ଏକ ପେଣ୍ଟିଂକୁ ଆନ୍ଦୋଳନର ମୁଖ୍ୟ ସ୍ଥାନରେ ରଖିବା ପାଇଁ ଯୋଜନା କରିଛନ୍ତି। ଛାତ୍ର ରବି ରାଭରାଜ୍ କହିଛନ୍ତି, ତାଙ୍କ ପେଣ୍ଟିଂରେ ଜଣେ ଚାଷୀର ଭାବନାକୁ ମଧ୍ୟ ସେମାନେ ବେଶ୍ ସୁନ୍ଦରଭାବରେ ପ୍ରଦର୍ଶନ କରିଛନ୍ତି। ଏହି ପେଣ୍ଟିଂଟି ଏବେ ଲୋକଙ୍କୁ ବେଶ୍ ଆକୃଷ୍ଟ କରିପାରିଛି। ଆଗକୁ ସେମାନେ ଆହୁରି ଏକ ସୁନ୍ଦର ଏବଂ ବଡ଼ ପେଣ୍ଟିଂ ତିଆରି କାମ କରୁଛନ୍ତି।


## ମନେ ପଡ଼ନ୍ତି

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**
ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**✓ଭଗବାନ ନାୟକ**
ଆବିର୍ଭାବ - ୧୪.୧୦.୧୯୪୮
ତିରୋଧାନ - ୦୫.୧୨.୨୦୧୯
(ମାର୍ଗଶୀର ମାସ ଶୁକ୍ଳପକ୍ଷ ନବମୀ ତିଥୀ)
ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-: ଶୋକାକୁଳ :-
ପୁତ୍ର ଓ ପରିବାରବର୍ଗ।
ଧ-୭୦୦୬୬

**ଦ୍ୱାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ଉର୍ମିଳା ନନ୍ଦ**
ଘାଟିକିଆ, ଖଣ୍ଡଗିରି, ଭୁବନେଶ୍ୱର
ଆବିର୍ଭାବ: ୧୧।୦୮।୧୯୬୫
ତିରୋଧାନ: ୧୨।୧୨।୨୦
ତମେ ଆମକୁ ଏକାକରି ଛାଡ଼ି ଚାଲିଗଲ। ତମର ଅମାପ ସ୍ନେହ, ଶ୍ରଦ୍ଧା, ଦୟା, ତ୍ୟାଗ ଓ ମଧୁମୟ ସ୍ମୃତି ଆମପାଇଁ ଚିର ଜୀବନ୍ତ ହୋଇ ରହିବ। ତମର ମହାନତା ପାଇଁ ଆମେ ସମସ୍ତେ ଚିରଋଣୀ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ କାମନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ, ପୁତ୍ର, ପୁତ୍ରବଧୂ, ନାତି, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୧୯୩୨୯

**ଏକାଦଶାହ ଉପଲକ୍ଷେ**



**ସ୍ୱର୍ଗତ ବସନ୍ତ କୁମାର ଦାସ**
ଗ୍ରାମ: ତିରଣ, ଜଗତ୍‌ସିଂହପୁର
ଆବିର୍ଭାବ: ୧୯।୦୩।୧୯୫୩
ତିରୋଧାନ: ୧୩।୧୨।୨୦୨୦
ଆପଣ ଅବେଳରେ ଆମ ସମସ୍ତଙ୍କୁ ଶୋକ ସାଗରରେ ଭସାଇ ପରଲୋକକୁ ଚାଲିଗଲେ। ଆଜି ଏକାଦଶାହରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୬୯୬୬୬

# କଦଳୀରେ ଝାଉଁଳା ରୋଗ



**କ**ଦଳୀ ଗଛରେ କବକଜନିତ ଝାଉଁଳା ରୋଗ ହୋଇଥିଲେ ଏହାର ଦମନ ଲାଗି ଆକ୍ରାନ୍ତ ଗଛକୁ ଉପାଡି ପୋଡିଦିଅନ୍ତୁ। ଆଉ ମୂଳରେ ପ୍ରତି ଲିଟର ପାଣିରେ ୨ ଗ୍ରାମ୍ ହିସାବରେ କାର୍ବେଣ୍ଡାଜିମ୍ ମିଶାଇ ସିଞ୍ଚନ କରନ୍ତୁ କିମ୍ବା ପ୍ରତି ଗଛମୂଳରେ ୫ଗ୍ରାମ୍ କାର୍ବେଣ୍ଡାଜିମ୍ ପୁଡିଆ କରି ରଖି ଦିଅନ୍ତୁ। ପତ୍ରଦାଗ ରୋଗର ଦମନ ଲାଗି ପ୍ରତି ଲିଟର ପାଣିରେ ୧ ମିଲି ହିସାବରେ ପ୍ରୋପିକୋନାଜୋଲ୍ ମିଶାଇ ସିଞ୍ଚନ କରନ୍ତୁ। କଦଳୀରେ ଜଉପୋକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ପତ୍ରକୋଣକୁ ଦେଖାଇ ସିଞ୍ଚନ କରନ୍ତୁ। ସୂତ୍ରଜୀବ ଦ୍ୱାରା ଆକ୍ରାନ୍ତ କଦଳୀଗଛ ଛୋଟ ହେବା ସହିତ ପତ୍ର ସଂଖ୍ୟା ବି କମି ଯାଇଥାଏ। ଏହାର ଦମନ ପାଇଁ ପ୍ରତି ଗଛ ମୂଳରେ ୩୦ଗ୍ରାମ କାର୍ବୋଫୁରାନ୍ କିମ୍ବା ୫୦୦ଗ୍ରାମ୍ ନିମ୍ବ ପିଡିଆ ପ୍ରୟୋଗ କରନ୍ତୁ।

# କପାରେ ଜଉ ପୋକ ଲାଗିଲେ...



**କ**ପା ପତ୍ର ପ୍ରତି ୨ଟି ପୂର୍ଣ୍ଣାଙ୍ଗ ପତ୍ରଡିଆଁ ପୋକ ବା ୫୦ଟି ପତ୍ରରେ ୫୦-୧୦୦ଟି ଅର୍ଭକ ଦେଖାଗଲେ ପ୍ରତି ଲିଟର ପାଣିରେ ୨ ମିଲି ମିଥାଇଲ୍ ଅକ୍ସି ଡେମିଟନ୍ ମିଶାଇ ସକାଳବେଳା ଶୁଖିଲାପାଗ ଦେଖି ସିଞ୍ଚନ କରନ୍ତୁ। ଜଉପୋକ,ପତ୍ରଡିଆଁ ପୋକ ଆଦି ଶୋଷକ କୀଟ ଆକ୍ରମଣକୁ କିଛି ପରିମାଣରେ ସହ୍ୟ କରାଯାଇପାରେ। କିନ୍ତୁ ଅତ୍ୟଧିକ ହେଲେ ଏକର ପ୍ରତି ୫୦ମିଲି ଇମିଡାକ୍ଲୋପ୍ରିଡ୍ କିମ୍ବା ଥାୟୋମେଥୋକ୍ସାମକୁ ସିଞ୍ଚନ କରନ୍ତୁ। ସଂବାଲୁଆ ପୋକର ଦମନ ପାଇଁ କୀଟନାଶକ ଔଷଧ ପ୍ରୟୋଗର ଆବଶ୍ୟକତା ନାହିଁ। କିନ୍ତୁ ଅଧିକ ହେଲେ ଏକର ପ୍ରତି ୧୦କିଗ୍ରା କ୍ଲୋରୋପାଇଫସ୍ ଗୁଣ୍ଡ ସକାଳବେଳା ପ୍ରୟୋଗ କରନ୍ତୁ।

# ଲାଭଜନକ ଷ୍ଟିଭିଆ



ପ୍ରତ୍ୟୁଷ ପଣ୍ଡା



**ଷ୍ଟି**ଭିଆର ବୈଜ୍ଞାନିକ ନାମ ଷ୍ଟିଭିଆ ରେବୁଡିଆନା। ଏହା ଏକ ଗୁଳ୍ମ। ଏହାର ପତ୍ର ବ୍ୟବହାରରେ ଲାଗେ। ପତ୍ରର ଆକୃତି କଳା ତୁଳସୀ ପତ୍ର ପରି କିନ୍ତୁ ଏଥିରେ ଡେଙ୍ଗ ନ ଥାଏ। ଅରଖ ପତ୍ର ପରି ବିପରୀତ ଦିଗକୁ ଯୋଡ ହୋଇ ଗଛ ଓ ଡାଳରେ ସଜ୍ଜିତ ହୋଇଥାନ୍ତି। ତଳ ଯୋଡ ଓ ଉପରଯୋଡ ବିନ୍ୟାସ ସମକୋଷୀ। ପତ୍ର ଅଧାରୁ ଉପର ଦୁଇଧାର ସାମାନ୍ୟ ଦନ୍ତୁରିତ ହୋଇଥାଏ। ଫୁଲ ରଙ୍ଗ ଧଳା ଓ ଆକାରରେ ଛୋଟ।

**ବ୍ୟବହାରିକ ରଙ୍ଗ :** କେବଳ ପତ୍ର ଯଥାକ୍ରମେ ଚିନିଠାରୁ ୩୦ରୁ ୩୦୦ ଗୁଣ ମିଠା। କିନ୍ତୁ ଗ୍ଲୁକୋଜ ମୁକ୍ତ, ରକ୍ତରେ ମିଶି ମଧୁମେହ ବା ଅନ୍ୟ ଆନୁଷଙ୍ଗିକ ରୋଗ ସୃଷ୍ଟିର ଭୟ ନ ଥାଏ। ସ୍ୱାସ୍ଥ୍ୟ ପାଇଁ ନିରାପଦ। ତେଣୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତି ଲାଗି ମିଠା, ମହକ, ସ୍ୱାଦବର୍ଦ୍ଧକ ଇତ୍ୟାଦିରେ ଚିନି ଓ ସାକାରିନ ବଦଳରେ ଏହାର ବ୍ୟବହାର ଅନୁମୋଦିତ। ଔଷଧ ରୂପେ ରକ୍ତଚାପ, ଚର୍ମରୋଗ, ଦାନ୍ତ ମାଢି କ୍ଷୟ ଇତ୍ୟାଦି ପାଇଁ ବ୍ୟବହାର ହୁଏ। ମଧୁମେହ ରୋଗୀଙ୍କ ଅଗ୍ନାଶୟରୁ ଇନ୍‌ସୁଲିନ ହରମୋହନ କ୍ଷରଣକୁ ଉଜ୍ଜୀବିତ କରେ।



**ଚାଷ ପ୍ରଣାଳୀ :** ଏହାର ଚାଷ ଅତ୍ୟନ୍ତ ଲାଭଜନକ, ଓଡ଼ିଶା ଜଳବାୟୁ ଷ୍ଟିଭିଆ ଚାଷ ପାଇଁ ଉପଯୋଗୀ।

**ମୃତ୍ତିକା :** ନିଗିଡା ବାଲିଆ ଦୋରସା ପିଏଚ୫-୭, ଆର୍ଦ୍ରତା ୮୦% ଜଳ ଧରି ରଖୁଥିବା ମାଟିରେ ଏହି ଫସଲ ବହୁତ ଭଲ ବଢିପାରେ। ଲୁଣି, କ୍ଷାରୀ ମାଟି ଉପଯୋଗୀ ନୁହେଁ, ମୂଳରେ ପାଣି ଜମିବା ସହିପାରେ ନାହିଁ ଏହି ଗଛ। ତେଣୁ ବର୍ଷାଦିନରେ ଜଳ ନିଷ୍କାସନର ବ୍ୟବସ୍ଥା କରିବା ଆବଶ୍ୟକ। ସମୁଦ୍ର ପତ୍ତନରୁ ୨୦୦ରୁ ୪୦୦ମିଟର ଉଚ୍ଚ ସ୍ଥାନରେ ଏହା ଚାଷ ହୋଇପାରିବ। ଦିନ ଦୀର୍ଘତା ୧୨-୧୩ଘଣ୍ଟା, ସ୍ୱଚ୍ଛ ସୂର୍ଯ୍ୟାଲୋକ ଓ ଉଷ୍ଣତା ଲାଗି ରହିଲେ ଅଙ୍ଗୀୟ ବୃଦ୍ଧି ଭଲ ହୁଏ। ପତ୍ର ପରିମାଣ ଓ ଗୁଣ ଅଧିକ ହୁଏ। ଦିନ ଦୀର୍ଘତା ୧୨ଘଣ୍ଟାରୁ କମ ହେଲେ ଗଛରେ ଫୁଲ ଧରେ।

## ଜମି ପ୍ରସ୍ତୁତି

**ଗୁ**ଣ୍ଡ ଚାଷ କରି ଶେଷ ଓଡ ଚାଷ ବେଳେ ହେକ୍ଟର ପ୍ରତି ୫୦ଟନ ଖତ ବା କମ୍ପୋଷ୍ଟ ୪୦:୨୦:୩୦ କେଜି ଯବକ୍ଷାରଜାନ ଫସଫରସ, ପଟାସ ପ୍ରୟୋଗ କରିବା, ଯବକ୍ଷାରଜାନରୁ ଅଧା ମୂଳସାର ଓ ଅନ୍ୟ ଅଧା ଦୁଇ ଥରରେ ଲଗାଇବାର ଏକମାସ ଓ ଦୁଇ ମାସରେ ଦେବା ଭଲ । ଅଣୁସାର ବୋରନ ଓ ମାଙ୍ଗାନିଜ ସ୍ପ୍ରେ କରିବା ଆବଶ୍ୟକ ହୁଏ ।

**ବଂଶ ବିସ୍ତାର:** ମଞ୍ଜିରୁ ଚାରା ପ୍ରସ୍ତୁତ କରିବା ଏକ ଜଟିଳ ପଦ୍ଧତି। ତେଣୁ କଟାକାଣ୍ଡ ବା ପୂର୍ବପ୍ରସ୍ତୁତ ଚାରା ଲଗାଯାଏ। ନୂଆ କାଣ୍ଡ ଆଗ ଆଡୁ ୪ ପବ ବିଶିଷ୍ଟ (ପ୍ରାୟ ୧୫ସେମି) ଲମ୍ବ ଖଣ୍ଡମାନ କରି କାଟନ୍ତୁ। କଟା ଅଂଶକୁ ଚେର ବୃଦ୍ଧି କରିବା ଉଦ୍ରେକକାରୀ ହରମୋନ୍ ଯଥା ସେରାଡେକ୍ସ କିମ୍ବା ପାକ୍ଲୋ କ୍ରୁଟାଜଲ ୧୦୦ ପିପିଏମ ଦ୍ରବଣରେ ପ୍ରାୟ ୧ମିନିଟ ବୁଡାଇ ଲଗାନ୍ତୁ।

**ଲଗାଇବା ସମୟ:** ସାଧାରଣତଃ ଫେବୃୟାରୀ, ମାର୍ଚ୍ଚ ମାସରେ ଏହି ଗଛ ଲଗାଯାଏ କିନ୍ତୁ ବର୍ଷାଦିନେ ଏହି ଗଛ କେବେ ଲଗାଇବେନି।



**ଲଗାଇବା ପ୍ରଣାଳୀ:** ଧାଡି ଧାଡି ମଧ୍ୟରେ ୪୦ସେମି ଓ ଗଛ ଗଛ ମଧ୍ୟରେ ୩୦ସେମି ବ୍ୟବଧାନ ରଖି ଚାରା ଚାଖଣ୍ଡ ଲଗାନ୍ତୁ। ଜମି ପ୍ରସ୍ତୁତ ବେଳେ ଧାଡିଗୁଡିକ ପ୍ରାୟ ୧୫ସେମି ଉଚ୍ଚ କରନ୍ତୁ।

**ଜଳସେଚନ:** ଷ୍ଟିଭିଆ ଫସଲ ଜଳ କଷ୍ଟ ସହିପାରେ ନାହିଁ। ସର୍ବଦା ମାଟିର ଚେର ୮୦ପ୍ରତିଶତ ରହିବା ଭଳି ଜଳସେଚନ ବ୍ୟବସ୍ଥା କରନ୍ତୁ। ଖରାଦିନେ ମାଟି ଅନୁସାରେ ୩ରୁ ୭ଦିନ ଥରେ ପାଣି ଦିଅନ୍ତୁ। ଛିଞ୍ଚା ବା ବୁନ୍ଦା ଜଳସେଚନ ସୁବିଧାଜନକ।

**କିସମ:** ଏମଡିଏସ-୧୩, ଏମଡିଏସ-୧୪, ଭାରତୀୟ କୃଷି ଅନୁସନ୍ଧାନ ପରିଷଦରୁ ବାହାରିଛି। ଆଉ ମଧ୍ୟ ବିଭିନ୍ନ କମ୍ପାନୀର ମଧୁ ଷ୍ଟିଭିଆ, ମିଠି ଷ୍ଟିଭିଆ ନାମରେ ବଜାରରେ ମିଳୁଛି କିମ୍ବା ବିଭିନ୍ନ ଇ-କମର୍ସ ସାଇଟରେ ମିଳୁଛି।

**ଘାସବଛା:** ଗଛ ବଡ ହେବା ଯାଏଁ କୋଡା ଖୁସା ଓ ହାତବଛା କରି ଫସଲକୁ ଘାସମୁକ୍ତ ରଖନ୍ତୁ।

**ରୋଗପୋକ:** ଫସଲରେ ରୋଗପୋକ ସମସ୍ୟା ପ୍ରାୟ ଦେଖାଯାଏ ନାହିଁ। ମାଟିରେ ବୋରନ ଅଭାବ ହେଲେ ପତ୍ର ଛୋଟବଡ କଳାଦାଗ, କାଣ୍ଡରେ ଛିଟା ଓ ଧଳା ରେଶମି ଘେର, ପତ୍ର ଝାଉଁଳା ଦେଖାଯାଏ। ବୋରନ ୬% ଓ ନିମ୍ବଜାତ କୀଟନାଶକ ୫% ସ୍ପ୍ରେ ଅବସ୍ଥା ସୁଧାରି ନିଏ।

**ଫୁଲ ଝଡାଇବା:** ପ୍ରଥମ ଫସଲରେ ୩୦ଦିନରେ ଓ ମୂଳି ଫସଲରେ ୪୦ଦିନରେ ଫୁଲ ଧରେ। ଫୁଲ ରହିଲେ ପତ୍ର ପରିମାଣ ଓ ଗୁଣ କମିଯାଏ। ତେଣୁ ଫୁଲକୁ ଝଡାଇ ଦିଅନ୍ତୁ।

**ଫସଲକଟା:** ଫସଲ ଲଗାଯିବାର ପ୍ରାୟ ୩୦ରୁ ୪୦ଦିନ ବେଳକୁ କଢ ଧରେ। ସେତିକି ବେଳେ ଭୂମି ଉପରୁ ପ୍ରାୟ ୮ସେମି ରଖି ଗଛକୁ କାଟି ଖରାରେ ୯ରୁ ୧୦ଘଣ୍ଟା କିମ୍ବା ସ୍ୱତନ୍ତ୍ର ଚୁଲା ଉପରେ ଶୁଖାନ୍ତୁ। ଚୁଲାରୁ ଅଧିକ ତାପ ପାଇଲେ ପତ୍ର ଗୁଣହାନି ହୁଏ। ଶୁଖିଲା ପରେ କାଣ୍ଡରୁ ପତ୍ରକୁ ଅଲଗା କରି ମୁଣିରେ ଭରି ପ୍ରକ୍ରିୟାକରଣ ପାଇଁ ପଠାଯାଏ।

**ଅମଳହାର:** ବର୍ଷକୁ ହେକ୍ଟର ପ୍ରତି ୧୦ରୁ ୧୨ଟନ ଶୁଖିଲା ପତ୍ର ମିଳେ, ଠିକ୍ ଭାବେ ଚାଷ କଲେ ୫ରୁ ୭ବର୍ଷ ଧରି ଲାଭଜନକ ଅମଳ ମିଳିଥାଏ।

**ହେକ୍ଟର ପ୍ରତି ଆୟ ଓ ବ୍ୟୟର ମୋଟାମୋଟି ହିସାବ :** ଏକ କିଗ୍ରା ଷ୍ଟିଭିଆ ପତ୍ରର ଦାମ ୧୦୦ଟଙ୍କା,ତେବେ ୧୦ଟନକୁ ହିସାବକୁ ନେଲେ ୧୦,୦୦୦,୦୦ଟଙ୍କା ଆୟ ହୁଏ। ବ୍ୟୟ ପ୍ରଥମ ବର୍ଷ ପ୍ରାୟ ୪ଲକ୍ଷ ଓ ପରବର୍ତ୍ତୀ ବର୍ଷଗୁଡ଼ିକରେ ମୂଳ ଫସଲ ପରିଚାଳନା ପାଇଁ ଏକ ଲକ୍ଷ ତିରିଶ ହଜାର ଟଙ୍କା ବ୍ୟୟ ହେବ। ଆୟ ପ୍ରତିବର୍ଷ ପ୍ରାୟ ୬ଲକ୍ଷ ହେବ।

-୩ୟ ବର୍ଷ କୃଷି ଛାତ୍ର
ମୋ : ୭୮୭୩୮୨୭୮୩୦

# ବାଟ ଦେଖାଇଛି ବାୟୋ ଫ୍ଲକ



**ସଫଳ ଚାଷୀ**
ମହେଶ୍ୱର ସାମଲ

**ଭ**ଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ସରସଦା ପଞ୍ଚାୟତ ତୁଳସୀପୁର ଗ୍ରାମର ୩୩ ବର୍ଷ ବୟସ୍କ ମହେଶ୍ୱର ସାମଲ ଓରଫ ଟୁନା (ବାପା-ସ୍ୱର୍ଗତ କୈଳାଶ ଚନ୍ଦ୍ର ସାମଲ, ମା-ଶାନ୍ତିଲତା ସାମଲ, ମୋ : ୮୮୪୭୮୬୬୮୨୯)। କରୋନା ମହାମାରୀ ସମୟରେ ତାଙ୍କୁ ଏକ ନୂଆ ବାଟ ଦେଖାଇଥିଲା ବାୟୋ ଫ୍ଲକ୍ (କୁଣ୍ଡ ପ୍ରଣାଳୀ ମାଛ ଚାଷ)। ଘରେ ପାଞ୍ଚ ପ୍ରାଣୀ କୁଟୁମ୍ବ। ଏପଟେ ଯେଉଁ କାମରୁ ସେ କିଛି ରୋଜଗାର କରୁଥିଲେ କରୋନା ପାଇଁ ତାହା ବନ୍ଦ ହୋଇଗଲା। କିପରି ପରିବାର ଚଳାଇବେ ସେହି ଚିନ୍ତା ତାଙ୍କୁ ଘାରିଲା। ଏହି ସମୟରେ କୁଣ୍ଡ ପ୍ରଣାଳୀ ମାଛ ଚାଷ କରିବାକୁ ମନସ୍ଥ କରିଥିଲେ। ଏ ସମ୍ପର୍କରେ ମହେଶ୍ୱର କହନ୍ତି, 'ଯୁକ୍ତ ଦୁଇ ପରେ ୨୦୦୭ରେ ହାଇଦ୍ରାବାଦ ପଳାଇଥିଲି। ସେଠାରେ ଏକ କମ୍ପାନୀରେ ରହି ରାସ୍ତା ଢଳେଇ କାମରେ ବ୍ୟବହୃତ ମିକ୍ସର ଗାଡି ଚଲାଇ ଯାହା ରୋଜଗାର କରୁଥିଲି ସେଥିରେ ଯେନତେନ ପରିବାର ଚଳୁଥିଲା। ୨୦୧୭ରେ ଭୁବନେଶ୍ୱର ଆସି ସେହି କାମ ଚାଲୁ ରଖିଲି। ହେଲେ କରୋନା ଯୋଗୁ ସବୁ କାମ ବନ୍ଦ ହୋଇଯିବା



ପରେ ବାଧ୍ୟ ହୋଇ ନିଜ ଗ୍ରାମକୁ ଫେରିଆସିଥିଲି। ଭୁବନେଶ୍ୱରରେ ଥିବା ବେଳେ ୟୁଟ୍ୟୁବ୍‌ରେ ବାୟୋ ଫ୍ଲକ ସମ୍ପର୍କରେ ଦେଖି କିଛି ଜ୍ଞାନ ହାସଲ କରିଥିଲି। ତା'ସହ ଭୁବନେଶ୍ୱରସ୍ଥିତ ଯାଆଁଳାରେ ଥିବା ଚନ୍ଦ୍ରଶେଖର ଆଚାର୍ଯ୍ୟଙ୍କ ଫାର୍ମ ହାଉସ ବୁଲି ବାୟୋ ଫ୍ଲକ ସମ୍ପର୍କରେ ତାଙ୍କ ପାଖରୁ ତାଲିମ ନେଇଥିଲି। ଏହି ଚାଷ ପାଇଁ ବର୍ତ୍ତମାନ ସୁଦ୍ଧା ପ୍ରାୟ ୨ ଲକ୍ଷ ଟଙ୍କା ଖର୍ଚ୍ଚ କରିସାରିଲିଣି।' ନିଜକୁ ଏଥିନେଇ ପ୍ରସ୍ତୁତ ହେବା ପରେ ସେ କୋଲକାତା ଯାଇ ବାୟୋ ଫ୍ଲକ୍ ପାଇଁ ଆବଶ୍ୟକ ସମସ୍ତ ସରଞ୍ଜାମ କିଣିଥିଲେ। ପ୍ରଥମେ ଦୁଇଟି କୁଣ୍ଡ କରି ଆରମ୍ଭ କଲେ ଏହି ପ୍ରଣାଳୀରେ ମାଛ ଚାଷ। ଏଥିରେ ସଫଳତା ହାସଲ ପରେ ବର୍ତ୍ତମାନ ଚାରିଟା କୁଣ୍ଡରେ ଏହି ଚାଷ ଚାଲିଛି। ଦଶ ହଜାର ଲିଟରବିଶିଷ୍ଟ କୁଣ୍ଡ ତିଆରି ହୋଇଛି। ଏହି କୁଣ୍ଡରେ ଭିଏତନାମା କଉ, ରୂପଚାନ୍ଦି, ତେଲଟିଆ, ରୋହୀ, ଭାକୁର, ମୀରଆଦି ମାଛ ଚାଷ କରୁଛନ୍ତି। ବଜାରରେ କଉ ମାଛ ୩୦୦ ଟଙ୍କାରେ ବିକ୍ରି ହେଉଥିବା ବେଳେ ଆଧୁନିକ ପ୍ରଣାଳୀରେ ମହେଶ୍ୱର ମାଛ ଚାଷ କରି ୨୦୦ ଟଙ୍କାରେ ବିକ୍ରି କରୁଛନ୍ତି। ଅନ୍ୟ ମାଛ ୧୨୦ଟଙ୍କା, ୯୦ ଟଙ୍କା ଓ ୮୦ ଟଙ୍କାରେ ବିକ୍ରି କରୁଛନ୍ତି।

ଏହି ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି ମହେଶ୍ୱର। ଏହି ଚାଷ ପାଇଁ ତାଙ୍କୁ ସହଯୋଗ କରୁଛନ୍ତି ଦାଦା କୈଳାସ ସାମଲ ଓ ଭାଇ ଜୀବନଜ୍ୟୋତି ଏବଂ ଦୀପକ। ମହେଶ୍ୱର କୁଣ୍ଡ ଚାଷ ନିକଟରେ ଥିବା ଚାଷ ଜମିକୁ ପୋତି କୁଣ୍ଡ ଚାଷ ବଢାଇବାକୁ ଇଚ୍ଛା କରୁଥିଲେ ମଧ୍ୟ ଅଧିକ ଅର୍ଥର ଆବଶ୍ୟକତା ଥିବା ପ୍ରକାଶ କରିଛନ୍ତି। ଆବଶ୍ୟକ ସରକାରୀ ସହଯୋଗ ମହେଶ୍ୱରଙ୍କୁ ମିଳିଲେ କୁଣ୍ଡ ପ୍ରଣାଳୀରେ ମାଛ ଚାଷ କରି ଅଞ୍ଚଳରେ ରହିଥିବା ମାଛ ଚାହିଦାକୁ ଅନେକାଂଶରେ ପୂରଣ କରିପାରିବେ ବୋଲି ଆଶା ରଖିଛନ୍ତି ଏହି ସଫଳ ଚାଷୀ।

-ଦେବେନ୍ଦ୍ର ଆନ୍ଦିଆ

# ଚିନ୍ତା ବଢ଼ାଇଛି ପରିବର୍ତ୍ତିତ ଜଳବାୟୁ



ଡ. ପରେଶ କୁମାର ପଣ୍ଡା







**ଜା**ତୀୟ କୃଷକ ଦିବସ ବା କିଷାନ ଦିବସକୁ ପ୍ରତିବର୍ଷ ଡିସେମ୍ବର ୨୩ ତାରିଖରେ ପାଳନ କରାଯାଏ। ଏହି ଦିବସଟି ଆମ ଦେଶର ପଞ୍ଚମ ପ୍ରଧାନମନ୍ତ୍ରୀ ଚୌଧୁରୀ ଚରଣ ସିଂଙ୍କ ଜନ୍ମ ଦିବସ, ଯିଏ ଜଣେ କୃଷକ ନେତା ରୂପେ ଭାରତୀୟ କୃଷକଙ୍କ ଉନ୍ନତି ଉଦ୍ଦେଶ୍ୟରେ ଅନେକ ଯୋଜନା ପ୍ରଣୟନରେ ଅଗ୍ରଣୀ ଭୂମିକା ନେଇଥିଲେ। ଏହି ଦିବସକୁ ଭାରତ ସରକାର ୨୦୦୧ରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ମାଧ୍ୟମରେ ପାଳନ କରି ଆସୁଛନ୍ତି। ଯଥା କୃଷିପ୍ରଧାନ ରାଜ୍ୟ ଉତ୍ତରପ୍ରଦେଶ, ପଞ୍ଜାବ, ହରିୟାଣା ଓ ମଧ୍ୟପ୍ରଦେଶରେ ବେଶ୍ ଭଲରୂପେ ପାଳିତ ହୋଇଥାଏ।

ବିଶ୍ୱରେ ଆମ ଦେଶ ଦ୍ୱିତୀୟ ବୃହତ୍ତମ କୃଷି ଅର୍ଥନୈତିକ ଦେଶ ରୂପେ ପରିଚିତ। ୧୯୬୮ରେ ସବୁଜ ବିପ୍ଳବର କାର୍ଯ୍ୟକାରୀ ହୋଇଥିବାରୁ ଆମେ ଖାଦ୍ୟଶସ୍ୟ ଉତ୍ପାଦନରେ ସ୍ୱାବଲମ୍ବନଶୀଳ ହୋଇପାରିଲେ। ଫଳରେ ଅଧିକ ରାସାୟନିକ ସାର ଏବଂ କୀଟନାଶକ ଔଷଧର ବ୍ୟବହାର ଅପରିହାର୍ଯ୍ୟ ଥିଲା। ସାମ୍ପ୍ରତିକ କାଳରେ ରାସାୟନିକ ପଦାର୍ଥର ଭୟାନକ ପରିଣାମରୁ ମୁକ୍ତି ଓ ନିରାକରଣ ନିମନ୍ତେ ଉନ୍ନତ କୃଷି କାର୍ଯ୍ୟପ୍ରଣାଳୀ ଓ ମିତବ୍ୟୟୀ ଜୀବନାଶକ ତଥା ଜୈବିକ କୌଶଳ ଅବଲମ୍ବନ ମାଧ୍ୟମରେ ମାନବ ସମାଜ ଏବଂ ପରିବେଶକୁ ସୁସ୍ଥ ରଖାଯାଇପାରିବା ଦିଗରେ କାର୍ଯ୍ୟକ୍ରମ ସବୁ ସ୍ତରରେ କରାଯାଉଛି। ଦେଶ ତଥା ରାଜ୍ୟରେ ପରିବର୍ତ୍ତିତ ଜଳବାୟୁ ସହିତ ଭୂତଳ ଜଳସ୍ତରର ହ୍ରାସ ଆମକୁ ଚିନ୍ତାରେ ପକାଉଛି ଏବଂ ତାହାର ନିରାକରଣ ନିମନ୍ତେ ଚେଷ୍ଟା କରାଯାଉଛି। ଜଳର ସୁବିନିଯୋଗ ଓ ସଂରକ୍ଷଣ ଆଜିର ଆହ୍ୱାନ ହୋଇଛି।

ଅନ୍ୟ ରାଜ୍ୟ ତୁଳନାରେ ଏବଂ ଆମ ରାଜ୍ୟର ବିଭିନ୍ନ ଜିଲାରେ ଫସଲ ଉତ୍ପାଦକତା ହାରରେ ତଫାତ୍ ବଢୁଛି। ଯାହାକୁ ହ୍ରାସ କରିବା ନିମନ୍ତେ କୃଷି ସମ୍ବଳର ସୁବିନିଯୋଗ, ଫସଲ ବିବିଧକରଣ, ଅତ୍ୟାଧୁନିକ କୃଷି ପ୍ରଯୁକ୍ତି ବିଦ୍ୟାରେ ପ୍ରବର୍ତ୍ତନ ଜରୁରୀ। ରାଜ୍ୟ ସରକାର ଓ କୃଷି ବିଭାଗ ବିଭିନ୍ନ ଯୋଜନା ଓ ପରିଯୋଜନା ମାଧ୍ୟମରେ କୃଷି ଓ କୃଷକ ସଶକ୍ତୀକରଣ ଉପରେ ପ୍ରାଧାନ୍ୟ ଦେଉଛନ୍ତି; ଯାହା ଦ୍ୱିତୀୟ ରାଜ୍ୟଭାବେ ସ୍ୱତନ୍ତ୍ର କୃଷି ବଜେଟରେ ସ୍ଥାନ ପାଇଛି। ବର୍ତ୍ତମାନ ପ୍ରଧାନମନ୍ତ୍ରୀ କୃଷକଙ୍କର ଆୟ ୨୦୨୨ ମସିହା ସୁଦ୍ଧା ଦ୍ୱିଗୁଣିତ କରିବା ନିମନ୍ତେ ଦଶସୂତ୍ରୀ ଯୋଜନା ଆରମ୍ଭ କରିଛନ୍ତି। ଏହି ଲକ୍ଷ୍ୟ ହାସଲ ନିମନ୍ତେ ଅନେକ ବିଷୟକୁ କାର୍ଯ୍ୟକାରୀ କରିବା ପ୍ରୟୋଜନ। ସେସବୁ ମଧ୍ୟରେ କୃଷି ଉତ୍ପାଦକତାରେ ବୃଦ୍ଧି, କୃଷି ସମ୍ବଳଗୁଡିକର ଦକ୍ଷ ବ୍ୟବହାର, ଉତ୍ପାଦନ ଖର୍ଚ୍ଚ ହ୍ରାସ, ଉଚ୍ଚ ମୂଲ୍ୟଯୁକ୍ତ ଫସଲ ଦିଗରେ ବିବିଧକରଣ, ରୋଗପୋକ ପରିଚାଳନା କରି ଫସଲର କ୍ଷୟକ୍ଷତିକୁ କମାଇବା ଏବଂ ସର୍ବୋପରି କୃଷକଙ୍କୁ ଉନ୍ନତ ଜ୍ଞାନକୌଶଳ ବିଷୟରେ ଜଣାଇବା ଏବଂ ଯୋଗାଇଦେବା ଗୁରୁତ୍ୱପୂର୍ଣ୍ଣ।

କୃଷି ଉପାଦାନ କ୍ଷେତ୍ର କୃଷକର ଆୟ ବୃଦ୍ଧିରେ ସକଳ ଭୂମିକା ତୁଲାଇଥାଏ। ସେସବୁ ମଧ୍ୟରେ ଉନ୍ନତ, ବିଶୋଧିତ, ଗୁଣାତ୍ମକ ବିହନ, ମୃତ୍ତିକା ପରୀକ୍ଷା ଭିତ୍ତିରେ ରାସାୟନିକ ଓ ଜୈବିକ ସାର ପ୍ରୟୋଗ, କୃଷି ରସାୟନର ମିତବ୍ୟୟୀ ଓ ସଫଳ ବ୍ୟବହାର ଏବଂ ଉତ୍ପାଦର ସମ୍ଭାବ୍ୟ ବଜାରର ବିକାଶ ରହିଛି। କୃଷିରେ ଜଳର ଆବଶ୍ୟକତା, ଦେଶରେ ୫୪ ପ୍ରତିଶତ ଅଞ୍ଚଳ ଜଳକ୍ଳିଷ୍ଟ ରହିଥିବା ଏବଂ ଦେଶରେ ସତେଜ ଜଳର ୮୦ ପ୍ରତିଶତ କୃଷିକ୍ଷେତ୍ରରେ ବ୍ୟବହାରକୁ ଦୃଷ୍ଟିରେ ରଖି ସିଞ୍ଚନ ଓ ବୁନ୍ଦା ଜଳସେଚନ ଉପରେ ୫୦-୯୦ ପ୍ରତିଶତ ରିହାତି ଦେଇ ପ୍ରାଧାନ୍ୟ ଦିଆଯାଉଛି। ଫସଲ ବୀମା କରାଯାଇ ଚାଷୀଙ୍କୁ ଭରସା ଦିଆଯାଉଛି। ଏସବୁ କହିବାର ଉଦ୍ଦେଶ୍ୟ ରାଜ୍ୟରେ ପ୍ରଚଳିତ ନୂତନ କୃଷିନୀତି-୨୦୧୩ରୁ ସହାୟତା ଓ ସାହାଯ୍ୟ ପାଇ ରାଜ୍ୟର କୃଷକ ଭାଇ ଓ ଭଉଣୀମାନେ କୃଷି ପ୍ରଗତିପଥେ ଆଗେଇ ନିଜର, ନିଜ ଅଞ୍ଚଳ ଓ ନିଜ ରାଜ୍ୟର ବିକାଶରେ ସକ୍ରିୟ ଭୂମିକା ତୁଲାଇପାରିବେ।

-ସରକାରୀ ବିହନ ପ୍ରମାଣନ ଅଧିକାରୀ
ଓସୋପ୍‌କା, ଭୁବନେଶ୍ୱର
ମୋ: ୭୨୦୫୦୯୬୦୮୦

# ଗୋରୁଙ୍କ ବଜବଜିଆ ରୋଗ ପ୍ରତିକାର



**ଗୋ**ରୁଙ୍କର ସାହାଣ, ବଜବଜିଆ ଓ ଫାଟୁଆ ରୋଗ ପାଇଁ ରକ୍ଷା ଏଫ୍.ଏମ୍.ଡି ଭେକ୍ସିନ୍ ଓ ଛେଳିମାନଙ୍କର ପିପିଆର ରୋଗ ଲାଗି ପିପିଆର ପ୍ରତିଷେଧକ ଟିକା ବ୍ୟବସ୍ଥା ଗ୍ରହଣ କରନ୍ତୁ। କୁକୁଡ଼ାମାନଙ୍କର ନାଲି ଝାଡ଼ା ହେଉଥିଲେ ଅଧା ଗ୍ରାମ ଫ୍ୟୁରାସଲକୁ ଏକ ଲିଟର ପାଣିରେ ମିଶାଇ ୩ଦିନ ପର୍ଯ୍ୟନ୍ତ ଦିଅନ୍ତୁ। କୁକୁଡ଼ାର ଘୁମା ରୋଗର ନିୟନ୍ତ୍ରଣ ସକାଶେ ୭ଦିନରେ ଲାସୋଟା ପ୍ରତିଷେଧକ ଟିକା ଓ ୧୩-୧୫ଦିନ ଭିତରେ ଆଇ.ବି.ଡି ଟିକା ଆଖିରେ ପକାଇବାର ବ୍ୟବସ୍ଥା କରନ୍ତୁ। ବନରାଜା ଓ ଗ୍ରାମପ୍ରିୟ କୁକୁଡ଼ା ପାଳନ ପ୍ରତି ଲୋକଙ୍କ ଆଗ୍ରହ ବଢୁଥିବା ଯୋଗୁ ଚିଆଁପାଇଁ ଆଞ୍ଚଳିକ ସରକାରୀ କୁକୁଡ଼ା ଫାର୍ମ ସହ ଯୋଗାଯୋଗ କରନ୍ତୁ। ଗୃହପାଳିତ ପ୍ରାଣୀଙ୍କୁ ଶୀତ ଦାଉରୁ ରକ୍ଷାକରିବା ପାଇଁ ଗୁହାଳରେ ଫାଙ୍କଥିବା ଜାଗାକୁ ଅଖାରେ ବନ୍ଦ କରନ୍ତୁ ଏବଂ ସୁବିଧା ଥିଲେ ଗୋରୁଙ୍କୁ ମଧ୍ୟ ଅଖାରେ ଘୋଡ଼ାଇ ଦିଅନ୍ତୁ। ଗୋରୁଙ୍କର ଫାଟୁଆ ରୋଗ ଓ ଛେଳିଙ୍କର ପିପିଆର ରୋଗ ଲାଗି ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ।

# ଆଖୁରେ କୀଟ ନିୟନ୍ତ୍ରଣ

**ଆ**ଖୁ ଚାଷରେ ଅଗବିନ୍ଧା ପୋକର ଦମନ ପାଇଁ ଟ୍ରାଇକୋଗ୍ରାମା ଚିଲୋନିସ୍ ନାମକ ପରାଶ୍ରୟୀ ଜୀବକୁ ଏକର ପ୍ରତି ୫୦ ହଜାର ସଂଖ୍ୟାରେ ଛାଡନ୍ତୁ। ଏହାଛଡା ଆଲୋକ ଯନ୍ତା ବସାଇ ପୂର୍ଣ୍ଣାଙ୍ଗ କୀଟଗୁଡିକୁ ଧରି ମାରି ଦିଅନ୍ତୁ ଅଥବା ଏକର ପ୍ରତି ୨୦୦ ଲିଟର ପାଣିରେ ୪୦୦ମିଲି ମନୋକ୍ରୋଟୋଫସ କିମ୍ବା କୁଇନାଲଫସ୍ ଔଷଧ ମିଶାଇ ସିଞ୍ଚନ କରନ୍ତୁ। ଦହିଆ ପୋକ ନିୟନ୍ତ୍ରଣ ପାଇଁ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଡାଇମେଥୋଏଟ୍ ମିଶାଇ ସିଞ୍ଚନ କରନ୍ତୁ। ନାଲି ସଢ଼ାରୋଗର ନିୟନ୍ତ୍ରଣ ଲାଗି ପ୍ରତିଲିଟର ପାଣିରେ ୨ ଗ୍ରାମ୍ କାର୍ବେଣ୍ଡାଜିମ୍ +ମାଙ୍କୋଜେବ୍ ମିଶାଇ ସିଞ୍ଚନ କରନ୍ତୁ।






ଓସିଏ ଆନ୍ତଃଜିଲା ସିନିୟର ଟି୨୦ରେ ଚାମ୍ପିୟନ କଟକ 'ଏ' ଦଳ ଟ୍ରଫି ସହ।

## ଚହଲ-ଧନଶ୍ରୀ ବାହାହେଲେ

**ନୂଆଦିଲ୍ଲୀ,୨୨।୧୨:** ଭାରତୀୟ କ୍ରିକେଟର ତଥା ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲ ଓ ତାଙ୍କ ବାନ୍ଧବୀ ଧନଶ୍ରୀ ବର୍ମା ବିବାହ କରିଛନ୍ତି। ସୋସିଆଲ ମିଡିଆରେ ଚହଲ ମଙ୍ଗଳବାର ତାଙ୍କ ବିବାହ ଫଟୋ ଶେୟାର କରିଛନ୍ତି। ସେମାନଙ୍କର ଅଗଷ୍ଟ ୮ରେ ନିର୍ବନ୍ଧ ହୋଇଥିଲା। ଧନଶ୍ରୀ ଜଣେ କୋରିଓଗ୍ରାଫର ଓ ସୋସିଆଲ ମିଡିଆରେ ବେଶ୍ ଚର୍ଚ୍ଚିତ ରହିଆସିଛନ୍ତି। ଏବେ ସବୁ ମହଲରୁ ଚହଲଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟିଛି। ଆଇପିଏଲ୍ ଖେଳିବା ଅବସରରେ ଉଭୟ ୟୁଏଇରେ କିଛି ସମୟ ଏକାଠି ବିତାଇଥିଲେ।

## କଟକ-ଏ' ଚାମ୍ପିୟନ

**ଓସିଏ ଆନ୍ତଃ ଜିଲା ସିନିୟର ଟି ୨୦**

**ଭୁବନେଶ୍ୱର, ୨୨।୧୨ (ସ୍ପୋର୍ଟ୍ସ ବ୍ୟୁରୋ):** ଭୁବନେଶ୍ୱର ଓ କଟକର ବିଭିନ୍ନ ଗ୍ରାଉଣ୍ଡରେ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) ଆନୁକୂଲ୍ୟରେ ଚାଲିଥିବା ଆନ୍ତଃ ଜିଲା ସିନିୟର ପୁରୁଷ ଟି ୨୦ କ୍ରିକେଟ ଲିଗ୍ ଶେଷ ହୋଇଛି। ଏଥିରେ କଟକ ଏ' ଚାମ୍ପିୟନ ହୋଇଛି। ମଙ୍ଗଳବାର ବାରବାଟୀ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲ ମ୍ୟାଚ୍‌ରେ କଟକ ଏ' ଇକୋର୍ସାକୁ ୭ ରନରେ ପରାସ୍ତକରି ଟାଇଟଲ ହାସଲ କରିଛି। ଟସ୍ ହାରି ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା କଟକ ୧୯.୫ ଓଭରରେ ୧୩୦ ରନକରିଅଲଆଉଟ ହୋଇଥିଲା। ଜବାବରେ ଇକୋର୍ସା ୭ ଉଇକେଟ ହରାଇ ୧୨୩ ରନରେ ସୀମିତ ରହି ପରାସ୍ତ ହୋଇଥିଲା। ମୁଖ୍ୟ ଅତିଥିଭାବେ ଓସିଏ ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା, ସଭାପତି ପଙ୍କଜ ଲୋଚନ ମହାନ୍ତି, ଉପ ସଭାପତି ଅକ୍ଷୟ କୁମାର ସାମନ୍ତ, ସମ୍ପାଦକ ସଞ୍ଜୟ ବେହେରା, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଓ ଆପେକ୍ସ କାଉନସିଲ ସଦସ୍ୟ ସୁବାଶିସ୍ ସେନାପତି ଫାଇନାଲ ମ୍ୟାଚ୍‌ରେ ଯୋଗଦେଇ କଟକ ଏ' ଦଳକୁ ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ।

## କୋଚିଂ ଷ୍ଟାଫ୍‌ଙ୍କ କାର୍ଯ୍ୟ

**ଭିଭିଏସ୍ ଲକ୍ଷ୍ମଣ**




ଆଡିଲେଡ୍ ଟେଷ୍ଟରେ ଲଜ୍ଜାଜନକ ପ୍ରଦର୍ଶନ ଭାରତୀୟ ଦଳର ସମସ୍ତ ଖେଳାଳିଙ୍କୁ ଖୁବ୍ ବାଧିଥିବ। ପ୍ୟାଟ୍ କୁମିନ୍ସ ଓ ଜୋସ୍ ହାଜେଲଉଡ୍‌ଙ୍କ ଲକ୍ଷ୍ୟଭେଦୀ ବୋଲିଂକୁ ସାମ୍ନା କରିବା ପ୍ରକୃତପକ୍ଷେ ସହଜ ନ ଥିଲା। ସିରିଜର ଗୋଟିଏ ମ୍ୟାଚ ସରିଛି। ଆଉ ତିନୋଟି ବାକି ରହିଛି। ପ୍ରଥମ ଟେଷ୍ଟରେ ପରାଜୟ ଯୋଗୁ ଖେଳାଳିମାନେ ଚାପରେ ଥିବା ସ୍ୱାଭାବିକ। ନିୟମିତ ଅଧିନାୟକ ଅନୁପସ୍ଥିତ ରହିବେ। ଇଞ୍ଜୁରି ଯୋଗୁ ବୋଲର ମହମ୍ମଦ ସାମି ଖେଳିବେ ନାହିଁ। ବର୍ତ୍ତମାନ ପରିସ୍ଥିତିରେ ଦଳର ଖେଳାଳିମାନଙ୍କ ମାନସିକ ସ୍ଥିତି କ'ଣ ଥିବା ମୁଁ ତାହା ଅନୁମାନ କରିପାରୁଛି। ତେବେ ଏସବୁ ଭୁଲି ସକାରାତ୍ମକ ଭାବ ନେଇ ଅବଶିଷ୍ଟ ମ୍ୟାଚଗୁଡ଼ିକ ଖେଳିବା ଉଚିତ। ପ୍ରଭାବୀ ପ୍ରଦର୍ଶନ କରି ନୂଆ ହିରୋ ସୃଷ୍ଟି ହେବା ଲାଗି ସମୟ ଆସିଛି। ଆଡିଲେଡ୍ ଟେଷ୍ଟର ପ୍ରଥମ ଇନିଂସରେ ଭାରତ ଅତିକମ୍‌ରେ ୩୦୦ରନ ସଂଗ୍ରହ କରିବା ଉଚିତ ଥିଲା। ଅଷ୍ଟ୍ରେଲିଆ ଭଳି ଶକ୍ତିଶାଳୀ ଦଳ ବିପକ୍ଷରେ ୫ଟି କ୍ୟାଚ୍ ହାତଛଡ଼ା କରିବା ଦଳର ବଡ଼ ଦୁର୍ବଳତା। ଅଭ୍ୟାସ ଦ୍ୱାରା ଏହି ସମସ୍ୟାର ସମାଧାନ କରାଯାଇ ପାରିବ। ଭାରତୀୟ ପେସରମାନେ ଭଲ ବୋଲିଂ କରିଥିଲେ। ତେବେ ଚଳିତବର୍ଷ ବିଶେଷ ଖେଳିବାର ସୁଯୋଗ ନ ପାଇ ମଧ୍ୟ ଉମେଶ ଯାଦବ ଯେପରି ବୋଲିଂ କଲେ ତାହା ପ୍ରଶଂସା ଯୋଗ୍ୟ। ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ବୋଲିଂ ମଧ୍ୟ ବେଶ୍ ପ୍ରଭାବଶାଳୀ ପରିଲକ୍ଷିତ ହୋଇଛି। ଅବଶିଷ୍ଟ ତିନୋଟି ମ୍ୟାଚ ପାଇଁ ଦଳକୁ ସଜାଡିବା ବର୍ତ୍ତମାନ କୋଚିଂ ଷ୍ଟାଫ୍‌ଙ୍କ କାର୍ଯ୍ୟ।

-(ଗେମ୍‌ପ୍ଲାନ୍)







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ୩ ମନ୍ଦିରରୁ ସୁନା, ରୁପା ଅଳଙ୍କାର ଲୁଟ୍

ସାଲେପୁର,(ଡି.ଏନ୍.ଏ): ସାଲେପୁର ବ୍ଲକ ନରଦା ପଞ୍ଚାୟତ ଅନ୍ତର୍ଗତ ତୁଣ୍ଡପୁର ଗ୍ରାମର ୩ଟି ମନ୍ଦିରରୁ ଦୁର୍ବୃତ୍ତମାନେ ବୁଧବାର ବିଳମ୍ବିତ ରାତିରେ ସୁନା, ରୁପା ଅଳଙ୍କାର ସମେତ ଦାନବାକ୍ସରେ ଥିବା ଟଙ୍କା ଚୋରି କରିନେଇଛନ୍ତି। ଏହି ଗ୍ରାମର ଶ୍ରୀଜଗନ୍ନାଥ, ଶ୍ରୀଗଣେଶ ଏବଂ ଗ୍ରାମଦେବତୀ କଞ୍ଚନୀ ଠାକୁରାଣୀଙ୍କ ମନ୍ଦିରରୁ ଦୁର୍ବୃତ୍ତମାନେ ତାଲା ଭାଙ୍ଗି ସାମଗ୍ରୀ ନେଇଯାଇଛନ୍ତି। ସକାଳୁ ଗ୍ରାମବାସୀ ମନ୍ଦିରର ତାଲା ଭଙ୍ଗାଯାଇଥିବା ଦେଖି ଜଗତ୍ପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି।

### ସଂକ୍ଷେପରେ

## କଟକ ନଗର (ଜିଲା) କଂଗ୍ରେସର ସାଙ୍ଗଠନିକ ବୈଠକ

**କଟକ ଅଫିସ, ୨୨।୧୨:** କଟକ ନଗର (ଜିଲା) କଂଗ୍ରେସର ସାଙ୍ଗଠନିକ ବୈଠକ ପୁରୀଘାଟସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଧାୟକ ଡ. ଦେବାଶିଷ ପଟ୍ଟନାୟକ ବୈଠକରେ ଯୋଗଦେଇ କହିଥିଲେ, କଟକ ସହରରେ କଂଗ୍ରେସ ସଙ୍ଗଠନର ସକ୍ରିୟ ଭୂମିକା ରହିଛି। ଏଥିସହ ବ୍ଲକ ଓ ୱାର୍ଡ ସଙ୍ଗଠନଗୁଡିକର ପୁନଃଗଠନ ପ୍ରକ୍ରିୟାକୁ ପଟ୍ଟନାୟକ ସ୍ୱାଗତ କରିଥିଲେ। ବିଧାୟକ ଇଂ. ମହମ୍ମଦ ମୋକିମ ଯୋଗଦେଇଥିଲେ। କମିଟି ସଭାପତି ଗିରିବାଳା ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସନାତନ ପୃଷ୍ଟି, ଜିତେନ୍ଦ୍ର ଶତପଥୀ, ମଜିଦ୍ ଖାନ, କାଶୀନାଥ ମଲ୍ଲିକ, ନିକୁଞ୍ଜ ପଶାୟତ, ସ୍ନେହଲତା ଚୌଧୁରୀ, ତୃପ୍ତି ଦାସ, ସବିତା ସ୍ୱାଇଁ, ଶୈଳବାଳା ଜେନା, ଆର୍ଯ୍ୟବୀର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ ।

## ମାନସିକ ବିକାରଗ୍ରସ୍ତଙ୍କ ଏକାଦଶାହ କଲେ ସାମାଜିକ କର୍ମୀ

**ନିଶ୍ଚିନ୍ତକୋଇଲି, ୨୨।୧୨(ସ୍ୱ.ପ୍ର.):** ନିଶ୍ଚିନ୍ତକୋଇଲିରେ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଜଣେ ଅପରିଚିତ ମାନସିକ ବିକାରଗ୍ରସ୍ତ ବ୍ୟକ୍ତିଙ୍କ ମୃତଦେହ ସଂସ୍କାର ଓ ଏକାଦଶାହ କାର୍ଯ୍ୟ ପୋଲିସ ଓ ସାମାଜିକ କର୍ମୀ ମିଳିତ ହୋଇ କରିଛନ୍ତି। ନିଶ୍ଚିନ୍ତକୋଇଲି ସଚେତନ ନାଗରିକ ମଞ୍ଚ ପକ୍ଷରୁ ସ୍ଥାନୀୟ ସ୍କୁଲ ଖେଳ ପଡ଼ିଆରେ ଏକାଦଶାହ କାର୍ଯ୍ୟ ହୋଇଥିଲା। ଏହି ଅବସରରେ ମନୋଜ ମଲିକ, ବାପୁ ଦାସଙ୍କ ନେତୃତ୍ୱରେ ଏକ ସ୍ମୃତିସଭା ଆୟୋଜନ କରାଯାଇଥିଲା। ଏଥିରେ ସ୍ଥାନୀୟ ସରପଞ୍ଚ ରବୀନ୍ଦ୍ର ସେଠୀ, ଅଧ୍ୟକ୍ଷାଙ୍କ ପ୍ରତିନିଧି ଅଶୋକ ଓଝା, ଜିଲା ପରିଷଦ ସଭ୍ୟା ସବିତା ସାମଲ ପ୍ରମୁଖ ସାମିଲ ହୋଇଥିଲେ।

## ବିଜେଡି କାର୍ଯ୍ୟକାରିଣୀ

**ଚୌଦ୍ୱାର, ୨୨।୧୨(ଡି.ଏନ୍.ଏ.):** ଚୌଦ୍ୱାର ଥାନା ମଙ୍ଗରାଜପୁର କଲ୍ୟାଣମଣ୍ଡପରେ ବିଜେଡି କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଟାଙ୍ଗୀ-ଚୌଦ୍ୱାର ବ୍ଲକର ୫ ପଞ୍ଚାୟତରେ ବିଜେଡି ପ୍ରତିଷ୍ଠା ଦିବସ ପାଳନ ସମ୍ପର୍କରେ ଉକ୍ତ ବୈଠକରେ ଆଲୋଚନା ହୋଇଥିଲା। ବିଜେଡି ସମ୍ପାଦକ ସେକ୍ ସାହାଜାନଙ୍କ ଆବାହକତ୍ୱରେ ଆୟୋଜିତ ବୈଠକରେ ଆଠଗଡ଼ର ପୂର୍ବତନ ଚେୟାରମ୍ୟାନ ରଞ୍ଜନ ଆଚାର୍ଯ୍ୟ, ଅଶୋକ ରାଉତ, ନିରାକାର ଲେଙ୍କା, ମଧୁସ୍ମିତା ସେଠୀ, ସସ୍ମିତା ପରିଡା, ସୁକାନ୍ତ ରାଉତ, ମିନତି ସାମଲ ପ୍ରମୁଖ କରୋନା କଟକଣା ପାଳନ କରି କାର୍ଯ୍ୟକ୍ରମ ପରିଚାଳନା କରିବାକୁ ମତାମତ ରଖିଥିଲେ। ବୈଠକରେ ବହୁ ପୂର୍ବତନ ସରପଞ୍ଚ ଓ ଗ୍ରାମ ମୁରବୀ ଯୋଗଦେଇଥିଲେ।

# ୧୧ ହଜାର ବସ୍ତା ସିମେଣ୍ଟ ଜବତ

କଟକ ଅଫିସ, ୨୨।୧୨



ସିମେଣ୍ଟ ଗୋଦାମରେ ପୋଲିସର ଚଢ଼ାଉ।

କଟକ ଜଗତ୍ପୁର ଅଞ୍ଚଳରେ ଥିବା ଏକ ସିମେଣ୍ଟ ଗୋଦାମ ଉପରେ ମଙ୍ଗଳବାର ପୋଲିସ ଚଢ଼ାଉ କରିଥିଲା। ସେଠାରୁ ପ୍ରାୟ ୧୦ ହଜାର ବସ୍ତା ଏକ୍ସପାଏରି ସିମେଣ୍ଟ ଓ ୧ହଜାର ବସ୍ତା ଭଲ ସିମେଣ୍ଟ, ୫ହଜାର ପ୍ୟାକେଜିଙ୍ଗ ପଲିଥିନ, ଚାଲୁଣି, ହାତୁଡ଼ି ଆଦି ଜବତ କରାଯାଇଛି। ଏହି ଘଟଣାରେ ସଂସ୍ଥାର ଦେବେସ ଜୋଷୀ ନାମକ କର୍ମଚାରୀଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ଜଗତ୍ପୁର ଥାନାରେ ଏକ ମାମଲା (ନଂ.୫୩୫/୨୦) ରୁଜୁ ହୋଇଛି।

ପୋଲିସ ସୂଚନା ଅନୁଯାୟୀ, ଗୋଟିଏ ଟ୍ରକରେ ଅପମିଶ୍ରିତ ସିମେଣ୍ଟ ଲୋଡ୍ ହେଉଥିବାବେଳେ ଖବରପାଇ ପୋଲିସ ଟିମ୍ ସେଠାରେ ପହଞ୍ଚିଥିଲା। ଉକ୍ତ ଟ୍ରକରୁ ସିମେଣ୍ଟ ଜବତ କରିବାବେଳେ ପାଖରେ ଏକ ଗୋଦାମ ଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ଉକ୍ତ ଗୋଦାମରେ ଚଢ଼ାଉ କଲାବେଳେ ଅନେକ ତଥ୍ୟ ସାମ୍ନାକୁ ଆସିଥିଲା। ଏହି ଗୋଦାମରେ ଏକ୍ସପାଏରି ସିମେଣ୍ଟକୁ ମାର୍ତୁଲରେ ଭାଙ୍ଗି ପାଉଡର କରାଯାଉଥିଲା। ସେଥିରେ ଆଉକିଛି ଭଲ ସିମେଣ୍ଟ ମିଶାଇ ଅମ୍ବୁଜା ସିମେଣ୍ଟ ନାମରେ ପ୍ୟାକିଂ କରାଯାଇ ବଜାରକୁ ବିକ୍ରି ଉଦ୍ଦେଶ୍ୟରେ ଛଡାଯାଉଥିଲା। ଏହି ଚଢ଼ାଉରେ କଟକ ଜୋନ୍-୧ ଏସିପି, ଜଗତ୍ପୁର ଥାନା ଆଇଆଇସି ରବୀନ୍ଦ୍ର ମେହେରଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ସାମିଲ ଥିଲେ।

# ନକଲି ସସ୍, ମସଲା କମ୍ପାନୀ ଠାବ

### ୧୦ଲକ୍ଷ ଟଙ୍କାର ସାମଗ୍ରୀ ଜବତ, ମ୍ୟାନେଜର ଅଟକ

କଟକ ଅଫିସ, ୨୨।୧୨


ନକଲି ସସ୍ କମ୍ପାନୀରେ ପୋଲିସ ଯାଞ୍ଚ କରୁଛି।

ମଧୁପାଟଣା ଥାନା ଅଧୀନ ନେତାଜୀନଗର ଅଞ୍ଚଳରୁ ପୋଲିସ ଏକ ନକଲି ସସ୍ ଓ ମସଲା କମ୍ପାନୀ ମଙ୍ଗଳବାର ଠାବ କରିଛି। କେ କେ ଏଣ୍ଟରପ୍ରାଇଜସ ନାମକ ଏହି କମ୍ପାନୀରେ ଅପମିଶ୍ରୀତ ସସ୍ ଓ ମସଲା ଦୀର୍ଘଦିନ ଧରି ତିଆରି ହେଉଥିଲା। ଖବରପାଇ ପୋଲିସ ସେଠାରେ ଚଢ଼ାଉ କରି ୧୦ ଲକ୍ଷ ଟଙ୍କାର ସାମଗ୍ରୀ ଓ ଯନ୍ତ୍ରପାତି ଜବତ କରିଛି। କଖାରୁ, ଆଳୁ ଆଦିରେ ରଙ୍ଗ ଓ ରାସାୟନିକ ପଦାର୍ଥ ମିଶାଇ ନକଲି ଚିଲି ଓ ଟମାଟୋ ସସ୍ ତିଆରି କରାଯାଉଥିଲା। ସେହିପରି କେମିକାଲ ଓ ଖରାପ କଞ୍ଚାମାଲର ମିଶ୍ରଣରେ ବିଭିନ୍ନ ବ୍ରାଣ୍ଡର ନକଲି ମସଲା ମଧ୍ୟ ତିଆରି କରାଯାଉଥିଲା। ଏ ସମ୍ପର୍କରେ ଖବରପାଇ ଏସିପି ଶୁଭ ନାରାୟଣ ମୁଦୁଲି ଓ ଥାନାଧିକାରୀ ତୁଷାର ରଞ୍ଜନ ସେଠୀ ମିଳିତ ଭାବେ ଚଢାଉ କରିଥିଲେ। ଏହି ଘଟଣାରେ କମ୍ପାନୀ ମ୍ୟାନେଜରଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

# କୃଷି ଆଇନ ପାଇଁ ରାଜନୀତି ସରଗରମ



ପୁରୁଣା ବସ୍ଷ୍ଟାଣ୍ଡରେ କଂଗ୍ରେସ କର୍ମୀମାନେ ଧାରଣାରେ ବସିଛନ୍ତି।

ଆଠଗଡ଼, ୨୨।୧୨(ସ୍ୱ.ପ୍ର.)

### ୩ ପ୍ରମୁଖ ରାଜନୈତିକ ଦଳରେ ଛକାପଞ୍ଝା

ନୂତନ କୃଷି ଆଇନକୁ ନେଇ ସମଗ୍ର ଦେଶରେ ଆନ୍ଦୋଳନ ଚାଲିଥିଲା ବେଳେ ଆଠଗଡ଼ରେ ରାଜନୀତି ସରଗରମ ହୋଇଛି। ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ଜୋରଦାର ଛକାପଞ୍ଝା ଆରମ୍ଭ ହୋଇଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ଚର୍ଚ୍ଚା ସରଗରମ ହୋଇଛି। ଏହି ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ତରଫରୁ ମଙ୍ଗଳବାର ଦିଲ୍ଲୀରେ ଚାଷୀ ଆନ୍ଦୋଳନକୁ ସମର୍ଥନ କରି ଏକ ପ୍ରତୀକାତ୍ମକ ଧାରଣା ଦିଆଯାଇଛି। କଂଗ୍ରେସ ନେତା ଉମାବଲ୍ଲଭ ରଥଙ୍କ ନେତୃତ୍ୱରେ ବହୁ କଂଗ୍ରେସ କର୍ମୀ ଆଠଗଡ଼ ସହର ପୁରୁଣା ବସ୍ଷ୍ଟାଣ୍ଡରେ ଖୋଲା ଆକାଶ ତଳେ ଦିବାରାତ୍ର ଧାରଣା ଦେଇଛନ୍ତି। ୨ ଦିନ ବ୍ୟାପୀ ଏହି ଧାରଣା ଦିଆଯିବ। ସେହିପରି ବିଜେଡି ପକ୍ଷରୁ ମଧ୍ୟ ରଣନୀତି ପ୍ରସ୍ତୁତ କରାଯାଇ ବୁଧବାର ଏହି ବ୍ଲକର ବିଭିନ୍ନ ସମବାୟ ସେବା ସମିତିରେ ଧାନମଣ୍ଡି ଶୁଭାରମ୍ଭ କରାଯିବାର କାର୍ଯ୍ୟକ୍ରମ ରହିଛି। ଧାନବିକ୍ରି ପାଇଁ ଚାଷୀଙ୍କୁ କୁପନ ପ୍ରଦାନ କରାଯାଇଛି। ଅପରପକ୍ଷେ କେନ୍ଦ୍ର ସରକାରଙ୍କ କୃଷି ଆଇନକୁ ସମର୍ଥନ କରି ଏହି ନିର୍ବାଚନ ମଣ୍ଡଳୀରେ ଭାଜପା ତରଫରୁ ବୁଧବାର ଏକ ସମାବେଶ ଏହି ଏନ୍ଏସି ଅନ୍ତର୍ଗତ ମହିଳା ମହାବିଦ୍ୟାଳୟ ନିକଟ ମିନିଷ୍ଟାଡିୟମଠାରେ କରିବା ପାଇଁ ସ୍ଥିର କରାଯାଇଛି। ଏଥିରେ ନିର୍ବାଚନ ମଣ୍ଡଳୀର ଚାଷୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଭାଜପା ନେତା ବ୍ରଜେନ୍ଦ୍ର ରାୟଙ୍କ ନେତୃତ୍ୱରେ ସମାବେଶରେ ଦଳର ରାଜ୍ୟ ସଭାପତି ସମୀର ମହାନ୍ତି, ପ୍ରଦୀପ ପୁରୋହିତ ଓ ମହେଶ୍ୱର ସାହୁ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଏସ୍ଭି ନିର୍ତାରରେ ଆଉ ୨ ପାଠ୍ୟକ୍ରମ ଯୋଡ଼ିହେଲା

କଣ୍ଟାପଡା, ୨୨।୧୨(ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ଅଧିକାରିତା ମନ୍ତ୍ରଣାଳୟ ଅଧୀନ କଟକ ଜିଲା ଓଲଟପୁରଠାରେ ଥିବା ସ୍ୱାମୀ ବିବେକାନନ୍ଦ ଜାତୀୟ ପୁନର୍ବାସ ଓ ପ୍ରଶିକ୍ଷଣ ଅନୁସନ୍ଧାନ ସଂସ୍ଥାନ(ଏସ୍ଭି ନିର୍ତାର)ରେ ଆଉ ୨ଟି ନୂତନ ପାଠ୍ୟକ୍ରମ ଯୋଡି ହୋଇଛି। ତାହା ହେଲା ୪ ବର୍ଷିଆ ଡିଗ୍ରୀ ଇନ୍ ଅଡିଓଲୋଜି ଆଣ୍ଡ ସ୍ପିଚ ଲାଙ୍ଗୁଏଜ ପାଥୋଲୋଜି ଓ ୧ ବର୍ଷିଆ ପୋଷ୍ଟବେସିକ ଡିପ୍ଲୋମା ଇନ୍ ଅର୍ଥୋପେଡିକ୍ ନର୍ସିଂ। ରାଜ୍ୟ ସରକାରଙ୍କ ଅନୁମୋଦନ ଲାଭ କରିଥିବା ଏହି ଦୁଇଟି ପାଠ୍ୟକ୍ରମ ଆସନ୍ତା ଶିକ୍ଷା ବର୍ଷଠାରୁ ଉକ୍ତ ଅନୁଷ୍ଠାନରେ ପ୍ରଚଳନ ହେବ। ପୂର୍ବରୁ ଏହି ଅନୁଷ୍ଠାନରେ ଗତ ୩୦ ବର୍ଷଧରି ପ୍ରସ୍ଥେଟିକ ଓ ଅର୍ଥୋଟିକ୍ସ, ଫିଜିଓଥେରାପି, ଅକ୍ୟୁପେସନାଲ ଥେରାପି, ଡି.ଏନ୍.ବି(ପି.ଏମ୍.ଆର)ର ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମର ଶିକ୍ଷା ଯୋଗାଇ ଦିଆଯାଉଥିଲା। ଏହି ୨ ନୂତନ ବିଷୟ ପ୍ରଚଳନ ହେବା ପରେ ଅନୁଷ୍ଠାନରେ ଭିନ୍ନକ୍ଷମଙ୍କ ସେବା ଓ ଏ ସମ୍ପର୍କିତ ଶିକ୍ଷା କ୍ଷେତ୍ରରେ ନିର୍ତାର ସମଗ୍ର ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବ ବୋଲି ଏହାର ନିର୍ଦ୍ଦେଶକ ଡା. ଶକ୍ତିପ୍ରସାଦ ଦାସ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

## ପୂର୍ବତନ ସରପଞ୍ଚଙ୍କ ପରଲୋକ

କଣ୍ଟାପଡ଼ା, ୨୨।୧୨(ଡି.ଏନ୍.ଏ.): କଣ୍ଟାପଡ଼ା ବ୍ଲକ ଅବିଭକ୍ତ ବ୍ରାହ୍ମଣସାଇଲୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ନକୁଳ ସେନାପତି(୭୭)ଙ୍କର ମଙ୍ଗଳବାର ପରଲୋକ ଘଟିଛି। ପରେ ତାଙ୍କ ମରଶରୀରକୁ ଶୋଭାଯାତ୍ରରେ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ବଡପୁଅ ଅକ୍ଷୟ ମୁଖାଗ୍ନି ଦେଇଥିଲେ। ସେନାପତି ୧୯୯୨ରୁ ୧୯୯୫ ପର୍ଯ୍ୟନ୍ତ ସରପଞ୍ଚ ଭାବେ କାର୍ଯ୍ୟ କରିଥିଲେ।

# ୫୪ ପ୍ରତିଶତ ମତଦାନ, ଅନେକ ବଞ୍ଚିତ

### ଜିଲା ପରିଷଦ ଉପନିର୍ବାଚନ

**କଟକ ସଦର, ୨୨।୧୨(ଡି.ଏନ୍.ଏ.):** କଟକ ଜିଲା ପରିଷଦ ୭ନଂ. ଜୋନ୍ର ଉପନିର୍ବାଚନ ପାଇଁ ମଙ୍ଗଳବାର ମତଦାନ ହୋଇଥିଲା। ଏଥିରେ ୫୪ ପ୍ରତିଶତ ମତଦାନ ହୋଇଥିବା କଟକ ସଦର ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ୧୨୪ଟି ବୁଥ୍ରେ ଅନେକ ଭୋଟରଙ୍କ ନାଁ ତାଲିକାରେ ନ ଥିବାରୁ ମତଦାନ କରିପାରି ନ ଥିଲେ। ଏହାକୁ ନେଇ ଅନେକ ବୁଥ୍ରେ ପଞ୍ଚାୟତସ୍ତରୀୟ ଲୋକ ପ୍ରତିନିଧିମାନଙ୍କୁ ଉପରେ ଭୋଟରମାନେ ଗାଳିଗୁଲଜ କରିଥିଲେ। କାରଣ ୨୦୧୯ ଅକ୍ଟୋବରରେ ପଞ୍ଚାୟତ କାର୍ଯ୍ୟାଳୟରେ ଉପନିର୍ବାଚନ ପାଇଁ ଭୋଟର ତାଲିକା ସଂଶୋଧନ କରାଯାଇଥିଲା। ଏଥିରେ ଜାଣିଶୁଣି ଲୋକ ପ୍ରତିନିଧିମାନେ ଭୋଟରଙ୍କ ନାମ ବାଦ୍ ଦେଇଛନ୍ତି ବୋଲି ବୁଥ୍ରେ ପ୍ରିଜାଇଡିଂ ଅଫିସରମାନଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଉତ୍ତେଜନାକୁ ଦୃଷ୍ଟିରେ ରଖି ଲୋକ ପ୍ରତିନିଧିମାନେ ବୁଥ୍କୁ ବୁଲିବା ପାଇଁ ଆସି ନ ଥିଲେ। ଏ ସମ୍ପର୍କରେ ଜିଲା ପଞ୍ଚାୟତ ନିର୍ବାଚନ ଅଧିକାରୀ ଚକ୍ରଧର ମାହାଳି କୁହନ୍ତି, ଥରେ ଭୋଟର ତାଲିକା ମୁଦ୍ରଣ ସରିଥିବାରୁ ଆଉକିଛି କରିହେବ ନାହିଁ।

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

**No. RDM-LAA-CTC-0035-2018/-41687** **R&DM, Dated: 31.12. 2019**

No. I-06:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ନୂଆତଇଳା, ଥାନା- ବଡ଼ମ୍ବା ନଂ.-୯୨, ତହସିଲ- ବଡ଼ମ୍ବା, ଜିଲ୍ଲା-କଟକରେ ନିମ୍ନସୂଚିତ 'କ' ତଫସିଲଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ନରସିଂହପୁର ଶାଖା କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୯୬୭୪ ତା.୨୫.୧୦.୨୦୧୮ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ନୂଆତଇଳା, ଥାନା- ବଡ଼ମ୍ବା, ନଂ.- ୯୨, ଜିଲ୍ଲା- କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲା ୱେବ୍ସାଇଟ୍ www.dkl.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍ସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍ଲୋଡ୍ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ରେଙ୍ଗାଲୀ ଦକ୍ଷିଣ କେନାଲ ପ୍ରଣାଳୀ, ଢେଙ୍କାନାଳ ଏବଂ ଭୂଅର୍ଜନ ମଣ୍ଡଳ ଅଧିକାରୀ ମଣ୍ଡଳ ନଂ. ୪, ରେଙ୍ଗାଲୀ କେନାଲ ପ୍ରଣାଳୀ, ଆଠଗଡ଼, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ- କ**

ଜିଲ୍ଲା:- କଟକ (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ) ତହସିଲ:- ବଡ଼ମ୍ବା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ନୂଆତଇଳା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୨୩.୫ | ଏ. ୧୦.୭୫୦ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୧.୮୨ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

**ତଫସିଲ- ଖ**

ଜିଲ୍ଲା:- କଟକ (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ) ତହସିଲ:- ବଡ଼ମ୍ବା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୨୪.୦୭.୨୦୧୯

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଅତିରିକ୍ତ ଶାସନ ସଚିବ

**ଭୂମି ଅନୁସୂଚୀ (ବେସରକାରୀ) NUATAILA**

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୧୦ | ୮୫ | ୦.୨୮୦ | ୦.୦୧୦ | ଉଦୟନାଥ ସାହୁ, ପି: ବାଲୁଙ୍କି ସାହୁ, ଗଙ୍ଗାଧର ସାହୁ, ପି: କାହ୍ନୁ ସାହୁ |
| | | ୮୭ | ୦.୨୯୦ | ୦.୧୫୦ | |
| | | ୮୮ | ୦.୨୪୦ | ୦.୨୪୦ | |
| | | ୮୯ | ୦.୨୩୦ | ୦.୨୩୦ | |
| | | ୯୦ | ୦.୨୨୦ | ୦.୨୨୦ | |
| ୨ | ୧୬ | ୧୨୫ | ୧.୨୬୦ | ୦.୮୨୦ | କମଳି ପାଲଟା, ସ୍ୱା: ବିନୋଦ ପାଲଟା |
| ୩ | ୧୯ | ୧୨୯ | ୦.୧୮୦ | ୦.୦୯୦ | କୀର୍ତ୍ତି ନାଏକ, ପି: ଅନନ୍ତ ନାଏକ |
| ୪ | ୫୧ | ୧୨୭ | ୦.୧୬୦ | ୦.୧୦୦ | ଚକ୍ରଧର ନାଏକ, ମକର ନାଏକ, ହରି ନାଏକ, ପି: ଭୀମସେନ ଛଞ୍ଚାଣ ସିଂହ, ଓଗେର |
| ୫ | ୫୭ | ୯୨ | ୦.୧୪୦ | ୦.୦୫୦ | ଜଗନ୍ନାଥ ସ୍ୱାଇଁ, କାଶିନାଥ ସ୍ୱାଇଁ, ଲୋକନାଥ ସ୍ୱାଇଁ, କୁଞ୍ଜ ବିହାରୀ ସ୍ୱାଇଁ, ପି: ମହାଦେବ ସ୍ୱାଇଁ |
| ୬ | ୫୮ | ୬୮ | ୦.୮୧୦ | ୦.୨୭୦ | ଜଳଧର ନାୟକ, ଲୋକନାଥ ନାୟକ, ମଙ୍ଗୁଳି ନାୟକ, ପି: ଆରତ ନାୟକ, ଅନି ନାୟକ, ସ୍ୱା: ଆରତ ନାୟକ |
| ୭ | ୬୮ | ୬୫ | ୦.୬୩୦ | ୦.୨୯୦ | ତ୍ରିଲୋଚନ ମହାରଣା, ପି: ମଦନ ମହାରଣା, ଓଗେର |
| | | ୬୬ | ୦.୦୫୦ | ୦.୦୫୦ | |
| | | ୬୭ | ୦.୨୬୦ | ୦.୨୬୦ | |
| ୮ | ୬୯ | ୩୮ | ୦.୦୮୦ | ୦.୦୮୦ | ତ୍ରିଲୋଚନ ମହାରଣା, ପି: ମଦନ ମହାରଣା, ଓଗେର |
| | | ୩୯ | ୦.୨୫୦ | ୦.୧୨୦ | |
| | | ୪୦ | ୦.୧୩୦ | ୦.୦୧୦ | |
| | | ୪୧ | ୦.୨୬୦ | ୦.୨୬୦ | |
| | | ୪୨ | ୦.୨୩୦ | ୦.୨୩୦ | |
| | | ୪୩ | ୦.୨୮୦ | ୦.୨୮୦ | |
| | | ୪୪ | ୦.୧୪୦ | ୦.୧୪୦ | |
| | | ୪୫ | ୦.୨୧୦ | ୦.୦୧୦ | |
| | | ୪୬ | ୦.୨୨୦ | ୦.୧୨୦ | |
| | | ୪୭ | ୦.୧୭୦ | ୦.୧୭୦ | |
| | | ୪୮ | ୦.୮୪୦ | ୦.୦୬୦ | |
| | | ୪୯ | ୦.୨୯୦ | ୦.୦୧୦ | |
| ୯ | ୧୦୧ | ୧୦୯ | ୦.୩୮୦ | ୦.୧୯୦ | ବଳି ପ୍ରଧାନ, ପି: ଶ୍ୟାମ ପ୍ରଧାନ |
| ୧୦ | ୧୨୧ | ୧୩ | ୨.୬୫୦ | ୦.୯୦୦ | ବୈକୁଣ୍ଠ ତରାସିଆ, ବିଶ୍ୱନାଥ ତରାସିଆ, ପି: ଭାଇଗ ତରାସିଆ ଓଗେର |
| ୧୧ | ୧୬୬ | ୧୦୫ | ୦.୮୬୦ | ୦.୧୩୦ | ଲୋକନାଥ ନାଏକ, ଜଳଧର ନାଏକ, ମଙ୍ଗୁଳି ନାଏକ, ପି: ଆର୍ତ୍ତ ନାଏକ, ଅନି ନାଏକ, ସ୍ୱା: ଆର୍ତ୍ତ ନାଏକ |
| ୧୨ | ୧୭୩ | ୧୩୯ | ୦.୦୪୦ | ୦.୦୧୦ | ସତୁରା ନାୟକ, ପି: ଲକ୍ଷ୍ମଣ ରଣସିଂ |
| ୧୩ | ୧୭୯ | ୧୩୩ | ୦.୩୮୦ | ୦.୧୪୦ | ଶାନ୍ତିଲତା ରାଉତ, ସ୍ୱା: ନବଘନ ରାଉତ |
| ୧୪ | ୧୯୩ | ୧୧୬ | ୦.୭୬୦ | ୦.୪୭୦ | ହରିହର ମାଝି, ବ୍ରଜବନ୍ଧୁ ମାଝି, ଅରକ୍ଷିତ ମାଝି, ପି: ଗଦାଧର ମାଝି |
| | | ୧୧୯ | ୧.୦୩୦ | ୦.୦୧୦ | |
| ୧୫ | ୧୯୬/୪୩ | ୧୩୬ | ୦.୩୯୦ | ୦.୨୦୦ | କରୁଣାକର ନାଏକ, ପି: ମକର ନାଏକ |
| ୧୬ | ୧୯୬/୫୪ | ୧୧୦ | ୧.୯୨୦ | ୦.୬୨୦ | ଚରଣ ଚନ୍ଦ୍ର ବିଶ୍ୱାଳ, ପି: ଗୋଲଖ ବିଶ୍ୱାଳ |
| ୧୭ | ୧୯୬/୬୬ | ୧୩୦ | ୦.୩୭୦ | ୦.୩୭୦ | ଚରଣ ଚନ୍ଦ୍ର ବିଶ୍ୱାଳ, ପି: ଗୋଲଖ ବିଶ୍ୱାଳ |
| ୧୮ | ୧୯୬/୮୧ | ୯୧ | ୦.୩୧୦ | ୦.୨୫୦ | ବଳରାମ ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ବିଷ୍ଣୁପ୍ରସାଦ ମିଶ୍ର, ଶିବପ୍ରସାଦ ମିଶ୍ର, ପି: ହରିହର ମିଶ୍ର |
| | | ୯୫ | ୦.୩୬୦ | ୦.୦୧୦ | |
| ୧୯ | ୧୯୬/୮୨ | ୩୭ | ୦.୧୧୦ | ୦.୦୧୦ | ବିଶ୍ୱଜିତ୍ କୁମାର ନାୟକ, ପି: ଜିତେନ୍ଦ୍ର କୁମାର ନାୟକ |
| ୨୦ | ୧୯୬/୮୩ | ୭ | ୦.୫୯୦ | ୦.୪୭୦ | ସୁଜିତ୍ କୁମାର ନାୟକ, ପି: ଜିତେନ୍ଦ୍ର କୁମାର ନାୟକ |
| ୨୧ | ୧୯୬/୮୪, | ୧୦ | ୦.୧୬୦ | ୦.୧୪୦ | ଜିତେନ୍ଦ୍ର କୁମାର ନାୟକ, ପି: ଦିଗାମ୍ବର ନାୟକ, ଓଗେର |
| | | ୧୧ | ୦.୨୪୦ | ୦.୧୨୦ | |
| | | ୧୨ | ୦.୦୪୦ | ୦.୦୪୦ | |
| ୨୨ | ୧୯୬/୯୧ | ୧୨୭/୧୩୦୯ | ୦.୩୦୦ | ୦.୧୪୦ | ଅପର୍ତ୍ତି ମଳିକ, ପି: ବିଦ୍ୟାଧର ମଳିକ |
| ୨୩ | ୧୯୬/୧୧୬ | ୧୩୧ | ୦.୩୪୦ | ୦.୧୩୦ | ସନାତନ ସାହୁ, ପି: ଚକ୍ରଧର ସାହୁ |
| | | ୧୩୨ | ୦.୩୪୦ | ୦.୧୬୦ | |
| ୨୪ | ୧୯୬/୧୨୭ | ୬ | ୦.୪୭୦ | ୦.୧୫୦ | ପ୍ରଶନ୍ନ କୁମାର ନାଏକ, ପି: ଦୁଃଶାସନ ନାଏକ |
| | | ମୋଟ | ୧୯.୮୯୦ | ୮.୯୩୦ | |

**ଭୂମି ଅନୁସୂଚୀ (ଗୋଚର)**

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨୦୧ | ୭୦ | ୦.୭୩୦ | ୦.୭୦୦ | ଗୋଚର |
| | | ୭୧ | ୦.୨୪୦ | ୦.୧୭୦ | |
| | | ମୋଟ | ୦.୯୭୦ | ୦.୮୭୦ | |

**ଭୂମି ଅନୁସୂଚୀ (ଗୋଚର ପ୍ରତିବଦଳ)**

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୧୨୧ | ୧୩ | ୨.୬୫୦ | ୦.୮୭୦ | ବୈକୁଣ୍ଠ ତରାସିଆ, ବିଶ୍ୱନାଥ ତରାସିଆ, ପି: ଭାଇଗ ତରାସିଆ ଓଗେର |
| | | ମୋଟ | ୨.୬୫୦ | ୦.୮୭୦ | |

**ଭୂମି ଅନୁସୂଚୀ (ଶ୍ମଶାନ)**

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨୦୦ | ୧୨୧ | ୦.୦୬୦ | ୦.୦୬୦ | ଶ୍ମଶାନ |
| | | ୧୨୨ | ୦.୩୫୦ | ୦.୨୩୦ | |
| | | ୧୨୪ | ୦.୮୪୦ | ୦.୬୬୦ | |
| | | ମୋଟ | ୧.୨୫୦ | ୦.୯୫୦ | |

**ଭୂମି ଅନୁସୂଚୀ (ଶ୍ମଶାନ ପ୍ରତିବଦଳ)**

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୧୯୬/୮୨ | ୧୪ | ୦.୪୦୦ | ୦.୪୦୦ | ବିଶ୍ୱଜିତ୍ କୁମାର ନାୟକ, ପି: ଜିତେନ୍ଦ୍ର କୁମାର ନାୟକ, ଓଗେର |
| | | ୧୫ | ୦.୧୨୦ | ୦.୧୨୦ | |
| | | ୩୭ | ୦.୧୧୦ | ୦.୧୦୦ | |
| ୨ | ୧୯୬/୩ | ୧୬ | ୦.୩୩୦ | ୦.୩୩୦ | ତ୍ରିଲୋଚନ ବେହେରା, ପି: କାଳନ୍ଦି ବେହେରା, ଓଗେର |
| | | ମୋଟ | ୦.୯୬୦ | ୦.୯୫୦ | |

| | |
|---|---|
| ରୟତି | ଏ ୮.୯୩ |
| ଶ୍ମଶାନ ପ୍ରତିବଦଳ | ଏ ୦.୯୫ |
| ଗୋଚର ପ୍ରତିବଦଳ | ଏ ୦.୮୭ |
| ମୋଟ ଅର୍ଜିତ ରକବା | ଏ ୧୦.୭୫ |

OIPR-24001/14/0162/2021

ରାଜ୍ୟପାଳଙ୍କ ଆଦେଶକ୍ରମେ
ଅତିରିକ୍ତ ଶାସନ ସଚିବ

CLASSIFIED DISPLAY
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894677450
7325861595

ତାନ୍ତ୍ରିକ ଶକ୍ତିର ବାଦ୍ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଡରିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍ରେ 4G, 5G ଟାୱାର ଲଗାନ୍ତୁ ।
ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍ଟପ୍ ।
ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

GALLERY TOWER COMPANY
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍ ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ,୨୨।୧୨:** ବିଦ୍ୟୁତ୍ ଆଘାତରେ ମଙ୍ଗଳବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖୋର୍ଦ୍ଧା ଜିଲା ବାଘମାରୀ ଥାନା କୋଠପଲ୍ଲା ଗ୍ରାମର ସୁଶାନ୍ତ କୁମାର ଲେଙ୍କା(୨୨)। ସୂଚନା ମୁତାବକ, ସୁଶାନ୍ତ ଘରେ ପାଣି ମୋଟର ଲଗାଇ କାମ କରୁଥିଲେ। କାମ ସାରି ମୋଟର କନେକସନ୍ ହୋଇଥିବା ପ୍ଲଗ ବାହାର କରିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ତଳେ ପଡ଼ିଯାଇଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ପରୀଙ୍କୁ ନ୍ୟାୟ ଦାବିରେ ପଦଯାତ୍ରା

**ବେଗୁନିଆ,୨୨।୧୨(ଡି.ଏନ୍.ଏ.):** ନୟାଗଡ଼ ଜିଲାର ପରୀଙ୍କୁ ନ୍ୟାୟ ଏବଂ ରାଜ୍ୟର ୫ହଜାରରୁ ଊର୍ଦ୍ଧ୍ୱ ଶିଶୁଙ୍କୁ ଉଦ୍ଧାର ଦାବିରେ ଭୁବନେଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିରଠାରୁ ବାହାରିଥିବା ଭାଜପାର ପଦଯାତ୍ରା ମଙ୍ଗଳବାର ତୃତୀୟ ଦିନରେ ପହଞ୍ଚିଛି। ଖୋର୍ଦ୍ଧା-ଏହି ପଦଯାତ୍ରୀ ଦଳ ବେଗୁନିଆ ନିର୍ବାଚନମଣ୍ଡଳୀର ସାରୁଅ, ବାଘମାରୀ, ବେଗୁନିଆ, ରାଧାକାନ୍ତପୁର ଦେଇ ପିଟୁକୁଲିଠାରେ ରାତ୍ରି ଯାପନ କରିଛନ୍ତି। ଏହି ପଦଯାତ୍ରରେ ଭାଜପା ନେତା କନକ ବର୍ଦ୍ଧନ ସିଂଦେଓ, ମନମୋହନ ସାମଲ, ରିଷଭ ନନ୍ଦ, ଜୟନ୍ତ ଷଡ଼ଙ୍ଗୀ, ଲେଖାଶ୍ରୀ ସାମନ୍ତସିଂହାର, ଯତୀନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ।

### ସୁନାଚେନ୍ ଲୁଟ୍ ଘଟଣା, ଆଉ ଜଣେ ଗିରଫ

**ଖୋର୍ଦ୍ଧା ଅଫିସ,୨୨।୧୨:** ସୁନାଚେନ ଲୁଟ୍ ଘଟଣାରେ ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ମଙ୍ଗଳବାର ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ କଟକ ବାଙ୍କୀ ଥାନା ଅଧୀନ ତାଳବସ୍ତ ଗ୍ରାମର ବୁଲୁ ଓରଫ ଆଲୋକ ରଞ୍ଜନ ଦଳବେହେରା (୩୦)। ପ୍ରକାଶ ଯେ, ଭୁବନେଶ୍ୱର ଜାଗମରା ଅଞ୍ଚଳର ସନ୍ତୋଷ ପାଲଟାସିଂହ ଅକ୍ଟୋବର ୧୨ରେ ଖୋର୍ଦ୍ଧାରୁ କାମ ସାରି ବାଇକରେ ଭୁବନେଶ୍ୱର ଫେରୁଥିଲେ। ମୁକୁନ୍ଦପ୍ରସାଦ ପେଟ୍ରୋଲ ପମ୍ପ ନିକଟରୁ ଅଭିଯୁକ୍ତ ବୁଲୁ ଏବଂ ତାଙ୍କ ସହଯୋଗୀ ସମ୍ପଦ ବାଇକ୍‌ରେ ଆସି ସନ୍ତୋଷଙ୍କ ବେକରୁ ସୁନାଚେନ ଝାମ୍ପିନେଇ ଫେରାର ହୋଇଯାଇଥିଲେ। ଏନେଇ ଆଦର୍ଶ ଥାନାରେ ଏକ ମାମଲା (ନଂ.୪୫୨/୨୦)ରୁଜୁ ହୋଇଥିଲା। ପୂର୍ବରୁ ପୋଲିସ ସମ୍ପଦଙ୍କୁ ଗିରଫ କରିଥିଲା।

### ଆଜି ଖୋଲିବ ଅଲାରନାଥ ମନ୍ଦିର

**ବ୍ରହ୍ମଗିରି,୨୨।୧୨(ଡି.ଏନ୍.ଏ)-** କରୋନା କଟକଣା ଯୋଗୁ ଦୀର୍ଘଦିନ ଧରି ବନ୍ଦ ରହିଥିବା ମହାପ୍ରଭୁ ଅଲାରନାଥ ମନ୍ଦିର ବୁଧବାର ଖୋଲିବ। ଏ ନେଇ ବ୍ରହ୍ମଗିରି ତହସିଲଦାର କିଶୋର କୁମାର ପଣ୍ଡା ସୂଚନା ଦେଇଛନ୍ତି। ବୁଧବାରଠାରୁ ମନ୍ଦିର ଖୋଲିଲେ ମଧ ଡିସେମ୍ବର ୩୧ ଓ ନବବର୍ଷ ଦିନ ମନ୍ଦିରରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ।

# ସରିଲା ମତଦାନ, ଆଜି ଗଣତି

**ଖୋର୍ଦ୍ଧା ଅଫିସ/ବୋଲଗଡ଼, ୨୨।୧୨(ଡି.ଏନ୍.ଏ.)**


ଏକ ବୁଥ୍‌ରେ ଭୋଟ ଗ୍ରହଣ କରାଯାଉଛି।

ଖୋର୍ଦ୍ଧା ଜିଲା ଖୋର୍ଦ୍ଧା, ବୋଲଗଡ଼ ଏବଂ ଟାଙ୍ଗୀ ବ୍ଲକର ୫ ପଞ୍ଚାୟତରେ ଖାଲି ପଡ଼ିଥିବା ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡ ମେମ୍ବର ପ୍ରାର୍ଥୀଙ୍କ ପାଇଁ ମତଦାନ ଶାନ୍ତିଶୃଙ୍ଖଳା ସହ ମଙ୍ଗଳବାର ଶେଷ ହୋଇଛି। ସକାଳ ୭ଟାରୁ ୧୨ଟା ପର୍ଯ୍ୟନ୍ତ ମତଦାନ ହୋଇଥିଲା। ୫ଟି ପଞ୍ଚାୟତରେ ୭୫ପ୍ରତିଶତ ମତଦାନ ହୋଇଥିବା ଜଣାପଡ଼ିଛି। ଖୋର୍ଦ୍ଧା ବ୍ଲକ ଓରବରସିଂ ପଞ୍ଚାୟତ ସରପଞ୍ଚ ପଦବୀ ଲାଗି ଶୈଳଜା ପଟ୍ଟନାୟକ ଏବଂ ସଞ୍ଜୟ କୁମାର ରତସିଂ ପ୍ରାର୍ଥୀ ରହିଛନ୍ତି। ମୋଟ୍ ୨୮୯୩ ଭୋଟରଙ୍କ ମଧ୍ୟରୁ ୨୨୦୮ଜଣ ମତଦାନ ସାବ୍ୟସ୍ତ କରିଛନ୍ତି। ମତଦାନ ହାର ୭୬.୩୨ ପ୍ରତିଶତ ରହିଛି। ସେହିପରି ବୋଲଗଡ଼ ବ୍ଲକର ଅସରଳା ପଞ୍ଚାୟତର ସମିତି ସଭ୍ୟ ପଦବୀରେ ନିରୁପମା ପଲାଇ, ମଞ୍ଜୁଲତା ବରାଳ ଓ ସ୍ୱର୍ଣ୍ଣଲତା ମିଶ୍ର ପ୍ରାର୍ଥୀ ରହିଛନ୍ତି। ମୋଟ୍ ୨୭୭୭ ଭୋଟରଙ୍କ ମଧ୍ୟରୁ ୨୧୮୯ଜଣ ମତଦାନ ସାବ୍ୟସ୍ତ କରିଛନ୍ତି। ମତଦାନ ହାର ୭୮.୮୨ ପ୍ରତିଶତ ରହିଛି। ୱାର୍ଡ ନମ୍ବର ୪ରେ ଗୋପୀନାଥ ଦଳୁଆ ଓ ଦୀପକ କୁମାର ମାଝି ପ୍ରାର୍ଥୀ ରହିଛନ୍ତି। ମୋଟ୍ ୨୫୦ଜଣ ଭୋଟରଙ୍କ ମଧ୍ୟରୁ ୧୮୮ଜଣ ମତଦାନ କରିଛନ୍ତି। ମତଦାନ ହାର ୭୫.୨୦ପ୍ରତିଶତ ରହିଛି। ୱାର୍ଡ ନମ୍ବର ୨୦ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ସେହିପରି ଟାଙ୍ଗୀ ବ୍ଲକ ଓଳସିଂ

### ୫ ପଞ୍ଚାୟତରେ ୭୫ ପ୍ରତିଶତ

ପଞ୍ଚାୟତର ୱାର୍ଡ ନମ୍ବର ୧୦ରେ ସନ୍ତୋଷ ବେହେରା ଓ ସୁଶାନ୍ତ ସାହୁ ପ୍ରାର୍ଥୀ ରହିଛନ୍ତି। ୩୮୮ଭୋଟରଙ୍କ ମଧ୍ୟରୁ ୧୮୫ ଜଣ ଭୋଟ୍ ଦେଇଛନ୍ତି। ମତଦାନ ହାର ୪୭.୬୮ ପ୍ରତିଶତ ରହିଛି। ସେହିପରି ଜଟଣୀ ୱାର୍ଡ ନମ୍ବର ୧୯ ପ୍ରାର୍ଥୀ ଅପ୍ରତିଦ୍ୱନ୍ଦ୍ୱୀ ରହିଛନ୍ତି। ଏନେଇ ଜିଲା ପଞ୍ଚାୟତ ଅଧିକାରୀ ରଜନୀକାନ୍ତ ସାହୁ କହିଛନ୍ତି, ଉପନିର୍ବାଚନ ପାଇଁ ମତଦାନ ଶେଷ ହୋଇଛି। ବୁଧବାର ବ୍ଲକ କାର୍ଯ୍ୟାଳୟରେ ଗଣତି ସହ ବିଜେତା ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ୨୪ ତାରିଖରେ ଜିଲା ପ୍ରଶାସନ ପକ୍ଷରୁ ସମିତି ସଭ୍ୟ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ ବୋଲି ସେ କହିଛନ୍ତି।

## ଜେଲ ଗଲେ ଟ୍ୟାକ୍ସ କଲେକ୍ଟର ସଦାଶିବ

**ଖୋର୍ଦ୍ଧା ଅଫିସ,୨୨।୧୨**

### ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ଘଟଣା


ସଦାଶିବ ସ୍ୱାଇଁ।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଖୋର୍ଦ୍ଧା ପୌର ପରିଷଦ କାର୍ଯ୍ୟାଳୟରେ ଟ୍ୟାକ୍ସ କଲେକ୍ଟର (ସଂଗ୍ରାହକ) ଭାବେ କାର୍ଯ୍ୟରତ ସଦାଶିବ ସ୍ୱାଇଁଙ୍କୁ ଭୁବନେଶ୍ୱର ଡିଭିଜନ ଦୁର୍ନୀତି ନିବାରଣ ସଂସ୍ଥା ମଙ୍ଗଳବାର ଗିରଫ କରିଛି। ଏନେଇ ଭୁବନେଶ୍ୱର ଭିଜିଲାନ୍ସ କାର୍ଯ୍ୟାଳୟରେ ନଂ.୪୧/୨୦ରେ ମାମଲା ରୁଜୁ ହୋଇଛି। ପୂର୍ବାହ୍ନରେ ଭୁବନେଶ୍ୱର ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟରେ ତାଙ୍କୁ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ଜେଲକୁ ପଠାଇ ଦିଆଯାଇଛି ବୋଲି ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ ପାଣିଗ୍ରାହୀ କହିଛନ୍ତି।

ସୂଚନା ମୁତାବକ, ସଦାଶିବଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ଅଭିଯୋଗ ଆସିଥିଲା। ଭୁବନେଶ୍ୱର ସ୍ୱତନ୍ତ୍ର କୋର୍ଟଙ୍କଠାରୁ ଅନୁମତି ପାଇବା ପରେ ଭୁବନେଶ୍ୱର ଡିଭିଜନର ୧୫ଜଣିଆ ବାସଭବନ ଏବଂ ଖୋର୍ଦ୍ଧା ପୌର ପରିଷଦ କାର୍ଯ୍ୟାଳୟରେ ଏକକାଳୀନ ୪ଟି ସ୍ଥାନରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ସଦାଶିବଙ୍କ ନିକଟରୁ ସ୍ଥାବର, ଅସ୍ଥାବର ବାବଦକୁ ମୋଟ୍ ୫୬,୯୨,୨୫୭ ଟଙ୍କାର ସମ୍ପତ୍ତି ଠାବ ହୋଇଥିଲା।

## ଶୁଣିଲାନି ପ୍ରଶାସନ, ତହସିଲ ଅଫିସ୍ ଘେରାଉ

**ବ୍ରହ୍ମଗିରି,୨୨।୧୨(ଡି.ଏନ୍.ଏ)-**

ଫନୀ ଓ ଫାଇଲିନ ବାତ୍ୟାରେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକର କ୍ଷତିଗ୍ରସ୍ତମାନେ ଘରଭଙ୍ଗା ସହାୟତା ପାଇବାରୁ ବିଳମ୍ବ ଓ ଅନିୟମିତତା ଦର୍ଶାଇ ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ୨୦ଦିନ ଧରି ଗଣଧାରଣାରେ ବସିଛନ୍ତି। ଏ ପର୍ଯ୍ୟନ୍ତ ପ୍ରଶାସନ ତରଫରୁ କୌଣସି ସନ୍ତୋଷଜନକ ପ୍ରତିଶ୍ରୁତି ମିଳୁନାହିଁ। ଫଳରେ ମଙ୍ଗଳବାର ଫନୀ କ୍ଷତିଗ୍ରସ୍ତ ସଂଗ୍ରାମ ସମିତି ତରଫରୁ ବ୍ରହ୍ମଗିରି ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସୂଚନା ଥାଉକି, ଫନୀ ଓ ଫାଇଲିନ ବାତ୍ୟାରେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। କ୍ଷତିଗ୍ରସ୍ତଙ୍କୁ ବାତ୍ୟା ନିରୋଧକ ବାସଗୃହ ସରକାର ଯୋଗାଇ ଦେବାକୁ ଘୋଷଣା କରିଥିଲେ। କିନ୍ତୁ ଏପର୍ଯ୍ୟନ୍ତ ପ୍ରକୃତ ବିପନ୍ନଙ୍କୁ ସେହି ସହାୟତା ଦେବାରେ ବିଳମ୍ବ ହେଉଥିବାବେଳେ ତଦନ୍ତ ପ୍ରକ୍ରିୟାରେ ଚଞ୍ଚକତା ହୋଇଥିବା ଫନୀ ସଂଗ୍ରାମ ସମିତି ଅଭିଯୋଗ କରିଛି। ସରକାରୀ ସହାୟତା ତୁରନ୍ତ ଯୋଗାଇଦେବାକୁ ଦାବି କରି ଫନୀ ସଂଗ୍ରାମ ସମିତି ତରଫରୁ ଗତ ୨୦ଦିନ ଧରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଗଣଧାରଣା ଦିଆଯାଇଛି। ପ୍ରଶାସନ ପକ୍ଷରୁ ଠିକ୍ ଭାବେ ଆଲୋଚନା ନ କରିବା ଓ କୌଣସି ସମାଧାନ ନ ହେବାରୁ ମଙ୍ଗଳବାର ଫନୀ ସଂଗ୍ରାମ ସମିତି ବ୍ଲକ ଛକଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବ୍ରହ୍ମଗିରି ତହସିଲ କାର୍ଯ୍ୟାଳୟ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲା।

## ଆହତ ବ୍ୟକ୍ତିଙ୍କ ମୃତ୍ୟୁ

**ଖୋର୍ଦ୍ଧା ଅଫିସ,୨୨।୧୨**

ବାଘମାରୀ-ବେଗୁନିଆ ରାସ୍ତା ପାର୍ଶ୍ୱରେ ମୁମୂର୍ଷୁ ଅବସ୍ଥାରେ ପଡିଥିବା ଜଣେ ଯୁବକଙ୍କୁ ବେଗୁନିଆ ଅଗ୍ନିଶମ କର୍ମଚାରୀ ଉଦ୍ଧାର କରି ଖୋର୍ଦ୍ଧା ମେଡିକାଲକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ତାଙ୍କର ମୃତ୍ୟୁ ଘଟିଛି। ସେ ହେଲେ ଭୁବନେଶ୍ୱର ଅଞ୍ଚଳର ଅଶୋକ କୁମାର ନାୟକ(୫୦)। ଏ ସମ୍ପର୍କରେ ଖୋର୍ଦ୍ଧା ଟାଉନ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ. ୯୦/୨୦)ରୁଜୁକରି ତଦନ୍ତ ଚଳାଇଛି।

## ସ୍ୱାମୀଙ୍କୁ ହତ୍ୟା ପରେ ପୋତିଦେଲେ ସ୍ତ୍ରୀ

**ବାଲିପାଟଣା,୨୨।୧୨(ଡି.ଏନ୍.ଏ.)**

ବାଲିପାଟଣା ଥାନା ଅଧୀନ ବନମାଳିପୁର ଗ୍ରାମରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ସ୍ୱାମୀଙ୍କୁ ହେମଦସ୍ତା ପୁଆରେ ହତ୍ୟା କରିବା ପରେ ମୃତଦେହକୁ ପୋଡ଼ି ଘର ବାରିପଟେ ପୋତିଦେଇଛନ୍ତି ସ୍ତ୍ରୀ। ମୃତକ ହେଲେ ଏହି ଗ୍ରାମର ନିଧିରାମ ଗିରି(୪୮)। ଖବରପାଇ ପୋଲିସ ମଙ୍ଗଳବାର ରାତିରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଗ୍ରାମବାସୀଙ୍କ କହିବାନୁଯାୟୀ, ଗତ ୩ ମାସ ପୂର୍ବେ ନିଧିରାମ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣ ନେଇ ପାଟିତୁଣ୍ଡ ହୋଇଥିଲା। ଉକ୍ତ ଦିନଠାରୁ ନିଧିରାମ ନିଖୋଜ ଥିଲେ। ତାଙ୍କ ସ୍ୱାମୀଙ୍କୁ ସେ ମାରି ବାରିରେ ପୋତି ଦେଇଛନ୍ତି ବୋଲି ଗ୍ରାମବାସୀଙ୍କୁ କହିଥିଲେ। ଏହା ପରେ ଗ୍ରାମବାସୀ ପୋଲିସକୁ ଜଣାଇଥିଲେ। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି। ବୁଧବାର ସାଇଣ୍ଟିଫିକ୍ ଟିମ୍ ପହଞ୍ଚିଲା ପରେ ମାଟିତଳୁ ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୋଲିସ କହିଛି। ଅନ୍ୟପଟେ ପୋଲିସ ତାଙ୍କ ସ୍ତ୍ରୀଙ୍କୁ ପଚରାଉଚରା ଚଳାଇଥିବା ଜଣାପଡ଼ିଛି।

## ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ

**ନିରାକାରପୁର, ୨୨।୧୨ (ଡି.ଏନ୍.ଏ.)**

- ଆକ୍ରମଣରେ ଜଣେ ଗୁରୁତର, ଧାନ ଫସଲ ନଷ୍ଟ
- ଅଭିଯୋଗ କଲେ ବି ନିଆଯାଉନି ପଦକ୍ଷେପ



ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳରେ ହାତୀ ଉପଦ୍ରବ ଦିନକୁ ଦିନ ବଢ଼ିବାରେ ଲାଗିଛି। ହାତୀପଲ ଗ୍ରାମରେ ପଶି ବ୍ୟାପକ ଫସଲ ଓ ପନିପରିବା ନଷ୍ଟ କରୁଛନ୍ତି। ଏନେଇ ଚାଷୀମାନେ ବନ ବିଭାଗ ନିକଟରେ ଅଭିଯୋଗ କଲେ ମଧ୍ୟ ଆଖିଦୃଶିଆ ପଦକ୍ଷେପ ନିଆଯାଉ ନାହିଁ। ଏହାକୁ ନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପଟେ ଅନେକ ସମୟରେ ହାତୀମାନେ ଗ୍ରାମକୁ ପଶି ଆସୁଥିବାରୁ ଲୋକମାନେ ବାହାରକୁ ଯିବା ପାଇଁ ନିରାପଦ ମଣୁନାହାନ୍ତି। ତୁରନ୍ତ ଏହାର ସ୍ଥାୟୀ ପ୍ରତିକାର ବ୍ୟବସ୍ଥା ପାଇଁ ଗ୍ରାମବାସୀ ବନ ବିଭାଗ ନିକଟରେ ଦାବି କରିଛନ୍ତି। ଅନ୍ୟପଟେ ମଙ୍ଗଳବାର ହାତୀ ଆକ୍ରମଣରେ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ରାମେଶ୍ୱର ପଞ୍ଚାୟତ ଚନ୍ଦନପୁର ଗ୍ରାମର ଦିଲ୍ଲୀପ କୁମାର ବେହେରା। ତାଙ୍କୁ ଗୁରୁତର ଅବସ୍ଥାରେ ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରାଯାଇଛି।

ଏହି ବନାଞ୍ଚଳ ଅଧୀନ ଲେଣ୍ଡୋ ପଞ୍ଚାୟତ ଯାଜପୁର ଗହୀର ଓ ରେଙ୍ଗଟା ଗହୀରରେ ସୋମବାର ରାତିରେ ହାତୀମାନେ ପଶି ଧାନ ଖାଇବା ସହିତ ଦଳିଚକଟି ନଷ୍ଟ କରିଦେଇଛନ୍ତି। ଏଥିସହ ବିଲରେ ରଖାଯାଇଥିବା କଳେଇ ଗଦାକୁ ଫୋପାଡି ନଷ୍ଟ କରିଦେଇଛନ୍ତି। ଯାଜପୁର ଗହିରରେ ହାତୀ ଉପଦ୍ରବରେ ଗ୍ରାମର ଦାଶରଥି ଦାସ, ବିଦ୍ୟାଧର ଦାସ, କୃଷ୍ଣଚନ୍ଦ୍ର ରାଉତରାୟ, ଲକ୍ଷ୍ମୀଧର ଦାସ, ବିଜୟ ପ୍ରଧାନ, ଶ୍ୟାମସୁନ୍ଦର ଦାସ, ଧରଣୀଧର ପ୍ରଧାନ, ନକୁଳ ଜେନା, ପ୍ରାଣନାଥ ପରିଡ଼ା, ବୈଶୁଧର ଦାସ, ନୀଳମଣି ଦାସ, ରଙ୍ଗନିଧି ମହତାରାୟ, ହୃଦାନନ୍ଦ ମହତରାୟ, ବୈଶୁଧର ପ୍ରଧାନ, ଧନେଶ୍ୱର ପ୍ରଧାନ, ବୈକୁଣ୍ଠନାଥ ଜେନାଙ୍କର ଫସଲ ନଷ୍ଟ ହୋଇଛି। ସେହିପରି ରେଙ୍ଗଟା ଗ୍ରାମର ମାଧବ ପରିଡା, ବିପିନ ପଣ୍ଡା, ଭୀମସେନ ସ୍ୱାଇଁ, ସନ୍ତୋଷ ସ୍ୱାଇଁ, ବସନ୍ତ ପ୍ରଧାନ ଓ ବାମଦେବ ପରିଡାଙ୍କ ଧାନ ଖାଇବା ସହ ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ଧାନ ଫସଲ ଅମଳ ପୂର୍ବରୁ ନଷ୍ଟ ହୋଇଯିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଛି। ସମିତିରୁ ଆଣିଥିବା ଋଣ କିପରି ଶୁଝିବେ ସେ ନେଇ ଚାଷୀ ଚିନ୍ତାରେ ରହିଛି।


# ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

**No. RDM-LAA-CTC-0035-2018/-41687** **R&DM, Dated: 31.12. 2019**

No. I-06:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ନୂଆଁତଇଳା, ଥାନା- ବଡ଼ମ୍ବା ନଂ.-୯୨, ତହସିଲ- ବଡ଼ମ୍ବା, ଜିଲ୍ଲା-କଟକରେ ନିମ୍ନସୂଚିତ 'କ' ତଫସିଲଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ନରସିଂହପୁର ଶାଖା କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।
ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୯୬୬୪ ତା.୨୫.୧୦.୨୦୧୮ରିଖରେ ପ୍ରକାଶିତ ହୋଇଅଛି।
ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ନୂଆଁତଇଳା, ଥାନା- ବଡ଼ମ୍ବା, ନଂ.- ୯୨, ଜିଲ୍ଲା- କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ ଜିଲ୍ଲା ୱେବ୍‌ସାଇଟ୍ www.dkl.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ରେଙ୍ଗାଳୀ ଦକ୍ଷିଣ କେନାଲ ପ୍ରଣାଳୀ, ଢେଙ୍କାନାଳ ଏବଂ ଭୂଅର୍ଜନ ମଣ୍ଡଳ ଅଧିକାରୀ ମଣ୍ଡଳ ନଂ. ୪, ରେଙ୍ଗାଳୀ କେନାଲ ପ୍ରଣାଳୀ, ଆଠଗଡ଼, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ତଫସିଲ- କ
ଜିଲ୍ଲା:- କଟକ (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ) ତହସିଲ:- ବଡ଼ମ୍ବା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ନୂଆଁତଇଳା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୨୩.୫ | ଏ. ୧୦.୭୫୦ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୧.୮୨ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ତଫସିଲ- ଖ
ଜିଲ୍ଲା:- କଟକ (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ) ତହସିଲ:- ବଡ଼ମ୍ବା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୨୪.୦୭.୨୦୧୯
ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଅତିରିକ୍ତ ଶାସନ ସଚିବ

ଭୂମି ଅନୁସୂଚୀ (ବେସରକାରୀ) NUATAILA

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୧୦ | ୮୫ | ୦.୨୮୦ | ୦.୦୧୦ | ଉଦୟନାଥ ସାହୁ, ପି: ବାଲୁଙ୍କି ସାହୁ, ଗଙ୍ଗାଧର ସାହୁ, ପି: କାହ୍ନୁ ସାହୁ |
| | | ୮୭ | ୦.୨୯୦ | ୦.୧୫୦ | |
| | | ୮୮ | ୦.୨୪୦ | ୦.୨୪୦ | |
| | | ୮୯ | ୦.୨୩୦ | ୦.୨୩୦ | |
| | | ୯୦ | ୦.୨୨୦ | ୦.୨୨୦ | |
| ୨ | ୧୬ | ୧୨୫ | ୧.୨୬୦ | ୦.୮୨୦ | କମଳି ପାଲଟା, ସ୍ୱା: ବିନୋଦ ପାଲଟା |
| ୩ | ୧୯ | ୧୨୯ | ୦.୧୮୦ | ୦.୦୯୦ | କୀର୍ତ୍ତି ନାଏକ, ପି: ଅନନ୍ତ ନାଏକ |
| ୪ | ୫୧ | ୧୨୭ | ୦.୧୬୦ | ୦.୧୦୦ | ଚକ୍ରଧର ନାଏକ, ମକର ନାଏକ, ହରି ନାଏକ, ପି: ଭୀମସେନ ଛଞ୍ଚାଣ ସିଂହ, ଓଗେର |
| ୫ | ୫୭ | ୯୨ | ୦.୧୪୦ | ୦.୦୫୦ | ଜଗନ୍ନାଥ ସ୍ୱାଇଁ, କାଶିନାଥ ସ୍ୱାଇଁ, ଲୋକନାଥ ସ୍ୱାଇଁ, କୁଞ୍ଜ ବିହାରୀ ସ୍ୱାଇଁ, ପି: ମହାଦେବ ସ୍ୱାଇଁ |
| ୬ | ୫୮ | ୬୮ | ୦.୮୧୦ | ୦.୨୭୦ | ଜଳଧର ନାୟକ, ଲୋକନାଥ ନାୟକ, ମଙ୍ଗୁଳି ନାୟକ, ପି: ଆରତ ନାୟକ, ଅନି ନାୟକ, ସ୍ୱା: ଆରତ ନାୟକ |
| ୭ | ୬୮ | ୬୫ | ୦.୬୩୦ | ୦.୨୯୦ | ତ୍ରିଲୋଚନ ମହାରଣା, ପି: ମଦନ ମହାରଣା, ଓଗେର |
| | | ୬୬ | ୦.୦୫୦ | ୦.୦୫୦ | |
| | | ୬୭ | ୦.୨୬୦ | ୦.୨୬୦ | |
| ୮ | ୬୯ | ୩୮ | ୦.୦୮୦ | ୦.୦୮୦ | ତ୍ରିଲୋଚନ ମହାରଣା, ପି: ମଦନ ମହାରଣା, ଓଗେର |
| | | ୩୯ | ୦.୨୫୦ | ୦.୧୨୦ | |
| | | ୪୦ | ୦.୧୩୦ | ୦.୦୧୦ | |
| | | ୪୧ | ୦.୨୬୦ | ୦.୨୬୦ | |
| | | ୪୨ | ୦.୨୩୦ | ୦.୨୩୦ | |
| | | ୪୩ | ୦.୨୮୦ | ୦.୨୮୦ | |
| | | ୪୪ | ୦.୧୪୦ | ୦.୧୪୦ | |
| | | ୪୫ | ୦.୨୧୦ | ୦.୦୧୦ | |
| | | ୪୬ | ୦.୨୨୦ | ୦.୧୨୦ | |
| | | ୪୭ | ୦.୧୭୦ | ୦.୧୭୦ | |
| | | ୪୮ | ୦.୮୪୦ | ୦.୦୬୦ | |
| | | ୪୯ | ୦.୨୯୦ | ୦.୦୧୦ | |
| ୯ | ୧୦୧ | ୧୦୯ | ୦.୩୮୦ | ୦.୧୯୦ | ବଳି ପ୍ରଧାନ, ପି: ଶ୍ୟାମ ପ୍ରଧାନ |
| ୧୦ | ୧୨୧ | ୧୩ | ୨.୬୫୦ | ୦.୯୦୦ | ବୈକୁଣ୍ଠ ତରାସିଆ, ବିଶ୍ୱନାଥ ତରାସିଆ, ପି: ଭାଇଗ ତରାସିଆ ଓଗେର |
| ୧୧ | ୧୬୬ | ୧୦୫ | ୦.୮୬୦ | ୦.୧୩୦ | ଲୋକନାଥ ନାଏକ, ଜଳଧର ନାଏକ, ମଙ୍ଗୁଳି ନାଏକ, ପି: ଆର୍ତ୍ତ ନାଏକ, ଅନି ନାଏକ, ସ୍ୱା: ଆର୍ତ୍ତ ନାଏକ |
| ୧୨ | ୧୭୩ | ୧୩୯ | ୦.୦୪୦ | ୦.୦୧୦ | ସତୁରା ନାୟକ, ପି: ଲକ୍ଷ୍ମଣ ରଣସିଂ |
| ୧୩ | ୧୭୯ | ୧୩୩ | ୦.୩୮୦ | ୦.୧୪୦ | ଶାନ୍ତିଲତା ରାଉତ, ସ୍ୱା: ନବଘନ ରାଉତ |
| ୧୪ | ୧୯୩ | ୧୧୬ | ୦.୭୬୦ | ୦.୪୭୦ | ହରିହର ମାଝି, ବ୍ରଜବନ୍ଧୁ ମାଝି, ଅରକ୍ଷିତ ମାଝି, ପି: ଗଦାଧର ମାଝି |
| | | ୧୧୯ | ୧.୦୩୦ | ୦.୦୧୦ | |
| ୧୫ | ୧୯୬/୪୩ | ୧୩୬ | ୦.୩୯୦ | ୦.୨୦୦ | କରୁଣାକର ନାଏକ, ପି: ମକର ନାଏକ |
| ୧୬ | ୧୯୬/୫୪ | ୧୧୦ | ୧.୯୨୦ | ୦.୬୨୦ | ଚରଣ ଚନ୍ଦ୍ର ବିଶ୍ୱାଳ, ପି: ଗୋଲଖ ବିଶ୍ୱାଳ |
| ୧୭ | ୧୯୬/୬୬ | ୧୩୦ | ୦.୩୭୦ | ୦.୩୭୦ | ଚରଣ ଚନ୍ଦ୍ର ବିଶ୍ୱାଳ, ପି: ଗୋଲଖ ବିଶ୍ୱାଳ |
| ୧୮ | ୧୯୬/୮୧ | ୯୧ | ୦.୩୧୦ | ୦.୨୫୦ | ବଳରାମ ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ବିଷ୍ଣୁପ୍ରସାଦ ମିଶ୍ର, ଶିବପ୍ରସାଦ ମିଶ୍ର, ପି: ହରିହର ମିଶ୍ର |
| | | ୯୫ | ୦.୩୬୦ | ୦.୦୧୦ | |
| ୧୯ | ୧୯୬/୮୨ | ୩୭ | ୦.୧୧୦ | ୦.୦୧୦ | ବିଶ୍ୱଜିତ୍ କୁମାର ନାୟକ, ପି: ଜିତେନ୍ଦ୍ର କୁମାର ନାୟକ |
| ୨୦ | ୧୯୬/୮୩ | ୭ | ୦.୫୯୦ | ୦.୪୭୦ | ସୁଜିତ୍ କୁମାର ନାୟକ, ପି: ଜିତେନ୍ଦ୍ର କୁମାର ନାୟକ |
| ୨୧ | ୧୯୬/୮୪, | ୧୦ | ୦.୧୬୦ | ୦.୧୪୦ | ଜିତେନ୍ଦ୍ର କୁମାର ନାୟକ, ପି: ଦିଗାମ୍ବର ନାୟକ, ଓଗେର |
| | | ୧୧ | ୦.୨୪୦ | ୦.୧୨୦ | |
| | | ୧୨ | ୦.୦୪୦ | ୦.୦୪୦ | |
| ୨୨ | ୧୯୬/୯୧ | ୧୨୭/୧୩୦୯ | ୦.୩୦୦ | ୦.୧୪୦ | ଅପର୍ତ୍ତି ମଳିକ, ପି: ବିଦ୍ୟାଧର ମଳିକ |
| ୨୩ | ୧୯୬/୧୧୬ | ୧୩୧ | ୦.୩୪୦ | ୦.୧୩୦ | ସନାତନ ସାହୁ, ପି: ଚକ୍ରଧର ସାହୁ |
| | | ୧୩୨ | ୦.୩୪୦ | ୦.୧୬୦ | |
| ୨୪ | ୧୯୬/୧୨୭ | ୬ | ୦.୪୭୦ | ୦.୧୫୦ | ପ୍ରଶନ୍ନ କୁମାର ନାଏକ, ପି: ଦୁଃଶାସନ ନାଏକ |
| | | ମୋଟ | ୧୯.୮୯୦ | ୮.୯୩୦ | |

ଭୂମି ଅନୁସୂଚୀ (ଗୋଚର)

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨୦୧ | ୭୦ | ୦.୭୩୦ | ୦.୭୦୦ | ଗୋଚର |
| | | ୭୧ | ୦.୨୪୦ | ୦.୧୭୦ | |
| | | ମୋଟ | ୦.୯୭୦ | ୦.୮୭୦ | |

ଭୂମି ଅନୁସୂଚୀ (ଗୋଚର ପ୍ରତିବଦଳ)

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୧୨୧ | ୧୩ | ୨.୬୫୦ | ୦.୮୭୦ | ବୈକୁଣ୍ଠ ତରାସିଆ, ବିଶ୍ୱନାଥ ତରାସିଆ, ପି: ଭାଇଗ ତରାସିଆ ଓଗେର |
| | | ମୋଟ | ୨.୬୫୦ | ୦.୮୭୦ | |

ଭୂମି ଅନୁସୂଚୀ (ଶ୍ମଶାନ)

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨୦୦ | ୧୨୧ | ୦.୦୬୦ | ୦.୦୬୦ | ଶ୍ମଶାନ |
| | | ୧୨୨ | ୦.୩୫୦ | ୦.୨୩୦ | |
| | | ୧୨୪ | ୦.୮୪୦ | ୦.୬୬୦ | |
| | | ମୋଟ | ୧.୨୫୦ | ୦.୯୫୦ | |

ଭୂମି ଅନୁସୂଚୀ (ଶ୍ମଶାନ ପ୍ରତିବଦଳ)

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୧୯୬/୮୨ | ୧୪ | ୦.୪୦୦ | ୦.୪୦୦ | ବିଶ୍ୱଜିତ୍ କୁମାର ନାୟକ, ପି: ଜିତେନ୍ଦ୍ର କୁମାର ନାୟକ, ଓଗେର |
| | | ୧୫ | ୦.୧୨୦ | ୦.୧୨୦ | |
| | | ୩୭ | ୦.୧୧୦ | ୦.୧୦୦ | |
| ୨ | ୧୯୬/୩ | ୧୬ | ୦.୩୩୦ | ୦.୩୩୦ | ତ୍ରିଲୋଚନ ବେହେରା, ପି: କାଳନ୍ଦି ବେହେରା, ଓଗେର |
| | | ମୋଟ | ୦.୯୬୦ | ୦.୯୫୦ | |

| | |
|---|---|
| ରୟତି | ଏ ୮.୯୩ |
| ଶ୍ମଶାନ ପ୍ରତିବଦଳ | ଏ ୦.୯୫ |
| ଗୋଚର ପ୍ରତିବଦଳ | ଏ ୦.୮୭ |
| ମୋଟ ଅର୍ଜିତ ରକବା | ଏ ୧୦.୭୫ |

OIPR-24001/14/0162/2021
ରାଜ୍ୟପାଳଙ୍କ ଆଦେଶକ୍ରମେ
ଅତିରିକ୍ତ ଶାସନ ସଚିବ



# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894677450
7325861595

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଡରିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ। ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ। ଅଗ୍ରିମ 20 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍‌ଟପ୍। ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

GALLERY TOWER COMPANY
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍ ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୨୩ ଡିସେମ୍ବର, ୨୦୨୦

**ତହସିଲ ଅଫିସ୍ ଘେରାଉ**

ବ୍ରହ୍ମଗିରି,(ଡି.ଏନ୍.ଏ): ଫନୀ ଓ ଫାଇଲିନ ବାତ୍ୟାରେ ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକର କ୍ଷତିଗ୍ରସ୍ତମାନେ ଘରଭଙ୍ଗା ସହାୟତା ପାଇବାରୁ ବିଳମ୍ବ ଓ ଅନିୟମିତତା ଦର୍ଶାଇ ବ୍ରହ୍ମଗିରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ୨୦ଦିନ ଧରି ଗଣଧାରଣାରେ ବସିଛନ୍ତି। ଏ ପର୍ଯ୍ୟନ୍ତ ପ୍ରଶାସନ ତରଫରୁ କୌଣସି ସନ୍ତୋଷଜନକ ପ୍ରତିଶ୍ରୁତି ମିଳୁନାହିଁ। ଫଳରେ ମଙ୍ଗଳବାର ଫନୀ କ୍ଷତିଗ୍ରସ୍ତ ସଂଗ୍ରାମ ସମିତି ତରଫରୁ ବ୍ଲକ ଛକଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବ୍ରହ୍ମଗିରି ତହସିଲ କାର୍ଯ୍ୟାଳୟ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲା।



**ସଂକ୍ଷେପରେ**

## ଦାଦାବଟି ପାଇଁ ହତ୍ୟା ଉଦ୍ୟମ: ୫ ଗିରଫ

**ପୁରୀ ଅଫିସ,୨୨।୧୨:** ଦାଦାବଟି ମାଗିବା ସହ ହତ୍ୟା ଉଦ୍ୟମ ଅଭିଯୋଗରେ ୫ ଅଭିଯୁକ୍ତଙ୍କୁ ବାସେଲିସାହି ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ମହାବୀର ବେହେରା, ଉଗ୍ରସେନ ବେହେରା, ଅଜୟ ବେହେରା, ପତିତ ବେହେରା, ଗୁଲ ବେହେରା ଓ ଦେବନ ବେହେରା। ଏମାନଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯାଇଛି। ସୂଚନା ଅନୁଯାୟୀ, ଗତ ଶୁକ୍ରବାର ରାତି ୧୧ଟା ୫୦ରେ ପ୍ରଭାକର ମହାପାତ୍ରଙ୍କ ପୁଅ ଓ ତାଙ୍କର ଦୁଇ ବନ୍ଧୁ ବାଇକ୍ ଯୋଗେ ଗୋଖାସାହି ଦେଇ ଘରକୁ ଫେରୁଥିଲେ। ଏହି ସମୟରେ ଉକ୍ତ ଅଭିଯୁକ୍ତମାନେ ତାଙ୍କୁ ଅଟକାଇ ଦାଦାବଟି ମାଗିଥିଲେ। ସେମାନେ ଦେବାକୁ ମନା କରିବାରୁ ଏକ ଧାରୁଆ ଅସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ସମ୍ପୃକ୍ତ ୩ ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ଉଲ୍ଲେଖଥାଉ କି, ଅଗଷ୍ଟ ୨୪ରେ ଏହି ଅଞ୍ଚଳରେ ପ୍ରେମାନନ୍ଦ ଦାସଙ୍କୁ ଦାଦାବଟି ପାଇଁ ଆକ୍ରମଣ କରିବା ଅଭିଯୋଗରେ ତୋଫାନ ସାହୁଙ୍କୁ ଗିରଫ କରାଯାଇଥିଲା।

# ଦିନକୁ ୩ ପର୍ଯ୍ୟାୟରେ ଦାରୁଦିଅଁ ଦର୍ଶନ

**ପୁରୀ ଅଫିସ,୨୨।୧୨**

■ପୁରୀ ସହରବାସୀଙ୍କ ପାଇଁ ୱାର୍ଡୱାରି ତାଲିକା ଘୋଷଣା
■ଶୃଙ୍ଖଳିତ ବ୍ୟବସ୍ଥା ଲାଗି ୧୫ ପ୍ରତିହାରୀ ସେବକ ନିୟୋଜିତ



ଦୀର୍ଘ ୯ମାସର ପ୍ରତୀକ୍ଷା ପରେ ବୁଧବାର ଶ୍ରୀମନ୍ଦିର ଖୋଲିବ। କରୋନା କଟକଣା ଭିତରେ ଦାରୁଦିଅଁଙ୍କ ଦର୍ଶନ ମିଳିବ। ପୁରୀ ଜିଲା ପ୍ରଶାସନ ପକ୍ଷରୁ ଜାରି ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ଅନୁଯାୟୀ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ କେବଳ ସେବାୟତ ପରିବାରର ସଦସ୍ୟଙ୍କୁ ବଡଦେଉଳ ପ୍ରବେଶ ଲାଗି ଅନୁମତି ଦିଆଯିବ। ଏହାପରେ ୨୬ରୁ ୩୧ ତାରିଖ ପର୍ଯ୍ୟନ୍ତ ପୁରୀ ସହରବାସୀ ଏବଂ ଜାନୁୟାରୀ ୩ରୁ ସର୍ବସାଧାରଣଙ୍କ ଲାଗି ଦର୍ଶନ ବ୍ୟବସ୍ଥା ହେବ। ସ୍ଥାନୀୟ ଲୋକଙ୍କ ନିମନ୍ତେ ଟୋକନ୍ ବ୍ୟବସ୍ଥା କରାଯାଇଛି। ଦିନକୁ ୩ଟି ପର୍ଯ୍ୟାୟରେ ଦର୍ଶନ ବ୍ୟବସ୍ଥା ହେବ। ଏହି କ୍ରମରେ ମଙ୍ଗଳବାର ୱାର୍ଡୱାରି ଦର୍ଶନ ତାଲିକା ପ୍ରକାଶିତ ହୋଇଛି।

ଏ ସମ୍ପର୍କରେ ଜିଲାପାଳ ବଲୱନ୍ତ ସିଂ ସୂଚନା ଦେଇ କହିଛନ୍ତି, ଦିନକୁ ୩ଟି ପର୍ଯ୍ୟାୟରେ ଦର୍ଶନ ବ୍ୟବସ୍ଥା ହେବ। ପ୍ରଥମ ପର୍ଯ୍ୟାୟ ଦର୍ଶନ ସକାଳ ୭ଟା ୩୦ରୁ ପୂର୍ବାହ୍ନ ୧୧ଟା ୩୦, ଦ୍ୱିତୀୟ ଦର୍ଶନ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୪ଟା ଏବଂ ତୃତୀୟ ତଥା ଶେଷ ପର୍ଯ୍ୟାୟ ଦର୍ଶନ ଅପରାହ୍ନ ୪.୩୦ରୁ ରାତି ୯ଟା ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଛି। ୬ ଓ ୯ ନମ୍ବର ୱାର୍ଡର ଲୋକେ ୨୬ ତାରିଖ ସକାଳ ଶିଫ୍ଟରେ ମନ୍ଦିର ଯିବେ। ମଧ୍ୟାହ୍ନ ଶିଫ୍ଟରେ ୧୨ ଓ ୧୫ ନମ୍ବର ୱାର୍ଡ ଓ ସନ୍ଧ୍ୟା ଶିଫ୍ଟରେ ୨, ୩ ଓ ୧୧ ନମ୍ବର ୱାର୍ଡର ଲୋକଙ୍କୁ ଅନୁମତି ମିଳିଛି। ୨୭ ତାରିଖ ସକାଳ ଶିଫ୍ଟରେ ୧୩ ନଂ. ୱାର୍ଡ, ଅପରାହ୍ନ ଶିଫ୍ଟରେ ୧୬ ଓ ୧୮ ନଂ. ୱାର୍ଡ ଓ ସନ୍ଧ୍ୟା ଶିଫ୍ଟରେ ୧୭, ୪ ଓ ୨୦ ନମ୍ବର ୱାର୍ଡବାସିନ୍ଦା ଶ୍ରୀମନ୍ଦିରକୁ ଯାଇ ପାରିବେ। ୨୮ ତାରିଖ ସକାଳ ଶିଫ୍ଟରେ ୧୦ ଓ ୧୯ ନଂ. ୱାର୍ଡ, ଅପରାହ୍ନ ଶିଫ୍ଟରେ ୮ ଓ ୨୧ ନଂ. ୱାର୍ଡ ଓ ସନ୍ଧ୍ୟା ଶିଫ୍ଟରେ ୫ ନମ୍ବର ୱାର୍ଡ ଲୋକେ ଦର୍ଶନ କରିପାରିବେ। ସେହିଭଳି ୨୯ ତାରିଖ ସକାଳ ଶିଫ୍ଟରେ ୧୪ ଓ ୩୨ ନଂ. ୱାର୍ଡ, ଅପରାହ୍ନ ଶିଫ୍ଟରେ ୨୨ ଓ ୨୬ ନଂ. ୱାର୍ଡ ଏବଂ ସନ୍ଧ୍ୟା ଶିଫ୍ଟରେ ୧ ନମ୍ବର ୱାର୍ଡ ଲୋକଙ୍କ ପାଇଁ ଦର୍ଶନ ସୁବିଧା ଉପଲବ୍ଧ ରହିବ। ୩୦ ତାରିଖ ସକାଳ ବେଳା ୨୩ ଓ ୨୪ ନଂ. ୱାର୍ଡ, ଅପରାହ୍ନ ଶିଫ୍ଟରେ ୨୫ ଓ ୩୦ ଏବଂ ସନ୍ଧ୍ୟା ଶିଫ୍ଟରେ ୭ ଓ ୨୭ ନଂ. ୱାର୍ଡ ଲୋକଙ୍କ ପାଇଁ ଶ୍ରୀମନ୍ଦିର ପ୍ରବେଶ ଅନୁମତି ରହିଛି। ଶେଷଦିନ ଅର୍ଥାତ୍ ୩୧ ତାରିଖ ସକାଳ ଶିଫ୍ଟରେ ୨୮ ନଂ. ୱାର୍ଡ, ଅପରାହ୍ନରେ ୨୯ ଓ ୩୧ ନଂ. ୱାର୍ଡ ବାସିନ୍ଦା ଦର୍ଶନ କରିବେ। ନିର୍ଦ୍ଧାରିତ ସମୟରେ ଶ୍ରଦ୍ଧାଳୁ ପହଞ୍ଚିପାରିଲେ ଦର୍ଶନରେ କୌଣସି ସମସ୍ୟା ହେବ ନାହିଁ। ମନ୍ଦିର ଭିତରେ ଶୃଙ୍ଖଳିତ ଭାବେ ଦର୍ଶନ ବ୍ୟବସ୍ଥା ପାଇଁ ୧୫ଜଣ ସ୍ୱେଚ୍ଛାସେବୀ ପ୍ରତିହାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ମନ୍ଦିରରେ ଶ୍ରଦ୍ଧାଳୁମାନେ କିପରି ସୁରକ୍ଷିତ ଓ ଶୃଙ୍ଖଳିତ ଭାବେ ଦର୍ଶନ କରିବେ ତାହା ଉପରେ ସମ୍ପୃକ୍ତ ପ୍ରତିହାରୀ ସେବକମାନେ ନଜର ରଖିବେ। ସମ୍ପୃକ୍ତ ପ୍ରତିହାରୀ ସେବକମାନେ ସେବାୟତମାନଙ୍କୁ ଚିହ୍ନଟ କରିବେ। ଦର୍ଶନ ପାଇଁ ଆସିଥିବା ସ୍ଥାନୀୟ ଲୋକଙ୍କ ପଞ୍ଜୀକରଣ କରାଇବା ପାଇଁ ପ୍ରଶାସନ ସମସ୍ତଙ୍କ ଫଟୋ ଉଠାଇବ। ୨୬ ତାରିଖ ସୁଦ୍ଧା କାଉଣ୍ଟର ଓ ପଞ୍ଜୀକରଣ ସମେତ ସମସ୍ତ ପ୍ରସ୍ତୁତି ଶେଷ ହୋଇଯିବ ବୋଲି ଜିଲାପାଳ କହିଛନ୍ତି। ଏସବୁ ପ୍ରସଙ୍ଗରେ ଆଲୋଚନା ପାଇଁ ଶ୍ରୀଜଗନ୍ନାଥ କାର୍ଯ୍ୟାଳୟରେ ଜିଲା ପ୍ରଶାସନର ଦୁଇଟି ବୈଠକ ହୋଇଥିଲା। ଗୋଟିଏ ବୈଠକ ପ୍ରତିହାରୀ ନିୟୋଗ ସହ ହୋଇଥିବା ବେଳେ ଅନ୍ୟଟିରେ ଶ୍ରୀମନ୍ଦିର ପ୍ରଶାସନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ଖଣ୍ଡହତା ପଞ୍ଚାୟତ ଉପନିର୍ବାଚନ: ୬୯.୯୫% ମତଦାନ

**କଣାସ,୨୨।୧୨(ଡି.ଏନ୍.ଏ)**

ଖଣ୍ଡହତା ପଞ୍ଚାୟତ ସମିତିସଭ୍ୟ ଉପନିର୍ବାଚନ ମଙ୍ଗଳବାର ସରିଛି। ମୋଟ ୬୯.୯୫ ପ୍ରତିଶତ ଭୋଟର ମତ ସାବ୍ୟସ୍ତ କରିଛନ୍ତି। ବୁଧବାର ଭୋଟ ଗଣତି କରାଯାଇ ଫଳାଫଳ ଘୋଷଣା କରାଯିବ। ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ସକାଳ ୮ଟାରୁ ଗଣତି ଆରମ୍ଭ ହେବ ବୋଲି ବିଡିଓ ଲୋଚନ ଦାଶ କହିଛନ୍ତି। ୧୧ ୱାର୍ଡ ବିଶିଷ୍ଟ ଏହି ପଞ୍ଚାୟତର ୧୧ଟି ବୁଥ୍‌ରେ ସକାଳ ୭ଟାରୁ ଭୋଟ ଗ୍ରହଣ କରାଯାଇ ଦିନ ୧୨ଟା ପର୍ଯ୍ୟନ୍ତ ଚାଲିଥିଲା। ୩୭୮୪ ଭୋଟରଙ୍କ ମଧ୍ୟରୁ ୨୬୪୭ ଜଣ ମତଦାନ ଦେଇଛନ୍ତି। ଚଳିତ ଉପନିର୍ବାଚନରେ ମାତ୍ର ୨ ଜଣ ପ୍ରାର୍ଥୀ ଥିବାରୁ ଭାଜପା ପ୍ରାର୍ଥୀ ସ୍ତ୍ରୀ ପ୍ରଭାତି ସାହୁ ଓ ବିଜେଡି ପ୍ରାର୍ଥୀ ଅନ୍ତର୍ଯାମୀ ଜେନା ଅଛନ୍ତି। ତହସିଲଦାର ଲକ୍ଷ୍ମୀଧର ମହାରଣା ମାଜିଷ୍ଟ୍ରେଟ ଦାୟିତ୍ୱରେ ରହିଥିଲେ। ପୁରୀ ସଦର ଏସ୍‌ଡିପିଓ କିଶୋରଚନ୍ଦ୍ର କୁଣ୍ଡୁ, ଗଡିଶାଗୋଡା ଥାନାଧିକାରୀ ଦେବାଶିଷ ମିଶ୍ରଙ୍କ ସମେତ ଏକ ପ୍ଲାଟୁନ ଫୋର୍ସ ନିର୍ବାଚନ ପରିଚାଳନା ଦାୟିତ୍ୱରେ ରହିଥିଲେ।

## ପ୍ରାଚୀନଦୀରୁ ଯୁବକଙ୍କ ମୃତଦେହ ଜବତ

**କାକଟପୁର,୨୨।୧୨(ଡି.ଏନ୍.ଏ)**

ରାମେଶ୍ୱର ଜଙ୍ଗଲ ନିକଟବର୍ତ୍ତୀ ପ୍ରାଚୀ ନଦୀରୁ ମଙ୍ଗଳବାର ଜଣେ ଯୁବକଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକ ହେଲେ କାକଟପୁର ଥାନା ଅଧୀନ ପାଟପୁର ଗ୍ରାମର ମନୋଜ କୁମାର ପ୍ରଧାନ। ସାଇଣ୍ଟିଫିକ ଟିମ୍ ଆସି ତଦନ୍ତ ଚଳାଇଥିବାବେଳେ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ପୋଲିସ ସୂଚନା ମୁତାବକ, ମନୋଜ ରବିବାର ସକାଳୁ ଘରୁ ବାହାରି ଥିଲେ ମଧ୍ୟ ରାତି ସୁଦ୍ଧା ଫେରି ନ ଥିଲେ। ସୋମବାର ମନୋଜଙ୍କ ସ୍ତ୍ରୀ ଥାନାରେ ଏତଲା ଦେଇଥିଲେ। ମଙ୍ଗଳବାର ସକାଳେ ପ୍ରାଚୀ ନଦୀକୁ କେତେଜଣ ଲୋକ ଯାଇଥିବା ବେଳେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ମନୋଜଙ୍କୁ କେହି ହତ୍ୟା କରିଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଏ ନେଇ କେସ୍ ନଂ. ୨୫୩/୨୦ ରୁଜୁ ହୋଇ ତଦନ୍ତ ଚାଲିଛି।

## ନାବାଳିକା ଛାତ୍ରୀ ଅପହରଣ, ଶିକ୍ଷକ ଗିରଫ

**ଗୋପ,୨୨।୧୨(ଡି.ଏନ୍.ଏ)**

ଗୋପ ଥାନା ଅଞ୍ଚଳର ଜଣେ ନାବାଳିକା ଛାତ୍ରୀଙ୍କୁ ଅପହରଣ କରିବା ଅଭିଯୋଗରେ ମଙ୍ଗଳବାର ପୋଲିସ ଜଣେ ଶିକ୍ଷକଙ୍କୁ ଗିରଫ କରିଛି। ଏଥିସହ ଛାତ୍ରୀଙ୍କୁ ଉଦ୍ଧାର କରିଛି। ଗିରଫ ଶିକ୍ଷକ ହେଲେ ଏହି ଥାନା ଅଞ୍ଚଳର ରମେଶ ଚନ୍ଦ୍ର ମଲ୍ଲିକ। ସୂଚନାଯୋଗ୍ୟ, ରମେଶଙ୍କ ପାଖକୁ ଜଣେ ନାବାଳିକା ଟିଉଶନ ଆସୁଥିଲେ। ୨ଦିନ ତଳେ ରମେଶ ତାଙ୍କୁ ମିଥ୍ୟା ପ୍ରଲୋଭନ ଦେଖାଇ ନେଇ ପଳାଇ ଯାଇଥିଲେ। ପରିବାର ସଦସ୍ୟ ଝିଅକୁ ନ ପାଇ କେହି ଅପହରଣ କରିଥିବା ଗୋପ ଥାନାରେ ସୋମବାର ଅଭିଯୋଗ କରିଥିଲେ। ପୋଲିସ ନଂ.୩୫୩/୨୦ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଏସଆଇ ପ୍ରିୟା ପ୍ରଧାନ ଚଢ଼ାଉ କରି ରମେଶଙ୍କୁ ଗିରଫ କରିଥିଲେ।



ନାଲ୍‌କୋ ମହିଳା ସମିତି ପକ୍ଷରୁ ମଙ୍ଗଳବାର ପୁରୀ ଗାନ୍ଧୀ ପାର୍କରେ ପଥପ୍ରାନ୍ତ ନାଟକ ମାଧ୍ୟମରେ ଜନସାଧାରଣଙ୍କୁ କରୋନା ସମ୍ପର୍କରେ ସଚେତନ କରାଯାଉଛି।

## ଆଜି ଖୋଲିବ ଅଲାରନାଥ ମନ୍ଦିର

**ବ୍ରହ୍ମଗିରି,୨୨।୧୨(ଡି.ଏନ୍.ଏ):** ଅଲାରନାଥ ମନ୍ଦିର ବୁଧବାର ଖୋଲିବ। ଏ ନେଇ ବ୍ରହ୍ମଗିରି ତହସିଲଦାର କିଶୋର କୁମାର ପଣ୍ଡା ସୂଚନା ଦେଇଛନ୍ତି। ଡିସେମ୍ବର ୩୧ ଓ ଜାନୁୟାରୀ ୧ରେ ଦର୍ଶନ ବନ୍ଦ ରହିବ। ସେହିପରି ମା' ବାଲିହରଚଣ୍ଡୀଙ୍କ ମନ୍ଦିର ସର୍ବସାଧାରଣଙ୍କ ପାଇଁ ଖୋଲାଯିବ। କୋଭିଡ ଗାଇଡଲାଇନ ନ ମାନିଲେ ୫ଶହ ଟଙ୍କା ଜରିମାନା ଦେବାକୁ ପଡ଼ିବ।

## ଡାକ୍ତରଙ୍କ ବିରୋଧରେ ଏତଲା

**ଗୋପ,୨୨।୧୨(ଡି.ଏନ୍.ଏ.)**

ଗୋପ ଥାନା ଅଧୀନ ସେନାପତି ସାହି ଗ୍ରାମର ନିରଞ୍ଜନ ସାହୁଙ୍କ ଏକ ଗର୍ଭବତୀ ଗାଇକୁ ସ୍ଥାନୀୟ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଅସ୍ତ୍ରୋପଚାର କରିବା ସମୟରେ ଉଭୟ ଗାଇ, ବାଛୁରୀର ମୃତ୍ୟୁ ଘଟିଥିଲା। ଠିକ୍‌ରେ ଅସ୍ତ୍ରୋପଚାର କରି ନ ଥିବା ନେଇ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ଡା.ସୌଭାଗ୍ୟ ରଞ୍ଜନ ଦାଶଙ୍କ ବିରୋଧରେ ଗାଇ ମାଲିକ ଅଭିଯୋଗ କରିଛନ୍ତି। ନିରଞ୍ଜନଙ୍କ ଗାଇ ଗର୍ଭବତୀ ଥିବାରୁ ପ୍ରାଣୀ ଚିକିତ୍ସାକେନ୍ଦ୍ରକୁ ଜଣାଇଥିଲେ। ଡା.ଦାସ ତାଙ୍କ ଘରକୁ ଯାଇ ଗାଇକୁ ଅସ୍ତ୍ରୋପଚାର କରିବା ବେଳେ ବାଛୁରୀଟି ଜନ୍ମ ନେଇପାରି ନ ଥିଲା। ବାଛୁରୀକୁ ଡାକ୍ତର ମୃତ୍ୟୁ ଦର୍ଶାଇ ତା'ର ଗୋଡ଼ଗୁଡ଼ିକୁ କାଟି ଦେଇଥିଲେ। ତଥାପି ବାଛୁରୀଟି ନ ବାହାରିବାରୁ ଗାଇଟିର ପେଟକୁ କାଟି ଦେବା ପରେ ଘଟଣାସ୍ଥଳରେ ଗାଇର ମୃତ୍ୟୁ ଘଟିଥିଲା।

## ୫ ଲୁଟ୍ ଘଟଣାର ପର୍ଦ୍ଦାଫାଶ, ୩ ଗିରଫ

**ବ୍ରହ୍ମଗିରି,୨୨।୧୨(ଡି.ଏନ୍.ଏ)**

**ବ୍ୟାଙ୍କରୁ ଲୁଟ୍ ସାମଗ୍ରୀ ଜବତ**

ବ୍ରହ୍ମଗିରି ଥାନା ଅଧୀନରେ ବିଭିନ୍ନ ସ୍ଥାନରୁ ହୋଇଥିବା ୫ ଲୁଟ୍ ଘଟଣାକୁ ମଙ୍ଗଳବାର ପୋଲିସ ପର୍ଦ୍ଦାଫାଶ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଧୀନ ବିଜିପୁର ଗ୍ରାମର ଶଶିଭୂଷଣ ପଟ୍ଟନାୟକ, ହାତିଆ ଗ୍ରାମର ଅଶୋକ ସାହୁ ଓ ସାତପଡ଼ା ନୂଆଗାଁର ଚନ୍ଦ୍ରଶେଖର ମିଶ୍ର। ସେମାନଙ୍କଠାରୁ ଲୁଟ୍ ସୁନା ଗହଣାକୁ ଜବତ କରିଥିବା ପୁରୀ ଏସ୍‌ଡିପିଓ କିଶୋର କୁମାର ମୁଣ୍ଡ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ବ୍ରହ୍ମଗିରି ଅଞ୍ଚଳରେ ଗତ ୪ ମାସ ଭିତରେ ବିଭିନ୍ନ ସ୍ଥାନରୁ ୫ଟି ବଡ଼ ଲୁଟ୍ ହୋଇଥିଲା। ଯାହା ପୋଲିସ ପାଇଁ ଚିନ୍ତା ବଢ଼ାଇ ଥିବାବେଳେ ଏକ ଲୁଟେରାଙ୍କୁ ଧରିବାର ଏକ ବଡ଼ ଚ୍ୟାଲେଞ୍ଜ ଥିଲା। ଅଙ୍କିତା ବିହାର, ଭୁବନପୁର, ପଣସପଦା, ଖିଲକଣ୍ଟିଆ ଓ ବ୍ରହ୍ମଗିରିରୁ ଲୁଟେରାମାନେ ଦିନ ଦ୍ୱିପ୍ରହରରେ ସୁନା ଗହଣା, କଂସାବାସନ, ଟିଭି, କମ୍ପ୍ୟୁଟର ଲୁଟି ନେଇଥିଲେ। ଏ ନେଇ ପୋଲିସ ପୃଥକ ଭାବେ ୧୫୦,୨୦୬, ୨୧୨, ୨୧୪ ଓ ୨୨୦/୨୦ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ତେବେ ଏହି ସବୁ ଲୁଟ୍‌ର ଗୋଟିଏ ଗ୍ୟାଙ୍ଗ ଥିବା ପୋଲିସ ବିଶେଷ ସୂତ୍ରରୁ ଜାଣିବାକୁ ପାଇଥିଲା। ପରେ ଏହି ଘଟଣାରେ ସମ୍ପୃକ୍ତ ଥିବା ଶଶିଭୂଷଣଙ୍କୁ ପ୍ରଥମେ ପୋଲିସ ଧରିବାରେ ସଫଳ ହୋଇଥିଲା। ତାଙ୍କୁ ଜେରା କରିବାରେ ସମସ୍ତ ଘଟଣାର ପର୍ଦ୍ଦାଫାଶ ହୋଇଥିଲା। ଶଶିଭୂଷଣ ସମସ୍ତ ଲୁଟ ଘଟଣା ମାନିବା ସହିତ ଅନ୍ୟ ୨ ସହଯୋଗୀଙ୍କ ନାମ ପ୍ରକାଶ କରିଥିଲା। ପରେ ପୋଲିସ ସୋମବାର ସେମାନଙ୍କୁ ଠାବ କରିଥିଲା। ଲୁଟ୍ ସୁନା ଗହଣା ସବୁ ଚନ୍ଦ୍ରଶେଖର ପୁରୀରେ ଥିବା ପୁରୀ ଅର୍ବାନ କୋଅପରେଟିଭ ବ୍ୟାଙ୍କ ଓ ମୁଥୁଟ୍ ଫାଇନାନ୍ସରେ ବନ୍ଧକ ରଖି ୩ଲକ୍ଷ ୫୦ ହଜାର ଟଙ୍କା ଆଣିଥିଲେ। ପୋଲିସ ପଚରାଉଚରା କରିବା ପରେ ଉକ୍ତ ବ୍ୟାଙ୍କରେ ପହଞ୍ଚି ଚୋରି ସୁନା ଗହଣାକୁ ଜବତ କରିଥିଲା।

## ଓଡ଼ିଶା ସରକାର
## ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
### ଘୋଷଣା

**No. RDM-LAA-CTC-0035-2018/-41687** | **R&DM, Dated: 31.12. 2019**

No. I-06:- ସର୍ବସାଧାରଣଙ୍କ ଅବଗତି ନିମନ୍ତେ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ, ମୌଜା- ନୂଆଟଇଳା, ଥାନା- ବଡ଼ମ୍ବା ନଂ.-୯୨, ତହସିଲ- ବଡ଼ମ୍ବା, ଜିଲ୍ଲା-କଟକରେ ନିମ୍ନସୂଚିତ 'କ' ତଫସିଲଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ନରସିଂହପୁର ଶାଖା କେନାଲ ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୯୬୭୪ ତା.୨୫.୧୦.୨୦୧୮ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ ମୌଜା- ନୂଆଟଇଳା, ଥାନା- ବଡ଼ମ୍ବା, ନଂ.- ୯୨, ଜିଲ୍ଲା- କଟକରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ www.dkl.nic.inରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ http://revenue.odisha.gov.inରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ଅଧିକାରୀ, ରେଙ୍ଗାଲୀ ଦକ୍ଷିଣ କେନାଲ ପ୍ରଣାଳୀ, ଢେଙ୍କାନାଳ ଏବଂ ଭୂଅର୍ଜନ ମଣ୍ଡଳ ଅଧିକାରୀ ମଣ୍ଡଳ ନଂ. ୪, ରେଙ୍ଗାଲୀ କେନାଲ ପ୍ରଣାଳୀ, ଆଠଗଡ଼, ଢେଙ୍କାନାଳଙ୍କ କାର୍ଯ୍ୟାଳୟରେ କାର୍ଯ୍ୟଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

**ତଫସିଲ- କ**
ଜିଲ୍ଲା:- କଟକ | (ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ) | ତହସିଲ:- ବଡ଼ମ୍ବା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ନୂଆଟଇଳା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏଥିସହିତ ସଂଲଗ୍ନ | ଏ.୨୩.୫ | ଏ. ୧୦.୭୫୦ | ଏଥିସହିତ ସଂଲଗ୍ନ |

ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୧.୮୨ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ।

**ତଫସିଲ- ଖ**
ଜିଲ୍ଲା:- କଟକ | (ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ) | ତହସିଲ:- ବଡ଼ମ୍ବା

| ଗ୍ରାମର ନାମ | ଗ୍ରାମାଞ୍ଚଳ/ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ / ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ- ୨୪.୦୭.୨୦୧୯

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଅତିରିକ୍ତ ଶାସନ ସଚିବ

**ଭୂମି ଅନୁସୂଚୀ (ବେସରକାରୀ) NUATAILA**

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୧୦ | ୮୫ | ୦.୨୮୦ | ୦.୦୧୦ | ଉଦୟନାଥ ସାହୁ, ପି: ବାଲୁଙ୍କି ସାହୁ, ଗଙ୍ଗାଧର ସାହୁ, ପି: କାହ୍ନୁ ସାହୁ |
| | | ୮୭ | ୦.୨୯୦ | ୦.୧୫୦ | |
| | | ୮୮ | ୦.୨୪୦ | ୦.୨୪୦ | |
| | | ୮୯ | ୦.୨୩୦ | ୦.୨୩୦ | |
| | | ୯୦ | ୦.୨୨୦ | ୦.୨୨୦ | |
| ୨ | ୧୬ | ୧୨୫ | ୧.୨୬୦ | ୦.୮୨୦ | କମଳି ପାଲଟା, ସ୍ୱା: ବିନୋଦ ପାଲଟା |
| ୩ | ୧୯ | ୧୨୯ | ୦.୧୮୦ | ୦.୦୯୦ | କୀର୍ତ୍ତି ନାଏକ, ପି: ଅନନ୍ତ ନାଏକ |
| ୪ | ୫୧ | ୧୨୭ | ୦.୧୬୦ | ୦.୧୦୦ | ଚକ୍ରଧର ନାଏକ, ମକର ନାଏକ, ହରି ନାଏକ, ପି: ଭୀମସେନ ଛଞ୍ଚାଣ ସିଂହ, ଓଗେର |
| ୫ | ୫୭ | ୯୨ | ୦.୧୪୦ | ୦.୦୫୦ | ଜଗନ୍ନାଥ ସ୍ୱାଇଁ, କାଶିନାଥ ସ୍ୱାଇଁ, ଲୋକନାଥ ସ୍ୱାଇଁ, କୁଞ୍ଜ ବିହାରୀ ସ୍ୱାଇଁ, ପି: ମହାଦେବ ସ୍ୱାଇଁ |
| ୬ | ୫୮ | ୬୮ | ୦.୮୧୦ | ୦.୨୭୦ | ଜଳଧର ନାୟକ, ଲୋକନାଥ ନାୟକ, ମଙ୍ଗୁଳି ନାୟକ, ପି: ଆରତ ନାୟକ, ଅନି ନାୟକ, ସ୍ୱା: ଆରତ ନାୟକ |
| ୭ | ୬୮ | ୬୫ | ୦.୬୩୦ | ୦.୨୯୦ | ତ୍ରିଲୋଚନ ମହାରଣା, ପି: ମଦନ ମହାରଣା, ଓଗେର |
| | | ୬୬ | ୦.୦୫୦ | ୦.୦୫୦ | |
| | | ୬୭ | ୦.୨୬୦ | ୦.୨୬୦ | |
| ୮ | ୬୯ | ୩୮ | ୦.୦୮୦ | ୦.୦୮୦ | ତ୍ରିଲୋଚନ ମହାରଣା, ପି: ମଦନ ମହାରଣା, ଓଗେର |
| | | ୩୯ | ୦.୨୫୦ | ୦.୧୨୦ | |
| | | ୪୦ | ୦.୧୩୦ | ୦.୦୧୦ | |
| | | ୪୧ | ୦.୨୬୦ | ୦.୨୬୦ | |
| | | ୪୨ | ୦.୨୩୦ | ୦.୨୩୦ | |
| | | ୪୩ | ୦.୨୮୦ | ୦.୨୮୦ | |
| | | ୪୪ | ୦.୧୪୦ | ୦.୧୪୦ | |
| | | ୪୫ | ୦.୨୧୦ | ୦.୦୧୦ | |
| | | ୪୬ | ୦.୨୨୦ | ୦.୧୨୦ | |
| | | ୪୭ | ୦.୧୭୦ | ୦.୧୭୦ | |
| | | ୪୮ | ୦.୮୪୦ | ୦.୦୬୦ | |
| | | ୪୯ | ୦.୨୯୦ | ୦.୦୧୦ | |
| ୯ | ୧୦୧ | ୧୦୯ | ୦.୩୮୦ | ୦.୧୯୦ | ବଳି ପ୍ରଧାନ, ପି: ଶ୍ୟାମ ପ୍ରଧାନ |
| ୧୦ | ୧୨୧ | ୧୩ | ୨.୬୫୦ | ୦.୯୦୦ | ବୈକୁଣ୍ଠ ତରାସିଆ, ବିଶ୍ୱନାଥ ତରାସିଆ, ପି: ଭାଇଗ ତରାସିଆ ଓଗେର |
| ୧୧ | ୧୬୬ | ୧୦୫ | ୦.୮୬୦ | ୦.୧୩୦ | ଲୋକନାଥ ନାଏକ, ଜଳଧର ନାଏକ, ମଙ୍ଗୁଳି ନାଏକ, ପି: ଆର୍ତ୍ତ ନାଏକ, ଅନି ନାଏକ, ସ୍ୱା: ଆର୍ତ୍ତ ନାଏକ |
| ୧୨ | ୧୭୩ | ୧୩୯ | ୦.୦୪୦ | ୦.୦୧୦ | ସତୁରା ନାୟକ, ପି: ଲକ୍ଷ୍ମଣ ରଣସିଂ |
| ୧୩ | ୧୭୯ | ୧୩୩ | ୦.୩୮୦ | ୦.୧୪୦ | ଶାନ୍ତିଲତା ରାଉତ, ସ୍ୱା: ନବଘନ ରାଉତ |
| ୧୪ | ୧୯୩ | ୧୧୬ | ୦.୭୬୦ | ୦.୪୭୦ | ହରିହର ମାଝି, ବ୍ରଜବନ୍ଧୁ ମାଝି, ଅରକ୍ଷିତ ମାଝି, ପି: ଗଦାଧର ମାଝି |
| | | ୧୧୯ | ୧.୦୩୦ | ୦.୦୧୦ | |
| ୧୫ | ୧୯୬/୪୩ | ୧୩୬ | ୦.୩୯୦ | ୦.୨୦୦ | କରୁଣାକର ନାଏକ, ପି: ମକର ନାଏକ |
| ୧୬ | ୧୯୬/୫୪ | ୧୧୦ | ୧.୯୨୦ | ୦.୬୨୦ | ଚରଣ ଚନ୍ଦ୍ର ବିଶ୍ୱାଳ, ପି: ଗୋଲଖ ବିଶ୍ୱାଳ |
| ୧୭ | ୧୯୬/୬୬ | ୧୩୦ | ୦.୩୭୦ | ୦.୩୭୦ | ଚରଣ ଚନ୍ଦ୍ର ବିଶ୍ୱାଳ, ପି: ଗୋଲଖ ବିଶ୍ୱାଳ |
| ୧୮ | ୧୯୬/୮୧ | ୯୧ | ୦.୩୧୦ | ୦.୨୫୦ | ବଳରାମ ମିଶ୍ର, କୃଷ୍ଣଚନ୍ଦ୍ର ମିଶ୍ର, ବିଷ୍ଣୁପ୍ରସାଦ ମିଶ୍ର, ଶିବପ୍ରସାଦ ମିଶ୍ର, ପି: ହରିହର ମିଶ୍ର |
| | | ୯୫ | ୦.୩୬୦ | ୦.୦୧୦ | |
| ୧୯ | ୧୯୬/୮୨ | ୩୭ | ୦.୧୧୦ | ୦.୦୧୦ | ବିଶ୍ୱଜିତ୍ କୁମାର ନାୟକ, ପି: ଜିତେନ୍ଦ୍ର କୁମାର ନାୟକ |
| ୨୦ | ୧୯୬/୮୩ | ୭ | ୦.୫୯୦ | ୦.୪୭୦ | ସୁଜିତ୍ କୁମାର ନାୟକ, ପି: ଜିତେନ୍ଦ୍ର କୁମାର ନାୟକ |
| ୨୧ | ୧୯୬/୮୪, | ୧୦ | ୦.୧୬୦ | ୦.୧୪୦ | ଜିତେନ୍ଦ୍ର କୁମାର ନାୟକ, ପି: ଦିଗାମ୍ବର ନାୟକ, ଓଗେର |
| | | ୧୧ | ୦.୨୪୦ | ୦.୧୨୦ | |
| | | ୧୨ | ୦.୦୪୦ | ୦.୦୪୦ | |
| ୨୨ | ୧୯୬/୯୧ | ୧୨୭/୧୩୦୯ | ୦.୩୦୦ | ୦.୧୪୦ | ଅପର୍ତ୍ତି ମଲିକ, ପି: ବିଦ୍ୟାଧର ମଲିକ |
| ୨୩ | ୧୯୬/୧୧୬ | ୧୩୧ | ୦.୩୪୦ | ୦.୧୩୦ | ସନାତନ ସାହୁ, ପି: ଚକ୍ରଧର ସାହୁ |
| | | ୧୩୨ | ୦.୩୪୦ | ୦.୧୬୦ | |
| ୨୪ | ୧୯୬/୧୨୭ | ୬ | ୦.୪୭୦ | ୦.୧୫୦ | ପ୍ରଶନ୍ନ କୁମାର ନାଏକ, ପି: ଦୁଃଶାସନ ନାଏକ |
| | | ମୋଟ | ୧୯.୮୯୦ | ୮.୯୩୦ | |

**ଭୂମି ଅନୁସୂଚୀ (ଗୋଚର)**

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨୦୧ | ୭୦ | ୦.୭୩୦ | ୦.୭୦୦ | ଗୋଚର |
| | | ୭୧ | ୦.୨୪୦ | ୦.୧୭୦ | |
| | | ମୋଟ | ୦.୯୭୦ | ୦.୮୭୦ | |

**ଭୂମି ଅନୁସୂଚୀ (ଗୋଚର ପ୍ରତିବଦଳ)**

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୧୨୧ | ୧୩ | ୨.୬୫୦ | ୦.୮୭୦ | ବୈକୁଣ୍ଠ ତରାସିଆ, ବିଶ୍ୱନାଥ ତରାସିଆ, ପି: ଭାଇଗ ତରାସିଆ ଓଗେର |
| | | ମୋଟ | ୨.୬୫୦ | ୦.୮୭୦ | |

**ଭୂମି ଅନୁସୂଚୀ (ଶ୍ମଶାନ)**

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୨୦୦ | ୧୨୧ | ୦.୦୬୦ | ୦.୦୬୦ | ଶ୍ମଶାନ |
| | | ୧୨୨ | ୦.୩୫୦ | ୦.୨୩୦ | |
| | | ୧୨୪ | ୦.୮୪୦ | ୦.୬୬୦ | |
| | | ମୋଟ | ୧.୨୫୦ | ୦.୯୫୦ | |

**ଭୂମି ଅନୁସୂଚୀ (ଶ୍ମଶାନ ପ୍ରତିବଦଳ)**

| କ୍ରମିକ ନମ୍ବର | ଖତିୟାନ ନମ୍ବର | ପ୍ଲଟ ନମ୍ବର | ମୋଟ ରକବା | ଅର୍ଜିତ ରକବା | ପ୍ରଜାର ନାମ, ପିତାର ନାମ, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧ | ୧୯୬/୮୨ | ୧୪ | ୦.୪୦୦ | ୦.୪୦୦ | ବିଶ୍ୱଜିତ୍ କୁମାର ନାୟକ, ପି: ଜିତେନ୍ଦ୍ର କୁମାର ନାୟକ, ଓଗେର |
| | | ୧୫ | ୦.୧୨୦ | ୦.୧୨୦ | |
| | | ୩୭ | ୦.୧୧୦ | ୦.୧୦୦ | |
| ୨ | ୧୯୬/୩ | ୧୬ | ୦.୩୩୦ | ୦.୩୩୦ | ତ୍ରିଲୋଚନ ବେହେରା, ପି: କାଳନ୍ଦି ବେହେରା, ଓଗେର |
| | | ମୋଟ | ୦.୯୬୦ | ୦.୯୫୦ | |

| | |
|---|---|
| ରୟତି | ଏ ୮.୯୩ |
| ଶ୍ମଶାନ ପ୍ରତିବଦଳ | ଏ ୦.୯୫ |
| ଗୋଚର ପ୍ରତିବଦଳ | ଏ ୦.୮୭ |
| ମୋଟ ଅର୍ଜିତ ରକବା | ଏ ୧୦.୭୫ |

OIPR-24001/14/0162/2021

ରାଜ୍ୟପାଳଙ୍କ ଆଦେଶକ୍ରମେ
ଅତିରିକ୍ତ ଶାସନ ସଚିବ

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଗରବତି ମେସିନ
କମ୍ ଖର୍ଚ୍ଚରେ ନିଜ ଘରେ ଧୂପକାଠି ମେସିନ ବସାଇ ଦୈନିକ ୧୦୦୦ରୁ ୧୫୦୦ ଟଙ୍କା ରୋଜଗାର କରନ୍ତୁ।
ପ୍ରତ୍ୟେକ ମେସିନ ସହ RAW MATERIAL FREE
Mob.-9078729199, 8018493464

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894677450
7325861595

ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଋଲିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

HINDUSTAN FINANCE LIMITED
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

All India Tower Group
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ । ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପଟପ୍ । ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

GALLERY TOWER COMPANY
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍‌ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

ବାବା ଅମିଲ୍ ସୁଫି
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧ୍ୟାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।